# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜୁଲାଇ ୧୯/୨୦୨୧ (୧୬ ପୃଷ୍ଠା) | Sambalpur, Monday, July 19/2021 | ★★

୧୭ଶ ଭାଗ ୨୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଧାୱନଙ୍କ ଦୃଢ଼ ବ୍ୟାଟିଂ**

କଲମ୍ବୋରେ ରବିବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଦୃଢ଼ ବ୍ୟାଟିଂ କରିଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ଶିଖର ଧାୱନ। ୧୬

୧୪ **ଦେଶୀ ଗର୍ଲଙ୍କୁ ୩୯**

ବଲିଉଡ୍‌ର ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ତାଙ୍କ ୩୯ ତମ ଜନ୍ମଦିବସ ପାଳନ କରିଛନ୍ତି।






*T&C Apply. **Ex-Showroom Price of Base Gloss Variant Odisha. Prices subject to change without prior notice. ^5 Years Warranty without any additional charges. ##Finance at the sole discretion of the financier and offers cannot be clubbed together. Accessories shown in the ad may not be a part of standard equipment. ##Offer Valid till 31st July, 2021. Available for 3 and 6 Months EMI on select Credit Cards. Terms and Conditions Apply.




ମୁମ୍ବାଇର ଚେମ୍ବୁରସ୍ଥିତ ଭରତନଗର ଅଞ୍ଚଳରେ ପାଚେରି ଭୁଶୁଡ଼ି କେତେକ ଝୁମ୍ପୁଡ଼ି ଭାଙ୍ଗିଯାଇଥିବାବେଳେ ଅଗ୍ନିଶମ କର୍ମଚାରୀ ଓ ଅନ୍ୟମାନେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

# ବର୍ଷା ବିପ୍ୟାତ: ଘର ଭୁଶୁଡ଼ି ୩୨ ମୃତ

**ମୁମ୍ବାଇ, ୧୮।୭(ପି.ଟି.)**

ମୁମ୍ବାଇରେ ରାତି ସାରା ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟି କେତେକ ଘର ଭୁଶୁଡ଼ି ପଡ଼ିବାରୁ ୩୨ ଜଣଙ୍କର ମୃତ୍ୟୁ ହୋଇଛି। ପ୍ରବଳ ବର୍ଷା ଫଳରେ ସହରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ଫଳରେ ରବିବାର ବିଭିନ୍ନ ରୁଟ୍‌ରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ରେଳଲାଇନ ପାଣିରେ ବୁଡ଼ିଯିବାରୁ ୱେଷ୍ଟର୍ନ ରେଲ୍‌ୱେ ଏବଂ ସେଣ୍ଟ୍ରାଲ ରେଲ୍‌ୱେ ପକ୍ଷରୁ ସହରରେ ଟ୍ରେନ୍ ସେବା ସାମୟିକ ଭାବେ ବନ୍ଦ ରଖାଯାଇଛି। ଅଧିକାଂଶ ଦୂରଗାମୀ ଟ୍ରେନ୍ ବିଭିନ୍ନ ଷ୍ଟେଶନରେ ଅଟକି ରହିଛି। ମୁମ୍ବାଇରେ ଏହା ଗୋଟିଏ ଦିନରେ ତୃତୀୟ ସର୍ବାଧିକ ବର୍ଷା ବୋଲି କୁହାଯାଉଛି।

ଭୂସ୍ଖଳନ ଯୋଗୁ ଶନିବାର ରାତି ୧ଟା ବେଳେ ମୁମ୍ବାଇର ଚେମ୍ବୁର ଅଞ୍ଚଳର ଭରତନଗରଠାରେ ଥିବା ଏକ ପାଚେରି ଭୁଶୁଡ଼ି ପଡ଼ିଥିଲା। ଏହା କେତେକ ଘର ଉପରେ ପଡ଼ିବାରୁ ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଆହତ ୭ ଜଣଙ୍କୁ ନିକଟସ୍ଥ ରାଜୱାଡ଼ି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ରାତି ୨.୩୦ରେ ବିଖ୍ରୋଲି ଅଞ୍ଚଳରେ ଥିବା ୬ଟି ଝୁମ୍ପୁଡ଼ି ଘର ଭୁଶୁଡ଼ି ୭ ଜଣ ପ୍ରାଣ ହରାଇବା ସହ ୨ ଜଣ ଆହତ ହୋଇଛନ୍ତି। ଅନ୍ୟ ଏକ ସ୍ଥାନରେ ବନ ବିଭାଗ ଅଫିସ ପାଚେରି ଭୁଶୁଡ଼ି ଜଣେ ୧୬ ବର୍ଷର ବାଳକ ପ୍ରାଣ ହରାଇଛନ୍ତି। ସେହିପରି ଅନ୍ୟ ଦୁଇଟି ସ୍ଥାନରେ ୭ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ମୁମ୍ବାଇରେ ଏଭଳି ମର୍ମନ୍ତୁଦ ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିଛନ୍ତି। ବର୍ଷା ବିପ୍ୟାତରେ ☞ପୃଷ୍ଠା-୪

# କେନ୍ଦ୍ରକୁ ଘେରିବେ ବିରୋଧୀ

## ଆଜିଠୁ ମୌସୁମୀ ଅଧିବେଶନ



- କୃଷି ଆଇନ, ମହାମାରୀ ମୁକାବିଲାରେ ବିଫଳତା, ତେଲ ଦର ବୃଦ୍ଧି ପ୍ରମୁଖ ପ୍ରସଙ୍ଗ
- ବିରୋଧୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେବେ ମୋଦିଙ୍କ ନୂଆ ମନ୍ତ୍ରୀ
- ସୁସ୍ଥ ଓ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ: ପ୍ରଧାନମନ୍ତ୍ରୀ
- ୨୨ରୁ ପାର୍ଲାମେଣ୍ଟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

**ନୂଆଦିଲ୍ଲୀ,୧୮।୭**

କୋଭିଡ୍ କଟକଣା ମଧ୍ୟରେ ସୋମବାର ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବ। ସପ୍ତଦଶ ଲୋକ ସଭାର ଷଷ୍ଠ ଅଧିବେଶନରେ ୨୦ଟି କାର୍ଯ୍ୟଦିବସ ରହିବ। ଲୋକ ସଭା ଓ ରାଜ୍ୟ ସଭାରେ ଗୃହକାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଅଗଷ୍ଟ ୧୩ରେ ଏହି ଅଧିବେଶନ ଶେଷ ହେବ। ଏଥିପାଇଁ ଉଭୟ ଶାସକ ଓ ବିରୋଧୀ ନିଜ ନିଜ ପ୍ରସ୍ତୁତି ଶେଷ କରିଛନ୍ତି। ସରକାର ୩ ଗୁରୁତ୍ୱପୂର୍ଣ୍ଣ ଅଧାଦେଶ ଓ ୧୭ ବିଧେୟକ ଗୃହୀତ କରାଇବା ପାଇଁ ଯୋଜନା ରଖିଥିବାବେଳେ ବିରୋଧୀ ଦଳଗୁଡ଼ିକ ୩ ବିବାଦୀୟ କୃଷି ଆଇନ, ଅକାଶଛୁଆଁ ତେଲ ଦର, ଜରୁରୀ ସାମଗ୍ରୀର ଦରଦାମ ବୃଦ୍ଧି ଏବଂ ମହାମାରୀ କରୋନାର ମୁକାବିଲାରେ ବିଫଳତା ଭଳି ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିବେ।

ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପାର୍ଲାମେଣ୍ଟର ୬୬୨ ସଦସ୍ୟ ଏବଂ ୨୦୦ରୁ ଊର୍ଦ୍ଧ୍ୱ ଷ୍ଟାଫ୍ ଟିକା ନେଇଛନ୍ତି। କୋଭିଡ୍ ପ୍ରୋଟୋକଲ ସହ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଉଭୟ ଉଚ୍ଚ ଓ ନିମ୍ନ ସଦନରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଅଧିବେଶନକୁ ସଫଳ କରିବା ପାଇଁ ଶନିବାର ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ସର୍ବଦଳୀୟ ବୈଠକ କରି ସରକାରୀ ଓ ବିରୋଧୀ ଦଳର ନେତାମାନଙ୍କୁ ଅନୁରୋଧ କରିଥିଲେ। ରବିବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସବୁ ଦଳର ନେତାଙ୍କୁ ଭେଟି ସୁରୁଖୁରୁରେ ☞ପୃଷ୍ଠା-୪

# ୫ହଜାର ଟପିଲା କରୋନା ମୃତ୍ୟୁ

- ଭୁବନେଶ୍ୱରରେ ସର୍ବାଧିକ ୬୩୭ ମୃତ
- ଦିନକରେ ଆଉ ୨,୨୧୫ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ତଳମୁହାଁ ଥିବାବେଳେ ମୃତ୍ୟୁ ସଂଖ୍ୟା କିନ୍ତୁ ବଢ଼ି ଚାଲିଛି। ୫ ହଜାର ଟପିଛି ମୃତ୍ୟୁ ସଂଖ୍ୟା। ଗତମାସରେ ଦୈନିକ ପାଖାପାଖି ୪୫ ଆକ୍ରାନ୍ତଙ୍କ ଜୀବନ ଯାଉଥିବାବେଳେ ଅଡିଟ୍ ରିପୋର୍ଟକୁ ଆଧାର କରି ଗତ କିଛିଦିନ ହେବ ଦୈନିକ ମୃତ୍ୟୁ ୬୦ରୁ ଊର୍ଦ୍ଧ୍ୱ ରହୁଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୬୬ଜଣଙ୍କ ମୃତ୍ୟୁ ହୋଇଥିବା ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୫,୦୫୮କୁ ବୃଦ୍ଧି ପାଇଛି।

ସେପଟେ ଚିନ୍ତା ବଢ଼ାଉଛି ରାଜଧାନୀ। ୬୬ଜଣ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୩ଜଣ ରହିଥିବାବେଳେ କେବଳ ଭୁବନେଶ୍ୱରରୁ ୨୧ଜଣ ଅଛନ୍ତି। ବର୍ତ୍ତମାନ ଜିଲାରେ ମୋଟ କରୋନା ମୃତ୍ୟୁ ୮୯୭ରେ ପହଞ୍ଚିବାବେଳେ ଭୁବନେଶ୍ୱରର ୬୩୭ଜଣ ମୃତକ ରହିଛନ୍ତି। ସେହିପରି ଗଞ୍ଜାମରୁ ୮ଜଣ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରୁ ୬ଜଣ ଲେଖାଏ, ବୌଦ୍ଧରୁ ୫, ନୟାଗଡ଼ ଓ ବରଗଡ଼ରୁ ୩ଜଣ ଲେଖାଏ, ଗଜପତି, କେନ୍ଦ୍ରାପଡ଼ା ଓ ପୁରୀରୁ ୨ଜଣ ଲେଖାଏ, ରାୟଗଡ଼ା, ☞ପୃଷ୍ଠା-୪



# ୨୧ରୁ ଗର୍ଭବତୀଙ୍କୁ ଟିକା

**ଭୁବନେଶ୍ୱର, ୧୮।୭ (ବ୍ୟୁରୋ)**

ଆଇସିଏମ୍‌ଆର ପକ୍ଷରୁ ଅନୁମତି ମିଳିବାପରେ ରାଜ୍ୟରେ ଗତ ଶୁକ୍ରବାରଠାରୁ ଗର୍ଭବତୀଙ୍କୁ ଟିକାକରଣ ଆରମ୍ଭ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ଯେପରି ସମସ୍ତ ଗର୍ଭବତୀଙ୍କୁ ସୁବିଧାରେ ଟିକା ମିଳିପାରିବ ସେଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୧ ତାରିଖରୁ ଟିକାକରଣ ଆରମ୍ଭ ହେବ। ତେବେ ସପ୍ତାହରେ କେବଳ ୨ଦିନ ବୁଧବାର ଓ ଶନିବାର ଟିକା ଦିଆଯିବ। ଉପରୋକ୍ତ ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ଟିକାକରଣ କରାଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ତାଲିବାନ: ଅନ୍ଧକାରର ପ୍ରତୀକ




# ଟଙ୍କା ପାଇଁ ସାଙ୍ଗ କାଟିଥିଲେ ଗଳା

**ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ**

- ଧାର ଟଙ୍କା ଶୁଝିବା ପାଇଁ ଅଭିଯୁକ୍ତ ରଚିଥିଲେ ହତ୍ୟା ଯୋଜନା
- ୧ଲକ୍ଷ ୭୩ହଜାର ଟଙ୍କା, ବାଇକ୍, ଧାରୁଆ ଅସ୍ତ୍ର ଜବତ
- ଫେରାର୍ ହତ୍ୟାକାରୀ ରାଉରକେଲାରୁ ଗିରଫ

ଝାରସୁଗୁଡା ଅଫିସ୍,୧୮।୭

ଝାରସୁଗୁଡା ବେହେରାମାଲସ୍ଥିତ ଦୁର୍ଗା ମନ୍ଦିର ଗଳିଲେ ସ୍ଥାନୀୟ ପୁରୁଣାବସ୍ତିର ବିପିନ ସାହା(୩୨)ଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଧାର ଟଙ୍କା ସୁଝିବା ପାଇଁ ଅଭିଯୁକ୍ତ ରଚିଥିଲେ ହତ୍ୟା ଯୋଜନା। ଟଙ୍କା ଲୁଟ୍ ପାଇଁ ସାଙ୍ଗ ସାଜିଥିଲେ ହତ୍ୟାକାରୀ। ଅଭିଯୁକ୍ତ ଜଣଙ୍କ ହେଲେ ସ୍ଥାନୀୟ ଚୌକିପଡାର ଦିଲୀପ ସାହା(୩୩)। ପୋଲିସ ତାଙ୍କୁ ଶନିବାର ରାଉରକେଲାରୁ ଗିରଫ କରିଛି। ରବିବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ୧ଲକ୍ଷ ୭୩ ହଜାର ୫ଶହ ଲୁଟ୍ ଟଙ୍କା, ଅଭିଯୁକ୍ତଙ୍କ ଓଡି୨୩ସି ୬୯୦୯ନଂ ବାଇକ୍, ମୃତକଙ୍କ ଓଡି ୨୩ଜି ୩୬୪୨ ନଂ. ବାଇକ୍, ମୋବାଇଲ୍ ଫୋନ୍ ଓ ଏକ ଧାରୁଆ ଅସ୍ତ୍ର ଆଦିକୁ ପୋଲିସ୍ ଜବତ କରିଛି ବୋଲି ଝାରସୁଗୁଡ଼ା ଏସ୍‌ପି ବିକାଶ ଚନ୍ଦ୍ର ଦାସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି ଦାସ କହିଛନ୍ତି, ହତ୍ୟାର ଶିକାର ହୋଇଥିବା ଯୁବକ ବିପିନ ଝାରସୁଗୁଡାର ଏକ ମୋବାଇଲ୍ ଦୋକାନରେ ସେଲ୍‌ସ୍‌ମ୍ୟାନ୍ ଭାବେ କାମ କରୁଥିଲେ। ଗତ ଗୁରୁବାର ଦୋକାନ ମାଲିକଙ୍କ ନିର୍ଦ୍ଦେଶରେ ବିପିନ ଏକ ବାଇକ୍‌ରେ ବାଗଡିହି ଓ ବାମରା ଅଞ୍ଚଳକୁ ବକେୟା ଅର୍ଥ ଅସୁଲ କରିବା ପାଇଁ ଯାଇଥିଲେ। ଗଲାବେଳେ ବିପିନ ଓ ଦିଲୀପ ସାଙ୍ଗ ହୋଇ ଗୋଟିଏ ବାଇକ୍‌ରେ ଯାଇଥିଲେ। ହେଲେ ସେଲ୍‌ସ୍‌ମ୍ୟାନ୍ ବିପିନ ସନ୍ଧ୍ୟା ପର୍ଯ୍ୟନ୍ତ ନ ପହଞ୍ଚିବାରୁ ଦୋକାନ ମାଲିକ ତାଙ୍କୁ ଫୋନ୍ କରିଥିଲେ। ଏନେଇ ସେଲ୍‌ସ୍‌ମ୍ୟାନ୍ ମାଲିକଙ୍କୁ କହିଥିଲେ ବାଇକ୍ ଖରାପ ହୋଇଛି ମରାମତିକରି ଯାଉଛି। ତାପରେ ସେ ଆଉ ଦୋକାନରେ ପହଞ୍ଚି ନ ଥିଲେ। ରାତିରେ ବିପିନ ଘରକୁ ନ ପହଞ୍ଚିବାରୁ ପରିବାର ଲୋକ ତାଙ୍କୁ ଫୋନ୍ କରିଥିଲେ । ଘରକୁ ଯାଉଛି ବୋଲି ବିପିନ ରାତି ୧୧ଟାରେ ପରିବାର ଲୋକଙ୍କୁ କହିଥିଲେ । ହେଲେ ରାତିରେ ସେ ଆଉ ଘରକୁ ଯାଇ ନ ଥିଲେ। ସକାଳୁ ବିପିନଙ୍କ ମୃତଦେହ ରକ୍ତଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡିଥିବା ଦେଖିବାକୁ ମିଳିଥିଲା। ଲକ୍ଷାଧିକ ଅସୁଲ ଟଙ୍କା ଉପରେ ଦିଲୀପଙ୍କ ନଜର ପଡିଥିଲା। ଏହି ଟଙ୍କା କିଭଳି ବିପିନଙ୍କ ନିକଟରୁ ଲୁଟ୍ କରିବେ ଦିଲୀପ ମନେମନେ ରଚିଥିଲେ ଯୋଜନା। ବିପିନଙ୍କୁ ଭୁଆଁବୁଲାଇ ଦିନ ତମାମ ଏଣେତେଣେ ବୁଲାଇଥିଲେ। ତାପରେ ଦିଲୀପ ଏକ ଧାରୁଆ ଅସ୍ତ୍ର ଆଣି ନିଜର ପାଖରେ ଲୁଚାଇ ରଖିଥିଲେ। ଉଭୟ ଗୋଟିଏ ବାଇକ୍‌ରେ ରାତିରେ ନିଛାଟିଆ ଦୁର୍ଗା ମନ୍ଦିର ଗଳିରେ ଯାଉଥିବାବେଳେ ପରିଶ୍ରା କରିବା ବାହାନାରେ ଦିଲୀପ ବାଇକ୍ ଅଟକାଇବା ପାଇଁ କହିଥିଲେ। ବିପିନ ବାଇକ୍ ଅଟକାଇଥିଲେ। ଏହି ସମୟରେ ଦିଲୀପ ହଠାତ ବିପିନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ବେକକୁ ମାଡିବସି ଗଳା କାଟିଦେଇଥିଲେ। ହତ୍ୟା କଲାପରେ ବିପିନଙ୍କ ନିକଟରେ ଥିବା ଲକ୍ଷାଧିକ ଟଙ୍କା ଲୁଟ୍‌କରି ହତ୍ୟାକାରୀ ବାଇକ୍ ଯୋଗେ ଫେରାର୍ ହୋଇଯାଇଥିଲେ। ବାଇକ୍ ଝାରସୁଗୁଡା ରେଳଷ୍ଟେଶନ ପାର୍କିଂରେ ରଖି ସକାଳୁ ବସ୍ ଯୋଗେ ରାଉରକେଲା ଚାଲିଯାଇ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ହୋଟେଲ୍‌ରେ ରହୁଥିଲେ।

ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ସାଇବର ସେଲ୍‌କୁନେଇ ୨ପୋଲିସ୍ ଟିମ୍ ଗଠନ କରାଯାଇଥିଲା। ମୋବାଇଲ୍ ଟ୍ରାକିଂକରି ପୋଲିସ ରାଉରକେଲାରେ ରହୁଥିବା ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ସେଠାରୁ ଅଭିଯୁକ୍ତଙ୍କୁ ଗିରଫ ପରେ ପୋଲିସ୍ ତାଙ୍କୁ ଜେରା କରିଛି। ପୋଲିସ୍ ତଦନ୍ତରୁ ଜାଣିବାକୁ ପାଇଛି ହତ୍ୟାକାରୀ ଦିଲୀପ ଜଣେ ଉଚ୍ଚଶିକ୍ଷିତ। ଗତ ୨ବର୍ଷ ତଳେ ସେ ବିବାହ କରିଥିଲେ। ବିବାହ ସମୟରେ ଧାରଉଧାର କରିଥିଲେ। ଏଥିମଧ୍ୟରେ ଟେଣ୍ଟ ହାଉସ୍‌ର ଦେଢଲକ୍ଷ ଟଙ୍କା ବାକି ରହିଛି। ଏନେଇ ଟେଣ୍ଟ ହାଉସ୍ ମାଲିକ ବକେୟା ଟଙ୍କାପାଇଁ ବାରମ୍ବାର ତାଗିଦ କରୁଛି। ଅନ୍ୟପଟେ ନବବିବାହିତା ସ୍ତ୍ରୀ ତାଙ୍କୁ ଛାଡିକରି ଚାଲିଯାଇଛନ୍ତି। ଦିଲୀପ ମାନସିକ ଦୁଶ୍ଚିନ୍ତାରେ ରହିଥିବାବେଳେ ଟେଣ୍ଟ ହାଉସ୍ ବକେୟା ଟଙ୍କା ପରିଶୋଧ କରିବା ପାଇଁ ଏଭଳି ହତ୍ୟାକାଣ୍ଡ କରିଥିବା ପୋଲିସ୍ ନିକଟରେ ଅଭିଯୁକ୍ତ ସ୍ୱୀକାର କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଧାରୁଆ ଅସ୍ତ୍ରକୁ ପୋଲିସ୍ ସହରର ମମତା ମାର୍ବୋଲ ପଛରେଥିବା ଏକ ପୋଖରୀ ନିକଟରୁ ଉଦ୍ଧାର କରିଛି।


ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ହାଜର କରାଯାଇଥିବା ଅଭିଯୁକ୍ତ ଦିଲୀପ ସାହା।

## ବାପଘରେ ବିବାହିତାଙ୍କ ମୃତ୍ୟୁ

**ଥାନାରେ ମାମଲା, ପୋଲିସ ତଦନ୍ତ ଆରମ୍ଭ**

ବୌଦ୍ଧ/ପୁରୁଣାକଟକ, ୧୮।୭(ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଫୁଲଝରୀ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ବାପ ଘରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଫୁଲଝରୀ ଗ୍ରାମର ଶୂନ୍ୟବାସୀ କହଁରଙ୍କ ଝିଅ ଜିରା (୪୫) ନିକଟସ୍ଥ ରାମଗଡ ଗ୍ରାମର ଖଗେଶ୍ୱର ଜଗଦଲାଙ୍କୁ ବିବାହ କରିଥିଲେ। ଜିରାଙ୍କ ପୁଅ ଓ ଝିଅ ଅଛନ୍ତି । କୌଣସି କାରଣରୁ ସ୍ୱାମୀଙ୍କ ସହ ମନୋମାଳିନ୍ୟ ହେବାରୁ ଏକ ମାସ ହେବ ମହିଳା ଜଣକ ବାପଘରେ ଆସି ରହୁଥିଲେ। ଗତ ଗୁରୁବାର ଜିରା ବାପଘର ଗାଁ ନିକଟସ୍ଥ ଏକ ଗଛରେ ଝୁଲି ଆତ୍ମହତ୍ୟା କରିଥିଲେ। ଖବରପାଇ ମହିଳାଙ୍କ ବାପଘର ଲୋକେ ମୃତଦେହକୁ ରାତାରାତି ପୋଡି ଦେଇଥିଲେ। ମୃତଦେହ ସଂସ୍କାର କରିବା ପୂର୍ବରୁ ଖବର ଦେଇ ନ ଥିଲେ ବୋଲି ଜିରାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ତାଙ୍କ ସ୍ତ୍ରୀଙ୍କୁ ବାପଘର ଲୋକ ପୋଡି ମାରି ଦେଇଥିବା ନେଇ ଅଭିଯୋଗ କରିବା ପରେ ଏବେ ସନ୍ଦେହ ଘେରରେ ବାପଘର ଲୋକ । ଅପରପକ୍ଷରେ ବାପଘର ଲୋକ କହିଛନ୍ତି ଘଟଣା ଦିନ ଜିରାଙ୍କୁ ନେବାକୁ ତାଙ୍କ ସ୍ୱାମୀ ଆସିଥିବା ବେଳେ ସେ ସନ୍ଧ୍ୟାରେ ତାଙ୍କ ସହ ଯାଇଥିଲେ। ଏନେଇ ପୁରୁଣାକଟକ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୪/୨୧) ରୁଜୁ କରିଛି। ପୋଡା ଯାଇଥିବା ସ୍ଥାନରୁ ପାଉଁଶ ଓ ହାଡ ଜବତ କରି ପୋଲିସ ତଦନ୍ତ ଚଳାଇଛି ।

**ଫଟୋରେ ଖବର**


ସୁବର୍ଣ୍ଣପୁର ଜିଲା ପାତାଳି ଶ୍ରୀକ୍ଷେତ୍ରରେ ରବିବାର ଅନୁଷ୍ଠିତ ମହାପ୍ରଭୁଙ୍କ ପର୍ଶୁରାମ ବେଶ।

## ୪ଲକ୍ଷ ଟଙ୍କାର ଚୋରି ସାମଗ୍ରୀ ଉଦ୍ଧାର

**ଘରେ କଳାକନା ବୁଲାଇଥିବା ଅଭିଯୁକ୍ତ ଗିରଫ**

ଝାରସୁଗୁଡା ଅଫିସ୍,୧୮।୭

ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅଧିନ ବାଲିପୁଟ ଗ୍ରାମର ସନ୍ତୋଷ କୁମାର ନାୟକଙ୍କ ପରିବାର ରାତିରେ ଶୋଇଥିବାବେଳେ ଏହାର ସୁଯୋଗନେଇ ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇ ଲକ୍ଷାଧିକ ଟଙ୍କାର ସୁନା, ରୂପା ଅଳଙ୍କାର ଲୁଟିନେଇଥିଲେ। ଏନେଇ ଘର ମାଲିକ ନାୟକ ଗତ ମଙ୍ଗଳବାର ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୧୯୨/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାର ପୋଲିସ ପର୍ଦ୍ଦାଫାଶ କରି ୨ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଭାଲୁପାଲିର ରାଜେନ୍ଦ୍ର ମୁଣ୍ଡା ଓ ଚୋରି ସାମଗ୍ରୀ କିଣିଥିବା ହୀରାକୁଦ ଚାନ୍ଦିନଚୌକ କେନାଲପଡାର ଚନ୍ଦନ ମହାପାତ୍ର ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଚୋରି ଯାଇଥିବା ସୁନା ଓ ରୂପା ଅଳଙ୍କାର ଉଦ୍ଧାର କରାଯାଇଛି। ଏହାର ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ସେ କହିଛନ୍ତି, ଘରମାଲିକ ନାୟକ ବାହାଘର ପାଇଁ ବିଭିନ୍ନ ଅଳଙ୍କାର ଘରେ ଆଣି ରଖିଥିଲେ। ଏହାର ସୁରାକପାଇ ମୁଖ୍ୟ ଅଭିଯୁକ୍ତ ମୁଣ୍ଡା ଘର ଲୋକ ଶୋଇଥିବାବେଳେ ଛାତ ଉପରେ ଚଢି ଘରେ ପଶି ଆଲମୀରାରୁ ସବୁ ଅଳଙ୍କାର ଲୁଟି ନେଇଥିଲେ। ଏନେଇ ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ବ୍ରଜରାଜନଗର ଥାନା ଆଇଆଇସି ବି.ବି ସେଠ୍ ଓ ଏସ୍‌ଆଇ ପି.କେ ସ୍ୱାଇଁ ପ୍ରମୁଖ ପୋଲିସ୍ ଅଧିକାରୀଙ୍କ ସହିତ ସାଇବର ସେଲ୍‌କୁ ନେଇ ପୋଲିସ୍ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉକରି ମୁଖ୍ୟ ଅଭିଯୁକ୍ତ ମୁଣ୍ଡାଙ୍କୁ ଧରିବା ପାଇଁ ସଫଳ ହୋଇଥିଲା। ଗିରଫ ମୁଖ୍ୟ ଅଭିଯୁକ୍ତ ମୁଣ୍ଡାଙ୍କ ନାମରେ ଝାରସୁଗୁଡା, ସମ୍ବଲପୁର ଆଦି ବିଭିନ୍ନ ଥାନାରେ ୪୦ରୁ ଊର୍ଦ୍ଧ୍ୱ ମାମଲା ରହିଛି ବୋଲି ଏସ୍‌ପି ଦାସ କହିଛନ୍ତି। ସେ ଜଣେ ପେସାଦାର ଅପରାଧି ବୋଲି ପୋଲିସ୍ କହିଛି।

## ଗାଡ଼ି ଧକ୍କାରେ କନ୍‌ଷ୍ଟେବଲ ମୃତ

ରେଢାଖୋଲ,୧୮।୭ (ଡି.ଏନ.ଏ.)

୫୫ନଂ ଜାତୀୟ ରାଜପଥର ସମ୍ବଲପୁର ଜିଲା ଚାରମାଲ ଥାନା ଫରେଷ୍ଟ ବଙ୍ଗଳା ନିକଟରେ ରବିବାର ସନ୍ଧ୍ୟା ୭ଟା ବେଳେ ଏକ ଅଜଣା ଗାଡି ଧକ୍କାରେ ରେଢାଖୋଲ ଥାନାରେ କାର୍ଯ୍ୟରତ କନଷ୍ଟେବଳ ନଂ ୧୧୧ ଅରୁଣ ଆରୁଖ (୫୯)ଙ୍କ ମୃତ୍ୟୁ ଘଟିଛି । ସେ ଛୁଟି ନେଇ ସନ୍ଧ୍ୟାରେ ବାଇକ୍ (ନଂ ଓଡି ୧୫ କ୍ୟୁ ୧୯୪୭) ଯୋଗେ ସମ୍ବଲପୁର ମୋଦିପଡାରେ ରହୁଥିବା ତାଙ୍କ ପରିବାର ପାଖକୁ ଯାଉଥିଲେ। ଚାରମାଲ ଫରେଷ୍ଟ ବଙ୍ଗଳା ନିକଟରେ ତାଙ୍କ ବାଇକ୍‌କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ କନଷ୍ଟେବଳ ଅରୁଣ ଗଞ୍ଜାମ ଜିଲା ଭଞ୍ଜନଗରର ମୂଳ ବାସିନ୍ଦା ହୋଇଥିବା ବେଳେ ଦୀର୍ଘ ବର୍ଷ ହେବ ପୋଲିସ ବିଭାଗରେ ଚାକିରି କରି ସମ୍ବଲପୁର ମୋଦିପଡାରେ ପରିବାର ସହ ରହୁଥିଲେ। ଚାରମାଲ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ଭକ୍ତଙ୍କ ପାଇଁ ହେବ ବିଶ୍ରାମ ଗୃହ, ଯଜ୍ଞ ମଣ୍ଡପ

**ବିକାଶ ପଥରେ ଘଣ୍ଟେଶ୍ୱରୀ ପୀଠ**

- ଖର୍ଚ୍ଚ ହେବ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ

ସମ୍ବଲପୁର,୧୮।୭(ବ୍ୟୁରୋ )

ପଶ୍ଚିମଓଡିଶା ତଥା ସମ୍ବଲପୁର ଜିଲାର ପ୍ରସିଦ୍ଧ ଦେବୀ ପୀଠ ଘଣ୍ଟେଶ୍ୱରୀ। ଏହି ପୀଠ ପ୍ରତି ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୂର୍ବରୁ ଅନେକ ଉନ୍ନୟନ କାମ ହାତକୁ ନିଆଯାଇଛି। ଏବେ ଭକ୍ତଙ୍କ ସୁବିଧା ପାଇଁ ବିଶ୍ରାମଗାର ଓ ଯଜ୍ଞ ମଣ୍ଡପ ନିର୍ମାଣ କରାହେବ। ଏନେଇ ବୃତାନ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି। ଧନକଉଡା ବ୍ଲକ ପକ୍ଷରୁ କାମ କରାଯିବା ଯୋଜନା ରହିଥିବା ବେଳେ ପଶ୍ଚିମ ଓଡିଶା ବିକାଶ ପରିଷଦ ୩୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛି । ୧୦ ଲକ୍ଷ ସରକାରୀ ଅନୁଦାନ ରହିଛି। ଖୁବଶୀଘ୍ର କାମ ଆରମ୍ଭ ହୋଇଯିବ ବୋଲି ଧନକଉଡା ବିଡିଓ ବସନ୍ତ ହାତୀ ସୂଚନା ଦେଇଛନ୍ତି ।

ସେ ଆହୁରି କହିଛନ୍ତି ଯେ, ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଘଣ୍ଟେଶ୍ୱରୀ ପୀଠରେ କାମ ହୋଇ ପାରିବ କି ନାହିଁ ସେନେଇ ସରଜମିନ ତଦନ୍ତ କରି ରିପୋର୍ଟ ଦେବାକୁ ଚିଠି କରାଯାଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟୟ ଅଟକଳ କରାଯାଇ ସମସ୍ତ ରିପୋର୍ଟ ପ୍ରଦାନ କରାଯାଇଛି। ଖୁବଶୀଘ୍ର କାମ ଆରମ୍ଭ ହୋଇଯିବ। ଏହାସହ ଏକ ପାର୍କିଂ ବ୍ୟବସ୍ଥା କରିବା , ମନ୍ଦିର ନିକଟରେ ୫ ଗୋଟି ଦୋକନ ଗୃହ ଥିବା ମାର୍କେଟ କମ୍ପ୍ଲେସ, ମହିଳା ଓ ପୁରୁଷମାନଙ୍କ ଆଉ ଏକ ଶୌଚାଳୟ ନିର୍ମାଣ ପାଇଁ ମଧ୍ୟ ଯୋଜନା ରହିଛି । ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ପ୍ରାଥମିକତା ଦେଉଛନ୍ତି। ତେଣୁ ସରକାରଙ୍କ ଅନୁଦାନ ଅନୁସାରେ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ସୁବିଧା କରାଯିବ ବୋଲି ବିଡିଓ ହାତୀ କହିଥିଲେ। ସୂଚନାଯୋଗ୍ୟଯେ, ମହାନଦୀ ତଟ ଟିପିଲିମା ଗ୍ରାମ ନିକଟରେ ଘଣ୍ଟେଶ୍ୱରୀ ପୀଠ ରହିଛି। ପୂର୍ବରୁ ଜାତୀୟ ରାଜପଥ ୫୩ ଗୋଶାଲା ଛକରୁ ଯିବାକୁ ରାସ୍ତା ରହିଥିଲା। ଏବେ ମହାନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ହୋଇଯାଇଛି। ତେଣୁ କଚେରୀ ଛକରୁ ଟାଉଁରପୁରକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ମଧ୍ୟ ଭକ୍ତ ଓ ପର୍ଯ୍ୟଟକମାନେ ସୁବିଧାରେ ଯିବା ଆସିବା କରୁଛନ୍ତି। ଘଣ୍ଟେଶ୍ୱରୀ ପୀଠରେ ଘଣ୍ଟିଦାନ କଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।




## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୧୦,୬୫,୯୦୩ | ୪୧,୦୨,୮୬୬ | ୧୭,୪୦,୧୨,୮୮୯ |
| ଭାରତ | ୩,୧୧,୪୧,୬୬୯ | ୪,୧୪,୧୧୩ | ୩,୦୨,୯୭,୩୭୬ |
| ଓଡ଼ିଶା | ୯,୫୪,୩୨୬ | ୫୦୫୮(+୫୩) | ୯,୩୦,୪୧୮ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କାର ଧକ୍କାରେ ୨ ମୃତ, ଜଣେ ଗୁରୁତର

**ଜଗନ୍ନାଥପ୍ରସାଦ,୧୮।୭(ଡି.ଏନ.ଏ.):** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା କୁମ୍ଭାପଡ଼ା ଗ୍ରାମ ୨୧ ନମ୍ବର ରାଜ୍ୟ ରାଜପଥରେ ରବିବାର ଏକ କାର୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ସନ୍ତୋଷ ସେଠୀ ଓ ପ୍ରଭାକାର ମହାନ୍ତି। ଗୁରୁତର ହେଲେ ବିଜୟ ସେଠୀ। ପ୍ରକାଶ ଯେ, ଯାତ୍ରା ଗ୍ରାମର ପ୍ରଭାକର ଜଣେ ହୋମିଓପାଥିକ ଚିକିତ୍ସକ। ନିଜ ସାଇକେଲରେ କିଛି ଔଷଧ ଧରି ଯାଉଥିବା ବେଳେ କୁମ୍ଭାପଡା ଗ୍ରାମର ବିଜୟ ଓ ବେଲଗୁଣ୍ଠା ନିକଟ ଆମ୍ବପୁଆ ଗ୍ରାମର ତାଙ୍କ ସମୁଦି ସନ୍ତୋଷ ବାଇକ୍‌ରେ ଆସିଥିଲେ। ୩ ଜଣ ମିଶି ୨୧ ନମ୍ବର ରାଜ୍ୟ ରାଜପଥ ରାସ୍ତା କଡ଼ରେ ଠିଆ ହୋଇ ଔଷଧ ବିଷୟରେ ଆଲୋଚନା କରୁଥିଲେ। ଏହି ସମୟରେ ଭଞ୍ଜନଗରରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ (ନଂ ଓଡି ୦୨ବିଏସ ୪୪୨୨) ସେମାନଙ୍କୁ ଧକ୍କା ଦେଇ ରାସ୍ତା ତଳକୁ ଖସିଯାଇଥିଲା। ଘଟଣାସ୍ଥଳରେ ପ୍ରଭାକାର ଓ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଦମକଳ ବାହିନୀ ଓ ପୋଲିସ ପହଞ୍ଚି ବିଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଗନ୍ନାଥପ୍ରସାଦ ମେଡିକାଲ ପରେ ବ୍ରହ୍ମପୁର ମେଡିକାଲ ଭର୍ତ୍ତି କରାଇଥିଲେ। ଏ ନେଇ ପୋଲିସ ନଂ. ୨୪୩/୨୧ରେ ମାମଲା ରୁଜୁ କରି ଦୁଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲ ପଠାଇଛି।

### ଆଜି ଖୋଲିବ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଗେଟ୍

#### ଭିଡିଓ କନଫରେନ୍ସରେ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

**ବାରିପଦା ଅଫିସ,୧୮।୭:** ବହୁ ପ୍ରତୀକ୍ଷିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଜଳ ସୋମବାର ଛଡ଼ାଯିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସରେ ପ୍ରକଳ୍ପର ଲୋକାର୍ପଣ କରିବେ ବୋଲି ସୂଚନା ମିଳିଛି। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ବାରିପଦାର କାଠପାଳ ନିକଟବର୍ତ୍ତୀ ପୁରୁଡ଼ିହିଠାରେ ଜଳସେଚନ ପାଇଁ ଗେଟ୍ ଖୋଲାଯିବ। ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଜିଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବେ।



'ପୂର୍ବଭାରତ ସବୁଜ ବିପ୍ଳବ ଯୋଜନା'ରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡିରେ ଧାନ ତଳିରୁଆ ଚାଲିଛି।

# ବସ୍ତାରେ ଥିଲା ୧୦ ବନ୍ଧୁକ, ୮ ଗୁଳି

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

## ଆନ୍ତଃ ରାଜ୍ୟ ଚୋରା ଚାଲାଣ ଧରିଲା ଏସ୍‌ଟିଏଫ୍



- ୨ ପେସାଦାର ଅପରାଧୀ ଗିରଫ
- ଜେଲରୁ ଫେରି ଚଳାଇଥିଲେ ର୍‍ୟାକେଟ୍

ଖୋର୍ଦ୍ଧା ଜଙ୍କିଆ-ରଣପୁର ରାସ୍ତାରେ ବନ୍ଧୁକ ଡିଲ୍ ସମୟରେ ଦୁଇଜଣ ପେସାଦାର ଅପରାଧୀଙ୍କୁ କାବୁ କରିଛି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଅଭିଯୁକ୍ତ ଦ୍ୱୟ ପୋଲିସ ନଜରରୁ ବର୍ତ୍ତିବା ପାଇଁ ଦୁଇଟି ବସ୍ତାରେ ବନ୍ଧୁକ ଭର୍ତ୍ତି କରି ନେଉଥିଲେ। ହେଲେ ଧରାପଡିବା ପରେ ଉକ୍ତ ବସ୍ତାରୁ ୧୦ ବନ୍ଧୁକ ଓ ୮ ଗୁଳି ଜବତ କରାଯାଇଛି। ଏଥିମଧ୍ୟରେ ୫ ସିଙ୍ଗଲ ବୋର୍ ରାଇଫଲ, ୫ ମାଉଜର ଓ ପିସ୍ତଲ ରହିଛି। ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ଼ ଜିଲା ରଣପୁରର ବସନ୍ତ ମହାରଣା ଓରଫ ବୁଟୁ ଓ ଖୋର୍ଦ୍ଧା ଟାଉନ୍‌ର କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ ଓରଫ ଜଗନ। ବୁଟୁ ଓ ଜଗନଙ୍କ ନାମରେ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲାରେ ଏକାଧିକ ଆପରାଧିକ ମାମଲା ରହିଥିବାବେଳେ ଉଭୟ ପେସାଦାର ଅପରାଧୀ ବୋଲି ଏସ୍‌ଟିଏଫ୍ ଏସ୍‌ପି ତେଜେଶ୍ୱର ପଟେଲ ସୂଚନା ଦେଇଛନ୍ତି। ବିଦେଶୀ ବନ୍ଧୁକ ଚୋରାଚାଲାଣ ନେଇ ପୂର୍ବରୁ କମିଶନରେଟ୍ ପୋଲିସ ଉଭୟଙ୍କୁ ଗିରଫ କରି ଜେଲ ପଠାଇଥିଲା। ଜେଲରୁ ଫେରିବା ପରେ ପୁଣି ବନ୍ଧୁକ ର୍‍ୟାକେଟ ଚଳାଇଥିଲେ। ସେମାନେ ମୁଖ୍ୟତଃ ରାଜ୍ୟ ତଥା ବାହାର ରାଜ୍ୟର ଗ୍ୟାଙ୍ଗଷ୍ଟର, ଖଣିମାଫିଆ, ଅସାମାଜିକ ଯୁବକ, ବ୍ରାଉନସୁଗାର ଚାଲାଣକାରୀ ଆଦିଙ୍କୁ ବନ୍ଧୁକ ଓ ଗୁଳି ଯୋଗାଉଥିବା ଜଣାପଡିଛି। ଏନେଇ ଏସ୍‌ଟିଏଫ୍ ଆର୍ମସ ଆକ୍ଟର ଦଫା ୨୫/୨୭ରେ ମାମଲା (ନଂ.୨୪/୨୧) ରୁଜୁକରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଏହି ର୍‍ୟାକେଟ୍‌ରେ ଆଉ କାହାର ସମ୍ପୃକ୍ତି ରହିଛି, ଅଭିଯୁକ୍ତମାନେ ବନ୍ଧୁକ କେଉଁଠାରୁ ଆଣୁଥିଲେ, ରାଜ୍ୟ ବାହାର ଲିଙ୍କ୍ ନେଇ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପୂର୍ବରୁ ଜଗତ୍‌ସିଂହପୁର ଜିଲାରୁ ୩ଜଣ ବନ୍ଧୁକ ଚାଲାଣକାରୀଙ୍କୁ କାବୁ କରି ଏସ୍‌ଟିଏଫ୍ ଗିରଫ କରିବା ସହ ୯ ବନ୍ଧୁକ ଜବତ କରିଥିଲା। ସେମାନଙ୍କଠାରୁ ରାଜ୍ୟରେ ଚାଲିଥିବା ବନ୍ଧୁକ କାରବାର ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିଲା। ବନ୍ଧୁକ ର୍‍ୟାକେଟ୍‌ରେ ଅନ୍ୟ କେତେଜଣଙ୍କ ସହ ବୁଟୁଙ୍କ ଲିଙ୍କ୍ ଜଣାପଡିଥିଲା। ଏହାପରେ ଏସ୍‌ଟିଏଫ୍ ଦୀର୍ଘଦିନ ହେବ ବୁଟୁଙ୍କ ଉପରେ ନଜର ରଖିଥିଲା। ଶନିବାର ବୁଟୁ ସହଯୋଗୀ ଜଗନଙ୍କ ସହ ମିଶି ଜଙ୍କିଆ-ରଣପୁର ରାସ୍ତାରେ ବନ୍ଧୁକ ଡିଲ୍ କରୁଥିବା ସୂଚନା ମିଳିଥିଲା। ଏସ୍‌ଟିଏଫ୍‌ର ଏକ ଟିମ୍ ଘଟଣା ସ୍ଥଳରେ ଚଢ଼ାଉ କରି ସେମାନଙ୍କୁ କାବୁ କରିବା ସହ ବନ୍ଧୁକ ଚୋରା କାରବାର ର୍‍ୟାକେଟର ଉନ୍ମୋଚନ କରିଛି।

### ଓଡ଼ିଶାରେ ବେଆଇନ ବନ୍ଧୁକ କାରଖାନା

ଗତ କିଛିମାସ ମଧ୍ୟରେ ଏସ୍‌ଟିଏଫ୍ ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା ଆଦି ଜିଲାରୁ ଏକାଧିକ ବନ୍ଧୁକ ଚାଲାଣକାରୀଙ୍କୁ ଗିରଫ କରିବା ସହ ବିପୁଳ ବନ୍ଧୁକ ଓ ଗୁଳି ଜବତ କରିଛି। ଏଥିମଧ୍ୟରେ ବହୁତ ଦେଶୀବନ୍ଧୁକ ଥିବାରୁ ଏସବୁ ଓଡ଼ିଶାରେ ତିଆରି କରାଯାଉଥିବା ପୋଲିସ କହିଛି। ପୂର୍ବରୁ ବନ୍ଧୁକ ଚାଲାଣକାରୀମାନେ କେବଳ ବିହାରର ମୁଙ୍ଗେର, ଛତିଶଗଡ଼ରୁ ବନ୍ଧୁକ ମଗାଇ ରାଜ୍ୟ ଭିତରେ ବିକ୍ରି କରୁଥିଲେ। ଏବେ ଏମାନେ ରାଜ୍ୟ ଭିତରେ ବନ୍ଧୁକ ତିଆରି କରୁଛନ୍ତି। ବିଗତ ଦିନରେ ମଧ୍ୟ ରାଜ୍ୟରେ ବନ୍ଧୁକ କାରଖାନା ଠାବ ହୋଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ପୁଣି ଅନ୍ୟକେଉଁଠି ବନ୍ଧୁକ ତିଆରି କରୁଥିବା ପୋଲିସ ଜବତ ବନ୍ଧୁକକୁ ନେଇ ସନ୍ଦେହ କରୁଛି। ତେବେ କେଉଁଠାରେ ଚୋରା ବନ୍ଧୁକ କାରଖାନା ରହିଛି, ଅଭିଯୁକ୍ତମାନେ କାହା ପାଖରୁ ଏହି ଓଡିଶା ମେଡ୍ ବନ୍ଧୁକ ଆଣୁଛନ୍ତି ତାହାର ଟେର୍ ଥାନା ପୋଲିସ ପାଇପାରୁ ନ ଥିବାବେଳେ ଖୋଳତାଡ଼ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍।

### ଗୋରୁ ଗାଡ଼ି ଛାଡ଼ି ବେପାରୀ ଫେରାର

**କେନ୍ଦୁଝର, ୧୮।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଉପର କାଇପୁର ଗ୍ରାମରେ ବେଆଇନ ଭାବେ ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଥିବା ଗୋରୁଙ୍କୁ ରବିବାର ଭାଜପା କର୍ମୀ ଉଦ୍ଧାର କରିଛନ୍ତି। କାଇପୁର ଗ୍ରାମରେ ଗାଡ଼ିର ଇଞ୍ଜିନ ଖରାପ ହେବା ଫଳରେ ବେପାରୀ ମାନେ ସବୁ ଗୋରୁଙ୍କୁ ଓହ୍ଲାଇ ଜଙ୍ଗଲରେ ବାନ୍ଧି ଦେଇ ଫେରାର ହୋଇଯାଇଛନ୍ତି। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଭାଜପା ନେତା ବିନୋଦ ପରିଡା, ପ୍ରଦୀପ ଗିରି ପ୍ରମୁଖ ପହଞ୍ଚି ଗୋରୁଙ୍କ ବେକରୁ ଦଉଡ଼ି ଖୋଲି ଖାଦ୍ୟ, ପାଣି ଦେଇଛନ୍ତି।

### ୩୦ ଲକ୍ଷର ବ୍ରାଉନସୁଗାର ଜବତ

**ଜଳେଶ୍ୱର, ୧୮।୭(ଡି.ଏନ.ଏ.)**

ବ୍ରାଉନସୁଗାରର ହବ୍ ପାଲଟିଥିବା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଜପୁର ଅଞ୍ଚଳର ସେକ୍ ସଖିଲଙ୍କ ଘର ଉପରେ ରବିବାର ସନ୍ଧ୍ୟାରେ ପୋଲିସ ଚଢାଉ କରି ୩୦୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ। ଏଥିରେ ସମ୍ପୃକ୍ତ ତାଙ୍କ ସ୍ତ୍ରୀ ଇର୍‌ଫାନ ବିବିଙ୍କୁ ଗିରଫ କରାଯାଇ ପଚରାଉଚୁରା କରାଯାଇଛି। ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ସହିତ ଆଇଆଇସି ପର୍ଶୁରାମ ସାହୁ ଓ ପୋଲିସ୍ ଫୋର୍ସ ସାମିଲ ଥିଲେ ।

### ମହିଳାଙ୍କୁ ବଳାତ୍କାର

**ବାରଙ୍ଗ,୧୮।୭(ଡି.ଏନ୍.ଏ.)**

ଗୋଡିସାହି ଫାଣ୍ଡି ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ନେଇ ରବିବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ମହିଳାଙ୍କ ସ୍ୱାମୀଙ୍କ ଦେହ ଖରାପ ଥିବାରୁ ସେ ଚନ୍ଦକା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଗତ ଗୁରୁବାର ନେଇଥିଲେ। ଯିବା ବେଳେ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସାହାଯ୍ୟ ପାଇଁ ସାଙ୍ଗରେ ନେଇଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ଚନ୍ଦକା ଜଙ୍ଗଲ ରାସ୍ତାରେ ଚାଲିଚାଲି ଆସୁଥିଲେ। ପରେ ବାଇକରେ ଆସୁଥିବା ଜଣେ ଯୁବକଙ୍କ ସହ ତାଙ୍କ ସ୍ୱାମୀଙ୍କୁ ପଠାଇଥିଲେ। ନିଛାଟିଆ ସ୍ଥାନ ଦେଖି ଉକ୍ତ ବ୍ୟକ୍ତି ଜଣଙ୍କ ମହିଳାଙ୍କୁ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି।

## ପାରଳାଖେମୁଣ୍ଡିରୁ ବାଲେଶ୍ୱର ଗଲେ ପୋଲିସ ଟିମ୍

**ପାରଳାଖେମୁଣ୍ଡି,୧୮।୭(ଡି.ଏନ୍.ଏ.)**

### ଏସିଏଫ୍ ମୃତ୍ୟୁ ଘଟଣା

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଛି। ରବିବାର ପାରଳାଖେମୁଣ୍ଡି ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ତଥ୍ୟ ସଂଗ୍ରହ ଲାଗି ପାରଳାଖେମୁଣ୍ଡିରୁ ବାଲେଶ୍ୱର ଯାଇଛନ୍ତି। ବାଲେଶ୍ୱରରେ ମୃତ ସୌମ୍ୟଙ୍କ ପରିବାରକୁ ଭେଟି ସେମାନଙ୍କ ବୟାନ ରେକର୍ଡ କରିବା ସହ ତାଙ୍କ ମା' ଏବଂ ମାଇଁଙ୍କଠାରୁ ତାଙ୍କ ବିଷୟରେ ବୁଝିବେ ବୋଲି ଜଣାପଡିଛି। ସୌମ୍ୟ ସବୁବେଳେ ମା' ଓ ମାଇଁଙ୍କୁ ନିଜର ସୁବିଧା ଅସୁବିଧା ବିଷୟରେ କହୁଥିଲେ। ପରେ ମୟୂରଭଞ୍ଜ ଯାଇ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡାଙ୍କୁ ଜେରା କରିବାର କାର୍ଯ୍ୟକ୍ରମ ରହିଛି। ବାଲେଶ୍ୱରରୁ ଫେରିବା ପରେ ଡିଏଫ୍‌ଓ ଏବଂ ରୋଷେୟାଙ୍କୁ ଜେରା କରିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ରବିବାର ପାରଳାଖେମୁଣ୍ଡି ପୋଲିସର ଏକ ଟିମ୍ ଏସିଏଫ(ଆଡ୍‌ମିନ୍)ଗୌରୀ ରଥଙ୍କୁ ସୌମ୍ୟଙ୍କ ସମ୍ପର୍କରେ କେତେକ କାଗଜପତ୍ର ମାଗିଛନ୍ତି, କିନ୍ତୁ ସେ ଦେବାଲାଗି ସମୟ ନେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ପାରଳାଖେମୁଣ୍ଡି ସରକାରୀ ବାସଭବନରେ ପୋଡ଼ି ହୋଇ ସୌମ୍ୟଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଶ୍ରେୟାସୀ

**ବାରିପଦା ଅଫିସ,୧୮।୭**



ଶ୍ରେୟାସୀଙ୍କୁ ମିଳିଥିବା ପ୍ରମାଣପତ୍ର, ପୁସ୍ତକ ଓ ମେଡାଲ।

ବିଚକ୍ଷଣ ପ୍ରତିଭାର ପରିଚୟ ଦେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜ ଜିଲାର କୁନି ଝିଅ ଶ୍ରେୟାସୀ ମହାନ୍ତ। ମାତ୍ର ଅଢେଇ ବର୍ଷ ବୟସରେ ଅସାଧାରଣ ସ୍ମରଣ ଶକ୍ତିର ଅଧିକାରୀ ଶ୍ରେୟାସୀଙ୍କୁ ଶନିବାର ମେଡାଲ, ପ୍ରମାଣପତ୍ର, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପୁସ୍ତକ ସହିତ ପରିଚୟପତ୍ର ମିଳିଛି। କଳା ଓ ସଂସ୍କୃତିର ମାଟି ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଘାଗରବେଡ଼ା ପଞ୍ଚାୟତ ବାଟିସାହିର ବାପା ସୁବ୍ରତ ମହାନ୍ତ ଓ ମା' ତୃପ୍ତିଲତାଙ୍କ ଅଳିଅଳି ଝିଅ ଶ୍ରେୟାସୀ।

୨ବର୍ଷ ୭ମାସର କୁନି ଝିଅ ଶ୍ରେୟାସୀ ଇଂଲିଶ ବର୍ଣ୍ଣମାଳାର ଏରୁ ଜେଡ୍ ପର୍ଯ୍ୟନ୍ତ ସ୍ପଷ୍ଟ ଉଚ୍ଚାରଣ କରିବା ସହିତ ୧୦ ପ୍ରକାର ପ୍ରାଣୀ, ୭ ଖାଦ୍ୟ, ୮ ରଙ୍ଗ, ସପ୍ତାହର ୭ଦିନ, ଓଡ଼ିଆ ବର୍ଣ୍ଣମାଳାର ୧୦ଟି ଅକ୍ଷର ସ୍ପଷ୍ଟ ଚିହ୍ନଟ କରି କହି ପାରୁଛନ୍ତି। ଏ ସଂକ୍ରାନ୍ତୀୟ ଏକ ଭିଡିଓ ଗତ ଜୁନ ୨୧ରେ ତାଙ୍କ ବାପା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡକୁ ପଠାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହେବା ପରେ ଚୂଡାନ୍ତ ପର୍ଯ୍ୟାୟରେ ଜୁନ ୨୩ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ନେଇ ତାଙ୍କ ନାମ ଘୋଷଣା ହୋଇଥିଲା । ଜୁଲାଇ ୧୭ରେ ତାଙ୍କ ନିକଟକୁ ସମସ୍ତ ପ୍ରମାଣପତ୍ର ଆସିବା ପରେ ପରିବାର ତଥା ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଶ୍ରେୟାସୀଙ୍କ ବାପା ସୁବ୍ରତ ଦିଲ୍ଲୀଠାରେ ଇଣ୍ଡୋ-ତିବ୍ବତାନ (ଆଇଟିବିପି)ର ପାରାମେଡିକାଲ ବିଭାଗରେ କାର୍ଯ୍ୟରତ। ତାଙ୍କ ମା' ଜଣେ ଗୃହିଣୀ। ଶ୍ରେୟାସୀ ବର୍ତ୍ତମାନ ମା'ବାପାଙ୍କ ସହିତ ଦିଲ୍ଲୀରେ ରହୁଛନ୍ତି। ଅଳ୍ପ ବୟସରେ ନୂଆ ଜିନିଷ ଶିଖିବାରେ ଆଗ୍ରହ ଓ ବିଚକ୍ଷଣ ସ୍ମୃତିଶକ୍ତି ପାଇଁ ଶ୍ରେୟାସୀଙ୍କୁ ଏହି ସଫଳତା ମିଳିଛି। ଏତେ କମ୍ ବୟସରେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ଯୋଡ଼ିଥିବାରୁ କେବଳ ମୟୂରଭଞ୍ଜ ନୁହେଁ ସମଗ୍ର ଭାରତବର୍ଷରେ ଗୌରବ ବୃଦ୍ଧି କରିପାରିଛନ୍ତି।

## ଡିଜିପିଙ୍କ ଉପସ୍ଥିତିରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି/କୋରାପୁଟ, ୧୮।୭ (ଡି.ଏନ୍.ଏ./ସ୍ୱ.ପ୍ର)**



ମାଲକାନଗିରିରେ ଡିଜିପିଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

ଡିଜିପି ଅଭୟ ରବିବାର ମାଲକାନଗିରି ଓ କୋରାପୁଟ ଜିଲା ଗସ୍ତ କରିଛନ୍ତି। ତାଙ୍କ ଉପସ୍ଥିତିରେ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ୨ ଓ କୋରାପୁଟସ୍ଥିତ ଓଏସ୍‌ଏପି ଥାର୍ଡ ବାଟାଲିୟନ କାର୍ଯ୍ୟାଳୟଠାରେ ଜଣେ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଲକାନଗିରି ଜିଲା ଟିଗଲ ପଞ୍ଚାୟତ ତାମନପାଲି ଗ୍ରାମର ରାମେ ପଡିୟାମି, କର୍ତ୍ତନପାଲି ପଞ୍ଚାୟତ ଦଲଦଲି ଗ୍ରାମର ରାଇଧର ଦୁରୁବା ଓ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ପୋଲିବୁର ଗ୍ରାମର ତିଲସେ ହୁଇକା (୨୨)। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁସାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ଡିଜିପି ପ୍ରକାଶ କରିଛନ୍ତି।

ମାଓବାଦୀ ରାମେ ୨୦୦୦ରେ ସେ କାଲିମେଳା ମାଓବାଦୀ ସଂଘରେ ଯୋଗ ଦେଇଥିଲେ। ୨୦୦୧ରେ କିସ୍ତାରାମ ସଂଘ ଏବଂ ୨୦୧୦ରେ ସେ ପଲାଚଲମ୍ ସଂଘରେ ସାମିଲ ହୋଇଥିଲେ। ସେହିପରି ରାଇଧର ୨୦୧୭ରେ ମହୁପଦର ସଂଘରେ ସାମିଲ ହୋଇ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିଲେ। ମାଓବାଦୀ ସଙ୍ଗଠନରେ ମହିଳା ମାଓବାଦୀଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ଅସୁସ୍ଥ ହେଲେ ଚିକିତ୍ସା ସୁବିଧା ମିଳୁନି। ଅସୁସ୍ଥ ସମୟରେ ଚିକିତ୍ସା ସୁବିଧା ପାଇ ନ ଥିବାରୁ ସଙ୍ଗଠନ ଛାଡିଥିବା ରାମେ କହିଛନ୍ତି। ସେହିପରି ରାଇଧର ମଧ୍ୟ ମାଓବାଦୀଙ୍କ କାର୍ଯ୍ୟକଳାପରେ ବିମୁଖ ହୋଇ ସଙ୍ଗଠନ ଛାଡ଼ିଥିବା ପ୍ରକାଶ କରିଛନ୍ତି। ତିଲସେ ୯ ବର୍ଷରୁ ଊର୍ଦ୍ଧ୍ୱ ହେଲା ଜିଲାର ନାରାୟଣପାଟଣା, ନନ୍ଦପୁର, ବୈପାରିଗୁଡା, ଲମତାପୁଟ ଅଞ୍ଚଳରେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ଜଡିତ ଥିଲେ। ମାଓବାଦୀ ନେତା ଉଦୟ ଓ ଆନ୍ଧ୍ରର ବହୁ ଟପ୍ କ୍ୟାଡର ମାଓବାଦୀଙ୍କ ସହ ସାମିଲ ହୋଇ ସେ ଆନ୍ଧ୍ର, ଛତିଶଗଡ ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିଥିବା ପ୍ରକାଶ କରିଛନ୍ତି। ଏବେ ମାଓବାଦୀମାନେ ସେମାନଙ୍କ ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇ କାର୍ଯ୍ୟ କରୁଛନ୍ତି। ସେମାନେ ମହିଳା ମାଓବାଦୀଙ୍କ ଉପରେ ଅତ୍ୟାଚାର କରୁଥିବା ତିଲସେ ଅଭିଯୋଗ କରିଛନ୍ତି।

ପରେ ଡିଜିପି ଅଭୟ ବିଏସ୍‌ଏଫ୍ କ୍ୟାମ୍ପକୁ ଯାଇ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ମାଓବାଦୀପ୍ରବଣ ଅଞ୍ଚଳରେ ଯବାନମାନେ କିପରି ସକ୍ରିୟ ରହିଛନ୍ତି, କିଭଳି ଅଧିକ ସଂଖ୍ୟାରେ ମାଓବାଦୀମାନେ ଆତ୍ମସମର୍ପଣ କରିବେ ଏବଂ ମାଲକାନଗିରିକୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ଜିଲାରେ ପରିଣତ କରାଯିବ ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ମାଲକାନଗିରି ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଆଇଜି ଅପରେଶନ ଅମିତାଭ ଠାକୁର, ଆଇଜି ହେଡକ୍ୱାର୍ଟର ଏସ୍. ଦେବଦତ୍ତ ସିଂ, ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ, ବିଏସ୍‌ଏଫ୍ ଆଇଜି ପ୍ରମୁଖ ଉପସ୍ଥିତ ଥିଲେ।

### ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ଆଜି

**ପୁରୀ ଅଫିସ, ୧୮।୭**

ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଲୀଳାଖେଳା ସରି ଆସୁଛି। ଆଉ ଦିନକ ପରେ ମଙ୍ଗଳବାର ଆଡ଼ପମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ସୋମବାର ନବମୀ ସନ୍ଧ୍ୟା ଦର୍ଶନ। ତେବେ କଟକଣା ଯୋଗୁ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଭକ୍ତମାନେ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନରୁ ବଞ୍ଚିତ ହେବେ। ତେଣୁ ଭକ୍ତଙ୍କ ମନରେ ନିରାଶା ଭାବ ଛାଇଯାଇଛି। ଶରଧାବାଲି ଓ ଗୁଣ୍ଡିଚା ମନ୍ଦିର ଅଞ୍ଚଳରେ ଗହଳଚହଳ ନାହିଁ। ଅନ୍ୟପକ୍ଷରେ ବାହୁଡ଼ାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ସୋମବାର ମହାପ୍ରଭୁଙ୍କ ସେନାପଟା ଲାଗି ଓ ପହଣ୍ଡି ପାଇଁ ଜନ୍ମବେଦି ତଳେ କୋଠ ସୁଆଁସିଆଙ୍କ ଦ୍ୱାରା ଚାରମାଳ ବନ୍ଧାଯିବ। ମଙ୍ଗଳବାର କଡ଼ା କଟକଣା ଭିତରେ ବାହୁଡ଼ାଯାତ୍ରା ହେବ।



**ଆଜିର ମନ୍ତବ୍ୟ**

"ଦେଶବ୍ୟାପୀ କରୋନା ଟିକାକରଣକୁ ୧୮୬ ଦିନ ବିତିଥିଲେ ହେଁ କେନ୍ଦ୍ର ମାତ୍ର ୮.୧୫ କୋଟି ଲୋକଙ୍କୁ ଦୁଇଟି ଡୋଜ୍ ଦେବାରେ ସକ୍ଷମ ହୋଇଛି। ଏପରି ଚାଲିଲେ ଡିସେମ୍ବର ସୁଦ୍ଧା ମାତ୍ର ୧୪ରୁ ୧୫ କୋଟି ଲୋକଙ୍କ ଟିକାକରଣ ହୋଇପାରିବ।

–ପୃଥ୍ୱୀରାଜ ଚଭନ, କଂଗ୍ରେସ ନେତା

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରଥଯାତ୍ରାରେ ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀଙ୍କ ପ୍ରବେଶକୁ ନେଇ ଉଠିଲା ପ୍ରଶ୍ନ

ପୁରୀ ଅଫିସ,୧୮।୭: ରଥଯାତ୍ରାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଅନୁଗାମୀମାନଙ୍କ ପ୍ରବେଶକୁ ନେଇ ପ୍ରଶ୍ନ ଉଠିଛି। ଏନେଇ 'ଭଏସ୍ ଅଫ୍ କମନ୍‌ମ୍ୟାନ୍' ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କୁ ପ୍ରଶ୍ନ କରାଯାଇଛି। ଚଳିତ ବର୍ଷ ରଥଯାତ୍ରା ପାଇଁ କେଉଁ ଅଧିକାରୀମାନେ ପାସ୍ ବଣ୍ଟନ ଦାୟିତ୍ୱରେ ଥିଲେ ବୋଲି ଅନୁଷ୍ଠାନ ପ୍ରଶ୍ନ କରିଛି। ସେହିଭଳି ରଥଯାତ୍ରାରେ ଶଙ୍କରାଚାର୍ଯ୍ୟ ସାମିଲ ହୋଇଥିବାବେଳେ ତାଙ୍କର ଏବଂ ଅନୁଗାମୀମାନଙ୍କର ଦ୍ୱିତୀୟ ପର୍ଯ୍ୟାୟ ଆର୍‌ଟି-ପିସିଆର୍ ଟେଷ୍ଟ ଓ ଟିକାକରଣ ହୋଇଛି କି ନାହିଁ ସେନେଇ ପ୍ରଶ୍ନ କରାଯାଇଛି। ଅନୁଷ୍ଠାନର ସଦସ୍ୟ ହେକ୍ଟର ମିଶ୍ର କହିଛନ୍ତି, ଶଙ୍କରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ତାଙ୍କ ସହ ୬ଟି ପାସ୍ ଅନୁମୋଦନ ହେବାର ନିୟମ ଥିବାବେଳେ ସେ ଅଧିକ ଲୋକଙ୍କୁ ନିଜ ସହ ନେଇ ରଥଯାତ୍ରାରେ ସାମିଲ ହୋଇଛନ୍ତି। ଏଣୁ ଗୋବର୍ଦ୍ଧନ ମଠ ଉଦ୍ଦେଶ୍ୟରେ ପ୍ରଶାସନ କେତୋଟି ପାସ୍ ଦେଇଛି ତାହା ସ୍ପଷ୍ଟ କରୁ। ସୋସିଆଲ୍ ମିଡିଆରେ ଘୁରିବୁଲୁଥିବା ତାଲିକାରେ ଶଙ୍କରାଚାର୍ଯ୍ୟଙ୍କ ସହ ୨୦ଜଣ ଅନୁଗାମୀ ଯାଇଥିବା ଚର୍ଚ୍ଚା ହେଉଛି। ସେହିଭଳି ୧୦ଟି ପାସ୍ ପାଇଁ ଗୋବର୍ଦ୍ଧନ ମଠ ପକ୍ଷରୁ ଅନୁମତି ମଗାଯାଇଥିଲା ବୋଲି କୁହାଯାଉଛି। ତେବେ ତାଲିକା ବାହାରେ ଅଧିକ ଲୋକ ଶଙ୍କରାଚାର୍ଯ୍ୟଙ୍କ ସହ ଆସିଥିବା ଅଭିଯୋଗ ଜୋର ଧରିଛି। ସେହିଭଳି ଅନେକ ମୁଷ୍ଟିମେୟ ବ୍ୟକ୍ତି ଶଙ୍କରାଚାର୍ଯ୍ୟଙ୍କ ସହ ରଥାଯାତ୍ରାରେ ସାମିଲ ହୋଇଥିବା ଅଭିଯୋଗର କେତେ ସତ୍ୟତା ରହିଛି ସେନେଇ ଜିଲା ପ୍ରଶାସନ ସ୍ପଷ୍ଟୀକରଣ ରଖିବା ଉଚିତ୍। ଅନ୍ୟପକ୍ଷରେ ବାସ୍ତବରେ କେତେ ପାସ୍ ଦିଆଯାଇଛି, କିଏ କିଏ ପାସ୍ ଧରି ଯାଇଛନ୍ତି ଏବଂ ଅନଧିକାର ପ୍ରବେଶକାରୀ କିଏ ତାହା ସର୍ବସାଧାରଣଙ୍କୁ ଜଣାଇବାକୁ ଦାବି କରାଯାଇଛି। ସମସ୍ତ ପାସ୍‌ଧାରୀ ଆରଟି-ପିଶିଆର୍ ରିପୋର୍ଟ ପ୍ରଶାସନ ପାଖରେ ଦାଖଲ କରିଛନ୍ତି କି ନାହିଁ ଜିଲାପାଳ ସ୍ପଷ୍ଟ କରିବାକୁ ମିଶ୍ର ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଚାଲିଥିବା ଜିଲାପାଳ ସମର୍ଥ ବର୍ମା କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହା ମନ କାହାକୁ ଜଣା,**
**ମୁଖେ ବୋଲୁଥାଏ ମୁଁ ତୋର କିଣା।**

ମନ କଥା କିଏ କାହାର ଜାଣିବା କଷ୍ଟକର। କାହା ମନରେ କ'ଣ ଅଛି ସେ କଥା ଜାଣିହୋଇ ନ ଥାଏ। କିଛି ବ୍ୟକ୍ତି ଅନ୍ତରରେ କିଛି ଥାଉ କି ନ ଥାଉ ପଛେ ମୁହଁ ଉପରେ ଆପଣାର ଭାବ ଦେଖେଇହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାହାର କିଛି ଯିବ ନାହିଁ,**
**ମରିବେ ବଇଷମ ଗୋସେଇଁ।**

ଯେଉଁମାନେ ସତ୍‌ପଥରେ ଚାଲନ୍ତି, ନୀତି ନିୟମ ମାନି ଚାଲନ୍ତି, ସେମାନଙ୍କୁ ଅନ୍ୟମାନେ ବେଶି ହଇରାଣହରକତ କରିଥାନ୍ତି, ଖାଲରେ ପକେଇବାକୁ ଚେଷ୍ଟା କରିଥାନ୍ତି। କୌଣସି ବିଷୟରେ ଲିପ୍ତଥିବା ସମସ୍ତ ବ୍ୟକ୍ତି ଖସିଯାଇ ଜଣେ ନିର୍ଦ୍ଦୋଷ ଧରାପଡ଼ି ଦଣ୍ଡ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ପୁରୀ ଏସ୍‌ପି ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ବାହୁଡ଼ା ଯାତ୍ରା ପୂର୍ବରୁ ଶରଧାବାଲିରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

# ବାହାର ଲୋକଙ୍କ ଉପରେ ନଜର ରଖିବ ୨୨ ଟିମ୍

**ପୁରୀ ଅଫିସ,୧୮।୭**

**ବାହୁଡ଼ା ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**
- ଫଟୋଗ୍ରାଫର୍ ଓ ସ୍ୱତନ୍ତ୍ର ଟିମ୍ ନିୟୋଜିତ
- ଜରୁରିକାଳୀନ ସେବା କ୍ଷେତ୍ରରେ କଟକଣା କୋହଳ

ବାହୁଡ଼ା ଯାତ୍ରା ପାଇଁ କଟକଣାକୁ କଡ଼ାକଡ଼ି କରାଯାଇଛି। ପୋଲିସର ପ୍ରସ୍ତୁତି ଓ କଟକଣା କାର୍ଯ୍ୟକାରୀ ସମ୍ପର୍କରେ ରବିବାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ବି.କେ. ଶର୍ମା ପୁରୀ ଆସି ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଏସ୍‌ପିଙ୍କ ସମେତ ପୋଲିସ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହ ଏସ୍‌ପିଙ୍କ ଦ୍ୱାରା ପ୍ରସ୍ତୁତ ମ୍ୟାପ୍ ଦେଖିଛନ୍ତି। ରଥଯାତ୍ରା ସମୟରେ ହୋଇଥିବା ସମସ୍ୟାର ସମାଧାନ ଉପରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଶର୍ମା ଗୁରୁତ୍ୱାରୋପ କରିଛନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ବଡ଼ଦାଣ୍ଡରେ ଥିବା ସମସ୍ତ ହୋଟେଲ ଓ ଲଜରେ ପୋଲିସ ପହଞ୍ଚି ଯାଞ୍ଚ କରିଛି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଶର୍ମା କହିଛନ୍ତି, ରଥଯାତ୍ରାରେ ପୁରୀ ସହରବାସୀଙ୍କ ସମର୍ଥନ ପାଇଁ ଧନ୍ୟବାଦ। ବାହୁଡ଼ା ଯାତ୍ରା ଓ ସୁନାବେଶରେ ପୁରୀ ସହରବାସୀଙ୍କଠାରୁ ଏହି ଭଳି ଭାବେ ଶୃଙ୍ଖଳିତ ଆଚରଣ ଆଶା କରୁଛୁ। ପୋଲିସ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାରେ ଜୋରସୋରରେ ଲାଗିଛନ୍ତି ଓ ଆସନ୍ତା ବାହୁଡ଼ା ଯାତ୍ରା ଓ ସୁନାବେଶ ମଧ୍ୟ ସୁରୁଖୁରରେ ହେବ ବୋଲି ଆଶା ରହିଛି। ଲଜ୍ ଓ ହୋଟେଲକୁ ସମ୍ପୂର୍ଣ୍ଣ ଭାବେ ଖାଲି କରାଯାଇଛି। ଆସନ୍ତା ୨୧ ତାରିଖ ରାତ୍ର ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ସମୟରେ କାହାରିକୁ ହୋଟେଲ୍, ଧର୍ମଶାଳା ଓ ଲଜ୍ ଇତ୍ୟାଦିରେ ନ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନଧିକାର ପ୍ରବେଶ ନେଇ ସୂଚନା ମିଳିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ବାହୁଡ଼ା ଯାତ୍ରାରେ ଅନଧିକାର ପ୍ରବେଶ ରୋକିବା ପାଇଁ ପୁରୀ ପୋଲିସ ନୂଆ ପନ୍ଥା ଆପଣାଇଛି। ବଡ଼ଦାଣ୍ଡରେ ୨୨ଟି ଟିମ୍ ରହିବେ। ଉଭୟ ପାର୍ଶ୍ୱରେ ୧୧ଟି ଲେଖାଏ ଟିମ୍ ରହିବେ। ପ୍ରତି ଟିମ୍‌ରେ ମାଜିଷ୍ଟ୍ରେଟ୍, ଭିଡିଓଗ୍ରାଫର୍, ମେଗାଫୋନ୍ ଓ ପୋଲିସ କର୍ମଚାରୀମାନେ ନିୟୋଜିତ ହେବେ। ଏଥିସହ ତିନୋଟି ଚେକିଂ ଟିମ୍ ବଡ଼ଦାଣ୍ଡରେ ଚଲାବୁଲା କରି ନଜର ରଖିବେ। କାହାରି ଉପରେ ସନ୍ଦେହ ହେଲେ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିକୁ ଅଟକ ରଖାଯାଇ ପଚରାଉଚରା କରାଯିବ। ତିନି ରଥ ପାଖରେ ଏହି ତିନୋଟି ଟିମ୍ ରହିବ। ତେବେ ଭିଡିଓଗ୍ରାଫର୍ ଯେକୌଣସି ସ୍ଥାନରେ ବୁଲୁଥିବା ଲୋକଙ୍କ ଫଟୋ ଏବଂ ଭିଡିଓ କରିବେ। ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ କହିଛନ୍ତି ବାହାର ଲୋକ ଯେଉଁଭଳି ଭାବେ ପୋଲିସ ପ୍ରଶାସନର ନଜରରୁ ଖସି ନ ଯିବେ ସେନେଇ ସମସ୍ତ ଉଦ୍ୟମ କରାଯାଉଛି। କେବଳ ଜରୁରିକାଳୀନ ସେବା ଉଦ୍ଦେଶ୍ୟରେ ବାହାରୁ ଆସିଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ କଟକଣାକୁ କୋହଳ କରାଯିବ। ମାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ପୋଲିସ କର୍ମଚାରୀ ଓ ଅଧିକାରୀମାନେ ସହଯୋଗ କରିବେ। ସ୍ୱତନ୍ତ୍ର କରିଡର ଜରିଆରେ ସେମାନଙ୍କୁ ଜରୁରିକାଳୀନ ସୁବିଧା ଯୋଗାଇ ଦିଆଯିବ।

### ଆଡମିଟ୍ କାର୍ଡ ଦେଖାଇ ପରୀକ୍ଷା କେନ୍ଦ୍ରକୁ ଯିବେ ଛାତ୍ରୀଛାତ୍ର

ଜେଇଇ ମେନ୍ ପରୀକ୍ଷାର୍ଥୀଙ୍କ ପାଇଁ କଟକଣାକୁ କୋହଳ କରାଯିବ ବୋଲି ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇଛନ୍ତି। ଆସନ୍ତା ୨୦ ତାରିଖରେ ବାହୁଡ଼ା ଯାତ୍ରା ପାଇଁ ପୁରୀ ସହରରେ କର୍ଫ୍ୟୁ ଲାଗୁହେବ। ତେବେ ଜେଇଇ ମେନ୍ ପରୀକ୍ଷା ପାଇଁ ପୁରୀ ସହରରେ ପରୀକ୍ଷା କେନ୍ଦ୍ର କରାଯାଇନାହିଁ। ମାତ୍ର ପୁରୀ ସହରରୁ ଅନେକ ଛାତ୍ରୀଛାତ୍ର ଜେଇଇ ମେନ୍ ପରୀକ୍ଷା ପାଇଁ ବ୍ରହ୍ମଗିରିସ୍ଥିତ ପଲିଟେକନିକ୍ କଲେଜ୍‌କୁ ଯିବେ। ସହରରେ କର୍ଫ୍ୟୁ ଥିବାରୁ ଛାତ୍ରୀଛାତ୍ରମାନେ କିଭଳି ଭାବେ ପରୀକ୍ଷାକେନ୍ଦ୍ରକୁ ଯିବେ ସେନେଇ ଆଶଙ୍କା ରହିଥିଲା। ତେବେ କୌଣସି ସମସ୍ୟା ହେବ ନାହିଁ, ପରୀକ୍ଷାର୍ଥୀମାନେ ନିଜ ଆଡମିଟ୍ କାର୍ଡ ଦେଖାଇ ପରୀକ୍ଷାକେନ୍ଦ୍ରକୁ ଯାଇପାରିବେ ବୋଲି ଏସ୍‌ପି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚତୁର୍ଥସ୍ଥ ଗ୍ରହ ପ୍ରଭାବରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧୁରିଯିବ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବାକୁ ପଡ଼ିପାରେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି। ବନ୍ଧୁଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବା ସକାଶେ ମନ ବଳାଇପାରନ୍ତି।

**ବୃଷ** ରାହୁଙ୍କ ପ୍ରଭାବରୁ ଆପଣଙ୍କ ବ୍ୟବହାରରେ କଠୋରତା ପ୍ରଦାନ କରି ସମସ୍ୟା ସୃଷ୍ଟିର କାରଣ ପାଲଟିଯିବ। ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧପଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**ମିଥୁନ** ଦ୍ୱିତୀୟସ୍ଥ ମଙ୍ଗଳ ଯୋଗୁ ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା ଆକସ୍ମିକ କଳହ ଘଟିପାରେ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପାଖ, ପଡ଼ୋଶୀମାନଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କର୍କଟ** ବୁଧଜନିତ ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। କର୍ମକ୍ଷେତ୍ରସ୍ଥ ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମସ୍ୟା ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ** ତୃତୀୟ ଚନ୍ଦ୍ର ପ୍ରଭାବରୁ ଆଜି ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ଟଙ୍କା ପଇସା ଯୋଗାଡ଼ ଲାଗି ବିଭିନ୍ନ ଯୋଜନା କରିପାରନ୍ତି। ପରିବାରର ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଶନିକ୍ଷେତ୍ରସ୍ଥ ଗୁରୁ ହେତୁ ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଇଚ୍ଛା ବିରୋଧରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ।

**ତୁଳା** ଶନି ଓ ଶୁକ୍ର ଷଷ୍ଠାଷ୍ଟମ ସ୍ଥିତି କାରଣରୁ ପରିବାରରେ ମନୋମାଳିନ୍ୟ ଦେଖାଦେବ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବିଛା** ରବି ସ୍ୱଗୃହାଭିମୁଖୀ ହୋଇ ମିତ୍ରକ୍ଷେତ୍ରସ୍ଥ ଯୋଗୁ ପାରିବାରିକ ପ୍ରତିରୋଧ କାମ ବିଶୃଙ୍ଖଳିତ କରିପାରେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଯେକୌଣସି କ୍ଷେତ୍ରରେ ଛୋଟ ଘଟଣା ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପୂର୍ବରାଗକ୍ରମରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ଧନୁ** ବୁଧଙ୍କ ବଳବାନତ୍ୱ କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ। ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର** ବୁଧ ଓ ଶୁକ୍ରଙ୍କ ପାରସ୍ପରିକ ଦୃଷ୍ଟି ହେତୁ ସ୍ଥଗିତ କାମ ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁବିଧାରେ ସମ୍ପନ୍ନ ହେବ। ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ ଓ ସୁନାମ ମଧ୍ୟ ପାଇବେ।

**କୁମ୍ଭ** ମଙ୍ଗଳଙ୍କ ଦୃଷ୍ଟିରେ ଶନି ହେତୁ ନିଜର ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ରବି ଦୃଷ୍ଟ ବୃହସ୍ପତି ହେତୁ ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ। ପରିଜନ ସହ ଆଜିର ସାନ୍ଧ୍ୟଭ୍ରମଣ ବେଶ୍ ଉପଭୋଗ୍ୟ ହେବ। ଶୁଭକାର୍ଯ୍ୟରେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଆଡ଼ପ ମଣ୍ଡପେ ଶ୍ରୀଜୀଉଙ୍କ ଶେଷ ସନ୍ଧ୍ୟାଦର୍ଶନ, ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ, ଦୋଅଡ଼ାଭୋଗ, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ତିରୋଧାନ ଦିବସ, ଆଷାଢ଼ ଶୁକ୍ଳ ଦଶମୀ ସୋମବାର, ଜୁଲାଇ ୧୯ ତାରିଖ, ରାଶିନକ୍ଷତ୍ର-ବିଶାଖା/ତୁଳା, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୧ ଗତେ ଘ.୦୭।୦୫ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୧୧ ମଧ୍ୟେ ଅମୃତବେଳା। ଦିବା ଘ.୦୩।୪୭ ଗତେ ଘ.୦୫।୩୨ ମଧ୍ୟେ ମାହେନ୍ଦ୍ରବେଳା।

**classifieds Everyday** 0674-2580101, 2549302

**real estate**

**SALE**

Buy or Sale Property-8984071303. 4BHK Duplex Balianta - 85,00,000/ 3BHK Apartment AIIMS - 3700 & Chandrasekharpur - 5700. Residential Land Jaanla - 900/ Pahala - 1200/ Tamando - 1500/ AIIMS - 1800/ AMRI - 2650. D-21113

DAV ପୋଖରିପୁଟରୁ 3k.m distance ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/-, 1000/- କାଟେଣୀ ଡେରାସରେ 650/- ଦିଆଯାଉଛି। Swati-6371010864. D-70861

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact-9443101191".** D-21097

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଷ୍ଟେସନ୍‌ରୁ 1km ଦୂରତାରେ ଜଟଣୀ ହାଟ ବଜାରରେ ନିଜସ୍ୱ ମାଲିକାନାରେ ଥିବା ଘରବାରି ସ୍ଥିତିବାନ୍ 5 ଡିସିମିଲ୍ ଜାଗା ସହିତ ଦୁଇ ବଖରା ଆଜବେଷ୍ଟ ଘର ତୁରନ୍ତ ବିକ୍ରିହେବ। @ 45Lakhs Owner-9439270333. D-70866

**construction**

MPlanets - 7008550473. Expert in Building Construction (Simplex / Duplex / Apartment) and Interior Design (Modular Kitchen / TV Unit /Wardrobe). D-21114

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ରକୁ ଘେରିବେ ...

ଗୃହ ଚଳାଇବାକୁ ଦେବା ପାଇଁ ସହଯୋଗ ଲୋଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)ର ସଂସଦୀୟ ଦଳ ନେତାମାନଙ୍କୁ ନେଇ ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଉପସ୍ଥିତ ଥିଲେ। ସେହିପରି ଅପ୍‌ନା ଦଳ ନେତ୍ରୀ ଅନୁପ୍ରିୟା ପଟେଲ, ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ରାମନାଥ ଠାକୁର, ଏଆଇଏଡିଏମ୍‌କେର ଏ. ନବନୀଥକ୍ରିଷ୍ଣନ, ଆର୍‌ପିଆଇ ନେତା ରାମଦାସ ଆଠାୱାଲେ ଏବଂ ଏଲ୍‌ଜେପିର ପଶୁପତି ପାରସ ମଧ୍ୟ ଯୋଗଦେଇଥିଲେ। ଏହି ଅଧିବେଶନରେ ସମ୍ପ୍ରସାରିତ କ୍ୟାବିନେଟର ନୂଆ ମନ୍ତ୍ରୀମାନେ କିପରି ଭାବେ ବିରୋଧୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେବେ ସେନେଇ ସରକାରଙ୍କ ପକ୍ଷରୁ ରଣନୀତି ପ୍ରସ୍ତୁତ ହୋଇଛି। ଏହା ପରେ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକକୁ ସମ୍ବୋଧିତ କରି ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ସରକାର ସୁସ୍ଥ ଓ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ମୋଦି କହିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସର୍ବଦଳୀୟ ବୈଠକରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ସମେତ ୩୩ ଦଳର ନେତା ସାମିଲ ହୋଇଥିଲେ। ଟିଏମ୍‌ସି ନେତା ଡେରେକ୍ ଓ'ବ୍ରିଏନ୍, ଡିଏମ୍‌କେର ତିରୁଚି ଶିବା, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ ଏବଂ ବିଏସ୍‌ପିର ସତୀଶ ମିଶ୍ର ମଧ୍ୟ ଉକ୍ତ ବୈଠକରେ ଯୋଗଦେଇଥିଲେ। ଜନପ୍ରତିନିଧି ବିଶେଷକରି ବିରୋଧୀ ଦଳଗୁଡ଼ିକର ନେତାମାନଙ୍କ ପ୍ରସ୍ତାବ ମୂଲ୍ୟବାନ ବୋଲି ମୋଦି କହିଥିଲେ। ଅଧିବେଶନର ପ୍ରଥମ ଦିନରେ ପରମ୍ପରା ଅନୁସାରେ ଲୋକ ସଭା ଓ ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀ ନୂଆ ମନ୍ତ୍ରୀମାନଙ୍କ ପରିଚୟ ପ୍ରଦାନ କରିବେ।

**୩ ଅଧ୍ୟାଦେଶ, ୧୭ ବିଧେୟକ**

ପାର୍ଲାମେଣ୍ଟରେ ୩୮ଟି ବିଲ୍ ବିଚାରାଧୀନ ରହିଛି। ସେଥିରୁ ୯ ବିଧେୟକକୁ ବିଚାର ଓ ଗୃହୀତ କରାଇବା ଲାଗି ତାଲିକାଭୁକ୍ତ କରାଯାଇଛି। ଅନ୍ୟ ୧୭ ବିଲ୍‌କୁ ଉପସ୍ଥାପନ ପାଇଁ ସୂଚୀବଦ୍ଧ କରାଯାଇଛି। ତେବେ ଏହି ଅଧିବେଶନରେ ସରକାର ଡିଏନ୍‌ଏ ଟେକ୍ନୋଲୋଜି ବିଲ୍, ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲୋଜି ବିଲ୍, ମେଣ୍ଟେନାନ୍ସ ଆଣ୍ଡ ୱେଲ୍‌ଫେୟାର ଅଫ୍ ପ୍ୟାରେଣ୍ଟସ ଆଣ୍ଡ ସିନିୟର ସିଟିଜେନ୍ସ, ଟ୍ରିବ୍ୟୁନାଲ ରିଫର୍ମସ୍ ବିଲ୍ ଏବଂ ଫ୍ୟାକ୍ଟୋରିଂ ରେଗୁଲେଶନ୍ ଆମେଣ୍ଡମେଣ୍ଟ ବିଲ୍ ସମେତ ପ୍ରାୟ ୧୫ଟି ବିଧେୟକ ଉପରେ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି। ଲୋକ ସଭାରେ ୨୩ ବିଲ୍ ଆଗତ କରାଯିବ। ସେଥିରୁ ୬ଟି ବିଲ୍ ପୂର୍ବରୁ ଆଗତ କରାଯାଇଥିବାବେଳେ ୧୭ ନୂଆ ବିଧେୟକ ଆଣିବା ପାଇଁ ସରକାରଙ୍କ ଯୋଜନା ରହିଛି। ନିକଟରେ ଅଣାଯାଇଥିବା ୩ଟି ଅଧ୍ୟାଦେଶକୁ କାର୍ଯ୍ୟକାରୀ କରିବା ଲାଗି ୩ ବିଲ୍ ଅଣାଯିବ। କାରଣ ୪୨ ଦିନ କିମ୍ବା ୬ ସପ୍ତାହ ମଧ୍ୟରେ ସେଗୁଡ଼ିକୁ ପାର୍ଲାମେଣ୍ଟରେ ଗୃହୀତ କରା ନ ଗଲେ ତାହା ସ୍ୱତଃ ରଦ୍ଦ ହୋଇଯିବ। ଅଧ୍ୟାଦେଶଗୁଡ଼ିକ ହେଲା ଜରୁରୀ ପ୍ରତିରକ୍ଷା ସେବା ଅର୍ଡିନାନ୍ସ-୨୦୨୧, କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜ୍‌ମେଣ୍ଟ ଇନ୍ ନ୍ୟାଶନାଲ କ୍ୟାପିଟାଲ ରିଜନ ଆଣ୍ଡ ଆଡ୍‌ଜଏନିଂ ଏରିଆଜ୍ ଅର୍ଡିନାନ୍ସ-୨୦୨୧ ଏବଂ ଇନ୍‌ସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍‌ସି କୋଡ୍ ଅର୍ଡିନାନ୍ସ-୨୦୨୧।

**ବିରୋଧୀ ଆଣିବେ ମୁଲତବୀ ପ୍ରସ୍ତାବ**

କୃଷି ଆଇନ ପ୍ରତ୍ୟାହାର ଦାବିରେ ଅନେକ ବିରୋଧୀ ଦଳ ଉଭୟ ଗୃହରେ ମୁଲତବୀ ପ୍ରସ୍ତାବ ଆଣିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଟିଏମ୍‌ସି, ଏନ୍‌ସିପି, ସିପିଆଇଏମ୍, ସିପିଆଇ, ଆଇୟୁଏମ୍‌ଏଲ୍, ଆର୍‌ଏସ୍‌ପି, ଶିବସେନା ଏବଂ ଏଏପି ନେତାମାନେ ସାମିଲ ଥିବା ବିରୋଧୀଙ୍କ ବୈଠକରୁ ଏହି ବିଷୟ ଜଣାପଡ଼ିଛି। ସେହିପରି ଆସନ୍ତା ୨୨ରୁ ଅଧିବେଶନ ଶେଷ ପର୍ଯ୍ୟନ୍ତ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ପାର୍ଲାମେଣ୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଦୈନିକ ୨୦୦ ଚାଷୀ ପ୍ରତିଦିନ ବିକ୍ଷୋଭ କରିବେ। ମହାମାରୀ ଓ ଆଇନଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ସଂସଦ ଆଗରେ ଅଧିକ ଭିଡ଼ ନ ଜମାଇବାକୁ ଦିଲ୍ଲୀ ପୋଲିସ ଆନ୍ଦୋଳନକାରୀ କୃଷକମାନଙ୍କୁ ଅନୁରୋଧ କରିଛି। ତେବେ କୃଷକ ସଙ୍ଗଠନଗୁଡ଼ିକ ପୋଲିସର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ସରକାର ଗତ ସେପ୍ଟେମ୍ବରରେ କୃଷି ଆଇନ ଆଣିଥିବାବେଳେ ନଭେମ୍ବରରୁ ଦିଲ୍ଲୀର ସିଂଘୁ, ଗାଜିପୁର ଓ ଟିକ୍ରି ସୀମାରେ ୪୦ରୁ ଊର୍ଦ୍ଧ୍ୱ ଚାଷୀ ସଙ୍ଗଠନ ଆନ୍ଦୋଳନ ଚଳାଇଛନ୍ତି।

### ବର୍ଷା ବିପ୍ରାତ: ଘର ଭୁଶୁଡ଼ି ...

ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଭୂସ୍ଖଳନ ଜନିତ ମୃତ୍ୟୁ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ମୁମ୍ବାଇ ମହାନଗର ନିଗମ କମିଶନର ଆଇ.ଏସ୍. ଚହଲଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ଉଦ୍ଧାର ଓ ରିଲିଫ କାର୍ଯ୍ୟ ସମ୍ପର୍କରେ ବୁଝିଥିଲେ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍) ମ୍ୟୁନିସିପାଲ କର୍ମଚାରୀ, ଅଗ୍ନିଶମ ବିଭାଗ ଏବଂ ପୋଲିସ ପରସ୍ପର ମଧ୍ୟରେ ସମନ୍ୱୟ ରଖି ଉଦ୍ଧାର କାର୍ଯ୍ୟ ଆଗେଇ ନେବାକୁ ଉଦ୍ଧବ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ରାତିର ବର୍ଷା ୨୦୦୫ ଜୁଲାଇ ୨୬ ବର୍ଷା ବିପ୍ରାତକୁ ମନେ ପକାଇଦେଇଛି। ସେତେବେଳେ ଗୋଟିଏ ଦିନରେ ରେକର୍ଡ ୯୪୪ ମିଲିମିଟର ବର୍ଷା ହୋଇଥିଲା। ଆହୁରି ୨୪ ଘଣ୍ଟା ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଲଗାଣ ବର୍ଷା ଯୋଗୁ ଦାଦର, ପାରେଲ, କୁର୍ଲା, ଚୂନଭାଟି, ୱାଡଲା ଏବଂ ତିଳକ ନଗର ରେଳଟ୍ରାକ୍ ପାଣିରେ ବୁଡ଼ି ରହିଛି।

### ୫ହଜାର ଟପିଲା ...

କନ୍ଧମାଳ, ଯାଜପୁର, ଜଗତ୍‌ସିଂହପୁର, ବଲାଙ୍ଗୀର ଓ ଭଦ୍ରକରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ଅପରପକ୍ଷରେ ରାଜ୍ୟରେ ଗତ ୨୪ଘଣ୍ଟାରେ ୭୭,୫୧୯ ନମୁନା ପରୀକ୍ଷା ହୋଇଥିବାବେଳେ ୨,୨୧୫ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୨.୮୬% ରହିଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୪୮୩ଜଣ ଥିବାବେଳେ କଟକରୁ ୩୪୮, ବାଲେଶ୍ୱର ୧୫୦, ଜଗତ୍‌ସିଂହପୁର ୧୨୬, ଯାଜପୁର ୧୨୪, ମୟୂରଭଞ୍ଜ ୯୯, କେନ୍ଦ୍ରାପଡ଼ା ୯୫, ଅନୁଗୋଳ ୮୯, ପୁରୀ ୮୪, ଭଦ୍ରକ ୭୮, ନୟାଗଡ଼ ୬୯ ଓ ଢେଙ୍କାନାଳରୁ ୫୪ଜଣ ରହିଛନ୍ତି। ବାକି ୧୯ ଜିଲାରେ ସଂକ୍ରମଣ ସଂଖ୍ୟା ୫୦ ତଳକୁ ରହିଛି। ରାଜ୍ୟରେ ମୋଟ ସଂକ୍ରମଣ ସଂଖ୍ୟା ୯,୫୪,୩୨୬ରେ ପହଞ୍ଚିଛି।

### ୨୧ରୁ ଗର୍ଭବତୀଙ୍କୁ...

କ୍ୟାପିଟାଲ ହସ୍ପିଟାଲ ସମେତ ସହରରେ ଥିବା ସମସ୍ତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍‌ସି) ଓ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ୟୁସିଏଚ୍‌ସି)ରେ ଗର୍ଭବତୀଙ୍କୁ କୋଭାକ୍ସିନ୍ ଟିକା ଦିଆଯିବ। ହିତାଧିକାରୀମାନେ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ଟିକା ନେଇପାରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ନୂଆରୂପ ନେଉଛି କଟକର ତାଳଦଣ୍ଡା କେନାଲ ।

# କଟକଣା ମଧ୍ୟରେ ଖୋଲିବ ସ୍କୁଲ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ୨୬ ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ବହୁଦିନ ପରେ ଅଫ୍‌ଲାଇନ୍‌ରେ ପାଠପଢ଼ିବେ ପିଲା। ସ୍କୁଲ କିପରି ଖୋଲିବ ସେ ନେଇ ବିଭାଗ ପକ୍ଷରୁ ଯୋଜନା ହୋଇସାରିଛି। ଏ ନେଇ ରବିବାର ଜିଲା ଶିକ୍ଷାଧିକାରୀଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବିଭାଗୀୟ ମନ୍ତ୍ରୀ, ସଚିବ ଉପସ୍ଥିତ ରହି ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ଏସ୍‌ଓପି କଡ଼ାକଡ଼ି ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କଟକଣା ଆଉ ସୁରକ୍ଷାବଳୟ ଭିତରେ ସ୍କୁଲଗୁଡ଼ିକ ଖୋଲିବ। ସାମାଜିକ ଦୂରତା ରଖି କ୍ଲାସ୍‌ରେ ୨୦ ରୁ ୨୫ ପିଲା ବସିବେ। ସମସ୍ତଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ ରହିବ। ନିୟମିତ ଭାବେ ପୂରା ସ୍କୁଲକୁ ବିଶୋଧନ କରାଯିବ। ପ୍ରବେଶ ପଥରେ ସାନିଟାଇଜର ଓ ଥର୍ମାଲ ସ୍କ୍ରିନିଂର ବ୍ୟବସ୍ଥା ରହିବ। ଏଥିସହିତ ସ୍କୁଲରେ ଆଇସୋଲେଶନ ରୁମ୍ ମଧ୍ୟ ରହିବ। ତେବେ ହଷ୍ଟେଲ୍ ଏବେ ଖୋଲିବ ନାହିଁ। ୫୦ ପ୍ରତିଶତ ସିଟ୍ ଖାଲି ରଖି ଛାତ୍ରୀଛାତ୍ରଙ୍କୁ ପରିବହନ ସୁବିଧା ଯୋଗାଇ ଦିଆଯିବ। ପ୍ରତି ଜିଲାର ନୋଡାଲ ଅଫିସର ସ୍କୁଲ୍‌କୁ ଯାଇ ନିୟମିତ ତଦାରଖ କରିବେ। ସେପଟେ ଏତେ ଦିନ ପରେ ସ୍କୁଲ୍ ଖୋଲିବାକୁ ଯାଉଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ସ୍ୱାଗତ କରିଛନ୍ତି। କିନ୍ତୁ ସମ୍ପୂର୍ଣ୍ଣ ଟିକାକରଣ ହୋଇ ନ ଥିବାରୁ ମନରେ ଆଶଙ୍କା ମଧ୍ୟ ରଖିଛନ୍ତି। ଅପରପକ୍ଷେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଥିବାବେଳେ ଦ୍ୱନ୍ଦରେ କଲେଜ ଛାତ୍ରୀଛାତ୍ର। ୟୁଜି-ପିଜି ଲାଗି କେବେଠୁ କ୍ଲାସ୍ ହେବ ତାହା ସରକାର ସ୍ପଷ୍ଟ କରି ନ ଥିବାରୁ ଅନେକ କଳ୍ପନାଜଳ୍ପନା ବଢ଼ିଛି। ତେବେ କ୍ଲାସ ଆରମ୍ଭ ପରିବର୍ତ୍ତେ ଫାଇନାଲ୍ ସେମିଷ୍ଟର ପରୀକ୍ଷା ସାରିବାକୁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ପରୀକ୍ଷା ପରେ ଅକ୍ଟୋବରରୁ ନୂଆ ଶିକ୍ଷା ବର୍ଷ ଆରମ୍ଭ କରାଯିବା ସମ୍ଭାବନା ରହିଛି। ତେବେ ଶିକ୍ଷାବର୍ଷ ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ବିଭାଗ ଦୃଷ୍ଟି ଦେଉଥିବା ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

**ଏସ୍‌ଓପି କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ**
- ଏବେ ଖୋଲିବନି ହଷ୍ଟେଲ
- ତଦାରଖ କରିବେ ଜିଲା ନୋଡାଲ ଅଫିସର

# ତାଳଦଣ୍ଡା କେନାଲ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ

**କଟକ ଅଫିସ,୧୮।୭**

- ଶେଷ ପର୍ଯ୍ୟାୟରେ ତାଳଦଣ୍ଡା ଉନ୍ନତୀକରଣ କାର୍ଯ୍ୟ
- ୨୦୨୨ରେ ସରିବ ନେତାଜୀ ବସ୍ ଟର୍ମିନାଲର ନିର୍ମାଣ
- ୧୦ଦିନରେ ପାଠାଗାର ସ୍ଥାନ ଚିହ୍ନଟ ପାଇଁ ନିର୍ଦ୍ଦେଶ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ରବିବାର କଟକ ତାଳଦଣ୍ଡା କେନାଲ, ନେତାଜୀ ବସ୍ ଟର୍ମିନାଲ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ପ୍ରଥମେ ତାଳଦଣ୍ଡା କେନାଲର ଉନ୍ନତୀକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, କେନାଲ ଜାତୀୟ ରାଜପଥ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଛି। ଯୋବ୍ରାରୁ ରାଣୀହାଟ ପୋଲ ପର୍ଯ୍ୟନ୍ତ ସଫେଇ ସହ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି। ଏହି କେନାଲ ୬୩ ହଜାର ୭୫୧ ହେକ୍ଟର ଜମିକୁ ଜଳ ଯୋଗାଉଥିବାରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଜରୁରୀ ଥିଲା ବୋଲି ପାଣ୍ଡିଆନ କହିଛନ୍ତି । ଏହାପରେ ସେ ଖାନ୍‌ନଗରଠାରେ ନିର୍ମାଣାଧୀନ ନେତାଜୀ ବସ୍ ଟର୍ମିନାଲ କାମର ସମୀକ୍ଷା କରିଥିଲେ। ଏ ସଂକ୍ରାନ୍ତରେ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ପ୍ରକଳ୍ପ ପରିସରରେ ଥିବା ପାଠାଗାରର ସ୍ଥାନାନ୍ତର ପାଇଁ ନୂଆ ସ୍ଥାନ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ପାଠାଗାର ସ୍ଥାନ ଚିହ୍ନଟ ସମ୍ପର୍କରେ ରିପୋର୍ଟ ଦେବା ଲାଗି ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୨ ଏକର ଜମିରେ ନିର୍ମାଣାଧୀନ ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲ ଲାଗି ପ୍ରାୟ ୬୫ କୋଟି ଟଙ୍କା ଖର୍ଚ୍ଚ ହେବ ଓ ୨୦୨୨ ଅଗଷ୍ଟ ସୁଦ୍ଧା ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ। ଏଥିସହ ପାଣ୍ଡିଆନ କଟକ ଏସ୍‌ସିବି ମେଡିକାଲ ଓ କଲେଜର ଆଧୁନିକୀକରଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଏହି ଆଲୋଚନାବେଳେ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍. ଭିନିଲ କ୍ରିଷ୍ଣା, କେନ୍ଦ୍ରାଞ୍ଚଳ ଆର୍‌ଡିସି ଏ.କେ. ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ଜ୍ଞାନକୌଶଳରେ ଚାଲିଥିବା ଐତିହାସିକ ତାଳଦଣ୍ଡା କେନାଲର ନବୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ଏହାର ରୂପ ବଦଳିଛି। ଅତ୍ୟାଧୁନିକ ଓ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସିମେଣ୍ଟ ମିଶ୍ରିତ ସିନ୍ଥେଟିକ୍ ମାଟ୍ରେସ୍ ବ୍ୟବହାର କରାଯାଇ ଲାଇନିଂ କାର୍ଯ୍ୟ ହୋଇଛି। କେନାଲକୁ ଆବର୍ଜନାମୁକ୍ତ କରିବା ପାଇଁ ଉଭୟ ପାର୍ଶ୍ୱରେ ଉଚ୍ଚ ତାରଜାଲି ଲଗାଯିବା ସହ ନୌକାବିହାରର ଯୋଜନା ରହିଛି।

ସୂଚନାଥାଉ କି, ବ୍ରିଟିଶ ଅମଳରେ ହୋଇଥିବା ଏହି କେନାଲ ଐତିହାସିକ କୀର୍ତ୍ତି ଦୃଷ୍ଟିରୁ ଗୁରୁତ୍ୱ ବହନ କରେ। ମହାନଦୀର ଯୋବ୍ରାଠାରୁ ବାହାରି ଏହି କେନାଲ ପାରାଦୀପ ପର୍ଯ୍ୟନ୍ତ ଲମ୍ବିଛି। କେନାଲର ପରିଷ୍କାର ଓ ଉନ୍ନତୀକରଣ ପାଇଁ ଯୋବ୍ରାରୁ ରାଣୀହାଟ ବ୍ରିଜ୍ ପର୍ଯ୍ୟନ୍ତ ୧.୫ କି.ମି. ଅଂଶକୁ ଲାଇନିଂ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ଏହା ଜଳସେଚନର ସୁବିଧା ତଥା ଐତିହାସିକ ଗୁରୁତ୍ୱ ବହନ କରୁଥିବା ଦୃଷ୍ଟିରୁ ଏହାକୁ ନବୀକରଣ ପାଇଁ ପଦକ୍ଷେପ ନିଆଯାଇଛି।



ତାଳଦଣ୍ଡା କେନାଲ କାର୍ଯ୍ୟର ସମୀକ୍ଷା କରୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ଅନ୍ୟ ଅଧିକାରୀ।

# ବିଜେଡି ବିଧାନ ପରିଷଦ ଦାବି ଦୋହରାଇଲା

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

**ମୌସୁମୀ ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାର ବସିବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଓଡିଶାରେ ବିଧାନ ପରିଷଦ ପ୍ରତିଷ୍ଠା ଲାଗି ବିଜେଡି ଦାବି ଦୋହରାଇଛି। ଏଥିସହିତ ଏ ଦିଗରେ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା ଉପରେ ଦଳ ପକ୍ଷରୁ କୁହାଯାଇଛି।

ରାଜ୍ୟ ସଭାରେ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ଲୋକ ସଭାରେ ସଂସଦୀୟ ଦଳ ନେତା ପିନାକୀ ମିଶ୍ର ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିନାକୀ କହିଥିଲେ ଯେ, ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଧାନ ପରିଷଦ ସକାଶେ ସମ୍ବିଧାନ ସଂଶୋଧନ ବିଲ୍ ଆଣିବା ଲାଗି ଦଳୀୟ ଏମ୍‌ପିମାନଙ୍କୁ ଭରସା ଦେଇଥିଲେ। ତେବେ ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇପାରି ନାହିଁ। ଅନୁରୂପ ଭାବେ ପ୍ରସନ୍ନ ଓଡିଶାକୁ ସ୍ୱତନ୍ତ୍ର ଫୋକସ ରାଜ୍ୟର ମାନ୍ୟତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗତ ଶତାବ୍ଦୀରେ ଓଡିଶା ୮୦ରୁ ଊର୍ଦ୍ଧ୍ୱ ଥର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଛି। ଏବେ ଦିଆଯାଉଥିବା କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଓଡିଶାର ଅଂଶ ଯଥେଷ୍ଟ କମିଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେହିପରି ଧାନ ସଂଗ୍ରହ କ୍ଷେତ୍ରରେ ଓଡିଶାକୁ ଯଥେଷ୍ଟ ଧ୍ୟାନ ଦିଆଯାଉ ନ ଥିବାରୁ ବିଜେଡି ନେତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏପରିକି ଧାନ ସଂଗ୍ରହ କ୍ଷେତ୍ରରେ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ରାଜ୍ୟ ସରକାରଙ୍କ ସମ୍ପୃକ୍ତ ସଂସ୍ଥା ସହ ସହଯୋଗ କରୁନାହିଁ। ତେଣୁ କେନ୍ଦ୍ର ସରକାର ରାଜ୍ୟର ବଳକା ଧାନକୁ ସଂଗ୍ରହ କରିବା ନେଇ ସୁନିଶ୍ଚିତ କରନ୍ତୁ। ଏଥିସହ ରାଜ୍ୟ ପାଇବାକୁ ଥିବା ବକେୟା ସବ୍‌ସିଡି ତୁରନ୍ତ ପ୍ରଦାନ କରାଯାଉ ବୋଲି ପ୍ରସନ୍ନ ଦାବି ଉପସ୍ଥାପିତ କରିଛନ୍ତି। ଏହି ଅଧିବେଶନରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ଉପରେ ବିଜେଡି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଇନ୍ଧନ ଓ ରନ୍ଧନ ଗ୍ୟାସରୁ କେନ୍ଦ୍ର ସରକାର ହାସଲ କରୁଥିବା ଅତିରିକ୍ତ ଟିକସରୁ କିଛି ଅଂଶ ଓଡିଶାକୁ କୋଭିଡ ମୁକାବିଲା କ୍ଷେତ୍ରରେ ସାହାଯ୍ୟ କରିବା ଲାଗି ବିଜେଡି ସର୍ବଦଳୀୟ ବୈଠକରେ ଦାବି ଉପସ୍ଥାପିତ କରିଛି।

# ସିଆରଫିଏଫ୍ ଯବାନ ପରିଚୟ ଦେଇ ମହିଳା ଫରେଷ୍ଟଗାର୍ଡଙ୍କୁ ପ୍ରତାରଣା: ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ଼/ବଣାଇଁ, ୧୮।୭ (ଡି.ଏନ୍.ଏ./ସ୍ୱ.ପ୍ର)**

ନିଜକୁ ସିଆର୍‌ପିଏଫ୍ ଯବାନ ପରିଚୟ ଦେଇ ସୁନ୍ଦରଗଡ଼ ଜିଲା ବଣାଇଁରେ ଜଣେ ମହିଳା ଫରେଷ୍ଟ ଗାର୍ଡଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୟାଗଡ ଜିଲା ଶରଣକୂଳରୁ ରବିବାର ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ନାମ କଳିଙ୍ଗ ଗୌରବ ପରିଡା(୩୦)। ତାଙ୍କ ଘର ଯାଜପୁରରୋଡ ଅଞ୍ଚଳରେ। ଅଭିଯୋଗ ଅନୁଯାୟୀ କଳିଙ୍ଗ ଗୌରବ ଏହି ମହିଳା ଫରେଷ୍ଟ ଗାର୍ଡଙ୍କୁ ସିଆର୍‌ପିଏଫ୍ ଯବାନ ଭାବେ ଚାକିରୀ କରୁଥିବା ମିଥ୍ୟା ପରିଚୟ ଦେଇ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ମହିଳା ଫରେଷ୍ଟ ଗାର୍ଡ଼ଙ୍କ ଘରକୁ ବିଭିନ୍ନ ସମୟରେ ଆସି ତାଙ୍କ ସହ ଶାରୀରିକ ସମ୍ପର୍କ ସମ୍ପର୍କ ସ୍ଥାପନ କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ମହିଳା ଫରେଷ୍ଟ ଗାର୍ଡଙ୍କୁ ପ୍ରତିରଣା କରି ତାଙ୍କ ଘରୁ ସୁନାଗହଣା ଧରି ଚମ୍ପଟ ମାରିଥିଲେ। ଏହା ପରେ ମହିଳା ଫରେଷ୍ଟଗାର୍ଡ ଜଣକ ଏ ସମ୍ପର୍କରେ ବଣାଇ ଥାନାରେ ଗତ ୧୫ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ବଣାଇ ଥାନାରେ ଏକ ମାମଲା (ନଂ.୭୩/ ୨୦୨୧) ରୁଜୁ କରିଥିଲା।

# କଅଁଳ ହାତରେ ହଳଲଙ୍ଗଳ

**କେନ୍ଦୁଝର, ୧୮।୭(ସ୍ୱ.ପ୍ର.)**

ବଳଦ ଓ ଲଙ୍ଗଳ ଦ୍ୱାରା ବିଲରେ ହଳ କରିବା ପିଲା ଖେଳ ନୁହେଁ ବୋଲି ସମସ୍ତେ କୁହନ୍ତି। ବଡ଼ ବଡ଼ ଲୋକମାନେ ମଧ୍ୟ ଲଙ୍ଗଳ ଧରି ଚାଷ କରିପାରନ୍ତି ନାହିଁ। କିନ୍ତୁ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଗୋଳାବନ୍ଧ ଗ୍ରାମର ନବ କିଶୋର ନାୟକଙ୍କ ଦୁଇ ନାବାଳକ ପୁଅ ସୌମ୍ୟରଞ୍ଜନ (୧୦) ଓ ଶ୍ରୀନିବାସ (୮) ହଳ କରିବା ଆଦୌ କଷ୍ଟକର ନୁହେଁ ବୋଲି ପ୍ରମାଣ କରିଛନ୍ତି। ଦୁହେଁ ବିଲରେ ହଳ କରି ବାପାଙ୍କୁ ସହାୟତା କରୁଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ଭିଡିଓ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଗାଁ ସ୍କୁଲରେ ସୌମ୍ୟରଞ୍ଜନ ୫ମ ଓ ସାନଭାଇ ଶ୍ରୀନିବାସ ୩ୟ ଶ୍ରେଣୀରେ ପଢ଼ନ୍ତି। କରୋନା ମହାମାରୀ ପାଇଁ ସ୍କୁଲରେ ପାଠପଢ଼ା ବନ୍ଦ ରହିଛି। ବାପା ଜଣେ ଚାଷୀ। ଚାଷ କରି ଘର ଚଳାନ୍ତି। ଏଣୁ ସ୍ମାର୍ଟଫୋନ୍ କିଣି ପାରୁ ନ ଥିବାରୁ ଦୁଇପୁଅ ଅନ୍‌ଲାଇନରେ ପାଠ ପଢିପାରୁ ନାହାନ୍ତି। ସେହିପରି ଟ୍ରାକ୍ଟରରେ ଚାଷ କରିବା ପାଇଁ ସମ୍ବଳ ନାହିଁ। ଏଣୁ ପାରମ୍ପରିକ ହଳ ଓ ଲଙ୍ଗଳରେ ଚାଷ କରି ଆସୁଛୁ ବୋଲି ସେ କୁହନ୍ତି।

ସୌମ୍ୟରଞ୍ଜନ ଓ ଶ୍ରୀନିବାସ ବାପାଙ୍କୁ ଚାଷ କାର୍ଯ୍ୟରେ ସହାୟତା କରି ବିଲରେ ଯେଉଁଭଳି ଭାବେ ବଳଦ ଓ ଲଙ୍ଗଳ ଧରି ହଳ କରୁଛନ୍ତି ତାହା ଦେଖଣାହାରିଙ୍କୁ ଚକିତ କରୁଛି। ଏହି ଦୁଇ ପିଲାଙ୍କ ଚାଷ ପ୍ରତି ଆଗ୍ରହ ଏବଂ ହଳ କରିବା କୌଶଳ ଅନେକଙ୍କୁ ବିସ୍ମିତ କରିଛି। ଆଜିକାର ପାଠପଢ଼ା ମହଙ୍ଗା ହୋଇଗଲାଣି। କାରଣ ଏଥିପାଇଁ ସ୍ମାର୍ଟଫୋନ୍ ଦରକାର। ଆମେ ଗରିବ ଲୋକ। ଏଣୁ କେଉଁଠୁ ସେମାନଙ୍କ ପାଇଁ ସ୍ମାର୍ଟଫୋନ୍ ଆଣିବି ବୋଲି ନବକିଶୋର କୁହନ୍ତି। ପାଠ ସମୟରେ ଘରେ ପଢୁଛୁ । ଅନ୍ୟ ସମୟରେ ବାପାଙ୍କ ସହ ବିଲକୁ ଯାଇ ଚାଷ ଦେଖୁଛୁ। ଦେଖି ଦେଖି ଚାଷ କରିବା ଶିଖି ଗଲୁଣି। ଏଣୁ ହଳ ଧରି ଚାଷ କରୁଛୁ ବୋଲି ସୌମ୍ୟରଞ୍ଜନ ଓ ଶ୍ରୀନିବାସ କହିଛନ୍ତି। ସ୍କୁଲ ବନ୍ଦ ଅଛି, ଘରେ ବସି କ'ଣ କରିବୁ ସେଥିପାଇଁ ବାପାଙ୍କୁ ଚାଷ କାମରେ ସାହଯ୍ୟ କରୁଛୁ। ଏହି ଦୁଇଭାଇଙ୍କ ପାଠପଢ଼ାକୁ ପ୍ରଶାସନ ଗୁରୁତ୍ୱ ଦେଇ ସହାୟତା କରିବା ଉଚିତ ବୋଲି ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭରତ ଚନ୍ଦ୍ର ପାତ୍ର କହିଛନ୍ତି।



ଦୁଇ ଭାଇ ବିଲରେ ହଳ କରୁଛନ୍ତି।

- ସ୍ମାର୍ଟଫୋନ୍ କିଣିବା ପାଇଁ ସମ୍ବଳ ନାହିଁ
- ବାପାଙ୍କ ସହ ଚାଷ କରୁଛନ୍ତି ଦୁଇଭାଇ


## ବାଣିଜ୍ୟ ଓ ପରିବହନ ବିଭାଗ
## ଓଡିଶା ସରକାର

TRANSPARENCY
TECHNOLOGY
TEAMWORK
TIME
TRANSFORMATION

DSPL-90

**ବିଜ୍ଞାପନ**

ରାଜ୍ୟର ଅନ୍ତର୍ଦ୍ଦେଶୀୟ ଜଳପଥରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ନିରାପଦ ଯାତ୍ରା ପାଇଁ ରାଜ୍ୟ ସରକାର **2004** ମସିହାରେ **Odisha Boat Rule** ପ୍ରଣୟନ କରିଛନ୍ତି। ବର୍ତ୍ତମାନ ଏହି ରୁଲ ଅଧିନରେ ରାଜ୍ୟର ଅନ୍ତର୍ଦ୍ଦେଶୀୟ ଜଳପଥରେ ଚଳାଚଳ କରୁଥିବା ସମସ୍ତ ସରକାରୀ ଓ ବେସରକାରୀ ବୋଟ୍ (ନୌକା) ଗୁଡିକର ପଞ୍ଜିକରଣ ଓ ନବୀକରଣ ତଥା ବୋଟ୍ (ନୌକା) ଚାଳକର ଲାଇସେନ୍ସ ପ୍ରଦାନ ହସ୍ତକୃତ ଭାବେ କରାଯାଉଅଛି ।

ବର୍ତ୍ତମାନ ଏହି ପ୍ରକିୟାର ସରଳିକରଣ କରିବା ନିମନ୍ତେ, ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା ସରକାର **5T** ପକ୍ରିୟା କ୍ରମରେ ଏକ ସହଜ ଓ ବ୍ୟବହାର ଯୋଗ୍ୟ ଅନଲାଇନ ଆପ୍ଲିକେସନ୍ **"BOAT INFORMATION & MANAGEMENT SYSTEM (BIMS)"** ର ବିକାଶ କରିଛନ୍ତି ଯାହାଦ୍ୱାରା ସରକାରୀ ଓ ବେସରକାରୀ ବୋଟ୍ (ନୌକା) ମାଲିକ ଏବଂ କର୍ମଚାରୀମାନେ ସେମାନଙ୍କର ବୋଟ୍ (ନୌକା) ର ପଞ୍ଜିକରଣ / ନବୀକରଣ ଏବଂ ବୋଟ୍ (ନୌକା) ଚାଳକର ଲାଇସେନ୍ସ ପାଇଁ ଆବେଦନ କରିପାରିବେ । ଏହି ଆପ୍ଲିକେସନ୍ ଦ୍ୱାରା ବୋଟ୍ (ନୌକା)ର ପଞ୍ଜିକରଣ / ନବୀକରଣର ବୈଧତା ସରିବା ପୂର୍ବରୁ ବୋଟ୍ (ନୌକା) ମାଲିକମାନଙ୍କୁ **SMS** ମାଧ୍ୟମରେ ଆର୍ଲଟ କରାଯାଇପାରିବ ।

ଏତଦ୍‌ବ୍ୟତିତ, ରାଜ୍ୟର ନଦୀ / ହ୍ରଦ / ଜଳଭଣ୍ଡାରରେ ଅବସ୍ଥିତ ଘାଟ ମଧ୍ୟରେ ସେମାନଙ୍କ ବୋଟ୍ (ନୌକା) ଚଳାଇବା ପାଇଁ ସେମାନେ ଘାଟରୁ ଘାଟ ମାର୍ଗ ଅନୁମତି ପାଇଁ ମଧ୍ୟ ଆବେଦନ କରିପାରିବେ | ପଞ୍ଜିକରଣ ପରେ ପ୍ରତ୍ୟେକ ବୋଟ୍ (ନୌକା) ମାଲିକ ତାଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଡ୍ୟାସ୍ ବୋର୍ଡ ପାଇବେ ଯେଉଁଠାରେ ସେ ତାଙ୍କ ଆବେଦନର ସ୍ଥିତିକୁ ଟ୍ରାକ୍ କରିପାରିବେ ।

ଏହି ଅନଲାଇନ ଆପ୍ଲିକେସନ୍ ସେବାର ଉପଯୋଗ ନିମନ୍ତେ ବୋଟ୍ (ନୌକା) ମାଲିକ ଏବଂ କର୍ମଚାରୀମାନେ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ ।




ବି.ଦ୍ର. : ବିନା ପଞ୍ଜିକରଣରେ ବୋଟ୍ (ନୌକା) ଚଳାଇବା ଏକ ଦଣ୍ଡନୀୟ ଅପରାଧ

OIPR-02006/13/0001/2122

ଯାହାସବୁ ତୁମକୁ ଅଶୁଦ୍ଧତା, ଅପୂର୍ଣ୍ଣତା, ମାନସିକ ଉଦ୍‌ବେଗ, ହାର୍ଦ୍ଦିକ ଆସକ୍ତି, ପ୍ରାଣିକ କାମନା ଓ ପ୍ରବେଗ ତଥା ଶାରୀରିକ ରୋଗକୁ ଦୀର୍ଘସ୍ଥାୟୀ କରିବାକୁ ବା ଦୃଢକରି ଧରି ରଖିବାକୁ ପରାମର୍ଶ ଦିଏ । ସେ ସବୁ ସମ୍ପର୍କରେ ତୁମେ ସାବଧାନ ରୁହ । ଏଇସବୁ ଜିନିଷକୁ ଚତୁରତାର ସହ ସମର୍ଥନ କରିବା ଓ ଆଢୁଆଳରେ ଢାଙ୍କି ରଖିବା ବିରୋଧୀ ଶକ୍ତିର ସାଧାରଣ କୌଶଳ । –ଶ୍ରୀଅରବିନ୍ଦ

# ତାଲିବାନ: ଅନ୍ଧକାରର ପ୍ରତୀକ

ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟ ଅପସାରଣ ପରେ ତାଲିବାନ ଇତିମଧ୍ୟରେ ଦେଶର ୮୫ ପ୍ରତିଶତରୁ ଅଧିକ ଅଞ୍ଚଳ ଅକ୍ତିଆର କରିସାରିଲାଣି । ସ୍ଥିତି ଦେଖି ଅସରଫ୍ ଘନି ସରକାର ସେଠାରେ ଅସହାୟ ହୋଇପଡ଼ିଛନ୍ତି । ତାଲିବାନ ଯେଉଁଭଳି ଭାବେ ଅଗ୍ରସର ହେଉଛି ତାହାକୁ ଲକ୍ଷ୍ୟକରି ଜନସାଧାରଣ ଖୁବ୍ ଭୟଭୀତ । ଆମେରିକୀୟ ସୈନ୍ୟଙ୍କ ଉପସ୍ଥିତି ଯୋଗୁ ଦୁଇ ଦଶନ୍ଧି ଧରି ସାଧାରଣ ନାଗରିକ ମୁକ୍ତ ବିଚରଣର ସୁଯୋଗ ପାଇଥିଲେ । ଏପରି କି ମହିଳାମାନଙ୍କ ସ୍ୱାଧୀନତା ଓ ସୁରକ୍ଷା ବଢ଼ିଥିଲା । ତାଲିବାନ ଧୀରେ ଧୀରେ କ୍ଷମତା ଦଖଲ ଆଡ଼କୁ ଅଗ୍ରସର ହେଉଥିବାରୁ ଦେଶର ବିଭିନ୍ନ ଭାଗରେ ଅତ୍ୟାଚାର ଓ ହତ୍ୟା ଆରମ୍ଭ ହେଲାଣି । ଇତିମଧ୍ୟରେ ତାଲିବାନ ରକ୍ଷଣଶୀଳ ଚିନ୍ତାଧାରାକୁ ଲୋକଙ୍କ ଉପରେ ଲଦିବା କାର୍ଯ୍ୟ ଆରମ୍ଭ ହୋଇଗଲାଣି । ଅନ୍ତର୍ଜାତୀୟ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଭାରତୀୟ ଫଟୋ ଜର୍ନାଲିଷ୍ଟ ଡାନିଶ୍ ସିଦ୍ଦିକିଙ୍କୁ ତାଲିବାନ ଦ୍ୱାରା ଯେଉଁଭଳି ଭାବେ ହତ୍ୟା କରାଗଲା ତାହା ଦ୍ୱାରା ଉଗ୍ରପନ୍ଥୀ ସଙ୍ଗଠନ ବାର୍ତ୍ତା ଦେଇଛି ଯେ, ସେମାନଙ୍କ କାର୍ଯ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଯେଉଁମାନେ ହସ୍ତକ୍ଷେପ କରିବେ ଏଭଳି ଦଶା ଭୋଗିବାକୁ ପଡ଼ିବ । ତେବେ ଡାନିଶ୍‌ଙ୍କ ହତ୍ୟାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯିବା ପରେ ତାଲିବାନ ସଫେଇ ଦେଇଛି ଯେ, ତାଙ୍କୁ କିଭଳି ଭାବେ ହତ୍ୟା କରାଗଲା ସଙ୍ଗଠନ ପାଖରେ ଖବର ନାହିଁ । ହୁଏତ ଯୁଦ୍ଧ କ୍ଷେତ୍ରରେ ଡାନିଶ୍‌ଙ୍କ ଭଳି କାର୍ଯ୍ୟରତ ଖବରଦାତା ଅସୁରକ୍ଷିତ ଥିବା ସ୍ୱାଭାବିକ । ଏଥିସହିତ ତାଲିବାନ ଜଣାଇ ଦେଇଛି ଯେ, ଯୁଦ୍ଧ ଜୋନ୍‌କୁ ଯେଉଁ ସାମ୍ବାଦିକ ଖବର ସଂଗ୍ରହ କରିବାକୁ ଚାହୁଁଛନ୍ତି ସେମାନେ ସଙ୍ଗଠନକୁ ପୂର୍ବରୁ ଜଣାଇବା ଦରକାର । ତାହା ହେଲେ ତାଙ୍କୁ ସସମ୍ମାନେ ନିଆଯାଇ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ତାଲିବାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ ଗଣମାଧ୍ୟମକୁ କହିଛନ୍ତି ।

ଆଫଗାନିସ୍ତାନରେ ବିଧିବଦ୍ଧ ସରକାର କାର୍ଯ୍ୟକ୍ଷମ ହେବା ପରଠାରୁ ସେଠାରେ ସଡ଼କ, ବିଜୁଳି, ସ୍କୁଲ ଓ ସ୍ୱାସ୍ଥ୍ୟସେବା ଭଳି ଭିତ୍ତିଭୂମି ବିକଶିତ କରିବା ଲାଗି ଭାରତ ପାଖାପାଖି ୩ ବିଲିୟନ ଆମେରିକୀୟ ଡଲାର ବିନିଯୋଗ କରିଛି । ଏବେ ସେଠାରେ ତାଲିବାନର ଅଗ୍ରଗତି ଏବଂ କ୍ଷମତା ହାତେଇ ନେବାର ସ୍ଥିତି ଯୋଗୁ ପାକିସ୍ତାନରେ ଭୟ ସୃଷ୍ଟି ହୋଇଛି ବୋଲି ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଜାଣିବାକୁ ମିଳୁଛି । ଏହା ମଧ୍ୟ ଜଣାଶୁଣା ଯେ, ଆଫଗାନିସ୍ତାନରେ ଲାଗି ରହିଥିବା ଦୀର୍ଘଦିନର କନ୍ଦଳ ସହିତ ପାକିସ୍ତାନର ସମ୍ପୃକ୍ତି ରହିଆସିଛି । ନ୍ୟୁୟର୍କର ଟୁଇନ୍ ଟାୱାର ଆକ୍ରମଣ ପରେ ଆମେରିକାର ହସ୍ତକ୍ଷେପ ଯୋଗୁ ଆଫଗାନିସ୍ତାନରେ ତାଲିବାନ ପ୍ରଭାବ କମିଥିଲା । ସେତେବେଳେ ଅଲ୍ କାଏଦାର ମୁଖ୍ୟ ଓସାମା ବିନ୍ ଲାଡେନ୍ ତତ୍କାଳୀନ ତାଲିବାନ ନେତା ମୁଲ୍ଲା ଓମାରଙ୍କ ବାହୁଛାୟା ତଳେ ଆଶ୍ରୟ ନେଇଥିବା ହେତୁ ଆଫଗାନିସ୍ତାନରେ ଯୁଦ୍ଧ ଆରମ୍ଭ ହୋଇଥିଲା । ପୁଣି ପାକିସ୍ତାନର ସକ୍ରିୟ ସମର୍ଥନ ଯୋଗୁ ତାଲିବାନ ଶକ୍ତିଶାଳୀ ହୋଇଉଠିଥିଲା । ସେଥିପାଇଁ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଶାସନ ସମୟରେ ଓସାମା ବିନ୍ ଲାଡେନ୍‌ଙ୍କୁ ପାକିସ୍ତାନର ଆବୋଟାବାଦରେ ଠାବ କରି ଆମେରିକା ନେଭି ସିଲ୍ ମାରିଥିଲା । ଏବେ ପୁନର୍ବାର ତାଲିବାନ ମୁଣ୍ଡ ଟେକିବା ଫଳରେ କେବଳ ଆଫଗାନିସ୍ତାନ ନକାରାତ୍ମକ ଭାବେ ପ୍ରଭାବିତ ହେବ ତାହା ନୁହେଁ, ଆସନ୍ତା ସମୟରେ ପାକିସ୍ତାନକୁ ମଧ୍ୟ ଏଥିପାଇଁ ଭୋଗିବାକୁ ପଡ଼ିପାରେ । ଦୁଃଖର ବିଷୟ ଯେ, ତାଲିବାନ ସକ୍ରିୟ ହେବା ଆଫଗାନିସ୍ତାନର ଶିକ୍ଷିତ ଓ ସଚେତନ ସମାଜ ସକାଶେ ଅନ୍ଧକାରର ଅସରନ୍ତି ଯୁଗ ଆରମ୍ଭ ହୋଇଗଲା ।

ଆଲୋଚନା ହେଉଛି ଯେ, ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରିବାର ନ ଥିଲା । ଅନ୍ୟପକ୍ଷରେ ଏହି ସୈନ୍ୟ ଅପସାରଣ ଆମେରିକା ସେନାର ପରାଜୟ ବୋଲି ଧରାଯିବା କଥା ନୁହେଁ । କାରଣ ଇସ୍‌ଲାମିକ୍ ଉଗ୍ରପନ୍ଥୀ ଯେଭଳି ଭାବେ ଗଣତାନ୍ତ୍ରିକ ସରକାରକୁ ଗାଦିଚ୍ୟୁତ କରିବା ଲାଗି ମୁଜାହିଦ୍ଦିନ୍‌ମାନଙ୍କୁ ବ୍ୟବହାର କରୁଛନ୍ତି, ତାହାକୁ କେବଳ ଗୋଟିଏ ରାଷ୍ଟ୍ର ଚାହିଁଲେ ରୋକିପାରିବ ନାହିଁ । ଏଥିପାଇଁ ସମ୍ମିଳିତ ଅନ୍ତର୍ଜାତୀୟ ଉଦ୍ୟମ ଲୋଡ଼ା ।

## ସାପ୍ତାହିକ ପଞ୍ଜିକା

**ଜୁଲାଇ ୧୨ :** ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ରାଜସ୍ଥାନରେ ବଜ୍ରପାତ ଘଟି ୬୮ ଜଣଙ୍କ ଜୀବନ ଯାଇଛି ।
**ଜୁଲାଇ ୧୩:** ଓଡ଼ିଶାରେ ପଶିଛନ୍ତି ବାଂଲାଦେଶୀ ଆତଙ୍କବାଦୀ ।
**ଜୁଲାଇ ୧୪:** ପାକିସ୍ତାନରେ ବିସ୍ଫୋରଣରେ ୯ ଚାଇନା ଇଞ୍ଜିନିୟରଙ୍କ ସମେତ ୧୩ ମୃତ ।
**ଜୁଲାଇ ୧୫:** କର୍ନାଟକ ରାମନଗରରେ ଆଇଟିଆଇ କର୍ମୀ ଭେଙ୍କଟେଶଙ୍କ ହାତଗୋଡ଼ ଦୁର୍ବୃତ୍ତ ହାଣିଦେଲେ ।
**ଜୁଲାଇ ୧୬ :** ଆଫଗାନିସ୍ତାନ–ପାକିସ୍ତାନ ସୀମାରେ ସେନା ଓ ତାଲିବାନ ସଂଘର୍ଷ ବେଳେ ଭାରତୀୟ ଫଟୋ ଜର୍ନାଲିଷ୍ଟ ଡାନିଶ ସିଦ୍ଦିକିଙ୍କ ମୃତ୍ୟୁ ।
➤ଅଭିନେତ୍ରୀ ସୁରେଖା ସିକ୍ରିଙ୍କ ପରଲୋକ ।
➤ମଧ୍ୟପ୍ରଦେଶ ବିଦିଶା ଜିଲାରେ କୂଅରେ ପଡ଼ି ୪ ମୃତ, ୧୩ ନିଖୋଜ ।
**ଜୁଲାଇ ୧୭ :** ୨୬ରୁ ସ୍କୁଲ ଖୋଲିବ । ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠ ପଢ଼ାଯିବ ।
➤ସିରିଆର ୪ର୍ଥ ଥର ପାଇଁ ରାଷ୍ଟ୍ରପତି ହେଲେ ବିଶାଲ ଅଲ୍ ଅସାଦ ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁଲାଇ ୧୯୯୬

- ଶ୍ରୀଲଙ୍କା ସେନାବାହିନୀର ଏମ ମୁଖ୍ୟ ଘାଟି ଉପରେ ଏଲ୍‌ଟିଟିଇ ଗେରିଲାମାନଙ୍କର ଜୋରଦାର ଆକ୍ରମଣ ଫଳରେ ୪୦୦ ସୈନ୍ୟ ନିହତ ।
- ମାଡ୍ରାସର ନାମ ଚେନ୍ନାଇ ରଖାଯିବା ନେଇ ବଜେଟ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ଘୋଷଣା ।
- ନେପାଳର ବିଭିନ୍ନ ଅଞ୍ଚଳରେ ବନ୍ୟା ଏବଂ ମାଟି ଅତଡ଼ା ଖସିବା ଆଦି ଘଟଣାରେ ୨୭ ଜଣଙ୍କ ମୃତ୍ୟୁ ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | 6 | |
| 4 | | | | | | 5 | | |
| 3 | 8 | 6 | | 2 | | | | |
| | | 3 | 7 | 6 | | | 8 | |
| | | | 8 | | | | 9 | |
| | 1 | | | | 9 | 2 | | |
| | | | | | 6 | | | |
| 6 | 4 | 7 | | | | | | 9 |
| 5 | | | | 9 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 5 | 2 | 3 | 1 | 8 | 6 | 9 |
| 9 | 2 | 3 | 6 | 7 | 8 | 5 | 4 | 1 |
| 8 | 6 | 1 | 4 | 5 | 9 | 3 | 2 | 7 |
| 1 | 9 | 6 | 8 | 4 | 3 | 7 | 5 | 2 |
| 5 | 3 | 4 | 7 | 6 | 2 | 1 | 9 | 8 |
| 7 | 8 | 2 | 9 | 1 | 5 | 4 | 3 | 6 |
| 3 | 1 | 7 | 5 | 2 | 6 | 9 | 8 | 4 |
| 2 | 5 | 8 | 1 | 9 | 4 | 6 | 7 | 3 |
| 6 | 4 | 9 | 3 | 8 | 7 | 2 | 1 | 5 |

ଗତକାଲିର ଉତ୍ତର

# ପେଟ୍ରୋଲ, ଇଥାନଲ୍ ଓ ପରିବେଶ



ଡ. ଚିତ୍ତରଞ୍ଜନ ମିଶ୍ର

ନିକଟ ଅତୀତରେ ଭାରତ ସରକାର ପେଟ୍ରୋଲ ସହ ଜୈବ ଇନ୍ଧନ ଇଥାନଲର ମିଶ୍ରଣକୁ ନେଇ ଏକ ଅଭିନବ ଯୋଜନାର ଶୁଭାରମ୍ଭ କରିଛନ୍ତି ଏବଂ ଏହା ଏଭଳି ଏକ ସମୟରେ କାର୍ଯ୍ୟକାରୀ ହେଉଅଛି ଯେତେବେଳେ କି ବିଶ୍ୱରେ ତୈଳ ଦର ବୃଦ୍ଧି ହୋଇ ଚାଲିଛି । ପେଟ୍ରୋଲରେ ଇଥାନଲର ମିଶ୍ରଣ ପରିମାଣ ସାଂପ୍ରତିକ ହାରାହାରି ୮.୫ ପ୍ରତିଶତରୁ ୨୦୨୫ ସୁଦ୍ଧା ୨୦ ପ୍ରତିଶତକୁ ବୃଦ୍ଧି କରିବାର ଲକ୍ଷ୍ୟ ରହିଛି । ଦିନକୁ ଦିନ ବଢ଼ି ଚାଲିଥିବା ତୈଳ ଆମଦାନୀ ବିଲ୍‌ରେ ହ୍ରାସ ଘଟାଇବା ସହ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ସୀମିତ କରିବା ଏହାର ଉଦ୍ଦେଶ୍ୟ । ତୈଳ ଦରରେ ଯଦି ଅହେତୁକ ଭାବେ ବୃଦ୍ଧି ଘଟେ ଏବଂ ଏହା ଅପ୍ରତ୍ୟାଶିତ ସ୍ତରରେ ପହଞ୍ଚିଯାଏ ତେବେ ଏହାର ମୁକାବିଲା କରିବା ପାଇଁ ଏଭଳି ଅଭିନବ ପଦକ୍ଷେପ ଲାଭଦାୟକ ହେବ । ସଂପ୍ରତି ଭାରତ ନିଜର ଆବଶ୍ୟକ ତୈଳର ବୃହତ୍ ଅଂଶ ବିଦେଶରୁ ଆମଦାନୀ କରୁଛି । ତା’ ପାଇଁ ସାଂପ୍ରତିକ ଦୃଷ୍ଟିଭଙ୍ଗୀ ଉତ୍ସାହଜନକ ନୁହେଁ । ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୧ ଡଲାରର ଏପାଖ ସେପାଖ ହେଉଅଛି । ଗତ ୫ମାସ ଭିତରେ ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି । ଏହା ସେତିକିବେଳେ ହେଉଛି, ଯେତେବେଳେ କି ମହାମାରୀ ଅର୍ଥନୈତିକ ପୁନରୁଦ୍ଧାର ପ୍ରକ୍ରିୟାକୁ ଅଟକାଇ ଦେଇଛି ।

ଗତ ଦୁଇଟି ଆର୍ଥିକ ବର୍ଷରେ ଭାରତ ଉଚ୍ଚ ତୈଳ ଦରରୁ ରିହାତି ଲାଭ କରିଥିଲା । ମହାମାରୀ କାରଣରୁ ୨୦୨୦ର ପ୍ରାରମ୍ଭିକ ପର୍ଯ୍ୟାୟରେ ତୈଳ ଦରରେ ହ୍ରାସ ପରିଲକ୍ଷିତ ହୋଇଥିଲା । ୨୦୨୦ର ପରବର୍ତ୍ତୀ ସମୟରେ ପରିସ୍ଥିତି ଅଧିକ ଖରାପ ଅବସ୍ଥାକୁ ଗତି କଲା ଏବଂ ଏହି ସମୟରେ ପ୍ରଧାନତଃ ତୈଳ ଦର ବ୍ୟାରେଲ ପିଛା ୪୦ ଡଲାର ପାଖାପାଖି ପହଞ୍ଚିଲା । କେବଳ ୨୦୨୧ କ୍ୟାଲେଣ୍ଡର ବର୍ଷର ପ୍ରାରମ୍ଭିକ ସମୟରେ ବିପରୀତ ସ୍ଥିତି ପରିଲକ୍ଷିତ ହୋଇଥିଲା ; ଯେତେବେଳେ କି ତୈଳର ବୈଶ୍ୱିକ ଚାହିଦାରେ ଅଭିବୃଦ୍ଧି ଘଟିବା ଆରମ୍ଭ ହେଲା ଏବଂ ତୈଳ ଉତ୍ପାଦନ ସଂଘ ଯଥା– ଅର୍ଗାନାଇଜେଶନ ଅଫ ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିଜ (ଓ.ପି.ଇ.ସି) ଏବଂ ରୁଷିଆ ସହିତ ଏହାର ସହଯୋଗୀ ରାଷ୍ଟ୍ର ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଉତ୍ପାଦନ କୋଟା ବଜାର ଉପରେ ପ୍ରଭାବ ପକାଇବା ଆରମ୍ଭ କଲା । ଫଳସ୍ୱରୂପ, ଅଶୋଧିତ ତୈଳ ଆମଦାନୀ ବିଲ୍ ୨୦୧୯–୨୦ରେ ୧୦୧ ବିଲିୟନ ଡଲାର ହୋଇଥିଲା ବେଳେ ୨୦୨୦–୨୧ରେ ହ୍ରାସପ୍ରାପ୍ତ ହୋଇ ୬୨.୭ ବିଲିୟନ ଡଲାରରେ ପହଞ୍ଚିଥିଲା । ପରନ୍ତୁ ଆର୍ଥିକ ବର୍ଷ ୨୦୨୧–୨୨ରେ ବୈଶ୍ୱିକ ଦରରେ ବୃଦ୍ଧି ପରିଲକ୍ଷିତ ହେଉଛି ଏବଂ ଏଭଳି ବୃଦ୍ଧି ଘଟୁଛି ଯେ ତାହା ବିଶ୍ୱର ତୃତୀୟ ସର୍ବବୃହତ୍ ତୈଳ ଆମଦାନୀକାରୀ ଓ ବ୍ୟବହାରକାରୀ ରାଷ୍ଟ୍ର ଭାରତକୁ ଗଭୀର ଚିନ୍ତାରେ ପକେଇ ଦେଇଛି । ଭାରତ ତା’ର ମୋଟ ତୈଳ ଆବଶ୍ୟକତାର ୮୪ ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ । ଏଥିପାଇଁ ମଧ୍ୟପ୍ରାଚ୍ୟ ରାଷ୍ଟ୍ରମାନଙ୍କ ଉପରେ ନିର୍ଭର କରିଥାଏ । ଇରାକ ପରେ ଆମେରିକା ଭାରତକୁ ଦ୍ୱିତୀୟ ସର୍ବବୃହତ୍ ତୈଳ ରପ୍ତାନିକାରୀ ରାଷ୍ଟ୍ର ଭାବେ ଉଭା ହୋଇଛି । ୪୮ ପ୍ରତିଶତ ଶସ୍ତା ହୋଇଥିବା ଆମେରିକାର ଅଶୋଧିତ ତୈଳ ଭାରତୀୟ ବିଶୋଧନ କାରଖାନାଗୁଡ଼ିକ କ୍ରୟ କରିଥାନ୍ତି; ଯାହା କି ଭାରତର ମୋଟ ତୈଳ ଆମଦାନୀ ପରିମାଣର ୧୪ ପ୍ରତିଶତ । ଆମେରିକା ପରେ ନାଇଜେରିଆ ଓ ତା’ ପଛକୁ ସାଉଦି ଆରବ ଯଥାକ୍ରମେ ୩ୟ ଓ ୪ର୍ଥ ଅଶୋଧିତ ତୈଳ ରପ୍ତାନିକାରୀ ରାଷ୍ଟ୍ରଭାବେ ଭାରତକୁ ତୈଳ ଯୋଗାଣ କରିଥାନ୍ତି । ଆନ୍ତର୍ଜାତିକ ତୈଳ ବଜାର ୨୦୨୧ର ପରବର୍ତ୍ତୀ ମାସଗୁଡ଼ିକରେ ଅସ୍ଥିର ଓ ପରିବର୍ତ୍ତନ ହେବାକୁ ଯାଉଛି ।

ଏହାର କାରଣ ଏକାଧିକ । ପ୍ରଥମତଃ ପ୍ରମୁଖ ବିକଶିତ ରାଷ୍ଟ୍ରଗୁଡ଼ିକରେ ଟିକାକରଣ କାର୍ଯ୍ୟକ୍ରମ ଫଳପ୍ରଦ ହୋଇଥିବା ସତ୍ତ୍ୱେ ମହାମାରୀ ବିଶ୍ୱର ଏକାଧିକ ରାଷ୍ଟ୍ରକୁ କାବୁ କରି ରଖିଛି । ଏହା ତୈଳର ଚାହିଦାରେ ହ୍ରାସ–ବୃଦ୍ଧି ଘଟାଇବ । ଦ୍ୱିତୀୟତଃ ଅଶୋଧିତ ତୈଳ ରପ୍ତାନି ବଜାର କ୍ଷେତ୍ରରେ ଇରାନର ପ୍ରବେଶ । ଆମେରିକା ଯଦି ଇରାନ ଉପରୁ କଟକଣା ଉଠାଇ ନେବ ବିଶ୍ୱ ବଜାରରେ ଅଶୋଧିତ ତୈଳର ଉପଲବ୍ଧତାରେ ଦ୍ରୁତ ବୃଦ୍ଧି ଘଟିବ । ଆହୁରି ମଧ୍ୟ, ଏକ ଲମ୍ବା ସମୟର ବ୍ୟବଧାନ ପରେ ତୈଳ ରପ୍ତାନି ବଜାରରେ ଇରାନର ପୁନଃପ୍ରବେଶ ଘଟିଲେ ଇରାନ ଓ.ପି.ଇ.ସି. ଦ୍ୱାରା କରାଯାଇଥିବା ଉତ୍ପାଦନ ପ୍ରତିବନ୍ଧକକୁ ମାନି ଚଳିବ ବୋଲି ଆଶା କରିବା ଅସମ୍ଭବ ମନେହୁଏ । ଶେଷରେ ବିଶ୍ୱ ସ୍ତରରେ ଅଶୋଧିତ ତୈଳର ସବିଶେଷ ତାଲିକା ପ୍ରସ୍ତୁତ ହୋଇସାରିଛି । ଆମେରିକାର ତୈଳ କମ୍ପାନୀଗୁଡ଼ିକ ବିଶ୍ୱର ବିଭିନ୍ନ ଦେଶକୁ ତୈଳ ରପ୍ତାନି କରି ନିଜର ଉପସ୍ଥିତି ଜାହିର କରିଛନ୍ତି । ତେଣୁ ଏବେ କୌଣସି ଭବିଷ୍ୟବାଣୀ କରିବା ଅପରିପକ୍ୱତା ହୋଇପାରେ କିନ୍ତୁ ଅସ୍ଥିରତା ବା ପରିବର୍ତ୍ତନଶୀଳତାର ପ୍ରତିଯୋଗିତା ହେବା ସୁନିଶ୍ଚିତ ।

ଯେତେ ଯାହା ହେଲେ ଭାରତ ପାଇଁ ପରିସ୍ଥିତି ଅତ୍ୟନ୍ତ ଅନିଶ୍ଚିତ, ଅସୁରକ୍ଷିତ । କାରଣ ତୈଳର ଅନ୍ତର୍ଦ୍ଦେଶୀୟ ଉପଯୋଗ ଉଲ୍ଲେଖଯୋଗ୍ୟ ଭାବେ ବୃଦ୍ଧି ଘଟିବାର ଆଶା କରାଯାଉଛି । ଲକ୍‌ଡାଉନ୍ ଯୋଗୁ ଗତବର୍ଷ ତୈଳ ଚାହିଦା ପ୍ରୟୋଜନୀୟତାଠାରୁ ବହୁତ କମ୍ ଥିଲା । ତେଣୁ ତୈଳ ଆମଦାନୀରେ ହ୍ରାସ ଘଟିଥିଲା ଏବଂ ଆନ୍ତର୍ଜାତିକ ତୈଳଦରରେ କ୍ରମାଗତ ମନ୍ଦାବସ୍ଥା ଯୋଗୁ ତୈଳ ଦର ମଧ୍ୟ ସହଜରେ ସାଧ୍ୟ ବା ନିର୍ବାହଯୋଗ୍ୟ ହୋଇପାରିଥିଲା । ଏପ୍ରିଲ ୨୦୨୦ରେ ତୈଳ ଦରରେ ଅସାଧାରଣ ଭାବେ ହ୍ରାସ ଘଟି ବ୍ୟାରେଲ ପିଛା ୨୦ ଡଲାର ହୋଇଥିଲା, ଯାହା ଫଳରେ କି ବହୁଳ ପରିମାଣରେ ତୈଳ ଆମଦାନୀ କରିବାକୁ ଓ ଅଶୋଧିତ ତୈଳ ଭଣ୍ଡାର ଭର୍ତ୍ତିକରିବାକୁ ଭାରତକୁ ସୁଯୋଗ ମିଳିଥିଲା ।

ଅଶୋଧିତ ତୈଳର ଆମଦାନୀରେ ହ୍ରାସ ଘଟାଇ ତହିଁରେ ଇଥାନଲ ଅଧିକ ପରିମାଣରେ ମିଶ୍ରଣ କରିବା ପୂର୍ବାପେକ୍ଷା ଅଧିକ ଭଲ ହୋଇପାରିଛି । ପେଟ୍ରୋଲରେ ଇଥାନଲର ମିଶ୍ରଣ ପାଇଁ ଆନ୍ତଃ ମନ୍ତ୍ରିମଣ୍ଡଳ ସ୍ତରୀୟ ରିପୋର୍ଟ ୨ ଜୁନ ୨୦୨୧ରେ କେନ୍ଦ୍ର ସରକାରଙ୍କ ପାଖରେ ଉପସ୍ଥାପନା କରାଯାଇଛି । ଏହି ରିପୋର୍ଟ ନୀତି ଆୟୋଗ ଏବଂ ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଆନୁକୂଲ୍ୟରେ ପ୍ରସ୍ତୁତ ହୋଇଛି । ନୀତି ଆୟୋଗର ଅତିରିକ୍ତ ସଚିବ ଡ. ରାକେଶ ସରୱାଲଙ୍କ ଅଧ୍ୟକ୍ଷତାରେ ଏହି ଆନ୍ତଃ–ମନ୍ତ୍ରିମଣ୍ଡଳ ସ୍ତରୀୟ କମିଟି ଗଠନ କରାଯାଇଥିଲା । ଦେଶରେ ଇଥାନଲର ସାଂପ୍ରତିକ ବାର୍ଷିକ ଉତ୍ପାଦନ ପରିମାଣ ୩୨୦ କୋଟି ଲିଟର ସ୍ତରରୁ ତୀବ୍ର ଅଭିବୃଦ୍ଧି ସ୍ତରକୁ ଯିବା ପାଇଁ ଏହି ରିପୋର୍ଟ ଆହ୍ୱାନ ଦେଇଛି । ୨୦୨୦–୨୧ରେ ଭାରତର ମୋଟ ତୈଳ ଆମଦାନୀ ୧୮୫ ମିଲିୟନ ଟନ ଥିଲା ଏବଂ ଏଥିପାଇଁ ୫୫ ବିଲିୟନ ଆମେରିକୀୟ ଡଲାର ବୈଦେଶିକ ମୁଦ୍ରା ଦେବାକୁ ପଡିଥିଲା । ଅଧିକାଂଶ ପେଟ୍ରୋଲିୟମ ପ୍ରଡକ୍ଟ ଗମନାଗମନ କ୍ଷେତ୍ରରେ ହିଁ ବିନିଯୋଗ ହୋଇଥାଏ । ଏକ ସଫଳ ‘ଇଥାନଲ–୨୦’ ପ୍ରୋଗ୍ରାମ ମାଧ୍ୟମରେ ଦେଶ ବର୍ଷକୁ ୪ ବିଲିୟନ ଆମେରିକୀୟ ଡଲାର ବା ୩୦,୦୦୦ କୋଟି ଟଙ୍କା ସଞ୍ଚୟ କରିପାରିବ । ଅପରପକ୍ଷରେ, ଇଥାନଲ ସ୍ୱଳ୍ପ ପ୍ରଦୂଷଣକାରକ ଇନ୍ଧନ ଏବଂ ପେଟ୍ରୋଲ ତୁଳନାରେ ସମତୁଲ୍ୟ କାର୍ଯ୍ୟଦକ୍ଷ ହେବା ସହ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହୋଇଥାଏ । କେନ୍ଦ୍ର ସରକାରଙ୍କ ବିଭିନ୍ନ ଏଜେନ୍ସି ଇଥାନଲ ମିଶ୍ରିତ ପେଟ୍ରୋଲର ବିକ୍ରିବଟା ଏବଂ ଫଳପ୍ରଦ ବ୍ୟବହାର ପାଇଁ ଅନୁକୂଳ ମନୋଭାବସମ୍ପନ୍ନ ଏକ ନିୟାମକ ଓ ଖୁଚୁରା ବା ପାଇକାରୀ ଇକୋ–ସିଷ୍ଟମର ପ୍ରଚଳନ ପାଇଁ ବ୍ରତୀ ଅଛନ୍ତି । ନିକଟ ଅତୀତରେ ଗୁଡ ଓ ଶସ୍ୟଭିତ୍ତିକ ମଦ କାରଖାନା ପାଇଁ ମଞ୍ଜୁର ହୋଇଥିବା ‘ଇଣ୍ଟରେଷ୍ଟ ସବ୍‌ଭେନସନ୍ ଇନ୍‌ସେନ୍‌ଟିଭ୍‌ସ’ ଅର୍ଥାତ୍ ସୁଧ ପାଇଁ ଆର୍ଥିକ ସାହାଯ୍ୟର ପ୍ରୋତ୍ସାହନ କାରଣରୁ ୨୦୨୫ ସୁଦ୍ଧା ପେଟ୍ରୋଲ ସହ ୨୦ ପ୍ରତିଶତ ଇଥାନଲର ମିଶ୍ରଣ ସମ୍ଭବପର ।

ତୈଳ ବିପଣନ କମ୍ପାନୀ ଇନ୍ଧନରେ ପେଟ୍ରୋଲର ପରିମାଣ ପର୍ଯ୍ୟାୟକ୍ରମେ ହ୍ରାସ ପାଇଁ ନିଜର ଯୋଜନା ପ୍ରସ୍ତୁତ କରିଛନ୍ତି ଏବଂ ଯାନବାହନର ନିର୍ମାତାମାନେ ମଧ୍ୟ ଏ ନେଇ ନିଜସ୍ୱ ଯୋଜନା ପ୍ରସ୍ତୁତି ପାଇଁ ସରକାରଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ‘ଇଥାନଲ –୨୦’ ଇନ୍ଧନ ବ୍ୟବହାର କରୁଥିବା ଯାନବାହନ ପାଇଁ ଭାରତ ଷ୍ଟେଜ ଏମିସନ୍ ଷ୍ଟାଣ୍ଡାର୍ଡ –୬ ର ବାୟୁ ପ୍ରଦୂଷଣ ନୀତି ନିୟମ ଲାଗୁ ହେବ । ଯାନବାହନରେ ଇଥାନଲ ମିଶ୍ରିତ ପେଟ୍ରୋଲର ବ୍ୟବହାର ଦ୍ୱାରା ଆମେ ପ୍ରଦୂଷଣ ମାତ୍ରାକୁ ବହୁ ପରିମାଣରେ ହ୍ରାସ କରିପାରିବା । ଏହା ଏକ ରାଷ୍ଟ୍ରୀୟ ଏଜେଣ୍ଡା ଓ ପାରିବେଶିକ ଲକ୍ଷ୍ୟ । ସଂପ୍ରତି ଇଥାନଲ ବା ଇଥାଇଲ୍ ଆଲ୍‌କୋହଲ ମୁଖ୍ୟତଃ ଆଖୁରୁ ହିଁ ପ୍ରସ୍ତୁତ ହେଉଛି ଯଦିଓ ଏହା ବିଭିନ୍ନ ଶସ୍ୟରୁ ମଧ୍ୟ ପ୍ରସ୍ତୁତ କରାଯାଇପାରେ । ଇଥାନଲ ପ୍ରସ୍ତୁତି ପାଇଁ ମାତ୍ରାଧିକ ପରିମାଣ ଜଳର ଆବଶ୍ୟକତା ପଡ଼ିବ । ଏହା ଦେଶର ଜଳ ସଂପଦର ବହୁଳ ପରିମାଣରେ ହ୍ରାସ ଘଟାଇବାର ସମ୍ଭାବନା ରହିଛି । ଫଳସ୍ୱରୂପ ଅନ୍ୟାନ୍ୟ ଖାଦ୍ୟଶସ୍ୟର ଉତ୍ପାଦନ କ୍ଷେତ୍ରରେ ଏହାର ଗୁରୁତର ପ୍ରଭାବ ପଡ଼ିବ ଏବଂ ସେହି ସବୁ ଖାଦ୍ୟଶସ୍ୟର ଭବିଷ୍ୟତ ଉପଲବ୍ଧତା ଓ ମୂଲ୍ୟ ମଧ୍ୟ ପ୍ରଭାବିତ ହେବ । କେନ୍ଦ୍ର ସରକାରଙ୍କ ରିପୋର୍ଟ କେବଳ ଆଖୁ ଉପରେ ନିର୍ଭରଶୀଳ ନ ହୋଇ ଶସ୍ୟଭିତ୍ତିକ ଇଥାନଲ୍ କାରଖାନା ସ୍ଥାପନା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଛି କିନ୍ତୁ ସମଗ୍ର ଦେଶରେ ଏଭଳି ଭିତ୍ତିଭୂମି ପ୍ରତିଷ୍ଠା କରିବା ନିଶ୍ଚିତ ସମୟସାପେକ୍ଷ । ପରନ୍ତୁ ଆମକୁ ସମ୍ପୂର୍ଣ୍ଣ ଦୃଶ୍ୟପଟ ପ୍ରତି ମଧ୍ୟ ଲକ୍ଷ୍ୟ ରଖିବାକୁ ପଡ଼ିବ, ଯେପରି ଅନ୍ୟାନ୍ୟ ପାରିବେଶିକ କ୍ଷେତ୍ରଗୁଡ଼ିକର ସନ୍ତୁଳନ ବିଗିଡ଼ି ନ ଯାଏ ।

ମୋ–୯୩୩୮୨୦୪୯୯୩

# ସିଆଣିଆ ପାଗଳା



ଡ. ଗୌରହରି ରାଉତ

ଆର ସାଇର ସନା ପାଗଳା ହେଇଗଲା– ଏକଥା ଯେ ଶୁଣିଲା ସେ ଆଉଜଣକୁ କହିଲା । ଆଉଜଣେ କହିଲା ଆର ଜଣକୁ । ଏମିତି ଏମିତି କାନରୁ ଦି’ କାନ, ଦି’ କାନରୁ ତିନି କାନ ହେଇ କଥା ଖେଳିଗଲା ଚାରିଆଡ଼େ । ଗାଁରୁ ତିନି ଗାଁ ଡେଇଁ ଚାରିଆଡ଼ ରାଷ୍ଟ୍ର ହେଲା ଏକଥା । ଆରେ ବାବା ଭଲ ମଣିଷର ପୁଣି ଏ କି ଦଶା ? କେହି ୟା’ର ଟେର ପାଇଲେନି । କାଲିର ଭଲ ମଣିଷଟା ଆଜି ପାଗଳା ହେବା କଥା ଶୁଣି ଲୋକେ ସହଜରେ ବିଶ୍ୱାସ କରିପାରିଲେନି । ସମସ୍ତଙ୍କ ମୁହଁରେ ଗୋଟିଏ କଥା– ଆହା ଭଲ ମଣିଷଟା ପାଗଳା ହେଇଗଲା । ସନା ପାଗଳା କାହା ସହ କଥା ହେଲାନି । ଘୁଙ୍ଗାପଣ ସାଙ୍ଗକୁ ଲୋକ ଭୟ । କୌଣସି ବାହାର ଲୋକଙ୍କୁ ଦେଖିଲେ ଅନ୍ଦି ସନ୍ଧିରେ ଲୁଚିଯିବାକଥା ଆହୁରି ବିସ୍ମିତ କରୁଥିଲା ଲୋକମାନଙ୍କୁ । ସନା ଏମିତି ସେମିତି ଲୋକ ନ ଥିଲା । ସମସ୍ୟାରେ ପଡ଼ିଥିବା ଲୋକଙ୍କୁ ସେ ବୁଦ୍ଧି ବାଣ୍ଟିପାରୁଥିଲା । ମାସ ମାସ ବର୍ଷ ବର୍ଷ– ଏମିତି ବିତିଗଲାଣି ପନ୍ଦର କି କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱ । ଲୋକଙ୍କୁ ଦେଖି ଲୁଚୁଥିବା ସନା କିନ୍ତୁ ନିଜ ପରିବାର ପାଇଁ ଘୁଙ୍ଗା ନୁହେଁ । ବାହାର ଲୋକ କେହି ନ ଥିଲେ ଘର ଭିତରେ ଆରାମରେ ବୁଲେ, ସଦସ୍ୟଙ୍କ ସହ ଭଲ ମନ୍ଦ କଥା ବି ହୁଏ । ତା’ର କାର୍ଯ୍ୟକଳାପକୁ ଅନୁଧ୍ୟାନ କଲାପରେ ଲୋକେ ଜାଣିଲେ ଯେ ପ୍ରକୃତରେ ସେ ଘୁଙ୍ଗା ନୁହେଁ – ଜାଣି ସିଆଣିଆ ସନା ପାଗଳା ।

ହେଲେ କାରଣ କ’ଣ ? ଅସଲ କଥା ହେଲା– ତିନି ଗାଁର ଲୋକଙ୍କୁ ବୁଦ୍ଧି ବାଣ୍ଟିବା ଅବସରରେ ବହୁତ ଲୋକଙ୍କଠାରୁ ଅପର୍ଯ୍ୟାପ୍ତ ଧାରକରଜ କରବା ପରେ ଶୁଝିବା ତା’ ପକ୍ଷରେ ଅସମ୍ଭବ ହୋଇପଡ଼େ । ତହୁଁ ଏକ ଅଭିନବ ଉପାୟ ପାଞ୍ଚିଲା । ସମସ୍ତଙ୍କୁ ଭୁଆଁ ବୁଲେଇ ତହିଁ ଆରଦିନ ସକାଳୁ ସକାଳୁ ହେଇଗଲା ଘୁଙ୍ଗା ପାଗଳା । ଧାରକରଜ ଦେଇଥିବା ଲୋକେ ଯେତେବେଳେ ଦେଖିଲେ ସନାର ଏ ଅବସ୍ଥା, ଆଉ ବା କ’ଣ କହିବେ ? କାନ ମୁଣ୍ଡ ଆଉଁଶି ଚୁପ ରହିଲେ । ସନା କିନ୍ତୁ ଭାରି ଚାଲାଖ । ଘର ଲୋକଙ୍କଠାରୁ ବାହାରର ସବୁ ଖବର ରଖୁଥାଏ । ଯେତେବେଳେ ନିଶ୍ଚିତ ହେଇଗଲା– କରଜ ଦେଇଥିବା ଲୋକେ ଦୀର୍ଘଦିନ ପରେ ସେସବୁ କଥା ଭୁଲିଗଲେଣି, ସେତେବେଳେ ସନାର ଘୁଙ୍ଗାପଣ ଠିକ୍ ହେଲା । ଧୀରେ ଧୀରେ ଘରୁ ଦୁଆରକୁ ଗୋଡ଼ କାଢ଼ିଲା, ଗାଁ ଦାଣ୍ଡରେ ଚଲା ବୁଲା କଲା ଓ ଲୋକଙ୍କ ସହ କଥାବାର୍ତ୍ତା କରି ମିଶିବାକୁ ଆରମ୍ଭ କଲା । କରଜ କଥା ଲୋକେ ପାସୋରି ଦେଲେଣି, ସେଥିପାଇଁ ସନା ପାଗଳା ଏବେ ଭଲ ହେଇଗଲାଣି ।

ପ୍ରିୟ ପାଠକେ, ଏଇ ସନା ପାଗଳାମାନେ ଆପଣମାନଙ୍କ ଚାରିପାଖରେ ବି ଅଛନ୍ତି । ଆପଣଙ୍କ ଭିତରୁ ତାଙ୍କ ଜାଲରେ କେହି ପଡ଼ିଥିବେ କି ନା ତା’ ତ ଆମେ ଜାଣୁନା, ହେଲେ ସେମାନେ ନିଶ୍ଚିତ ଘୂରିବୁଲୁଛନ୍ତି । ଏଇ ବହୁବର୍ଣ୍ଣ ବିଚିତ୍ର ଚରିତ୍ରମାନେ ଆପଣଙ୍କୁ ଲଣ୍ଡା କରିବା ପାଇଁ ବିଭିନ୍ନ ପାଞ୍ଚ ଓ ପେଞ୍ଚ କରନ୍ତି, ସେମାନଙ୍କ ପେଞ୍ଚ କୌଶଳ ଭିନ୍ନ ଭିନ୍ନ । ଚାରିପାଖକୁ ସତର୍କ ଦୃଷ୍ଟି ରଖି ଚାଲୁଥିବା ଏଇ ସନା ପାଗଳାମାନେ କେବଳ ଧାରକରଜ ନୁହେଁ, ଆହୁରି ଅନେକ ଭାବରେ ଲୋକଙ୍କୁ ଶୋଷଣ କରନ୍ତି ଓ ଖସିଯିବା ପାଇଁ ଏଭଳି ପାଗଳର ଅଭିନୟ କରିପାରନ୍ତି । ତାହା ପୁଣି ଏତେ ନିଖୁଣ ଯେ ସାଧାରଣ ଲୋକେ ଭକୁଆ ହୁଅନ୍ତି ଯାହା । ବିଚକ୍ଷଣ ବୁଦ୍ଧିସମ୍ପନ୍ନ ସନା ବୋଲି ସିନା ଏହା କରିପାରିଲା, ନଇଲେ ଆମ ତୁମ ପରି ଲୋକଙ୍କର ଏତେ ବୁଦ୍ଧି କାହିଁ ? ଆପଣ ଯାହା କୁହନ୍ତୁ, ସନାକୁ ଗୁରୁ ବୋଲି ମାନିବାକୁ ପଡ଼ିବ ।

ଏଇ ବହୁବର୍ଣ୍ଣ ବିଚିତ୍ର ଏଣ୍ଡୁଅମାନେ କିପରି ବିଭିନ୍ନ ପ୍ରକାର ଅଭିନୟ କରି ଆସନ୍ନ ବିପଦରୁ ଖସିଯାଇପାରନ୍ତି, ତା’ର ଆଉ କିଛି ନମୁନା ନେବା । ଧର – ଯୌଥ ପରିବାରରେ କିଛି ସମସ୍ୟା ହେଲା କିମ୍ବା ବିଶୃଙ୍ଖଳା ଉପୁଜିଲା । ‘ଡେଙ୍ଗା ମୁଣ୍ଡରେ ଠେଙ୍ଗା’ ନ୍ୟାୟରେ ସେ ସବୁର ମୀମାଂସା ବା ସମାଧାନ କରିବା ତ ମୁରବିର ଦାୟିତ୍ୱ । କିନ୍ତୁ ତା’ ହୁଏନି ଅନେକ କ୍ଷେତ୍ରରେ । କାଦୁଅରେ ପଶିବ କିଏ, ଗୋଡ଼ ଧୋଇବ କିଏ ? ‘ଆପେ ବଞ୍ଚିଲେ ବାପର ନାଁ ।’ ଅପାରଗ ମୁରବି ଏଥିରୁ ରକ୍ଷା ପାଇବା ପାଇଁ ସନା ପାଗଳାର ଅଭିନୟ ଆରମ୍ଭ କରିଦିଅନ୍ତି । ଏଇ ଯେମିତି– ଘରର ସବୁ ସଦସ୍ୟ ବସି ଆଲୋଚନା କରୁଥିଲା ବେଳେ ଏମାନଙ୍କର ମୁଣ୍ଡ ବିନ୍ଧା ଆରମ୍ଭ ହୁଏ, ହାଇ ବି.ପି. ସାଙ୍ଗକୁ ଆହୁରି କେତେ କ’ଣ ବାହାରେ । ମୁରବିଙ୍କର ଏ ଅବସ୍ଥା ଦେଖି ଅନ୍ୟ ସଦସ୍ୟଙ୍କର ଅନୁକମ୍ପା ଆସିବା ସ୍ୱାଭାବିକ । ସେଇଠି ଠପ ହୁଏ ଆଲୋଚନା । ଆସନ୍ନ ମରୁ ଝଡ଼ର ସୂଚନା ପାଇଲେ ମରୁଯାତ୍ରୀ ଓଟ ଯେମିତି ମରୁବାଲିରେ ଶୋଇଯାଏ ଓ ଝଡ଼ ଥମିଲେ ପୁଣି ଝାଡ଼ି ଝୁଡ଼ି ହେଇ ଷଣ୍ଢା ଟେକି ଚାଲେ, ଠିକ୍ ସେମିତି ପରିସ୍ଥିତି ଅସମ୍ଭାଳ/ଅଣାୟତ୍ତ ହେବାର ସୂଚନା ପାଇଲେ ଏ ପ୍ରଜାତିର ସନାମାନଙ୍କର ବି.ପି. ବଢ଼ିଯାଏ, ମୁଣ୍ଡ ବିନ୍ଧେ । ସମସ୍ୟାର ଝଡ଼ ଚାଲିଯିବା ପରେ ବି.ପି. ଆପଣା ଛାଏଁ ଭଲ ହୋଇଯାଏ । ଏମାନେ ପୁଣି ଷଣ୍ଢା ଟେକି ନୀରୋଗ ମଣିଷ ହେଇଯାନ୍ତି ।

ପାଠକମାନଙ୍କ ପାଇଁ ଆଉ ଗୋଟିଏ ଉଦାହରଣ ଥୋଇବା । ମୁରବି ଥିଲାବେଳେ ଘରର ସମୂହ ଧନ/ସମୂହ ଅର୍ଥ ଆତ୍ମସାତ୍ କରିଥିବା କଥା ଅନ୍ୟ ସଦସ୍ୟମାନେ ଜାଣିବାପରେ ସେସବୁର ହିସାବ ଯେତେବେଳେ ମାଗନ୍ତି, ସେତେବେଳେ ବି ଏମାନେ ସନା ପାଗଳା ହୋଇ ସ୍ୱଗତୋକ୍ତି କରୁଥାନ୍ତି – ଆରେ ବାପା, ଚାରିଆଡୁ କ’ଣ ଜାଲ ପଡ଼ିଲାଣି ! ଶିକାରୀ ଚାରିଆଡୁ ମୃଗୁଣୀର ବାଟ ବନ୍ଦ କରିଦେବା ଫଳରେ ଈଶ୍ୱରଙ୍କ ଶକ୍ତି ଯେମିତି ତା’ ପାଇଁ ଅମୋଘ ଉପାୟ ଥିଲା, ସେମିତି ଏମାନଙ୍କର ଅମୋଘ ଉପାୟ ହେଲା ଚତୁରତାର ସହ ଅଭିନୟ କରିବା । ଅବଶ୍ୟ ମୃଗୁଣୀ ନିର୍ମାୟା ଥିଲା । କିନ୍ତୁ ପ୍ରତ୍ୟହ କୂଟ କପଟର ମାୟା ଜାଲ ବିଛାଉଥିବା ଏମାନେ ହେଲେ ପୋଖତ ମାୟାଧର । ମାୟା ସରୋବରରେ ସ୍ନାନ କରି ମାୟା ଶକ୍ତିକୁ ମଜଭୁତ କରୁଥାନ୍ତି ନିଜ ଭିତରେ । ବର୍ତ୍ତିବାର ବାଟ ନ ପାଇଲେ ଏମାନେ ସନା ପାଗଳା ସାଜନ୍ତି । ଆମ ତୁମ ପରି ସମସ୍ତେ କ’ଣ ଆଜ୍ଞା ସନା ପାଗଳା ହେଇପାରିବେ ? ଏଥିପାଇଁ କପଟ କଳାର ଉପସ୍ଥିତ ବୁଦ୍ଧି ଥିବା ଦରକାର । ତା’ ସହ ନିଖୁଣ ଅଭିନୟ କରିବାର କଳା ଜ୍ଞାନ ବି ଆବଶ୍ୟକ । ଅଭିନୟ ଧରାପଡ଼ିଗଲେ ତ କଥା ସରିଲା ! ସୁତରାଂ ସମସ୍ତେ ଏଥିରେ ମାହିର ନୁହନ୍ତି ।

ଆଉ କେହି ଚିହ୍ନନ୍ତୁ କି ନ ଚିହ୍ନନ୍ତୁ, ଆମେ କିନ୍ତୁ ଏମାନଙ୍କୁ ଭଲଭାବରେ ଚିହ୍ନିଥାଉ । ସେଥିପାଇଁ ଦୂରରୁ ଏମାନଙ୍କ ଚାରି ଖୁରାକୁ ଦଣ୍ଡବତଟିଏ କରି ଆମ ବାଟରେ, ଆମ ବାଗରେ ବାଦଶାହୀ ଛାଣ୍ଟରେ ଚାଲିଥାଉ । ଏମାନେ ହେଲେ ବହୁବର୍ଣ୍ଣ ଏଣ୍ଡୁଅ । ପରିବେଶ, ପରିସ୍ଥିତି ଅନୁସାରେ ରଙ୍ଗ ବଦଳାଉଥାନ୍ତି । ଶାଗୁଆ ଗଛରେ ରହି ଏଣ୍ଡୁଅ ଯଦି ହଳଦିଆ ରଙ୍ଗ ବାହାର କରେ ତେବେ ତ ସେ ଶିକାରୀ ହାତରେ ଧରାପଡ଼େ ! ତେଣୁ ସାଧୁ ସାବଧାନ, ଏଭଳି ସିଆଣିଆ ପାଗଳାମାନଙ୍କୁ ସତର୍କ ଦୃଷ୍ଟି ରଖି ଚାଲନ୍ତୁ । ତା’ ହେଲେ ଆପଣଙ୍କର ମଙ୍ଗଳ, ସମାଜର ବି ।

ଇ – ୨୪/ ୩, ୟୁନିଟ–୯ (ଫ୍ଲାଟ)
ଭୁବନେଶ୍ୱର, ମୋ:୮୭୬୩୮୫୩୨୪୪

## ଏଇ ଭାରତରେ

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ବାତ୍ୟା ସମୟରେ ବିଭିନ୍ନ ସୂଚନା ଜାରି କଲେ ମଧ୍ୟ ଅନେକ ସମୟରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିବା ଲକ୍ଷ୍ୟ କରାଯାଏ । ଇଂଲିଶ, ହିନ୍ଦୀ କିମ୍ବା ଆଞ୍ଚଳିକ ଭାଷାରେ ଏହାକୁ ପ୍ରସାରଣ କରାଯାଉଥିବା ବେଳେ ବହୁ ମତ୍ସ୍ୟଜୀବୀ ଟେକ୍‌ନିକାଲ୍ ଟର୍ମ ବୁଝିବାକୁ ସକ୍ଷମ ହୁଅନ୍ତି ନାହିଁ । ଏହି ସମସ୍ୟା ଦୂର କରିବାକୁ କେରଳର ତ୍ରିଶୂର୍‌ରେ ୫ ଜଣ ଗବେଷକ ଆରମ୍ଭ କରିଛନ୍ତି ଏକ କମ୍ୟୁନିଟି ରେଡିଓ ‘ରେଡିଓ ମନ୍‌ସୁନ’ । ସେମାନେ ପରିସ୍ଥିତିକୁ ଭଲଭାବେ ବୁଝିପାରିବା ଲାଗି ସ୍ଥାନୀୟ ଭାଷାରେ ପ୍ରତିଦିନ ପାଣିପାଗ ସମ୍ପର୍କିତ ସୂଚନା ପ୍ରଦାନ କରୁଛନ୍ତି । ନିୟମିତ ଜଳବାୟୁ ସମ୍ପର୍କିତ ତଥ୍ୟ ପ୍ରଦାନ କରୁଥିବା ଦେଶର ବିଭିନ୍ନ ସଂସ୍ଥାର ସୂଚନା ଆଧାରରେ ସେମାନେ ଏହାକୁ ଚଳାଉଛନ୍ତି । ମତ୍ସ୍ୟଜୀବୀଙ୍କ ପ୍ରତିକ୍ରିୟା ମଧ୍ୟ ସମୁଦ୍ରରୁ ସଂଗ୍ରହ କରି ସେମାନଙ୍କ ଅଭାବ ଅସୁବିଧା ପୂରଣ କରୁଛନ୍ତି । ରେଡିଓ କମ୍ୟୁନିଟ୍ ଚଳାଉଥିବା ୫ ଜଣ ଗବେଷକ ହେଲେ ମ୍ୟାକ୍ମିଲନ ମାର୍ଟିନ, ଏ. ଗୋମେଜ, ସଜନ, ସିନ୍ଧୁ ଏମ୍. ନେପୋଲିୟନ୍ ଏବଂ କେ. କ୍ଲିମେଣ୍ଟ । ଏହି ରେଡିଓ ଷ୍ଟେଶନ କରୁମ୍‌କୁଲମ ଗାଁରେ ପ୍ରତିଷ୍ଠା କରାଯାଇଛି । ସେମାନେ ସୂଚନା ମୋବାଇଲ ହ୍ୱାଟ୍ସଆପ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଟୁଇଟର ମାଧ୍ୟମରେ ପ୍ରଦାନ କରୁଛନ୍ତି । ଏସବୁ ସୋସିଆଲ ମିଡିଆ ହ୍ୟାଣ୍ଡେଲ କରିବା ଲାଗି ମତ୍ସ୍ୟଜୀବୀଙ୍କୁ ପ୍ରଶିକ୍ଷଣ ବି ଦେଇଛନ୍ତି । ପ୍ରତିଦିନ ଉପକୂଳ ଅଞ୍ଚଳ ଗାଁଗୁଡ଼ିକରେ ରେଡିଓ ମନ୍‌ସୁନ୍‌ର ସଦସ୍ୟ ଓ ସ୍ୱେଚ୍ଛାସେବୀ ମାଇକ୍‌ରେ ପ୍ରଚାର କରୁଛନ୍ତି । କେବଳ ବାତ୍ୟା ସମୟରେ ନୁହେଁ ବର୍ଷର ସବୁ ସମୟରେ ପ୍ରତିଦିନର ପାଣିପାଗ ବିବରଣୀ ପ୍ରଦାନ କରୁଛନ୍ତି ଏମାନେ । ଏଭଳି ଅଭିଯାନ ମାଧ୍ୟମରେ ଏବେସୁଦ୍ଧା ୧,୦୦୦ ମତ୍ସ୍ୟଜୀବୀଙ୍କ ଜୀବନ ବଞ୍ଚାଇ ସାରିଲେଣି । ସମୁଦ୍ରକୁ ମାଛ ମାରିବାକୁ ଯିବା ସମୟରେ ଅର୍ଥାତ୍ ଦିନ ୧ଟାରୁ ୨ଟା ମଧ୍ୟରେ ପ୍ରଥମେ ସେମାନଙ୍କୁ ସୂଚନା ଦିଆଯାଏ । ପରେ ପ୍ରତିଦିନ ସମୁଦ୍ରରୁ ମତ୍ସ୍ୟଜୀବୀଙ୍କୁ ରେଡିଓ ମନସୁନ୍ ପାଖାପାଖି ୪୦୦ କଲ୍ କରେ । ବାତ୍ୟା ସମୟରେ ଏହା ବଢ଼ିଯାଏ । ଏହି ରେଡିଓର ସୀମା ୧୦ରୁ ୧୨ କିମି । ତେବେ ସମୁଦ୍ରରେ ସିଗ୍‌ନାଲ୍ ୭୦ କିମି ଯାଏ ପହଞ୍ଚି ପାରୁଛି । ବନ୍ୟା ସମୟରେ ବି ଏହା ଲୋକଙ୍କୁ ସୂଚନା ପ୍ରଦାନ କରୁଛି ।

## ପାଠକ ଶ୍ରେଷ୍ଠ ବିଚାରକ

### ଟିକାକରଣ ନା ରୋଗ ବଣ୍ଟନ

ମହାଶୟ,

ଲୋକେ ଟିକାକରଣ କେନ୍ଦ୍ରରେ ବଡ଼ିସକାଳୁ ଜମା ହେଉଛନ୍ତି । ଲାଇନରେ ରହିବା ପାଇଁ ସେମାନଙ୍କୁ କୁହାଯାଉଛି । ଏମାନଙ୍କ ମଧ୍ୟରେ ବୟସ୍କ ବ୍ୟକ୍ତି ଓ ମହିଳାମାନେ ମଧ୍ୟ ଅଛନ୍ତି । ସମସ୍ତେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଖରାରେ ଠିଆ ହୋଇ ରହୁଛନ୍ତି । ଏହାଦ୍ୱାରା ରୋଗ ବଣ୍ଟନ କରାଯାଉ ନାହିଁ କି ? ଯଦି ଟିକା ସରିଗଲା, ତେବେ ପଛରେ ଥିବା ଲୋକେ କାନମୁଣ୍ଡା ଆଉଁଶି ଘରକୁ ଫେରୁଛନ୍ତି । ସାମାନ୍ୟ ସୁବିଧା କଲେ ଲୋକେ କଷ୍ଟ ଭୋଗ କରନ୍ତେ ନାହିଁ । ପ୍ରଥମେ କେତେ ଜଣ ଲାଇନ୍‌ରେ ରହୁଛନ୍ତି ସେମାନଙ୍କର ଗୋଟିଏ ଲିଷ୍ଟ କରାଯାଉ, ନଚେତ୍ ଟୋକନ୍ ସିଷ୍ଟମ କରାଯାଇ ସେମାନଙ୍କୁ କୋଭିଡ ନିୟମ ପାଳନ କରିବାକୁ କୁହାଯାଉ । ଲିଷ୍ଟ ବା ଟୋକନ୍ ଅନୁସାରେ ଟିକା ଅନୁପାତକୁ ଦେଖି ଲୋକଙ୍କୁ ଟିକାକରଣ କରି ଅନ୍ୟମାନଙ୍କୁ ଫେରାଇ ଦିଆଗଲେ ଅପ୍ରୀତିକର ପରିସ୍ଥିତି ଉପୁଜିବ ନାହିଁ । ଶୃଙ୍ଖଳାରେ ଟିକାକରଣ କରାଯାଇପାରିବ ଓ ଲୋକେ ହଇରାଣ ହରକତ ହୁଅନ୍ତେ ନାହିଁ ।

– ସଦାନନ୍ଦ ଭୋଇ, ବୁଢ଼ାରଜା, ସମ୍ବଲପୁର

### ଚିରନ୍ତନୀ

ଘୂର୍ଣ୍ଣାୟିତ ବିଶ୍ୱଚକ୍ରେ ଯେତେ ଲୟସ୍ଥିତି ବା ଜନମ
ବ୍ୟଥାର ଆନନ୍ଦ ରସେ ସଦା ତା’ର ପୀଡିତ ମରମ,
ଅନୁକ୍ଷଣ ବହି ଏହି ବ୍ୟଥାର ଆନନ୍ଦ
ଜାଗି ଉଠେ ସୃଜନର ଛନ୍ଦ ।
–(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାସ୍ତା ନିର୍ମାଣକୁ ନେଇ ଗୋଷ୍ଠୀସଂଘର୍ଷ

- ୭ ଆହତ, ୨ ଗୁରୁତର
- ଗୋଟିଏ ପକ୍ଷର ୪ ଅଟକ

ବାସୁଦେବପୁର/ପଦ୍ମପୁର, ୧୮।୭(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ କାଶୀପୁର ଗ୍ରାମରେ ଏକ ରାସ୍ତା ନିର୍ମାଣକୁ ନେଇ ରବିବାର ଗୋଷ୍ଠୀସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରଞ୍ଜନ ବେହେରା, ସମୀର ଜେନା, କରୁଣାକର ବେହେରା, ରତିକାନ୍ତ ଜେନା, ସୁରେଶ ମିଶ୍ର, ଶଙ୍କର୍ଷଣ ରାଉଳ ଓ ତନୁଶ୍ରୀ ରାଉଳ। ସମସ୍ତଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଟେଣ୍ଟା ଓ ଭୁଜାଲି ମାଡ଼ରେ ୨ ଗୁରୁତର ରଞ୍ଜନ ଓ ସମୀରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସମୀରଙ୍କ ଗୋଡ଼ରେ ଟେଣ୍ଟା ଲାଖି ରହିଛି।

ପ୍ରକାଶ ଯେ କାଶୀପୁର ରାସ୍ତା ସଂଲଗ୍ନ ବିଲରେ ଶଙ୍କର୍ଷଣଙ୍କ ଥିବା ପକ୍କାଘରକୁ ସ୍ଥାୟୀ ରାସ୍ତା ନାହିଁ। ଏଣୁ ସେ ଓ ତାଙ୍କ ପରିବାର ଲୋକେ ଶନିବାର ବିଳମ୍ବିତ ରାତିରେ ସୁରେଶଙ୍କ ଜମିରେ ଏକ ଅସ୍ଥାୟୀ ରାସ୍ତା ତିଆରି କରି ନେଇଥିଲେ। ରବିବାର ସକାଳେ ସୁରେଶ ଜାଣିବା ପରେ ତାଙ୍କ ଜମିରେ କାହିଁକି ରାସ୍ତା ତିଆରି କଲ ବୋଲି ଶଙ୍କର୍ଷଣଙ୍କ ପରିବାର ଲୋକଙ୍କୁ ପଚାରିଥିଲେ। ଏହାକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଥିଲା। ଶଙ୍କର୍ଷଣଙ୍କ ପରିବାର ଲୋକେ ମାରଣାସ୍ତ୍ରରେ ସୁରେଶଙ୍କୁ ଆକ୍ରମଣ କରିଥିଲେ। ସୁରେଶଙ୍କୁ ବଞ୍ଚାଇବାକୁ ଯାଇ ରଞ୍ଜନ, ସମୀର, କରୁଣାକର, ରତିକାନ୍ତ ଆକ୍ରମଣର ଶିକାର ହୋଇଥିଲେ। ସେହିପରି ପାଲଟା ଆକ୍ରମଣରେ ଶଙ୍କର୍ଷଣ ଓ ତାଙ୍କ ସ୍ତ୍ରୀ ତନୁଶ୍ରୀ ଆହତ ହୋଇଥିଲେ। ଖବର ପାଇ ନାୟକାଣିଡିହୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଦୁଇପକ୍ଷର ଅଭିଯୋଗକୁ ଭିତ୍ତିକରି ଥାନାରେ ୨ଟି ମାମଲା(ନଂ.୧୯୦/୨୧ ଓ ୧୯୧/୨୧) ରୁଜୁ ହୋଇଛି। ଅପରାହ୍ନରେ ଗୋଟିଏ ପକ୍ଷର ୪ ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ କରୁଛି।



ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁ ଭୁବନେଶ୍ୱର ରାଜମହଲଠୁ ମାଷ୍ଟରକ୍ୟାଣ୍ଟିନ୍ ଛକ ମଧ୍ୟରେ ଖାଁ ଖାଁ ଯାତାୟାତ।

# ପୁଅକୁ ହାଣି ମାରିଦେଲେ ବାପା

ବାରିପଦା ଅଫିସ,୧୮।୭

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ନରଣଖୁଣ୍ଟା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ କଳହକୁ କେନ୍ଦ୍ର କରି ପୁଅକୁ ବାରିସିରେ ହାଣି ବାପା ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପ୍ରମୋଦ କୁମାର ସିଂ(୨୬)। ଖବରପାଇ ବଡ଼ସାହି ଥାନା ପୋଲିସ, ବେତନଟୀ ଏସ୍‌ଡିପିଓ ଲଳିତ କୁମାର ପଟ୍ଟନାୟକ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ବାରିସିକୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରମୋଦ ବାରିପଦାସ୍ଥିତ ଏକ ଭଡ଼ାଘରେ ରହି ଆସୁଥିଲେ। ରବିବାର ତାଙ୍କ ସ୍ତ୍ରୀ ସହିତ ମାମୁଁ ଘର ଚୋପ୍ରାପୁର ବୁଲିବାକୁ ଆସି ନିଜ ଘରକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ବାପ ଓ ପୁଅଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ଏଥିରେ ବାପା ଅନିଲ ସିଂ ଉତକ୍ଷୀପ୍ତ ହୋଇ ଏକ ବାରିସିରେ ହାଣି ଦେବାରୁ ଘଟଣାସ୍ଥଳରେ ପ୍ରମୋଦଙ୍କ ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ମୃତକଙ୍କ ସ୍ତ୍ରୀ ସରସ୍ୱତୀଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୫୦/୨୧) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଗଞ୍ଜାମରେ ପ୍ଲାନେଟୋରିୟମ ସ୍ଥାନକୁ ନେଇ ବିବାଦ

## ୧୪ ବର୍ଷ ତଳ ନିଷ୍ପତ୍ତି ବାଟବଣା

ଛତ୍ରପୁର,୧୮।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୧୪ ବର୍ଷ ତଳେ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୧୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୩ ବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସରିବ ବୋଲି ସେ ସମୟରେ କୁହାଯାଇଥିଲା। ହେଲେ କାର୍ଯ୍ୟ

### ତହସିଲଦାରଙ୍କୁ ଚିଠି ଲେଖିଲା ଇଡ୍‌କୋ

ଆରମ୍ଭ ହୋଇପାରିଲାନି। ଏହାପରେ ୨୦୧୯ ଫେବ୍ରୁଆରୀ ୪ରେ ଗଞ୍ଜାମରେ ପ୍ଲାନେଟୋରିୟମ ସହ ସାଇନ୍ସ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଗଲା। କନିଷି ତହସିଲ ଅଧୀନ ଗୋପାଳପୁର ନିକଟ ବିକ୍ରମପୁରଠାରେ ଏଥିପାଇଁ ସ୍ଥାନ ଚିହ୍ନଟ ହୋଇଛି। ଏହାର ପାଚେରି ନିର୍ମାଣ ପାଇଁ ୪୯ ଲକ୍ଷ ଟଙ୍କା ମଧ୍ୟ ମଞ୍ଜୁର ହୋଇଛି। ତେବେ ଚିହ୍ନଟ ସ୍ଥାନକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ବିବାଦ ଯୋଗୁ କାର୍ଯ୍ୟ ଆରମ୍ଭ ହୋଇପାରିନି।

ଭୁବନେଶ୍ୱର ଓ ସମ୍ବଲପୁରରେ ପ୍ଲାନେଟୋରିୟମ ରହିଛି। ଗଞ୍ଜାମ ସମେତ ଆଉ ୬ଟି ସ୍ଥାନରେ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ଚଳିତବର୍ଷ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗଞ୍ଜାମ ଜିଲା ବିକ୍ରମପୁରଠାରେ ଚୂଡାନ୍ତ ହୋଇ ସାରିଥିବା ମୋଟ ୧୦ ଏକର ଜମି ମଧ୍ୟରୁ ୫ ଏକରରେ ପ୍ଲାନେଟୋରିୟମ ଓ ୫ ଏକରରେ ସାଇନ୍ସ ପାର୍କ ନିର୍ମାଣ କରାଯିବ। ଏହାର ଟେଣ୍ଡର ହୋଇସାରିଛି। ଠିକାଦାରଙ୍କ ସହ ଚୁକ୍ତି ହେବାର ମାସେ ପୂରିଲାଣି। ହେଲେ ଚିହ୍ନଟ ସ୍ଥାନକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ବିବାଦ ରହିଥିବାରୁ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଜାଗା ବିବାଦକୁ ନେଇ ଗୋପାଳପୁର ଥାନାରେ ମାମଲା ରୁଜୁ ହୋଇଛି। ଏ ନେଇ କନିଷି ତହସିଲଦାର ଓ ଗୋପାଳପୁର ରାଜସ୍ୱ ନିରୀକ୍ଷକଙ୍କୁ ବାରମ୍ବାର ଅବଗତ କରାଯାଇଛି। ପୋଲିସ ଓ ପ୍ରଶାସନ ପଦକ୍ଷେପ ନେବାରେ ବିଳମ୍ବ କରୁଥିବା ଜଣାଯାଇଛି। ବିକ୍ରମପୁରଠାରେ ପ୍ଲାନେଟୋରିୟମ ନିର୍ମାଣ ପାଇଁ ପ୍ଲଟ ନମ୍ବର ୩୪୧,୩୪୩ ଓ ୭୧୯ରେ ୧୦ ଏକର ଜମି ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗକୁ ଆବଣ୍ଟନ ହୋଇସାରିଛି। ଜମି ଡିମାର୍କେସନ କରିବାକୁ ଇଡ଼କୋ ପକ୍ଷରୁ କନିଷି ତହସିଲଦାରଙ୍କୁ ଚିଠି (ନଂ. ୭୧୫/୧୮।୬।୨୧) ହୋଇଥିଲା। କୌଣସି ପଦକ୍ଷେପ ନିଆ ନ ଯିବାରୁ ପୁଣି ବ୍ରହ୍ମପୁରସ୍ଥିତ ଇଡ଼କୋର ଡିଭିଜନାଲ ମୁଖ୍ୟ ଇଂ. ଅଶୋକ କୁମାର ମିଶ୍ର ଏକ ଚିଠି (ନଂ.୮୬୮/୧୪।୭।୨୧) କରିଛନ୍ତି। ଇଡକୋ ଜିଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରିଛି। ଏପରି ଲାଗିରହିଲେ ସମୟ ଅପଚୟ ସହ ପ୍ରୋଜେକ୍ଟ ଅଟକଳ ପ୍ରଭାବିତ ହେବ ବୋଲି କୁହାଯାଇଛି।



Er. Ashok Kumar Mishra,
Divisional Head, IDCO, Berhampur.

idco | ODISHA NEW OPPORTUNITIES

No IDCO BAM CIV E- 868 Date - 14. 07. 2021

To,
The Tahasildar,
Kanisi,
Berhampur.

Sub: Demarcation of allotted land for Science centre at Bikrampur, Gopalpur, Dist-Ganjam.

Ref: T.O lr no-715 dt018.06.2021.

Sir,

In reference to above cited subject and as per the letter in reference, we have requested to you for demarcation of 10Ac of land allotted to science & Technology dept., Govt. of Odisha, plot 341,343,719 in the village/ Mouza- Bikrampur, Kanisi Tahasil, Berhampur, Dist-Ganjam for construction of Science centre cum planetarium.

Vide T.O lr no-715 dt 18.06.2021, also we are persuing this matter with you & R.I. Gopalpur regularly. In this connection, it is to state that R.I. Gopalpur failed to demarcate the land because of the dispute by the local villagers & he had lodged an affair in Gopalpur, thana. But since then there is no progress in this matter. Though we are approaching IIC, Gopalpur Thana regularly. This matter is also intimated to the A.D.M(Revenue), Ganjam & Collector, Ganjam.

Though we have executed the agreement with the executing contractor & placed work order since 16.06.2021, he is not able to go to the site & start the work. It is a matter of regret that the valuable working time is wasted which may affect project cost in future.

Considering the above facts suitable action may be initiated soon, so that the project can be completed in time.

This is for your kind information & necessary action.

Yours faithfully,
Divisional Head, IDCO, Berhampur.
14-7-21

Memo no 869 Dt. 14. 07. 2021
Copy submitted to the Chief General Manager (Civil), IDCO, IDCO Tower, BBSR for kind information.

Divisional Head, Contd. P-2
14-7-21

Odisha Industrial Infrastructure Development Corporation
(A Government of Odisha Under taking)

ବ୍ରହ୍ମପୁରସ୍ଥିତ ଇଡ୍‌କୋର ଡିଭିଜନାଲ ମୁଖ୍ୟ ଇଂ. ଅଶୋକ କୁମାର ମିଶ୍ରଙ୍କ ଚିଠି।

# ‘ମହିଳାଙ୍କ ନେତୃତ୍ୱରେ ରାଜନୈତିକ ପରିବର୍ତ୍ତନ ଘଟିବ’

## ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ରାଜ୍ୟରେ ମହିଳାଙ୍କ ସୁରକ୍ଷା, ସମ୍ମାନ ଏବଂ ସେମାନଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଭିଡିଓ କନ୍‌ଫରେନ୍ସିଂରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବୁଥ୍‌ସ୍ତରରୁ ମହିଳା ନେତ୍ରୀଙ୍କୁ ଚିହ୍ନଟ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକାରିଣୀରେ ମୁଖ୍ୟତଃ ୧୨ଟି ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଛି। ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରିଣୀରେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସବୁ ଜିଲାର ମହିଳା ମୋର୍ଚ୍ଚା ସଭାନେତ୍ରୀ, ପଦାଧିକାରୀ ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ସ୍ମୃତି କହିଛନ୍ତି ଯେ, ମହିଳାମାନେ ସ୍ୱୟଂସମ୍ପନ୍ନା ହେବା ସହ ସଙ୍ଗଠନକୁ ମଜଭୁତ କରିବା ଆବଶ୍ୟକ। ମହିଳାଙ୍କ ଉଦ୍ଦେଶ୍ୟରେ ହୋଇଥିବା କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ତୃଣମୂଳସ୍ତର ପର୍ଯ୍ୟନ୍ତ ନିଆଯିବ। ସାମାଜିକ ଗଣମାଧ୍ୟମକୁ ସୁବିନିଯୋଗ କରି ରାଜ୍ୟର ମା’ ଭଉଣୀଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ସ୍ମୃତି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟରେ ମହିଳା ଭୋଟରଙ୍କ ବଡ଼ ଯୋଗଦାନ ରହିଛି। ଆଗାମୀ ଦିନରେ ମହିଳାଙ୍କ ନେତୃତ୍ୱରେ ହିଁ ରାଜନୈତିକ ପରିବର୍ତ୍ତନ ଘଟିବ। ସେଥିଲାଗି ବ୍ୟାପକ ଯୋଜନା ପ୍ରସ୍ତୁତ କରିବା ତଥା ଦଳର ଢାଞ୍ଚାଗତ ବିକାଶ ପାଇଁ ମହିଳା ମୋର୍ଚ୍ଚା ନେତୃତ୍ୱ ନେବା ଆବଶ୍ୟକ। ମୋଟ ୪୦ ହଜାର ବୁଥ୍‌ରେ ମହିଳାଙ୍କୁ ଏକାଠି କରି ଆଗାମୀ ଦିନରେ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଉ। ଭାରତର ରାଜନୈତିକ ଦୃଷ୍ଟିକୋଣରୁ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସମୀର ମହାନ୍ତି କହିଛନ୍ତି, ନିକଟ ଅତୀତରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ୧୧ ଜଣ ମହିଳାଙ୍କୁ ଦେଶର ବିଭିନ୍ନ ବିଭାଗରେ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ରାଜ୍ୟ ସରକାର ମହିଳା ସଶକ୍ତୀକରଣ ନାଁରେ ମିଶନ ଶକ୍ତି ପ୍ରତିଷ୍ଠା କରି ହୀନ ରାଜନୀତି କରୁଛନ୍ତି। କେନ୍ଦ୍ରର ସମସ୍ତ ଯୋଜନାକୁ ତଦାରଖ କରିବା ପାଇଁ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ସମୀର ନିର୍ଦ୍ଦେଶ ଦେଇଛନ୍ତି।

# ହାଇଦ୍ରାବାଦରେ ତାରାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଦୁଇ ନେତା

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କିଛିଦିନ ପୂର୍ବେ ଏକ ଘରୋଇ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇ ସୁସ୍ଥ ହେବାପରେ ଘରକୁ ଫେରିଥିଲେ। କିନ୍ତୁ ମଧୁମେହ ଓ ପୋଷ୍ଟ କୋଭିଡ୍ କମ୍ପ୍ଲିକେଶନ ପାଇଁ ପୁଣିଥରେ ବାହିନୀପତି ଅସୁସ୍ଥ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ଗତ ୧୨ ଦିନ ଧରି ହାଇଦ୍ରାବାଦସ୍ଥିତ କିମ୍ସ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ରବିବାର ତାଙ୍କୁ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଓ ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ ଭେଟି ଆଶୁ ଆରୋଗ୍ୟ କାମନା କରିବା ସହ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରି ଫେରିଛନ୍ତି। ଉକ୍ତ ହସ୍ପିଟାଲ୍‌ରେ ପୂର୍ବରୁ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ସଂଗ୍ରାମ ଜେନାଙ୍କୁ ମଧ୍ୟ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ ବାହିନୀପତି ଓ ଜେନାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଫୋନ୍‌ରେ କଥାବାର୍ତ୍ତା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଯନ୍ତାରେ ପଡ଼ିଲା ସହରମୁହାଁ ଭାଲୁ

## ସୁନାବେଡ଼ା ଅଭୟାରଣ୍ୟରେ ଛଡ଼ାଗଲା

ନୂଆପଡ଼ା ଅଫିସ,୧୮।୭

ଶେଷରେ ଯନ୍ତାରେ ପଡ଼ିଲା ସହରମୁହାଁ ଭାଲୁ। ୪ ଦିନ ଧରି ଲଗାତର ନୂଆପଡ଼ା ଜିଲାପାଳଙ୍କ ସରକାରୀ ବାସଭବନକୁ ଆସି ଆମ୍ବ ଖାଇ ଜଙ୍ଗଲ ଭିତରକୁ ଚାଲି ଯାଉଥିବା ଭାଲୁ ଧରାପଡ଼ିଛି। ଦୁଇଦିନ ହେଲା ଭାଲୁକୁ ଧରିବା ପାଇଁ ବନ ବିଭାଗ ଯନ୍ତା ପକାଇ ଛପି ବସିଥିଲା। ଶନିବାର ରାତିରେ ଯନ୍ତାରେ ପଡ଼ିଛି ସହରମୁହାଁ ଭାଲୁ। ଘଟଣାସ୍ଥଳରେ ବନ ବିଭାଗ ସହ ପ୍ରାଣୀ ଚିକିତ୍ସକ ଉପସ୍ଥିତ ରହିଥିଲେ। ପ୍ରାଣୀ ଚିକିତ୍ସକ ବସନ୍ତ କୁମାର ଧଳ ଭାଲୁର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥିବା ଜଣାପଡ଼ିବା ପରେ ରବିବାର ଭାଲୁକୁ ନେଇ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଛାଡ଼ି ଦିଆଯାଇଥିବା ନୂଆପଡ଼ା ବନ୍ୟପ୍ରାଣୀ ବିଭାଗ ରେଞ୍ଜର ଦିଲୀପ ଚମ୍ପତରାୟ ସୂଚନା ଦେଇଛନ୍ତି।

ଶନିବାର ରାତିରେ ଭାଲୁକୁ ଧରିବା ପାଇଁ ଜିଲାପାଳଙ୍କ ସରକାରୀ ବାସଭବନରେ ସମସ୍ତ ବ୍ୟବସ୍ଥା ହୋଇଥିଲା। ଖଡ଼ିଆଳ ଡିଏଫ୍‌ଓ ବିବେକ କୁମାର ଓ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ବିନୟ ଭୂଷଣ କୁମାର ବିଶ୍ୱାସୀ, ବନ୍ୟପ୍ରାଣୀ ବିଭାଗ ରେଞ୍ଜର ଚମ୍ପତରାୟ ଓ ସଦର ବନ ବିଭାଗ ରେଞ୍ଜର ବିନିତା ଭୋଇଙ୍କ ନେତୃତ୍ୱରେ ଭାଲୁକୁ ଧରିବା ପାଇଁ ଏକ ୧୮ ଜଣିଆ ଟିମ୍ ଗଠନ ହୋଇଥିଲା। ଯନ୍ତାରେ ଆମ୍ବ ଓ ସପୁରି ରଖି ବନ କର୍ମଚାରୀ ରାତିରେ ଛକି ରହିଥିଲେ।



ଯନ୍ତାରେ ପଡ଼ିଥିବା ଭାଲୁ।

ନୂଆପଡ଼ା ଥାନା କ୍ୟାମ୍ପସ୍‌ରେ ପଶି ଭାଲୁ କିଛି ସମୟ ଆତଙ୍କ ଖେଳାଇଥିଲା। ଥାନା କ୍ୟାମ୍ପସ୍‌ରେ ଥିବା ଜଣକ ଘରେ ମଧ୍ୟ ପଶି ଯାଇଥିଲା। ପରେ ତେଲିପଡ଼ା ଭାଟିଛକ ଓ ମିନି ଷ୍ଟାଡିୟମ ଦେଇ ପୁଣି ଥରେ ଜିଲାପାଳଙ୍କ ବାସଭବନରେ ପଶିଥିଲା। ରାତି ପ୍ରାୟ ସାଢ଼େ ୩ଟାରେ ଭାଲୁ ଯନ୍ତା ଭିତରେ ପଶିବା ପରେ ଛପି ରହିଥିବା ବନ କର୍ମଚାରୀମାନେ ତାକୁ କାବୁ କରିଥିଲେ।

ପ୍ରାପ୍ତ ସୂଚନା ଅନୁସାରେ ଦୀର୍ଘ ୧୦ ଦିନ ଧରି ନୂଆପଡ଼ା ସହରରେ ଭାଲୁ ଆତଙ୍କ ଖେଳାଇଥିଲା। ଗତ ୪ ଦିନ ହେବ ଆମ୍ବ ଖାଇବାକୁ ନୂଆପଡ଼ା ଜିଲାପାଳଙ୍କ ବାସଭବନରେ ପଶୁଥିଲା। ଭାଲୁକୁ କାବୁ କରିବାକୁ ବନ ବିଭାଗ କର୍ମଚାରୀ ୨ ଦିନ ଧରି ଯନ୍ତା ପକାଇ ବସୁଥିଲେ ମଧ୍ୟ ଏଥିରେ ବିଫଳ ହେଉଥିଲେ। ଶେଷରେ ଶନିବାର ରାତିରେ କାବୁ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଯୁବ ବିଜେଡି

## ସିଇଟିକୁ ଏକକ ସ୍ୱତନ୍ତ୍ର ମାନ୍ୟତା ପ୍ରସଙ୍ଗ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସିଇଟି କଲେଜକୁ ଏକକ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ଏକ ଐତିହାସିକ ନିଷ୍ପତ୍ତି। ରାଜ୍ୟ ସରକାର ସିଇଟିକୁ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ ନାମରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ରୂପେ ପ୍ରତିଷ୍ଠା କରିବେ। ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ଓଡ଼ିଶାର ଯୁବଛାତ୍ର ସ୍ୱତଃ ପ୍ରବୃତ୍ତ ଭାବେ ମାଷ୍ଟରକ୍ୟାଣ୍ଟିନ ଛକରେ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ବ୍ୟୋମକେଶ କହିଛନ୍ତି, ‘ପୂର୍ବରୁ ବୈଷୟିକ ଶିକ୍ଷା ଆହରଣ ପାଇଁ ଓଡ଼ିଶାର ଯୁବ ଛାତ୍ର ବାହାର ରାଜ୍ୟ ଉପରେ ନିର୍ଭର କରୁଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ଦ୍ୱାରା ଓଡ଼ିଶା ଆଜି ସମଗ୍ର ଦେଶରେ ବୈଷୟିକ ଶିକ୍ଷା କ୍ଷେତ୍ରର ହବ୍ ପାଲଟିଯାଇଛି। ଏହି ନୂତନ ଏକକ ବିଶ୍ୱବିଦ୍ୟାଳୟ ବୈଷୟିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ।

L-31:-

DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR

EXPRESSION OF INTEREST (EOI)

**Expression of Interest (EOI) for Engagement of State Level Agency for Project Management Unit for Integrated Farming System in the State of Odisha**

Expression of Interest (EOI) is invited by the Directorate of Agriculture & Food Production, Odisha, Bhubaneswar from the experienced and interested Organizations/ Agencies for engagement of State Level Agency for Project Management Unit for Integrated Farming System in the State of Odisha. Interested Organizations/ Agencies are required to submit proposals in sealed envelope super-scribed as "Application for Engagement of State Level Agency for Project Management Unit for Integrated Farming System in the State of Odisha" as per the enclosed application format by registered/ speed post. Proposals in e-mail will not be entertained in this regard. The EOI should be addressed to **Director, Agriculture & Food Production, Odisha, 2nd floor, Krushi Bhawan, Bhubaneswar, Dist: Khurda, Odisha, Pin-751001**. Last date for receipt of proposal is **9th August 2021 upto 1.00 PM** and the same shall be opened on the **same day at 03:30 PM** in presence of authorized signatory and representatives. The application form and detail terms & conditions are available in the official website of **www.odisha.gov.in/ www.agrisnetodisha.ori.nic.in.**

The Authority shall not be responsible for any sort of postal delay and proposal received beyond scheduled date and time shall not be entertained & out rightly be rejected. The authority reserves the right to cancel/reject any or all the EOI without assigning any reason thereof.

Sd/-
Director of Agriculture & Food Production, Odisha

OIPR-01034/11/0010/2122

L-30:-

DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR

EXPRESSION OF INTEREST (EOI)

**Expression of Interest for Selection of Agency for Evaluation of Promotion of Organic Farming under Paramparagat Krishi Vikas Yojana (PKVY) in the State of Odisha**

Sealed offers/proposals are invited from reputed Govt./Semi-Govt./Institutions, Professional Firms, Pvt. Companies, Cooperative Societies, for empanelment as Agency for Evaluation of Promotion of Organic Farming under Paramparagat Krishi Vikas Yojana (PKVY) in the State of Odisha. The Agency should not be involved in the implementation process of the scheme Paramparagat Krishi Vikas Yojana (PKVY) in current year or previous years either in the State level or in the GoI level. The proposals should come in sealed envelope super scribed as “Application for Registration of Agency for Evaluation of Promotion of Organic Farming under Paramparagat Krishi Vikas Yojana (PKVY) in the State of Odisha” from the Organisations as per the enclosed application format by registered / speed post. No. e-mail will be entertained for submission of proposals in this regard. Interested parties should apply with a non-refundable application fee of Rs.500/- (Rupees five hundred) only in the form of DD / Pay Order in favour of **Director of Agriculture & Food Production, Odisha, Bhubaneswar**. Filled EoI should reach in the Office of the **State Bio-Chemist, Baramunda, Bhubaneswar, Dist-Khurda, Odisha** on behalf of the undersigned. Last date for receipt of application is **30th July 2021** upto **2.00PM** and the same shall be opened on the **next working day at 11.00 AM in the office of State Bio-Chemist, Bhubaneswar** in the presence of authorized signatory or representative. The application form and the terms & conditions are available at the website of **www.agrisnetodisha.ori.nic.in / www.odisha.gov.in** .

Sd/-
Director of Agriculture & Food Production, Odisha

OIPR-01034/11/0009/2122

## ରାସ୍ତା ଉନ୍ନତୀକରଣ ପାଇଁ ପତ୍ର ଲେଖିଲେ ବ୍ଲକ ଅଧ୍ୟକ୍ଷା

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୩ନଂ. ଜୋନ୍‌ର ଗୌରଗୋଠ ପଞ୍ଚାୟତର ରତାଖଣ୍ଡିରୁ ସୋନପୁର ସୀମାକୁ ଲାଗିଥିବା ଆରଡି ରାସ୍ତାର ଉନ୍ନତୀକରଣ ପାଇଁ ଦାବି କରିଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର। ପଞ୍ଚାୟତ ସମିତି କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୯/୨୧ରେ ସେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କ ମାଧ୍ୟମରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ବିଭାଗୀୟ ମନ୍ତ୍ରୀ, ଜିଲାପାଳ, ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ସେ ଚିଠି ଲେଖିଛନ୍ତି। ରତାଖଣ୍ଡିରୁ ସୋନପୁର ସୀମା ପର୍ଯ୍ୟନ୍ତ ଭାୟା ବଡବାହାଲ, ମାଲପଡା, କୁନ୍ଦେଇମାଲ, ବନ୍ଧପାଲି, ଥାଲବନ୍ଧ, ଭୀମଡୁଙ୍ଗୁରୀ, ମୁକୁନ୍ଦପୁର, ହିର୍ଲିମାଲ ଓ ପୁଇଁନ୍ତଲା ବ୍ଲକର ଫଲସାପଦର ପର୍ଯ୍ୟନ୍ତ ୨୫ କିଲୋମିଟର ରାସ୍ତାର ଉନ୍ନତୀକରଣ କରିବାକୁ ଚିଠିରେ ସେ ଉଲ୍ଲେଖ କରିଛନ୍ତି।

### ସଂକ୍ଷେପରେ

## ଟ୍ରକ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

କୁତ୍ରା,୧୮।୭(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ ରାଞ୍ଚିରୋଡ଼ରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ଟ୍ରକ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବାଇକ ଓଆର ୧୪ପି-୯୩୯୫ ନଂର ଆରୋହୀ ସୋମେନ ସେନ(୨୮) ଓ ସୁବୋଦିତ ପାଲ(୨୮)କଣ୍ଡେଇମୁଣ୍ଡା ଠାରେ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଶନିବାର ରାତ୍ରିରେ ନିଜର କାର୍ଯ୍ୟ ସାରି ରାଜଗାଙ୍ଗପୁରକୁ ଯାଉଥିବା ସମୟରେ ଏକ ଟ୍ରକ ଜେଏଚ ୦୧ବିସି-୧୭୦୯ ଧକ୍କା ଦେଇଥିଲା ଫଳରେ ସୋମେନ ସେନ ଘଟଣାସ୍ଥଳରେ ମୃତ୍ୟବରଣ କରିଥିବା ବେଳେ ସୁବୋଦିତ ପାଳ ଗୁରୁତର ଆହତ ହୋଇଛନ୍ତି। କୁତ୍ରା ପୋଲିସ ଖବରପାଇ ଉଭୟଙ୍କୁ ଉଦ୍ଧାର କରି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ରାଜଗାଙ୍ଗପୁରକୁ ବ୍ୟବଚ୍ଛେଦ ପାଇଁ ପଠେଇଥିବା ବେଳେ ଗୁରୁତର ଥିବା ବ୍ୟକ୍ତିଙ୍କୁ ରାଉରକେଲା ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଏନେଇ ତାଙ୍କ ପରିବାର ବର୍ଗଙ୍କ ସହିତ ଯୋଗାଯୋଗ କରି ଘଟଣାର ତଦନ୍ତ କରୁଛି।

## କାର୍‌ରୁ ବ୍ରାଉନସୁଗାର ସହ ନଗଦ ୨୦ ହଜାର ଟଙ୍କା ଜବତ, ଜଣେ ଅଟକ

ସୁନ୍ଦରଗଡ,୧୮।୭(ଡି.ଏନ.ଏ.): ସୁନ୍ଦରଗଡ ଜିଲା ତଳସରା ଥାନା ପୋଲିସ ରବିବାର ରାତିରେ ବାଲିଶଙ୍କରା ଠାରେ ଏକ କାର୍ ଭିତରୁ ୧୮୭୦ ମିଲିଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରିଛି। ଏହି ଘଟଣାରେ ପୋଲିସ ବାଲିଶଙ୍କରା ସରବାହାଲର ବାବୁଲୁ ତନ୍ତି ନାମକ ଜଣେ ବ୍ୟକ୍ତିଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚୁରା କରି ତଦନ୍ତ ଆରମ୍ଭ କରିଛି।ପୋଲିସ ଏହି ବ୍ୟକ୍ତିଙ୍କ ଠାରୁ ନଗଦ ୨୦ହଜାର ଟଙ୍କା ସହ ଓଆର୍-୧୪ଜି-୨୨୨୦ ନମ୍ବର ବିଶିଷ୍ଟ କାର୍‌କୁ ମଧ ଜବତ କରିଛି। ଏହି ବ୍ୟକ୍ତି ଜଣକ ରବିବାର ରାତି ପ୍ରାୟ ୮ଟା ବେଳେ ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକରେ ଥିବା ୨ଜଣ ଆହତ ହୋଇଥିଲେ। ବାଇକକୁ ଧକ୍କା ଦେଇ ଫେରାର ହେଉଥିବା ବେଳେ ଲୋକେ କାରକୁ ଅଟକାଇ ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି କାର୍‌କୁ ଯାଞ୍ଚ ବେଳେ କାର୍ ଭିତରୁ ଏହି ବ୍ରାଉନ ସୁଗାର ମିଳିଥିବା ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି।

## ଶିକ୍ଷକଙ୍କ ଓଟିଇଟି ସହ ସ୍କୁଲର କୌଣସି ସମ୍ପର୍କ ନାହିଁ

କୁଆଁରମୁଣ୍ଡା,୧୮।୭(ଡି.ଏନ.ଏ): ସରକାରୀ ସ୍କୁଲରେ ଶିକ୍ଷକ ନିଯୁକ୍ତି ଠାରୁ ଆରମ୍ଭ କରି ଦରମା ଓ ଅନ୍ୟାନ୍ୟ ସୁବିଧା ଇତ୍ୟାଦି ସ୍କୁଲ ଓ ଗଣ ଶିକ୍ଷା ବିଭାଗ ତଦାରଖ କରିଥାଏ ।ଏଥିପାଇଁ ବ୍ଲକସ୍ତରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ଜିଲାସ୍ତରରେ ଜିଲା ଶିକ୍ଷା କାର୍ଯ୍ୟାଳୟର ଅଧିକାରୀମାନେ ନିଜ ସ୍ତରରେ ଶିକ୍ଷକମାନଙ୍କର ସାର୍ଟିଫିକେଟ ଠାରୁ ଆରମ୍ଭ କରି ପଦୋନ୍ନତି ପାଇଁ ଆବଶ୍ୟକ ଅନ୍ୟାନ ନଥିପତ୍ର ଯାଞ୍ଚ କରିଥାଆନ୍ତି। ମାତ୍ର ଗତ କିଛି ଦିନ ପୂର୍ବେ କେତେକ ଛାପା ଗଣମାଧ୍ୟମ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଗଣଶିକ୍ଷକ ଭାବେ ଚାକିରୀ କରୁଥିବା ୨ ଜଣ ଶିକ୍ଷୟିତ୍ରୀଙ୍କ ଓଟିଇଟି ସାର୍ଟିଫିକେଟ ନକଲି ବୋଲି ଖବର ପ୍ରକାଶ କରିଛନ୍ତି। କିନ୍ତୁ ବିନା ଓଟିଇଟି ସାର୍ଟିଫିକେଟରେ ମଧ୍ୟ ଗଣଶିକ୍ଷକ ଚାକିରୀରେ କୌଣସି ପ୍ରକାର ସମସ୍ୟା ସୃଷ୍ଟି ହୋଇପାରିବ ନାହିଁ ।ଏହା କେବଳ ବର୍ଦ୍ଧିତ ଦରମା ଓ ଅନ୍ୟାନ ସୁବିଧା ହାସଲ ପାଇଁ ଆବଶ୍ୟକ ହୋଇଥାଏ । ଅନ୍ୟ ପକ୍ଷରେ ଶିକ୍ଷକମାନଙ୍କର ଶିକ୍ଷାଗତ ଯୋଗ୍ୟତାଠାରୁ ଆରମ୍ଭ କରି ଅନ୍ୟାନ ସାର୍ଟିଫିକେଟ ଏପରିକି ଓଟିଇଟି ସାର୍ଟିଫକେଟ ଇତ୍ୟାଦି ଅସଲି କି ନକଲି ତାହା ବ୍ଲକସ୍ତରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ଜିଲାସ୍ତରରେ ଜିଲା ପ୍ରକଳ୍ପ ସଂଯୋଜନ କାର୍ଯ୍ୟାଳୟର ବିଇଓ ଓ ଡିପିସିଙ୍କ ଦ୍ୱାରା ଯାଞ୍ଚ କରାଯାଇଥାଏ। ଏଥିରେ ସ୍କୁଲର ପ୍ରଧାନଶିକ୍ଷକଙ୍କର କୌଣସି ଭୂମିକା ନ ଥାଏ । ୨ ଜଣ ନକଲି ଓଟିଇଟି ସାର୍ଟିଫିକେଟ୍‌ଧାରୀ ଗଣଶିକ୍ଷୟିତ୍ରୀ କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ କୁମଝରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବୋଲି ପ୍ରକାଶ ପାଇବା ସହ ଏଥିରେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଦାୟୀ କରାଯିବାକୁ ନେଇ ସମ୍ପୃକ୍ତ ପ୍ରଧାନଶିକ୍ଷକ ସଂଜୟ କୁମାର ସାମଲ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ପ୍ରକାଶିତ ଖବରରେ ସ୍କୁଲ ଓ ପ୍ରଧାନଶିକ୍ଷକଙ୍କୁ ଅଯଥାରେ ବଦନାମ୍ କରାଯାଉଛି । ଭିତିହୀନ ଓ କପୋଳକଳ୍ପିତ ଖବର ପ୍ରକାଶ ନ କରିବା ପାଇଁ ପ୍ରଧାନଶିକ୍ଷକ ସାମଲ ଅନୁରୋଧ କରିଛନ୍ତି।

# ୧୨୭୯ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

### ରାଜ୍ୟ କ୍ୟାବିନେଟରେ ସୁନ୍ଦରଗଡ଼ ଜିଲା ପାଇଁ ବିଭିନ୍ନ ପ୍ରକଳ୍ପ

ସୁନ୍ଦରଗଡ଼, ୧୮।୭(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିରେ ସୁନ୍ଦରଗଡ଼ ଜିଲାର ବିକାଶ ପାଇଁ ୧୨୭୯ କୋଟି ଟଙ୍କାର ପ୍ରକଳ୍ପ ଉପରେ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ସେଥିମଧ୍ୟରେ ଡୁଡୁକା-ଗୋପାଳପୁର-ଟପୋରିଆ ରାସ୍ତାର ଉନ୍ନତିକରଣ ସହିତ ଦୁଇଟି ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ରହିଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସୁନ୍ଦରଗଡ଼ ଜିଲାବାସୀ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ସୁନ୍ଦରଗଡ଼ରେ ସାମ୍ବାଦିକ ସମ୍ମିଳନୀରେ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି।

ମନ୍ତ୍ରୀ ମଲ୍ଲିକ ଶନିବାର ସୁନ୍ଦରଗଡ଼ ଜିଲା ଗସ୍ତରେ ଆସିଥିଲେ। ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହ ସେଠାରୁ ଭିଡିଓ କନଫରେନ୍ସିଂ ଯୋଗେ କ୍ୟାବିନେଟ ବୈଠକରେ ଯୋଗ ହୋଇଥିଲେ। ପରେ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କ୍ୟାବିନେଟରେ ସୁନ୍ଦରଗଡ଼ ଜିଲା ପାଇଁ ଅନୁମୋଦନ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ସୁନ୍ଦରଗଡ଼ ଉନ୍ନତି ପାଇଁ ଏହି ପ୍ରମୁଖ ପ୍ରକଳ୍ପଗୁଡ଼ିକ ଅନୁମୋଦନ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୁନ୍ଦରଗଡ଼ ଜିଲାକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। ବିଗତ ଦିନରେ ରାଜ୍ୟ ସରକାର ଅନେକ ଉନ୍ନୟନମୂଳକ ପ୍ରକଳ୍ପ ସୁନ୍ଦରଗଡ଼ବାସୀଙ୍କୁ ଭେଟି ଦେଇଛନ୍ତି। ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ରାସ୍ତା ଉନ୍ନତିକରଣ ଲାଗି ୧୨୦୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଥିବାରୁ ସୁନ୍ଦରଗଡ଼ବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି କହିଛନ୍ତି ରାଉରକେଲା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ।

ସୁନ୍ଦରଗ ଜିଲାର ଡୁଡୁକା-ଗୋପାଳପୁର-ଟପୋରିଆ ରାସ୍ତାକୁ (୬/୨୦୬ କିଲୋମିଟରଠାରୁ ୨୮/୫୬୪ କିଲୋମିଟର ପର୍ଯ୍ୟନ୍ତ) ୨ ଲେନ ବିଶିଷ୍ଟ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା ଛତିଶଗଡ଼ ରାୟଗଡ଼ ଓ ସୁନ୍ଦରଗଡ଼ ଟାଉନ ମଧ୍ୟରେ ଆନ୍ତଃରାଜ୍ୟ ଯୋଗାଯୋଗର ଉନ୍ନତି ହୋଇପାରିବ। ବସୁନ୍ଧରା କୋଇଲା ଖଣି ଅଞ୍ଚଳକୁ ଏହି ରାସ୍ତା ସଂଯୋଗ କରିବାରେ ବିଶେଷ ସହାୟକ ହେବ। ଏହି ପ୍ରକଳ୍ପ ପାଇଁ କ୍ୟାବିନେଟରେ ୧୦୩ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏହି କାମ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ସୁନ୍ଦରଗଡ଼ ଜିଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲାଗି ଦୁଇଟି ବୃହତ୍ତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ୧୧୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଏହି ଦୁଇଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଜିଲାର ୧୦ଟି ବ୍ଲକର ୬ ଲକ୍ଷ ୩୮ ହଜାର ୪୦୭ ଜଣ ଲୋକ ଉପକୃତ ହେବେ। ସେଥିମଧ୍ୟରୁ ବାଲିଶଙ୍କରା ବ୍ଲକର ୮୫ଟି ଗ୍ରାମର ୮୭,୯୮୦ ଜଣ, ଲେଫ୍ରିପଡ଼ା ବ୍ଲକର ୭୬ଟି ଗ୍ରାମର ୪୮,୯୨୫, ଟାଙ୍ଗରପାଲି ବ୍ଲକର ୭୩ଟି ଗ୍ରାମର ୬୩,୬୭୩, ସୁନ୍ଦରଗଡ଼ ବ୍ଲକର ୮୫ଟି ଗ୍ରାମର ୭୧,୦୮୨, ସବଡେଗା ବ୍ଲକର ୬୦ଟି ଗ୍ରାମର ୬୨,୨୭୫ ଜଣ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ। ସେହିପରି ବିଶ୍ରା ବ୍ଲକର ୬୨ଟି ଗ୍ରାମର ୬୩,୧୩୮ ଜଣ, ଲାଠିକଟା ବ୍ଲକର ୭୦ଟି ଗ୍ରାମର ୧ ଲକ୍ଷ ୪ ହଜାର ୯୩୦, ଲହୁଣୀପଡ଼ା ବ୍ଲକର ୭୦ଟି ଗ୍ରାମର ୩୪,୯୧୭ ଏବଂ ବଣାଇଁ ବ୍ଲକର ୯୩ଟି ଗ୍ରାମର ୫୬,୬୩୨ ଜଣ ଲୋକ ଉପକୃତ ହେବେ। ସୁନ୍ଦରଗଡ଼ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କାଙ୍କ ସହିତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଓ ଅନ୍ୟମାନେ।

## ଚୋରି ବାଇକ୍ ରାଞ୍ଚିରୋଡରୁ ଉଦ୍ଧାର

କୁତ୍ରା ୧୮।୭ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଚୋରି ହୋଇଥିବା ବାଇକ୍ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଗତ ଗୁରୁବାର ଏକ ଭଡା ଘର ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଥିଲା। ନିରଞ୍ଜନ ମେହେରଙ୍କ ବାପା ଏକ ବାଇକ ଯୋଗେ ଆସି ନିରଞ୍ଜନ ରହୁଥିବା ଭଡାଘର ସମ୍ମୁଖରେ ଗ୍ଲେମର ବାଇକ ଓଡି ୧୬ ସି ୨୬୭୪ କୁ ଛିଡା କରି ଘର ଭିତରକୁ ଯାଇଥିଲେ। ତେବେ ରାତି ୮ ଟାରେ ଘରୁ ବାହାରି ଦେଖିବା ବେଳକୁ ବାଇକ୍ ନାହିଁ। ତାପରେ ବହୁ ଖୋଜା ଖୋଜି କରି ନ ପାଇବାରୁ କୁତ୍ରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାପରେ ପୋଲିସ ତାର ଅନୁସନ୍ଧାନ ଆରମ୍ଭ କରିଥିଲା। ତେବେ ରବିବାର ଖବର ମିଳିଲା ଚୋରି ହୋଇଥିବା ବାଇକ କୁତ୍ରା ଥାନା ଦେଇ ଯାଉଛି। ତାପରେ ପୋଲିସ ଉକ୍ତ ବାଇକୁକୁ ପିଛା କରିଥିଲା। ରାଞ୍ଚିରୋଡ ନିକଟରେ ବାଇକରେ ତେଲ ସରି ଯିବାରୁ ଚୋରମାନେ ରାସ୍ତାରେ ବାଇକ ଛାଡି ଫେରାର୍ ହୋଇଯାଇଥିଲେ।ପରେ ସ୍ଥାନୀୟ ପୋଲିସ ବାଇକକୁ ଉଦ୍ଧାର କରି ମେହେରଙ୍କୁ ହସ୍ତାନ୍ତରିତ କରିଥିଲା। ତେବେ ଚୋର ମାନେ ଗଡପୋଷ ଅଞ୍ଚଳର ବୋଲି ଜଣାପଡିଛି। ପୋଲିସ ଚୋରଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

### ଫଟୋରେ ଖବର


ରବିବାର ସମ୍ବଲପୁର ଝାଡୁଆପଡ଼ା ଠାକୁରଙ୍କ ନୃସିଂହ ଓ ଶେଷ ନାଗ ବେଶ।

## ଶପଥ ନେଲେ ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା

ଟିଟିଲାଗଡ଼, ୧୮।୭(ଡି.ଏନ.ଏ.)

ଟିଟିଲାଗଡ଼ ଲାୟନ୍ସ କ୍ଲବର ୨୦୨୧-୨୨ ବର୍ଷ ପାଇଁ ମନୋନୀତ ହୋଇଥିବା ସଭାପତି ଏବଂ ତାଙ୍କର ଟିମ୍ ସଦସ୍ୟ ରବିବାର ଶପଥ ଗ୍ରହଣ କରିଛନ୍ତି। ଟିଟିଲାଗଡ଼ ଚାରଭଟା ଓମ୍‌ଭ୍ୟାଲି ସ୍କୁଲ ସମ୍ମିଳନୀ କକ୍ଷରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପିଏମସିସି ସଭ୍ୟ ସଞ୍ଜୟ ସାହୁ, ଭିଡିଜିୱାନ ଯମୁନା ପ୍ରସାଦ ଗୋୟଲ, ରିଜିଓନାଲ ଚେୟାରମ୍ୟାନ ବିନ୍ଧୁ ସାହୁ, ପୂର୍ବତନ ସଭାପତି ରତ୍ନାକର ସାହୁ, ଲିଓ କ୍ଲବର ପୂର୍ବତନ ସଭାପତି ଅମିତ ଅଗ୍ରୱାଲ ମଞ୍ଚାସୀନ ଥିଲେ। ସଭାପତିଭାବେ ଦୀପକ ପୃଷ୍ଟି, ସମ୍ପାଦକ ଆଶୀର୍ବାଦ ମହାପାତ୍ର, କୋଷାଧ୍ୟକ୍ଷ ସଜ୍ଜନ କମାନି ଶପଥ ନେଇଛନ୍ତି। ଡାଇରେକ୍ଟର ଭାବେ ପ୍ରଭାସ ସାହୁ, ସତ୍ୟନାରାୟଣ ଶର୍ମା, ମଦନ ମୋହନ ପୃଷ୍ଟି, ଘନଶ୍ୟାମ ଜୈନ, କେ.ତ୍ରିନାଥ ରାଓ, ଗୋପାଳ ଲାଠ ସଞ୍ଜୟ ସାହୁ ଶପଥ ଗ୍ରହଣ କରିଛନ୍ତି।

## ବାଲ୍ୟ ବିବାହ ସ୍ଥଗିତ ରଖିବାରେ ସଫଳ ହେଲା ଚାଇଲ୍ଡଲାଇନ


ଚାଇଲ୍ଡ ଲାଇନ କର୍ମକର୍ତ୍ତା ନାବାଳିକାଙ୍କ ଘରେ ପହଞ୍ଚି ଆଲୋଚନା କରୁଛନ୍ତି।

ଦେବଗଡ଼,୧୮।୭(ଡି.ଏନ୍.ଏ.)

ତିଳେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଙ୍କଦର୍ହ ଗ୍ରାମରେ ଶନିବାର ଏକ ବାଲ୍ୟ ବିବାହ ନିମନ୍ତେ ପରିବାର ପକ୍ଷରୁ ଉଦ୍ୟମ ହେଉଥିବାବେଳେ ଏହାକୁ ସ୍ଥଗିତ ରଖିବାରେ ଚାଇଲ୍ଡଲାଇନ ସଫଳ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପଙ୍କଦର୍ହ ଗ୍ରାମର ଜନୈକା ନାବାଳିକାଙ୍କ ସହ ସମ୍ବଲପୁର ଜିଲା କୁଚିଣ୍ଡା ଅଞ୍ଚଳର ଜଣେ ଯୁବକଙ୍କ ବିବାହ ପାଇଁ ଉଭୟଙ୍କ ପରିବାର ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏପରିକି ଏଥିପାଇଁ କିଛିଦିନ ପୂର୍ବେ ନିର୍ବନ୍ଧ ଶେଷ ହେବା ସହ ଆଗାମୀ ଦିନରେ ବିବାହ ଉତ୍ସବ ଆୟୋଜନ ପାଇଁ ଦିବସ ଧାର୍ଯ୍ୟ ହୋଇଥିଲା। ଏକଥା ଜଣାପଡିବା ପରେ ଗ୍ରାମର କୌଣସି ଜଣେ ସଚେତନ ବ୍ୟକ୍ତି ସୂଚନା ଦେବାରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଚାଇଲ୍ଡ ଲାଇନ ସଂଯୋଜକ ରମାକାନ୍ତ ସାହୁ, ସଦସ୍ୟ ଉପେନ୍ଦ୍ର ଭଞ୍ଜ, ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ପ୍ରମିଳା ନାୟକ, ଅଙ୍ଗନୱାଡି କର୍ମୀ ଦେବକୀ ହାତୀ, ଶିକ୍ଷକ ଡିଲେଶ୍ୱର ମାଝୀ, ଗ୍ରାମ ବାଲ୍ୟବିବାହ ବିରୋଧ ମଞ୍ଚର ପ୍ରଶାନ୍ତ କୁମାର ସାହୁ ଓ ସିଆରପି ନଳିନୀ ସାହୁ ପ୍ରମୁଖ ଉକ୍ତ ନାବାଳିକାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ବାଲ୍ୟ ବିବାହର କୁପରିଣାମ ଓ ବାଲ୍ୟ ବିବାହ ଆଇନ ସମ୍ପର୍କରେ ବୁଝାଇ ବିବାହକୁ ସ୍ଥଗିତ ରଖିଥିବା ଜଣାପଡିଛି।

## ନଳକୂପରୁ ବାହାରୁଛି ଦୂଷିତ ଜଳ

ବିନିକା, ୧୮।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହର ଏବଂ ଗ୍ରାମାଞ୍ଚଳରେ ଥିବା ଏକାଧିକ ନଳକୂପରୁ ଏବେ ଦୂଷିତ ପାଣି ବାହାରୁଛି। ବ୍ୟବହାର ଉପଯୋଗୀ ହୋଇ ନ ଥିଲେ ହେଁ, ଅନ୍ୟନୋପାୟ ହୋଇ ଲୋକେ ଏହାକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ତଥ୍ୟନୁସାରେ ବିନିକାଞ୍ଚଳରେ ୧୪୩୨ଟି ନଳକୂପ ରହିଛି। ଉକ୍ତ ନଳକୂପରେ ବ୍ଲିଚିଂ ପକାଇ ଜଳ ବିଶୋଧନ ହୋଇନାହିଁ। ସ୍ୱାସ୍ଥ୍ୟ ବିଭାଗ ଗାଇଡ୍ ଲାଇନ୍ ଅନୁସାରେ ପ୍ରତି ୩ମାସରେ ଥରେ ନଳକୂପରେ ବ୍ଲିଚିଙ୍ଗ ସିଞ୍ଚନ ସହ ଜଳର ନମୂନା ପରୀକ୍ଷଣ କରିବା କଥା। ମାତ୍ର ଏଠାରେ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଏନେଇ ସ୍ୱାସ୍ଥ୍ୟ ବିଭାଗ ବିପିଓ ନାରାୟଣ ମେହେରଙ୍କୁ ପଚାରିବାରୁ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫାର୍ମାଶିଷ୍ଟମାନଙ୍କ ଜରିଆରେ ବ୍ଲିଚିଂ ଦିଆଯାଇଛି । ଯଦି ବ୍ଲିଚିଙ୍ଗ ସିଞ୍ଚନ ହୋଇ ନ ଥିବ ତେବେ ଖୁବ୍‌ଶୀଘ୍ର ଏହି କାମ କରାଯିବ। ଏ ନେଇ ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି ଓ ଆଶାକର୍ମୀଙ୍କୁ ସୂଚିତ କରାଯିବ ବୋଲି ସେ କହିଥିଲେ।

## ଉତ୍କଳ ଯୁବ ଯାଦବ ମହାସଭା ପକ୍ଷରୁ ଚାରା ରୋପଣ

ଦେବଗଡ,୧୮।୭(ଡି.ଏନ୍.ଏ.)

୭୨ତମ ବନମହୋତ୍ସବ ପାଳନ ଅବସରରେ ଉତ୍କଳ ଯୁବ ଯାଦବ ମହାସଭା ଦେବଗଡ ଜିଲା ଶାଖା ଆନୁକୂଲ୍ୟରେ ତିଳେଇବଣି ବ୍ଲକ ସୁଗୁଡା ପଞ୍ଚାୟତର ଖୁଣ୍ଟିଆପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଯୁବ ଯାଦବ ମହାସଭା, ଦେବଗଡ ଜିଲା ଶାଖା ସଭାପତି ମାନଗୋବିନ୍ଦ ଗରିଆ ଓ ସମ୍ପାଦକ ରଞ୍ଜନ ଉଦାବରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ହେମନ୍ତ କୁମାର ପ୍ରଧାନ, ଅରୁଣ କୁମାର ମାଟିଆରି, ପ୍ରହ୍ଲାଦ ବଣିଚୋଳ, ନିରଞ୍ଜନ ଦୀପ, ଚାଣ୍ଡାଳ ଜାଲ, ସ୍ୱପ୍ନେଶ୍ୱର ମହାକୁଳ ଓ ଭୀମସେନ ନାୟକଙ୍କ ସମେତ ତିଳେଇବଣି, ରିଆମାଳ ଓ ବାରକୋଟ ବ୍ଲକର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ଚାରା ରୋପଣ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଯାଦବ ସମାଜର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମନୁଷ୍ୟ ସମାଜର ମଙ୍ଗଳ ନିମନ୍ତେ ବାଲ୍ୟ ବିବାହକୁ ବିରୋଧ କରିବା, ନିୟମିତ ବ୍ୟବଧାନରେ ରକ୍ତଦାନ କରିବା ଓ ଚଳିତ ବର୍ଷ ଭଳି ପ୍ରତ୍ୟେକ ବର୍ଷ ଚାରାରୋପଣ ନିମନ୍ତେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା।


ଯୁବ ଯାଦବ ମହାସଭା ପକ୍ଷରୁ ଚାରାରୋପଣ କରାଯାଉଛି।

## ପ୍ରବଳ ଖରା, ବିଲରେ ନାହିଁ ପାଣି, ଚିନ୍ତାରେ ଚାଷୀ

ବଡ଼ଗାଁ, ୧୮।୭(ଡି.ଏନ୍.ଏ.)

ଜୁଲାଇ ମାସରେ ମେ ମାସ ଭଳି ପ୍ରବଳ ଖରା ଯୋଗୁ ବିଲ ଶୁଖିଗଲାଣି। ଚାଷ କାମ ଜଳାଭାବ ଯୋଗୁ ଆଗେଇ ପାରୁନାହିଁ। ଯେଉଁ ବିଲ ନିକଟରେ କୂଅ, ପୋଖରୀ ଅଛି ସେଠାରୁ ପାଣି ଉଠାଇ ଚାଷକୁ ଆଶା ରଖିଛି ଚାଷୀ। ଫଳରେ ଆଗକୁ କ'ଣ ହେବ ତାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଚାଲିଛି। ଏଭଳି ପରିସ୍ଥିତି ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକରେ ଦେଖାଗଲାଣି। ଅଞ୍ଚଳରେ ଜୁନ ୧୩ରୁ ୧୯ ତାରିଖ ମଧ୍ୟରେ କାଁ ଭାଁ ଅସରାଏ ଲେଖାଏଁ ବର୍ଷା ହୋଇଥିଲା। କିନ୍ତୁ ୧୯ ତାରିଖ ପରେ ମୁଣ୍ଡଫଟା ଖରା ଯୋଗୁ ବିଲ ଶୁଖି ଗଲାଣି। ଆଉ କିଛିଦିନ ବିଳମ୍ବ ହେଲେ ତଳି ରୋଇବା ଯୋଗ୍ୟ ହୋଇପାରିବ ନାହିଁ। କିଛି ଦିନ ହେଲା ବର୍ଷା ଲୁଚକାଳି ଖେଳୁଛି। କଳାହାଣ୍ଡିଆ ମେଘ ଘୋଟି ଆସୁଥିଲେ ମଧ ବର୍ଷା ହେଉନାହିଁ। ଗୋଟିଏ ପଟେ ଜଳାଭାବ ଅନ୍ୟ ପଟେ ସାର ଅଭାବ । ବିଳମ୍ବରେ ସାର ଆସିବା ଯୋଗୁ ଚାଷୀ ଖୋଲା ବଜାରରୁ ଚଢ଼ା ଦରରେ କିଣି ଖର୍ଚ୍ଚନ୍ତରେ ପଡୁଛନ୍ତି। ସାହାଜବାହାଲ, ଶଙ୍କରାପୋଷ, ବରଙ୍ଗାଛୋର, ଫୁଲବାରୀ, ବଡ଼ଗାଁ ଆଦି କେତେକ ଗ୍ରାମରେ କଳାବଜାରୀମାନେ ବହୁ ପରିମାଣର ସାର ଗଚ୍ଛିତ ରଖି ବିକ୍ରି କରୁଥିଲେ ମଧ୍ୟ ଏହା ଉପରେ କେହି ଦୃଷ୍ଟି ଦେଉନାହାନ୍ତି। ତେବେ ଚଳିତବର୍ଷ ଚାଷ କିପରି ହେବ ତାକୁ ନେଇ ଚାଷୀ ସନ୍ଦିହାନ ଥିଲା ବେଳେ ଅଞ୍ଚଳର ଜଳସେଚନ ବ୍ୟବସ୍ଥା ଫେଲ ମାରିଛି। ବଡ଼ଗାଁ ଅଞ୍ଚଳର ଚାଷୀଙ୍କ ବିଲକୁ ଜଳାଭାବ ସମୟରେ ଜଳଯୋଗାଣ ପାଇଁ ନିର୍ମିତ ମେଗା ଜଳ ସେଚନ ପ୍ରକଳ୍ପ ଦୀର୍ଘ ବର୍ଷ ହେଲା କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ସରକାରଙ୍କ ଯୋଜନାକୁ ନେଇ ଚାଷୀମାନେ ଛାମୁ ଯାହା ଦେଲେ ହରସେ ପାଉ ପାଉ ଗଲା ବରଷେ, ବାଛି ବାଛି ଦେଲେ ପଡ଼ିଆ, ଶ୍ରାବଣ ମାସରେ ଭଙ୍ଗେ ନଡ଼ିଆ କହି ଅସନ୍ତୋଷ ପ୍ରକଟ କରୁଛନ୍ତି।


ବଡ଼ଗାଁ ଅଞ୍ଚଳରେ କମ୍ ପାଣିରେ ଚାଷ କାର୍ଯ୍ୟ ଚାଲିଛି।

## ଡ୍ରେନରେ ପଡ଼ି ଜଣେ ମୃତ

ନାକଟିଦେଉଳ,(ଡ଼ି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ହାରାଲୋଇ ଗ୍ରାମରେ ନିର୍ମାଣାଧୀନ ଏକ ଡ୍ରେନରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ସନାତନ ଅଛି (୫୦) । ଉକ୍ତ ଗ୍ରାମର ରାସ୍ତା କଡ଼ରେ ଡ୍ରେନ ନିର୍ମାଣ ଚାଲିଛି । ଶନିବାର ବିଳମ୍ବିତ ରାତିରେ ସନାତନ ରାସ୍ତାରେ ଯାଉଥିବା ବେଳେ ଅସାବଧାନତାବଶତଃ ଡ୍ରେନ ଉପରେ ମୁହଁ ମାଡ଼ି ପଡ଼ି ଯାଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ କିସିଣ୍ଡା ପୋଲିସ ରବିବାର ସକାଳେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇ ଥିଲା । ଏ ନେଇ ପୋଲିସ ନଂ ୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

**ସଂକ୍ଷେପରେ**

## ସହଯୋଗ ନଗର ଡ୍ରେନ ମରାମତି ଦାବି

**ସମ୍ବଲପୁର,୧୮।୭(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସହଯୋଗ ନଗର ଡ୍ରେନଗୁଡିକ ଦୀର୍ଘଦିନ ହେବ ଭାଙ୍ଗିଯାଇଛି । ଡ୍ରେନ ମରାମତି ଲାଗି ଅଞ୍ଚଳବାସୀ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସହଯୋଗ ନଗର ପାରିବାରିକ ପରିଷଦ ଆବାହକ ଚକ୍ରଧର ପାଣିଗ୍ରାହୀ ରାଜ୍ୟ ନଗର ଉନ୍ନୟନ ସଚିବଙ୍କ ମଧ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ କିଛି ସୁଫଳ ମିଳିନାହିଁ । ଏହି ସମସ୍ୟାର ସମାଧନ କରା ନ ଗଲେ ସେ ଅଗଷ୍ଟ ପ୍ରଥମ ସପ୍ତାହରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଝାରସୁଗୁଡା ଅଫିସ୍,୧୮।୭:** ଝାରସୁଗୁଡା ସଦର ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ଏଚ୍ କଣ୍ଟାପାଲି ନିକଟରେ ରବିବାର ସନ୍ଧ୍ୟାରେ ଏକ କୋଇଲା ବୋଝେଇ ଟ୍ରକ୍ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଏଥିରେ ଦୁର୍ଘଟଣା ସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା । ମୃତ ବାଇକ୍ ଚାଳକ ଜଣଙ୍କ ଗଞ୍ଜାମ ଜିଲାର ଅଶ୍ୱିନୀ ପାଢୀ(୩୦)ବୋଲି ଜଣାପଡିଛି। ଖବରପାଇ ଝାରସୁଗୁଡା ସଦର ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିଛନ୍ତି। ଏନେଇ ପୋଲିସ ସଦର ଥାନାରେ ଏକ ମାମଲା (ନଂ.୧୩୦/୨୧) ରୁଜୁକରି ତଦନ୍ତ ଚଳାଇଛି । ଦୁର୍ଘଟଣା ଘଟାଇଥିବା କୋଇଲା ବୋଝେଇ ଓଆର୍ ୦୯ କ୍ୟୁ ୭୧୮୦ ନଂ. ଟ୍ରକ୍ ଓ ଦୁର୍ଘଟଣା ଗ୍ରସ୍ତ ଓଡି୨୩ବି ୭୫୧୬ନଂ ବାଇକ୍‌କୁ ପୋଲିସ୍ ଜବତ କରିଛି। ଟ୍ରକ୍ ଚାଳକଙ୍କୁ ମଧ୍ୟ ପୋଲିସ୍ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ ବାଇକ୍ ଚାଳକ ଜଣଙ୍କ ଝାରସୁଗୁଡାରୁ ବ୍ରଜରାଜନଗର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଟ୍ରକ୍ ଆସୁଥିଲା । ଫଳରେ ଟ୍ରକ୍ ବାଇକ୍‌କୁ ସମ୍ମୁଖରୁ ଧକ୍କା ଦେଇଥିଲା ।

## ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ

**ସମ୍ବଲପୁର,୧୮।୭(ବ୍ୟୁରୋ):** ସଂପ୍ରତି ବୃକ୍ଷରୋପଣ କରିବାକୁ ଜୀବନର ଏକ ବ୍ରତ ଭାବେ ବିଭିନ୍ନ ବର୍ଗର ଜନସାଧାରଣ ଗ୍ରହଣ କରିଛନ୍ତି । ସବୁଜ,ସୁସ୍ଥ ଓ ସୁନ୍ଦର ସମ୍ବଲପୁର ଗଢି ତୋଲିବାକୁ ସହରବାସୀଙ୍କୁ ସଚେତନ କରାଯାଉଛି । ସୁସ୍ଥ ପରିବେଶ ରହିଲେ ଯେ କୌଣସି ରୋଗକୁ ପ୍ରତିହତ କରିପାରିବା । ତେଣୁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ଜରୁରୀ । ଏହାକୁ ଦୃଷ୍ଟିରେ ରଖି ରବିବାର ରୋଟାରୀ କ୍ଲବ ଅଫ ସମ୍ବଲପୁର ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଭଟ୍ରା ରୋଟାରୀ ଶିଶୁ ଡାକ୍ତରଖାନା ପରସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବ କର୍ମକର୍ତ୍ତା ଓ ସଭ୍ୟମାନେ ୧୦୭ଟି ବୃକ୍ଷ ଚାରା ରୋପଣ କରିଥିଲେ । ଏଥିସହ ଶିଶୁ ଡାକ୍ତରଖାନା ନିକଟସ୍ଥ ପଡାବାସୀଙ୍କୁ ସଚେତନ କରିଥିଲେ । କ୍ଲବ ସଭାପତି ବିକ୍ରମ ସେନାପତି, ସଂପାଦକ ଦେବାଶିଷ ରାୟଗୁରୁ, ତାରିଣୀ ପ୍ରସାଦ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡା ନାରାୟଣୀ ପଣ୍ଡା, ଡା ଅଶୋକ ସିଂ, ଡା ରାସେଶ୍ୱରୀ ପାଣିଗ୍ରାହୀ, ଡା ଦୁର୍ଗାଶଙ୍କର ଶତପଥୀ , ରାଜକିଶୋର ଦାସ, ଡା ମୁରଲୀପ୍ରସାଦ ପ୍ରେମନାଥ ନାୟକ,ଦାମୋଦର କର, ଶ୍ରୀକାନ୍ତ ମୁର୍ଖାଜୀ, ସୁଧୀର କୁମାର ପଣ୍ଡା, ଡା ନିଲମ ସିଂ, ଆଲେଖିକା ପାନି, ପ୍ରଫେସର ଅଶୋକ ଶତପଥୀ, ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ଥିଲେ ।

## ଶିଶୁ ସାହିତ୍ୟ ପତ୍ରିକା ଉନ୍ମୋଚିତ

**ସମ୍ବଲପୁର,୧୮।୭(ବ୍ୟୁରୋ):** ସମ୍ବଲପୁର ମହାନଗର ଅନ୍ତର୍ଗତ ବୁର୍ଲା ଆଲୋକ ଅନୁଷ୍ଠାନ ପକ୍ଷରୁ ରବିବାର ଶିଶୁ ସାହିତ୍ୟ ପତ୍ରିକା ଉନ୍ମୋଚିତ ହୋଇଯାଇଛି । ପତ୍ରିକା ସଂପାଦକ ଡ. ସ୍ୱୟଂପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ମହାନଦୀ କୋଇଲା କମ୍ପାନୀ ସିଏସଆର ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଅରବିନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜ୍ୟୋତିବିହାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କମଳାକାନ୍ତ ପାଣି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ସହଯୋଗୀ ପ୍ରଫେସର ଡ. ରାମନରେଶ ମହାଲିଙ୍ଗ ,ସାମାଜିକ କର୍ମୀ ସନ୍ତୋଷ ସୋହେଲା, ଧରଣୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ । ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ତଳି ପକା ଯାଇଥିବା ଜମି ଫାଟି ଯାଇଛି।



କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ବର୍ଷାଭାବ: ମରୁଡ଼ି ଆଶଙ୍କାରେ ଚାଷୀ

**ରେଢାଖୋଲ,୧୮।୭(ଡି.ଏନ.ଏ.)**

**ରେଢ଼ାଖୋଲ କୃଷି ଜିଲା**
- ଆଷାଢ଼ରେ ବୈଶାଖର ଖରା
- ମୁକାବିଲା ପାଇଁ କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ସମ୍ବଲପୁର ଜିଲା ରେଢାଖୋଲ କୃଷି ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଚାଷପୋଯୋଗୀ ବର୍ଷା ଅଭାବରୁ ଖରିଫ ଚାଷ କାମ ବିଳମ୍ବିତ ହେଉଛି। ଧାନ ବୁଣା ଯାଇଥିବା ଖେତ ଓ ତଳି ପକା ଯାଇଥିବା ଜମିର ମାଟି ଫାଟି ଆଁ କଲାଣି। ଅଣଜଳସେଚିତ ଏହି କୃଷି ଜିଲାରେ ଚାଷୀମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରିଥାନ୍ତି। ଗତ ଜୁନ ମାସରେ ବର୍ଷା ହେବାରୁ ଚାଷୀମାନେ ଧାନ ବୁଣାବୁଣି ସହ ତଳି ପକାଇ ଥିଲେ। ହେଲେ ପରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବନ୍ଦ ପଡିଛି। ଧାନ ତଳି ବଞ୍ଚାଇବାକୁ କିଏ କୂଅରୁ ତ ଆଉ କିଏ ମୋଟର ସାହାଯ୍ୟରେ ନାଳ ଓ ଜୋରରୁ ପାଣି ଆଣି ଚାଷ ଜମିରେ ମଡାଉଥିବା ପରିଲକ୍ଷିତ ହେଉଛି। ଅପରପକ୍ଷରେ ଆସନ୍ନ ମରୁଡିର ମୁକାବିଲା ପାଇଁ କୃଷି ଅଧିକାରୀମାନେ କୃଷି ଜିଲାର ଉଭୟ ନାକଟିଦେଉଳ ଓ ରେଢାଖୋଲ ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଦିଲୀପ ନାଏକ, ପ୍ରକଳ୍ପ ଅଧିକାରୀ ଜଗନ୍ନାଥ ଦାସ, ଜିଲା କୃଷି ଯୋଜନା ଅଧିକାରୀ ଟଙ୍କଧର ନାଗ, ସହକାରୀ କୃଷି ଅଧିକାରୀ ଗଗନ ବିହାରୀ ନାୟକ ଶନି ଓ ରବିବାର କୃଷିଜଲାର ବିଭିନ୍ନ ଅଞ୍ଚଳ ବୁଲି ମରୁଡି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।

ଚଳିତ ଖରିଫ ଋତୁରେ ସମଗ୍ର କୃଷି ଜିଲାରେ ୩୩ ହଜାର ୫୯୫ ହେକ୍ଟର ଜମିରେ ଧାନ ଓ ଅଣଧାନ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିମଧ୍ୟରୁ ରେଢାଖୋଲ ବ୍ଲକରେ ୧୯ ହଜାର୨୪୭ ହେକ୍ଟର ଓ ନାକଟୀଦେଉଳ ବ୍ଲକରେ ୧୪ ହଜାର ୩୪୮ ହେକ୍ଟର ଜମିରେ ଧାନଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ରେଢାଖୋଲ ବ୍ଲକରେ ୧୯ହଜାର ୨୪୭ ହେକ୍ଟର ଚାଷଜମି ମଧ୍ୟରୁ ୯ହଜାର ୪୫୦ ହେକ୍ଟର ଜମିରେ ଧାନ, ୪୫୦ହେକ୍ଟର ଜମିରେ ମକା, ୧୫ ହେକ୍ଟର ଜମିରେ ମାଣ୍ଡିଆ, ୪ହଜାର ୯୬୦ ହେକ୍ଟର ଜମିରେ ଡାଲିଜାତୀୟ ଫସଲ,୧ ହଜାର ହେକ୍ଟର ଜମିରେ ତୈଳବୀଜ ଜାତୀୟ ଫସଲ ଓ ବାକି ଜମିରେ ଝୋଟ, ପନିପରିବା, ମସଲା ଜାତୀୟ, ଆଖୁଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ନାକଟୀଦେଉଳ ବ୍ଲକରେ ୧୪ହଜାର ୩୪୮ ହେକ୍ଟର ଚାଷଜମିରୁ ୬ହଜାର ୯୫୦ ହେକ୍ଟର ଚାଷ ଜମିରେ ଧାନଚାଷ, ୪୮୦ ହେକ୍ଟର ଜମିରେ ମକା, ୫ ହେକ୍ଟର ଜମିରେ ମାଣ୍ଡିଆ, ୪ହଜାର ୫୫୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଓ ୫୧୭ ହେକ୍ଟର ଜମିରେ ତୈଳବୀଜ ଜାତୀୟ ଫସଲ ଏବଂ ବଳକା ଜମିରେ ପନିପରିବା, ମସଲା ଜାତୀୟ ଫସଲ ଓ ଆଖୁଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ବର୍ଷାର ଅନିୟମିତତା ଯୋଗୁ କୃଷି ବିଭାଗ ପକ୍ଷରୁ କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ଦେଖାଦେଇଛି।

୨୦୨୦ ଜୁନ ମାସରେ ରେଢାଖୋଲ ବ୍ଲକରେ ୨୩୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ଚଳିତ ଜୁନ ମାସରେ ମାତ୍ର ୭୪ ମିମି ବର୍ଷା ହୋଇଛି। ସେହିପରି ଜୁଲାଇ ମାସରେ ୧୭ ତାରିଖ ପର୍ଯ୍ୟନ୍ତ ୮୬ ମିମି ବର୍ଷା ହୋଇଛି। ନାକଟିଦେଉଳ ବ୍ଲକରେ ୨୦୨୦ ଜୁନ ମାସରେ ୨୫୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଏବର୍ଷ ଜୁନ ମାସରେ ୧୨୧ ମିମି ବର୍ଷା ହୋଇଛି। ସେହିପରି ଚଳିତ ଜୁଲାଇ ମାସରେ ୮୬.୫ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଅପରପକ୍ଷରେ କୃଷି ବିଭାଗର ଆକଳନ ଅନୁଯାୟୀ ଜୁନ ମାସରେ ୨୨୧ମିମି ବର୍ଷା ଆବଶ୍ୟକ ଥିବା ବେଳେ ୭୪ ମିମି ବର୍ଷା ହୋଛି। ସେହିପରି ଜୁଲାଇ ମାସରେ ୪୨୯ମିମି ବର୍ଷା ଆବଶ୍ୟକ ଥିବା ବେଳେ ମାତ୍ର ୮୬.୫ ମିମି ବର୍ଷା ହୋଇଥିବାରୁ ଚାଷୀମାନେ ଆସନ୍ନ ମରୁଡି ଆଶଙ୍କାରେ ରହିଛନ୍ତି। ତେବେ କୃଷି ବିଭାଗ ପକ୍ଷରୁ ସମ୍ଭାବ୍ୟ ମରୁଡି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର କୃଷି ଜିଲା ଅଧିକାରୀ ନାୟକ କ୍ଷେତ୍ର କର୍ମଚାରୀ ମାନଙ୍କ ଏକ ଜରୁରୀ ବୈଠକ ଡକାଇ ଆସନ୍ନ ମରୁଡି ପରିସ୍ଥିତିର ସମୀକ୍ଷା କରିଥିବା ଜଣାପଡିଛି।

## ଗୋହତ୍ୟାକୁ ରୋକିବ ପ୍ରଶାସନ

**ସମ୍ବଲପୁର,୧୮।୭ (ବ୍ୟୁରୋ)**

ଐତିହାସିକ ସମ୍ବଲପୁର ସହରରେ ଗୋହତ୍ୟା ବଢ଼ିବାରେ ଲାଗିଛି । ଶ୍ରୀଶ୍ରୀ ହନୁମାନ ଜୟନ୍ତୀ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଗୋହତ୍ୟା ଓ ଗୋଚାଲାଣ ବନ୍ଦ କରିବାକୁ ଜିଲା ପ୍ରଶାସନଠାରେ ବାରମ୍ବାର ଦାବି କରି ଆସୁଛନ୍ତି । ସମନ୍ୱୟ ସମିତି ଦାବିକୁ ପ୍ରଶାସନ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ଚଳିତ ମାସ ୨୧ତରିଖରେ

**୨୧ରେ ହେବାକୁ ଥିବା ମାନବ ଶୃଙ୍ଖଳ ସ୍ଥଗିତ**

ଧନକଉଡା ଛକରୁ ଭୁତାପଡା ଛକ ପର୍ଯ୍ୟନ୍ତ ମହିଳା ଓ ଯୁବ ବାହିନୀର ନେତୃତ୍ୱରେ ହେବାକୁ ଥିବା ମାନବ ଶୃଙ୍ଖଳ କାର୍ଯ୍ୟକ୍ରମକୁ ସ୍ଥଗିତ କରାଯାଇଛି । ରବିବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ହୋଟେଲ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଏହା କହିଛନ୍ତି। ସେମାନେ ଆହୁରି କହିଥିଲେ ଯେ, ଭାଇଚାରା ଓ ସଂସ୍କୃତି ସମ୍ପନ୍ନ ସମ୍ବଲପୁର ସହରରେ ସାଂପ୍ରଦାୟିକ ଉତ୍ତେଜନା ସୃଷ୍ଟି କରୁଥିବା ଲୋକଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ଆଇନରେ ଗିରଫ କରିବା ଆବଶ୍ୟକତା ରହିଛି। ଖବରଦାତା ସମ୍ମିଳନୀରେ ସମନ୍ୱୟ ସମିତିର ଅଧ୍ୟକ୍ଷ ଗିରିଶ ପଟେଲ, ଉପସଭାପତି ଦେବାଶିଷ ପୁରୋହିତ, ଉପଦେଷ୍ଟା ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଜୟବ୍ରତ ଦେ, ଶିବକୁମାର ଅଗ୍ରୱାଲ ଓ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଥିଲେ ।

# ଏକତ୍ରିତ ହେଲେ ୪ଜିଲାର ଅସନ୍ତୋଷ ଟ୍ରକ୍ ମାଲିକ



ବୈଠକରେ ଉପସ୍ଥିତ ଥିବା ୪ଜିଲାର ଟ୍ରକ୍ ମାଲିକମାନେ ।

**ଝାରସୁଗୁଡା ଅଫିସ୍,୧୮।୭**

- ବ୍ୟବସାୟିକ କ୍ଷତିରେ ଟ୍ରକ୍ ମାଲିକ
- ଆନ୍ଦୋଳନ ପାଇଁ ଦେଲେ ଚେତାବନୀ

ବ୍ୟବସାୟୀକ କ୍ଷତିକୁ ନେଇ ଅସନ୍ତୋଷ ଟ୍ରକ୍‌ମାଲିକମାନେ ରବିବାର ଝାରସୁଗୁଡା ସହର ଏକ ହୋଟେଲ୍‌ରେ ଏକତ୍ରିତ ହୋଇ ଏହାର ପ୍ରତିକାର ଦିଗରେ ଆଲୋଚନା କରିଥିଲେ। ଏଥିରେ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ ଓ ଦେବଗଡ଼ ଜିଲାର ଶତାଧିକ ଟ୍ରକ୍ ମାଲିକ୍ ଯୋଗଦେଇଥିଲେ। ଏନେଇ ପ୍ରତ୍ୟେକ ଜିଲାର ଜିଲାପାଳଙ୍କୁ ଅବଗତ କରାଯିବା ସହିତ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ବିଧାୟକ ଓ ଏମ୍‌ପି ଆଦିଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଯଦି ଏଥିରେ କୌଣସି ସୁଫଳ ନ ମିଳିଲା ତାହେଲେ ଆଗାମୀ ଦିନରେ ବାହାର ଜିଲାରୁ ଆସୁଥିବା ମାଲ୍ ବୋଝେଇ ଟ୍ରକ୍‌କୁ ଉପରୋକ୍ତ ଜିଲାମାନଙ୍କରେ ଅଟକାଇ ଦିଆଯିବ। ଏହିସବୁ ଜିଲାରୁ ବାହାର ଟ୍ରକ୍‌ସବୁକୁ ମାଲ୍ ପରିବହନ କରିବାପାଇଁ ଦିଆଯିବନାହିଁ ବୋଲି ଅସନ୍ତୋଷ ଟ୍ରକ୍ ମାଲିକମାନେ ଚେତାବନୀ ଦେଇଛନ୍ତି। ଏହି ୪ଜିଲାର ଟ୍ରକ୍ ମାଲିକଙ୍କ ଅଭିଯୋଗ ସେମାନଙ୍କ ଟ୍ରକ୍‌କୁ କୋଇଡା, ବଡବିଲ ଓ ରୁଗୁଡି ଆଦି କ୍ଷେତ୍ରରେ ଆବଶ୍ୟକ ମାଲ୍ ପରିବହନ କରିବା ପାଇଁ ଦିଆ ନ ଯାଇ ଉପେକ୍ଷା କରାଯାଉଛି। ଏହିସବୁ କ୍ଷେତ୍ରରେ ମାସମାସ ଧରି ଟ୍ରକ୍ ଛିଡା ହୋଇରହୁଛି ବୋଝେଇ କରିବା ପାଇଁ ଦିଆଯାଉନାହିଁ। ଡିଜେଲ ଦର ଅହେତୁକ ବୃଦ୍ଧି ପାଉଥିବାବେଳେ ମାଲିକମାନଙ୍କୁ ଉପଯୁକ୍ତ ଟ୍ରାନ୍ସପୋର୍ଟିଂ ଭଡା ମିଳୁନାହିଁ। ଡିଜେଲ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ଟ୍ରାନ୍ସପୋର୍ଟିଂ ଭଡା ପରିବର୍ତ୍ତନ କରି ଭଡା ବୃଦ୍ଧି କରିଥିବାବେଳେ ଏହାକୁ କମ୍ପାନୀମାନେ କାର୍ଯ୍ୟକାରୀ ନ କରି ପୁରୁଣା ଦରରେ ଭଡା ଦେଉଛନ୍ତି। ଫଳରେ ଟ୍ରକ୍ ମାଲିକମାନେ ବିଶେଷଭାବେ ପ୍ରତ୍ୟେକ କ୍ଷେତ୍ରରେ କ୍ଷତି ସହୁଛନ୍ତି ବୋଲି ଅସନ୍ତୋଷ ଟ୍ରକ୍ ମାଲିକମାନେ ଅଭିଯୋଗ କରିଛନ୍ତି। ଏହି ଆଲୋଚନାରେ ବାବୁଲା ମିଶ୍ର, ବିକାଶ ବର୍ମା, ସୁଧାଂଶୁ ରଞ୍ଜନ ପାଣି, ଧନଞ୍ଜୟ ସିଂହ ଓ ବସନ୍ତ ଗଡନାୟକ ପ୍ରମୁଖ ଟ୍ରକ୍‌ମାଲିକ ଉପସ୍ଥିତ ଥିଲେ ।

## ଅନ୍ୟର ଏଟିଏମ୍ କାର୍ଡ ବ୍ୟବହାର କରି ଟଙ୍କା ଉଠାଣ: ୨ ଗିରଫ

**ଦେବଗଡ,୧୮।୭(ଡି.ଏନ.ଏ)**

ଅନ୍ୟ ଜଣଙ୍କର ଏଟି.ଏମ୍. କାର୍ଡ ଓ ପିନ୍ ବ୍ୟବହାର କରି ଚଞ୍ଚକତା ପୂର୍ବକ ୨୩ହଜାର ଟଙ୍କା ଉଠାଇ ନେବା ଅଭିଯୋଗରେ ଦେବଗଡ ଥାନା ପୋଲିସ ରବିବାର ୨ଜଣଙ୍କୁ ଗିରଫ କରିଛି । ଦେବଗଡ ଥାନା ଛେପିଲିପାଲିର ପ୍ରଦ୍ୟୁମ୍ନ ସୁହୁଲା ଗତ ୭ ତାରିଖ ଦିନ ନିଜର ନୂତନ ଏଟିଏମ୍ କାର୍ଡକୁ ଆକ୍ଟିଭ କରିବା ନିମନ୍ତେ ବ୍ୟାଙ୍କ ପାସବୁକ ନେଇ ଦେବଗଡ ସ୍ଥିତ ଏକ ବ୍ୟାଙ୍କକୁ ଯିବା ବାଟରେ ହଜିଯାଇଥିଲା । ଏହାର କିଛି ସମୟପରେ ତାଙ୍କ ଆକାଉଣ୍ଟରୁ ୨୩ ହଜାର ଟଙ୍କା ଉଠାଣ ହୋଇଥିବା ନେଇ ମୋବାଇଲକୁ ମ୍ୟାସେଜ ଆସିଥିଲା। ତାଙ୍କ ଏଟିଏମ କାର୍ଡ ବ୍ୟବହାର କରି କେହି ଉକ୍ତ ଟଙ୍କା ଉଠାଣ କରିନେଇଥିବା ସେ ଜାଣିବାକୁ ପାଇଥିଲେ । ଏନେଇ ସେ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ କରିବାରେ ପୋଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଗୁଣ୍ଡୁରୁପୋଶିର ସୁଶାନ୍ତ ଦେହୁରୀ(୨୫) ଓ ତପନ ପ୍ରଧାନ(୨୬) ପ୍ରଦ୍ୟୁମ୍ନଙ୍କ ଏଟିଏମ କାର୍ଡରେ ଚଂଚକତା ପୂର୍ବକ ଉକ୍ତ ୨୩ ହଜାର ଟଙ୍କା ଉଠାଣ କରିଥିବା ଜଣାପଡିଥିଲା । ପୋଲିସ ସୁଶାନ୍ତ ଓ ତପନଙ୍କଠାରୁ ଉକ୍ତ ଟଙ୍କା ଜବତ କରିବା ସହ ଗିରଫ କରିଥିଲା।

## ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଝାରସୁଗୁଡା ଅଫିସ୍,୧୮।୭**

୬ଦଫା ଦାବିନେଇ ଝାରସୁଗୁଡା ପୌର ପରିଷଦର କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଗତ ଶନିବାରରୁ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ରବିବାର ଦ୍ୱିତୀୟ ଦିବସରେ ପହଁଞ୍ଚିଥିବାବେଳେ ଏନେଇ କୌଣସି ଅଧିକାରୀ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବାକୁ ଆସି ନ ଥିବା ଜାଣିବାକୁ ମିଳିଛି। ଫଳରେ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସଫେଇ କର୍ମଚାରୀଙ୍କ ୨ଦିନଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ହେବା ଫଳରେ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ପିଏଫ୍ କାର୍ଯ୍ୟକାରିତାରେ ଅନିୟମିତତା, ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପାଇଁ ଝୁଡି, ଝାଡୁ ଓ ବେଲ୍ଚା ଆଦି ଦିଆଯାଉନାହିଁ। ଇନ୍‌ସୁରାନ୍ସ କରାଯାଉ ନାହିଁ । ନିୟମିତ କାମ କଲେ ମଧ୍ୟ କମ୍ ଦରମା ମିଳୁଥିବା ଅଭିଯୋଗ କରାଯାଇଛି। ଏଦିଗରେ ପୌର ନିର୍ବାହୀ ଅଧିକାରୀ ଓ ଠିକାସଂସ୍ଥା ଗ୍ରୀନ୍ ସାର୍କିଲ୍ ଏନ୍‌ଭାରମେଣ୍ଟ ଆଦି କେହି ଶୁଣୁନାହାଁନ୍ତି। ଏହିସବୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଫେଇ କର୍ମଚାରୀ ସଂଘର ସଭାପତି ଉମେଶ ବେହେରା ଚେତାବନୀ ଦେଇଛନ୍ତି।



ସଫେଇ କର୍ମଚାରୀମାନେ ପୌର କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି।

## ସମ୍ବଲପୁରରେ ଉନ୍ନତ ପର୍ଯ୍ୟଟନ ସର୍କିଟ ସୃଷ୍ଟି ହେବ

**ସମ୍ବଲପୁର,୧୮।୭(ବ୍ୟୁରୋ)**

**ହୁମା-କୁଦଗୁଣ୍ଡେରପୁର ସେତୁ ନିର୍ମାଣ**

ସମ୍ବଲପୁର ଜିଲାର ପ୍ରସିଦ୍ଧ ହୁମା ଠାରୁ ମହାନଦୀ ଉପରେ କୁଦଗୁଣ୍ଡେରପୁର ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣ କରାହେବ। ଏଥିସକାଶେ ଶନିବାର ଅଞ୍ଚଳ ସର୍ଭେ କରାଯାଇଥିଲା। ଗତବର୍ଷ ଜିଲାପାଳ ଶୁଭମ ସକସେନା ପୂର୍ତ୍ତବିଭାଗ ଡିଭିଜନ-୨ର ଅଧିକାରୀମାନଙ୍କ ସହ ଏହି ସ୍ଥାନରେ ସେତୁ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ସରଜମିନ ଅନୁଧ୍ୟାନ କରିଥିଲେ । ଏହାପରେ କରୋନା କଟକଣା ଯୋଗୁ ଏହି ପ୍ରସ୍ତାବ ଅଗାକୁ ବଢି ପାରିନଥିଲା । ସଂପ୍ରତି ପୂର୍ତ୍ତ ବିଭାଗ ପକ୍ଷରୁ ସେତୁ ନିର୍ମାଣ ନେଇ ସର୍ଭେ କରାଯାଇଛି । ବିଭାଗୀୟ ମଞ୍ଜୁରୀ ମିଳିବା ପରେ ପ୍ରକଳ୍ପ ବାବଦରେ ସବିଶେଷ ରିପୋର୍ଟ, ଡ଼ିଜାଇନ ଓ ଅଟକଳ ପ୍ରସ୍ତୁତ କରାଯିବ। ପୂର୍ବରୁ ମହାନଦୀର ଟାପୁ(ମଝି)ରେ ଥିବା କୁଦ-ଗୁଣ୍ଡେରପୁରରୁ ମହାନଦୀ ଉପର ଡୁଲଣ୍ଡି ପର୍ଯ୍ୟନ୍ତ ପ୍ରାୟ ଆଠଶହ ମିଟର ଦୀର୍ଘ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହୋଇଛି। ନୂତନ ଭାବେ ପ୍ରସ୍ତାବିତ ମହାନଦୀ ସେତୁ ନିର୍ମାଣ କରାଗଲେ କଳାହାଣ୍ଡି, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ସହ ସମ୍ବଲପୁର ଜିଲାର ସୀମାନ୍ତବର୍ତ୍ତୀ ବ୍ଲକଠାରୁ ବୁର୍ଲା ଓ ହୀରାକୁଦ ଏବଂ ବରଗଡକୁ ଦୂରତା ବହୁ ମାତ୍ରାରେ ହ୍ରାସ ପାଇବ। ଏଥିସହ ୧୫ ନମ୍ବର ଜାତୀୟ ରାଜପଥରୁ ଜାତୀୟ ରାଜପଥ ୬ ନମ୍ବରକୁ ଏକ ବିକଳ୍ପ ରାସ୍ତା ସୁବିଧା ମିଳିପାରିବ। କେବଳ ସେତିକି ନୁହେଁ ସମ୍ବଲପୁର ଜିଲାର ହୁମାଠାରେ ଥିବା ବକ୍ର ମନ୍ଦିର, ଚିପିଲିମା ଘଣ୍ଟେଶ୍ୱରୀ ପୀଠ, ହୀରାକୁଦ ଡ୍ୟାମ, ବୁର୍ଲା, ଡେବ୍ରୀଗଡ଼ ଅଭୟାରଣ୍ୟ ଓ ସମ୍ବଲପୁରକୁ ନେଇ ଅଭିନବ ପର୍ଯ୍ୟଟନ ସର୍କିଟ ଲାଗି ବାଟ ଫିଟି ପାରିବ।

# ୫ ଲୁଟେରାଙ୍କୁ ଗିରଫ କଲା ରେଳ ସୁରକ୍ଷା ବଳ

**ରେଢାଖୋଲ,୧୮।୭(ଡି.ଏନ.ଏ.)**

ରେଢାଖୋଲ ରେଳ ସୁରକ୍ଷା ବଳ ତାଳଚେର-ସମ୍ବଲପୁର ରେଳ ଲାଇନର ରେଢାଖୋଲ ଚାରମାଲ ମଧ୍ୟରେ ଥିବା ମୂଲ୍ୟବାନ ଲୁହା ସଟର ଚୋରି କରିବା ଅଭିଯୋଗରେ ଗଞ୍ଜାମ ଜିଲାର ୫ ଜଣ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ତାରାସିଂ ଥାନା ରାଧାପଦର ଗ୍ରାମର ଅଜିତ କୁମାର ଜାନି (୨୦),କୋଦଳା ଥାନା ପାଂସି ଗ୍ରାମର ଅରୁଣ ପାଣିଗ୍ରାହୀ (୨୭), ଆଦିତ୍ୟ ପାଣିଗ୍ରାହୀ (୨୫),ପୋଲସରା ଥାନା ବି. ନୂଆପଲ୍ଲୀ ଗ୍ରାମର ଅଶୋକ କୁମାର ସାହୁ ଓ ବରଗାଁର ହୃଷୀକେଶ ସାହୁ (୪୨) ବୋଲି ରେଳ ସୁରକ୍ଷା ବଳର ଇନ୍ସପେକ୍ଟର ବିବେକ କୁମାର କହିଛନ୍ତି । ଏ ନେଇ ରେଳବାଇ ଥାନା ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ରେଢାଖୋଲ ଏସଡିଜେଏମ କୋର୍ଟ ଚାଲଣ କରାଯାଇଛି । ଜାମିନ ଆବେଦନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ , ଗିରଫ ଅଭିଯୁକ୍ତମାନେ ଏକ ପିକ୍ ଅପ ଭ୍ୟାନ ଯୋଗେ ଚୋରି ଲୁହା ସଟର ବୋଝେଇ କରୁଥିବା ବେଳେ ପାଟ୍ରୋଲିଂ କରୁଥିବା ଏସ.ଆଇ ବି.ଡି ସୂତାର, କନଷ୍ଟେବଳ ସୁଶିଲ ପ୍ରଧାନ,ଏସ. ସୋରେଙ୍ଗ, ବି. ବି. ବିଶ୍ୱାଳ ପ୍ରମୁଖ ଚଢାଉ କରି ଗିରଫ କରିଥିଲେ । ରେଳ ସୁରକ୍ଷା ବଳ ଏହି ଘଟଣାରେ ଏକ ବୋଲେରୋ ( ନଂ ଓଡି ୩୨ ଡି ୨୦୯୫) ଜବତ କରିଛି।



ଗିରଫ ଅଭିଯୁକ୍ତ ଓ ପୋଲିସ କର୍ମଚାରୀ।

# ସଙ୍କଟରେ ୧୩ ଲକ୍ଷ ଭାରତୀୟ



## ଜଳୁଛି ଦକ୍ଷିଣ ଆଫ୍ରିକା

- ଦୁର୍ନୀତି ମାମଲାରେ ଜେଲରେ ଜାକବ ଜୁମା
- ଏଥିପାଇଁ ଗୁପ୍ତା ବ୍ରଦର୍ସଙ୍କୁ ଦାୟୀ କରାଯାଉଛି
- ଭାରତୀୟ ବଂଶୋଦ୍ଭବଙ୍କୁ ଆକ୍ରମଣ, ଲୁଟ୍
- ୧୧୭ ମୃତକଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ

ଜୋହାନ୍ସବର୍ଗ/ନୂଆଦିଲ୍ଲୀ,୧୮।୭

ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜାକବ ଜୁମା ଦୁର୍ନୀତି ମାମଲାରେ ଜେଲ ଯିବା ପରେ ଦେଶର ବିଭିନ୍ନ ଭାଗରେ ଦଙ୍ଗା ସୃଷ୍ଟି ହୋଇଛି। ଜୁମାଙ୍କୁ ମୁକ୍ତ କରିବା ଦାବିରେ ଲୋକେ ରାସ୍ତାକୁ ଓହ୍ଲାଇ ଅସ୍ତ୍ର ଧରିଛନ୍ତି। ସେମାନଙ୍କ ମୁଖ୍ୟ ଟାର୍ଗେଟରେ ୧୩ ଲକ୍ଷ ଭାରତୀୟ ବଂଶୋଦ୍ଭବ ରହିଛନ୍ତି। ଭାରତୀୟ ସମୁଦାୟ ଉପରେ ଲଗାତର ଆକ୍ରମଣ କରି ସେମାନଙ୍କ ଘର ଓ ଦୋକାନଗୁଡ଼ିକୁ ଲୁଟିବା ପରେ ନିଆଁ ଲଗାଇଦେଉଛନ୍ତି। ମୋଟାମୋଟି ଭାବେ ସମ୍ପ୍ରତି ସମଗ୍ର ଦେଶ ଅଶାନ୍ତ ହୋଇଯାଇଛି। ଆକ୍ରମଣ ଓ ପ୍ରତିଆକ୍ରମଣରେ ଅଦ୍ୟାବଧି ୧୧୭ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ ବୋଲି ଜଣାପଡ଼ିଛି। ସ୍ଥିତି ଅଣାୟତ୍ତ ହୋଇଯାଇଥିବାରୁ ୨୫,୦୦୦ ସୈନ୍ୟଙ୍କୁ ମୁତୟନ କରାଯାଇଛି। ୨,୨୦୦ ଲୋକଙ୍କୁ ଗିରଫ କରାଯାଇଛି।

ଜାକୋବ ଜୁମା ୨୦୦୯ରୁ ୨୦୧୮ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଥିବାବେଳେ ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲାର ଶୁଣାଣି ବେଳେ ସେ କୋର୍ଟରେ ହାଜର ନ ହେବାରୁ ତାଙ୍କୁ ଅଦାଲତ ଅବମାନନା ମାମଲାରେ ୧୫ ମାସ ଜେଲ ଦଣ୍ଡାଦେଶ ହୋଇଛି। ଗତ ସପ୍ତାହରେ ଜୁମା ଦଣ୍ଡାଦେଶ ଭୋଗିବା ପାଇଁ ଜେଲ ଯାଇଛନ୍ତି। ଏହାର ପ୍ରତିବାଦରେ ଲୋକେ ରାସ୍ତାକୁ ଓହ୍ଲାଇ ହିଂସାତ୍ମକ ପନ୍ଥା ଆପଣାଇଛନ୍ତି। ପୋଡ଼ାଜଳା, ଭଙ୍ଗାରୁଜା ଓ ଲୁଟ୍‌ରେ ମାତିଥିବା ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଓ ସେନା ପକ୍ଷରୁ ବଳ ପ୍ରୟୋଗ କରାଯାଇଛି। ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟି ୧୧୭ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଗଉଟେଙ୍ଗ୍ ଓ କ୍ୱାଜୁଲୁ-ନାଟାଲ ପ୍ରଦେଶର। ସ୍ଥାନୀୟ ଲୋକେ ଏହି ଦୁଇ ପ୍ରଦେଶରେ ରହୁଥିବା ଭାରତୀୟମାନଙ୍କ ଦୋକାନ ଓ ଶିଳ୍ପ ସଂସ୍ଥାଗୁଡ଼ିକରୁ ଖାଦ୍ୟ, ବୈଦ୍ୟୁତିକ ଉପକରଣ, ମଦ, ପୋଷାକ ଆଦି ଚୋରି କରୁଥିବାବେଳେ ଦଙ୍ଗା ସୃଷ୍ଟି ହୋଇଛି। ଭାରତୀୟ ସମୁଦାୟ ଆତ୍ମରକ୍ଷା, ପରିବାର ଓ ବ୍ୟବସାୟର ସୁରକ୍ଷା ପାଇଁ ଅସ୍ତ୍ର ଧାରଣ କରିବାକୁ ବାଧ ହୋଇଛନ୍ତି।

## ଭାରତୀୟଙ୍କୁ ଟାର୍ଗେଟ କାହିଁକି

ଜାକବ ଜୁମା ରାଷ୍ଟ୍ରପତି ଥିବାବେଳେ ଗୁପ୍ତା ବ୍ରଦର୍ସ ତାଙ୍କର ଅତି ଘନିଷ୍ଠ ଥିଲେ। ଜୁମାଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗ ପାଇଁ ଏହି ୩ ଭାଇଙ୍କୁ ଦାୟୀ କରାଯାଉଛି। ଜୁମା ଏମାନଙ୍କ ଚକ୍ରାନ୍ତର ଶିକାର ହୋଇ ଦୁର୍ନୀତି ମାମଲାରେ ଫସିଥିବା ସମର୍ଥକମାନେ ମନେକରୁଛନ୍ତି। ଏଥିପାଇଁ ସେଠାରେ ଥିବା ଭାରତୀୟମାନଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରି ଲୁଟିବାରେ ଲାଗିଛନ୍ତି। ଜଣେ ଭାରତୀୟ ଡାକ୍ତର କହିଛନ୍ତି, ସ୍ଥାନୀୟ ପୋଲିସ କେବଳ ନୀରବଦ୍ରଷ୍ଟା ସାଜିଛି। ଏପରି କି କେତେକ ସ୍ଥାନରେ ପୋଲିସ ଦଙ୍ଗାକାରୀଙ୍କୁ ସହଯୋଗ କରି ଭାରତୀୟମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ କହୁଛି। ସେହିପରି ଲୁଟେରାମାନେ ଆଉଥରେ ଆସିଲେ ଆମେ ସେମାନଙ୍କୁ ଗୁଳି କରି ହତ୍ୟା କରିବୁ ବୋଲି ଜଣେ ଭାରତୀୟ ବ୍ୟବସାୟୀ କହିଛନ୍ତି। ଅନ୍ୟପକ୍ଷେ ଜୁମାଙ୍କ ଜେଲଦଣ୍ଡକୁ ନେଇ ଅପରାଧୀମାନେ ଫାଇଦା ଉଠାଉଥିବା ପୋଲିସ କହିଛି।



ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଜୋହାନ୍ସବର୍ଗର ସୋୱେଟୋରେ ରବିବାର ସ୍ଥିତି ସମୀକ୍ଷା କରୁଛନ୍ତି।

## କିଏ ଏହି ଗୁପ୍ତା ବ୍ରଦର୍ସ



ଦକ୍ଷିଣ ଆଫ୍ରିକା ଜଳୁଥିବାବେଳେ କୃଷ୍ଣକାୟମାନେ ରକ୍ତମୁଖା ହୋଇଉଠିଛନ୍ତି। ଏଥିପାଇଁ ଗୁପ୍ତା ବ୍ରଦର୍ସଙ୍କୁ ଦାୟୀ କରାଯାଉଛି। ଏହି ୩ ଭାଇ ହେଲେ ଅଜୟ ଗୁପ୍ତା, ଅତୁଲ ଗୁପ୍ତା ଓ ରାଜେଶ ଗୁପ୍ତା। ଏମାନଙ୍କ ଘର ଉତ୍ତର ପ୍ରଦେଶର ଶାହରନପୁରରେ। ୧୯୯୦ ଦଶକରେ ନେଲସନ ମଣ୍ଡେଲା ରାଷ୍ଟ୍ରପତି ଥିବାବେଳେ ୩ ଭାଇ ଦକ୍ଷିଣ ଆଫ୍ରିକା ଯାଇ ସେଠାରେ ବ୍ୟବସାୟ ଆରମ୍ଭ କରିଥିଲେ। ଜାକବ ଜୁମା ରାଷ୍ଟ୍ରପତି ହେବା ପରେ କ୍ରମଶଃ ସେମାନେ ସରକାରଙ୍କ ସହ ଘନିଷ୍ଠତା ବଢ଼ାଇ ପ୍ରଭାବଶାଳୀ ହେବାରେ ଲାଗିଲେ। ସାହାରା କମ୍ପ୍ୟୁଟର୍ସରୁ ବ୍ୟବସାୟ ଆରମ୍ଭ କରି ଏକ ବିଶାଳ ସାମ୍ରାଜ୍ୟର ଅଧିକାରୀ ହୋଇଥିବା ଗୁପ୍ତା ବ୍ରଦର୍ସଙ୍କୁ ଧରିବା ପାଇଁ ଇଣ୍ଟରପୋଲ ରେଡ୍ କର୍ନର ନୋଟିସ ଜାରି କରିଛି। ଜୁମାଙ୍କ ବିରୋଧରେ ଆସିଥିବା ଦୁର୍ନୀତି ପାଇଁ ଏହି ୩ ଭାଇଙ୍କୁ ଦାୟୀ କରାଯାଉଛି। ଏବେ ସେମାନେ ଦକ୍ଷିଣ ଆଫ୍ରିକାରେ ସମସ୍ତ ବ୍ୟବସାୟରୁ ନିଜ ଅଂଶଧନ ତ୍ୟାଗ କରିଦେବେ ବୋଲି ଘୋଷଣା କରିଛନ୍ତି।

## କାମ ଦେଉନି ଶାନ୍ତି ଉଦ୍ୟମ

ରାଷ୍ଟ୍ରପତି ସିରିଲ ରାମାଫୋସା ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ସେ ଏହି ହିଂସାକୁ ସୁନିୟୋଜିତ ବୋଲି ଅଭିହିତ କରିଛନ୍ତି। ଜୁଲୁ କିଙ୍ଗ୍ ମିଶୁଜୁଲୁ କାଜ୍ୱେଲିଥିନି ମଧ୍ୟ ଶାନ୍ତି ପାଇଁ ଅପିଲ କରିଛନ୍ତି। ଭାରତୀୟ ସମୁଦାୟ ସହ ଶାନ୍ତିରେ ସହାବସ୍ଥାନ କରିବାକୁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ସରକାରଙ୍କ ପ୍ରାଥମିକତା ବୋଲି ଦକ୍ଷିଣ ଆଫ୍ରିକା ସରକାରଙ୍କ ପକ୍ଷରୁ କୁହାଯାଇଛି।



ଆଫଗାନିସ୍ତାନରେ ନିହତ ଭାରତୀୟ ଖବରଦାତା ଡାନିଶ ସିଦ୍ଦିକିଙ୍କୁ ଗୁଆହାଟୀରେ ମହମବତି ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ଜାମିଆରେ ସମାଧି ପାଇବେ ଡାନିଶ୍

**ନୂଆଦିଲ୍ଲୀ,୧୮।୭:** ଆଫଗାନିସ୍ତାନରେ ହତ୍ୟାର ଶିକାର ହୋଇଥିବା ପୁଲିଜର ପୁରସ୍କାରପ୍ରାପ୍ତ ଭାରତୀୟ ଫଟୋ ଜର୍ନାଲିଷ୍ଟ ଡାନିଶ୍ ସିଦ୍ଦିକିଙ୍କ ମୃତଦେହକୁ ନୂଆଦିଲ୍ଲୀର ଜାମିଆ କବରସ୍ଥାନରେ ସମାଧି ଦିଆଯିବ। ଏ ନେଇ ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ରୟଟର୍ସ ପାଇଁ କାମ କରିଥିବା ଡାନିଶ୍ ଏହି ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର। ବିଶ୍ୱବିଦ୍ୟାଳୟର କର୍ମଚାରୀ, ସେମାନଙ୍କ ସ୍ତ୍ରୀ ବା ସ୍ୱାମୀ ଏବଂ ନାବାଳକ ସନ୍ତାନଙ୍କ ମୃତଦେହକୁ ସ୍ୱତନ୍ତ୍ର ଭାବେ ଜାମିଆ କବରସ୍ଥାନରେ ସମାଧି ଦିଆଯାଇଥାଏ। ଏ ନେଇ ଡାନିଶ୍‌ଙ୍କ ପରିବାରର ଅନୁରୋଧକୁ ୟୁନିଭର୍ସିଟି କୁଳପତି ନଜ୍‌ମା ଅଖତର୍ ଗ୍ରହଣ କରିଛନ୍ତି। ଜାମିଆ ସହ ଡାନିଶ୍‌ଙ୍କ ବହୁ ପୁରୁଣା ସମ୍ପର୍କ ରହିଛି। ବାପା ମହମ୍ମଦ ଅଖତର ସିଦ୍ଦିକି ଜାମିଆନଗରରେ ରହୁଥିବାବେଳେ ଜାମିଆ ଶିକ୍ଷା ବିଭାଗରେ ପ୍ରଫେସର ଥିଲେ। ଡାନିଶ୍ ନିଜେ ଜାମିଆରେ ସ୍କୁଲ ଶିକ୍ଷା ଶେଷ କରିଥିବାବେଳେ ଉକ୍ତ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକ ଏବଂ ମାସ୍ କମ୍ୟୁନିକେଶନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଶୁକ୍ରବାର କାନ୍ଦାହାରରେ ଆଫଗାନ୍ ସୁରକ୍ଷା ବଳ ଓ ତାଲିବାନ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷବେଳେ ଡାନିଶ୍ ଆକ୍ରମଣର ଶିକାର ହୋଇଥିଲେ। ଡାନିଶ୍‌ଙ୍କ ମୃତ୍ୟୁରେ ତାଲିବାନ୍ ନିଜ ଭୂମିକା ନ ଥିବା କହିଛି।

## ସଂକ୍ଷେପରେ

### ମଙ୍କି ବି ଭୂତାଣୁରେ ପ୍ରଥମ ସଂକ୍ରମିତଙ୍କ ମୃତ୍ୟୁ

**ବେଜିଂ, ୧୮।୭:** ଚାଇନା ରାଜଧାନୀ ବେଜିଂରେ ପ୍ରଥମ ଥର ପାଇଁ ମଙ୍କି ବି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଜଣେ ପ୍ରାଣୀ ଚିକିତ୍ସକଙ୍କର ମୃତ୍ୟୁ ଘଟିଛି। ଏହି ୫୩ ବର୍ଷୀୟ ପ୍ରାଣୀ ଚିକିତ୍ସକ ଗତ ମାର୍ଚ୍ଚରେ ଦୁଇଟି ମୃତ ମାଙ୍କଡ଼ଙ୍କର ଶବ ବ୍ୟବଚ୍ଛେଦ କରିଥିଲେ। ଏହାର ମାସେ ପରେ ତାଙ୍କଠାରେ ବାନ୍ତି ଲାଗିବା ଆଦି ଲକ୍ଷଣ ଦେଖାଦେଇଥିଲା। ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଇବା ସତ୍ତ୍ୱେ ମେ' ୨୭ରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ବର୍ତ୍ତମାନ ପାଇଁ ବିପଦ ମୁକ୍ତ ଥିବା କୁହାଯାଉଛି। ଚାଇନାରେ ଏଭଳି ସଂକ୍ରମଣ ପୂର୍ବରୁ କେବେ ଦେଖାଦେଇ ନ ଥିଲା।

### କ୍ୱାରାଣ୍ଟାଇନରେ ବ୍ରିଟିଶ ପ୍ରଧାନମନ୍ତ୍ରୀ

**ଲଣ୍ଡନ, ୧୮।୭:** ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଜଣେ କରୋନା ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ରବିବାରଠାରୁ ୧୦ ଦିନ କ୍ୱାରାଣ୍ଟାଇନରେ ରହିଛନ୍ତି। ବୋରିସ କ୍ୱାରାଣ୍ଟାଇନରେ ରହିବେ ନାହିଁ ବୋଲି ୩ ଘଣ୍ଟା ପୂର୍ବରୁ ତାଙ୍କ କାର୍ଯ୍ୟାଳୟ ଘୋଷଣା କରିଥିବାବେଳେ ବିଭିନ୍ନ ମହଲରେ ଏହାକୁ ସମାଲୋଚନା କରାଯିବାରୁ ପ୍ରଧାନମନ୍ତ୍ରୀ ତାଙ୍କ ନିଷ୍ପତ୍ତି ବଦଳାଇଛନ୍ତି। ତାଙ୍କ ସମେତ ଟ୍ରେଜେରି ମୁଖ୍ୟ ରିଷି ସୁନକ ମଧ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ନେଇ ଇଂଲଣ୍ଡର ଟେଷ୍ଟ ଆଣ୍ଡ ଟ୍ରେସ୍ ଫୋନ୍ ଆପ୍ ପକ୍ଷରୁ ସତର୍କ କରିଦିଆଯାଇଛି। ସ୍ୱାସ୍ଥ୍ୟ ସଚିବ ସାଜିଦ ଜାଭିଦ୍‌ଙ୍କ ସହ ବୋରିସ ଶୁକ୍ରବାର ବୈଠକ କରିଥିଲେ। ଜାଭିଦ୍ କୋଭିଡ୍ ପଜିଟିଭ୍ ଥିବା ଶନିବାର ପରୀକ୍ଷାରୁ ଜଣାପଡ଼ିଥିଲା।

### ଦିଲ୍ଲୀରେ କାଉଡ଼ିଆ ଯାତ୍ରା ବାତିଲ

**ନୂଆଦିଲ୍ଲୀ, ୧୮।୭:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶରେ କାଉଡ଼ିଆ ଯାତ୍ରା ବାତିଲ ହେବାର ଦିନକ ପରେ ଦିଲ୍ଲୀ ସରକାର ଏହି ଯାତ୍ରା ଉପରେ ରୋକ ଲଗାଇଛନ୍ତି। ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଯାତ୍ରା ପାଇଁ ରାଜଧାନୀରେ କୌଣସି ଉତ୍ସବ, ଶୋଭାଯାତ୍ରା କିମ୍ବା ସମାବେଶ କରାଯାଇପାରିବ ନାହିଁ। ଏନେଇ ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପୂର୍ବରୁ ଉତ୍ତରାଖଣ୍ଡ ସରକାର ଚଳିତ ବର୍ଷର କାଉଡ଼ିଆ ଯାତ୍ରାକୁ ବାତିଲ କରିଥିଲେ। କୋଭିଡ୍ ସଂକ୍ରମଣ ରୋକିବା ଲାଗି ସମସ୍ତ ସରକାର ଏବଂ ଜନସାଧାରଣ ପଦକ୍ଷେପ ନେବା ଆବଶ୍ୟକ ବୋଲି ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଥିଲେ।

### ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ବିସ୍ଫୋରଣ: ମହିଳା ମୃତ

**ଜୟପୁର,୧୮।୭:** ରାଜସ୍ଥାନର ଗଙ୍ଗାପୁର ସହରରେ ଜଣେ କୋଭିଡ୍ ସଂକ୍ରମିତଙ୍କ ଘରେ ଶନିବାର ଏକ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ବିସ୍ଫୋରଣ ହୋଇଛି। ଏଥିରେ ଆକ୍ରାନ୍ତ ସୁଲତାନ ସିଂଙ୍କ ସ୍ତ୍ରୀ ସନ୍ତୋଷ ମୀନାଙ୍କ ମୃତ୍ୟୁ ଘଟିଛି। ଆଇଏଏସ୍ ହର ସହାୟ ମିନାଙ୍କ ଭାଇ ସୁଲତାନ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ଘରେ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ସହାୟତାରେ ଚିକିତ୍ସିତ ହେଉଥିଲେ। କନ୍‌ସେନ୍‌ଟ୍ରେଟରରେ ତ୍ରୁଟି ଥିବାରୁ ଏଥିରୁ ଅକ୍ସିଜେନ ଲିକେଜ୍ ହୋଇଥିବା ଜଣାପଡ଼ିଛି। ସୁଲତାନଙ୍କ ସ୍ତ୍ରୀ ନିକଟରେ ଥିବା ଲାଇଟ୍ ସୁଇଚ ମାରିବା କ୍ଷଣି କନ୍‌ସେନ୍‌ଟ୍ରେଟରଟି ବିସ୍ଫୋରଣ ହୋଇଥିଲା। ଗୁରୁତର ଅବସ୍ଥାରେ ସୁଲତାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସିଦ୍ଧୁ ପଞ୍ଜାବ ପିସିସି ସଭାପତି



ନୂଆଦିଲ୍ଲୀ, ୧୮।୭

କଂଗ୍ରେସ ହାଇକମାଣ୍ଡ ନବଜ୍ୟୋତ ସିଂ ସିଦ୍ଧୁଙ୍କୁ ପଞ୍ଜାବ ପିସିସି ସଭାପତି ଭାବେ ରବିବାର ନିଯୁକ୍ତି ଦେଇଛନ୍ତି। ଫଳରେ ଦୀର୍ଘଦିନ ଧରି ଦଳରେ ଲାଗି ରହିଥିବା କଳ୍ପନାଜଳ୍ପନାର ଅବସାନ ହୋଇଛି। ଏଥିସହିତ ୪ ଜଣଙ୍କୁ ପିସିସିର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଛି। ସେମାନେ ହେଲେ କୁଲ୍‌ଜିତ୍ ନାଗ୍ରା, ପଓ୍ୱନ ଗୋଏଲ୍, ସୁଖ୍‌ୱିନ୍ଦର ସିଂ ଡାନି ଏବଂ ସଙ୍ଗତ୍ ସିଂ ଗିଲିଆନ୍।

ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ ବରିଷ୍ଠ ନେତା ସିଦ୍ଧୁଙ୍କ ମଧ୍ୟରେ କିଛିଦିନ ହେଲା ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଥିଲା। ସିଦ୍ଧୁଙ୍କୁ ପିସିସି ମୁଖ୍ୟ କରିବାକୁ ବିରୋଧ କରି ୯ ଜଣ ଦଳୀୟ ଏମ୍‌ପି ପ୍ରତାପ ସିଂ ବାଜ୍‌ୱାଙ୍କ ଦିଲ୍ଲୀ ବାସଭବନରେ ବୈଠକ କରିଥିଲେ। ସେହିପରି ୧୧ ଜଣ କଂଗ୍ରେସ ବିଧାୟକ ଅମରିନ୍ଦରଙ୍କ ସପକ୍ଷରେ ଦାବି କରିଥିଲେ। ଅମରିନ୍ଦର ଜଣେ ତୁଙ୍ଗ ଜନନେତା ହୋଇଥିବାରୁ ତାଙ୍କ କ୍ଷମତା ସଙ୍କୁଚିତ ନ କରିବାକୁ ବିଧାୟକମାନେ ହାଇକମାଣ୍ଡଙ୍କୁ ଅନୁରୋଧ କରଥିଲେ। ସିଦ୍ଧୁ ସମର୍ଥନ ଯୋଗାଡ଼ ପାଇଁ ରବିବାର ଅମରିନ୍ଦରଙ୍କ ନିର୍ବାଚନ ମଣ୍ଡଳୀକୁ ଯାଇ ୩୦ ଜଣ ଦଳୀୟ ନେତା ଓ ବିଧାୟକମାନଙ୍କୁ ଭେଟିଥିଲେ।

## ମେଣ୍ଟ ପାଇଁ କଂଗ୍ରେସ ମନ ଖୋଲା: ପ୍ରିୟଙ୍କା

ଲକ୍ଷ୍ନୌ,୧୮।୭

ଉତ୍ତରପ୍ରଦେଶରେ ୨୦୨୨ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଖୋଲା ମନରେ ଅନ୍ୟ ରାଜନୈତିକ ଦଳ ସହ ମେଣ୍ଟ କରିପାରିବ ବୋଲି ପାର୍ଟି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ୟୁପିର ସମସ୍ତ ୪୦୩ ଆସନରେ କଂଗ୍ରେସ ଏକାକୀ ଲଢ଼ିବ କି ପ୍ରଶ୍ନର ଉତ୍ତରରେ ଲକ୍ଷ୍ନୌ ଗସ୍ତରେ ଆସିଥିବା ପ୍ରିୟଙ୍କା କହିଛନ୍ତି, ଏତେ ଶୀଘ୍ର ସେ ଏ ବାବଦରେ କିଛି କହିପାରିବେନି। କିନ୍ତୁ ମେଣ୍ଟ ପାଇଁ କଂଗ୍ରେସ ମନ ଖୋଲା ରହିଛି। ନିର୍ବାଚନରେ ଭାଜପାକୁ ହରାଇବା ପ୍ରମୁଖ ଲକ୍ଷ୍ୟ। ତେଣୁ ମେଣ୍ଟ ପାଇଁ ଅନ୍ୟ ଦଳଗୁଡ଼ିକ ମଧ ଖୋଲାଖୋଲି ଆଗ୍ରହ ରଖିବା ଉଚିତ।

## ବ୍ରାହ୍ମଣ ଭୋଟକୁ ମାୟାବତୀଙ୍କ ଲୋଭ

ଲକ୍ଷ୍ନୌ,୧୮।୭

ଉତ୍ତରପ୍ରଦେଶରେ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବ୍ରାହ୍ମଣଙ୍କ ଭୋଟକୁ ଲୋଭ କରିଛନ୍ତି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମୁଖ୍ୟ ମାୟାବତୀ। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ବ୍ରାହ୍ମଣ ସମାଜକୁ ଭାଜପା ଭ୍ରମରେ ରଖି ସେମାନଙ୍କ ଭୋଟ ହାସଲ କରିପାରିବ ନାହିଁ। ବିଏସ୍‌ପି ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଆସନ୍ତା ୨୩ ତାରିଖରେ ଅଯୋଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମ୍ପ୍ରଦାୟକୁ ପୁଣିଥରେ ଜାଗ୍ରତ କରାଯିବ। ଏହା ନିଶ୍ଚିତ କରାଯିବ ଯେ, ବିଏସ୍‌ପି ଅଧୀନରେ ସେମାନଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ।

## କଂଗ୍ରେସ ପାର୍ଲାମେଣ୍ଟାରି ଗ୍ରୁପ୍ ପୁନର୍ଗଠିତ

### ଲୋକ ସଭାରେ ଦଳର ନେତା ରହିଲେ ଅଧୀର

ନୂଆଦିଲ୍ଲୀ, ୧୮।୭

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନର ଦିନକ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦଳର ସଂସଦୀୟ ଗ୍ରୁପ୍ ଗଠନ କରିଛନ୍ତି। ତେବେ ଅଧୀର ରଞ୍ଜନ ଚୌଧୁରୀ ଲୋକ ସଭାରେ ଏବଂ ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟ ସଭାରେ କଂଗ୍ରେସ ନେତା ରହିଛନ୍ତି। ପାର୍ଲାମେଣ୍ଟରେ କଂଗ୍ରେସ ଦଳର କାର୍ଯ୍ୟଦକ୍ଷତା ବୃଦ୍ଧି ଲାଗି କେତେଜଣ ଅଭିଜ୍ଞ ତଥା ଜି-୨୩ ଅସନ୍ତୁଷ୍ଟ ନେତାଙ୍କୁ ଏଥିରେ ସାମିଲ କରାଯାଇଛି। ଲୋକ ସଭା ପାଇଁ ଗଠିତ ୭ ଜଣିଆ ଟିମ୍‌ରେ ଶଶୀ ଥରୁର ଏବଂ ମନୀଷ ତିୱାରୀଙ୍କୁ ନିଆଯାଇଛି। ଗୌରବ ଗୋଗୋଇ ନିମ୍ନ ସଦନରେ ପୂର୍ବ ଭଳି ଦଳର ଉପନେତା ରହିବେ। ସେହିପରି କେ. ସୁରେଶ ମୁଖ୍ୟ ହ୍ୱିଇପ୍ ପଦ ବଜାୟ ରଖିଥିବାବେଳେ ରଭନୀତ ସିଂ ବିଟ୍ଟୁ ଏବଂ ମନିକାମ୍ ଟାଗୋରଙ୍କୁ ହ୍ୱିଇପ୍ ନିଯୁକ୍ତ କରାଯାଇଛି।

ସେହିପରି ରାଜ୍ୟ ସଭାରେ ମଲ୍ଲିକାର୍ଜୁନ ଖାର୍ଗେ କଂଗ୍ରେସ ନେତା ରହିଥିବାବେଳେ ଆନନ୍ଦ ଶର୍ମା ଉପନେତା ପଦ ବଜାୟ ରଖିଛନ୍ତି। ଜୟରାମ ରମେଶଙ୍କୁ ରାଜ୍ୟ ସଭା ପାଇଁ ଦଳର ମୁଖ୍ୟ ହ୍ୱିଇପ୍ ନିଯୁକ୍ତ କରାଯାଇଥିବାବେଳେ ଅମ୍ବିକା ସୋନି, ପି. ଚିଦାମ୍ବରମ, ଦିଗ୍‌ବିଜୟ ସିଂ ଏବଂ କେ.ସି. ବେଣୁଗୋପାଳଙ୍କୁ ସଂସଦୀୟ ଗ୍ରୁପ୍‌ରେ ସାମିଲ କରାଯାଇଛି। ଅଧିବେଶନ ଚାଲିଥିବାବେଳେ ଏହି ଗୋଷ୍ଠୀ ପ୍ରତିଦିନ ବୈଠକ କରି ବିଭିନ୍ନ ପ୍ରସଙ୍ଗ ଉପରେ ଦଳର ରଣନୀତି ପ୍ରସ୍ତୁତ କରିବେ। ଆବଶ୍ୟକ ପଡ଼ିଲେ ଦୁଇଟି ଗ୍ରୁପ୍‌ର ମିଳିତ ବୈଠକ ଖାର୍ଗେଙ୍କ ଆବାହକତ୍ୱରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଲୋକ ସଭାରେ କଂଗ୍ରେସ ନେତା ପଦରୁ ଅଧୀର ରଞ୍ଜନ ହଟିବା ନେଇ କିଛିଦିନ ହେଲା ଚର୍ଚ୍ଚା ହେଉଥିଲା।

## ଅଶାନ୍ତ ଆଫଗାନିସ୍ତାନ

# ଟାର୍ଗେଟ୍‌ରେ ଭାରତୀୟ ପ୍ରତିଷ୍ଠାନ

### ଆଇଏସ୍‌ଆଇ ନିର୍ଦ୍ଦେଶରେ ତାଲିବାନ ସହ ହାତ ମିଳାଇଛନ୍ତି ପାକ୍ ଆତଙ୍କବାଦୀ

ନୂଆଦିଲ୍ଲୀ/ କାବୁଲ, ୧୮।୭

ଆଫଗାନିସ୍ତାନରେ ଥିବା ଭାରତୀୟ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିବା ଲାଗି ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଦେଶର ଆତଙ୍କବାଦୀ ସଂଗଠନଗୁଡ଼ିକୁ ତାଲିବାନ ସହ ମିଶି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶକ୍ରମେ ପାକିସ୍ତାନରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଆଫଗାନିସ୍ତାନରେ ପ୍ରବେଶ କରିଥିବା ଏକ ଆକଳନରୁ ଜଣାପଡ଼ିଛି। ଏହା ବ୍ୟତୀତ ସେଠାରେ କେତେକ ପାକ୍ ଆତଙ୍କବାଦୀ ବହୁ ବର୍ଷ ଧରି ରହିଛନ୍ତି। ଯୁଦ୍ଧ ବିଧ୍ୱସ୍ତ ଆଫଗାନିସ୍ତାନରେ ଥିବା ଭାରତୀୟ ବିଲ୍ଡିଂ ଏବଂ ଭିତ୍ତିଭୂମି ଉପରେ ଆକ୍ରମଣ ଲାଗି ଆଇଏସ୍‌ଆଇ ନିର୍ଦ୍ଦେଶରେ ସେମାନଙ୍କୁ ନିୟୋଜିତ କରାଯାଇଛି। ସେମାନେ ଆଫଗାନ ସରକାର ବିରୋଧୀ ଲଢ଼େଇରେ ଯୋଗଦେବା ସହ ତାଲିବାନ ଆତଙ୍କବାଦୀଙ୍କୁ ସହାୟତା କରୁଛନ୍ତି। ସେଠାର ବାସ୍ତବ ସ୍ଥିତି ଉପରେ ଅନୁଧ୍ୟାନ କରୁଥିବା ଏକ ସରକାରୀ ସୂତ୍ରରୁ ଏହି ସୂଚନା ମିଳିଛି।

୨୦୦୧ରେ କାବୁଲରୁ ତାଲିବାନ ମୂଳପୋଛ ହେବା ପରେ ଭାରତ ସେଠାରେ ୩ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ବ୍ୟୟ କରି ବିଭିନ୍ନ ଭିତ୍ତିଭୂମିର ବିକାଶ କରିଛି। ସେଥିମଧ୍ୟରେ ରହିଛି ଡେଲାରାମରୁ ଜରଞ୍ଜ ମଧ୍ୟରେ ୨୧୮ କିଲୋମିଟର ରାସ୍ତା, ଭାରତ-ଆଫଗାନିସ୍ତାନ ମୈତ୍ରୀ ଡ୍ୟାମ୍ ଏବଂ ଆଫଗାନ୍ ପାର୍ଲାମେଣ୍ଟ ବିଲ୍ଡିଂ। ଏବେ ଆମେରିକା ସୈନ୍ୟ ପ୍ରତ୍ୟାହାର ପରେ ପୁଣି ଥରେ ତାଲିବାନ ଆତଙ୍କବାଦୀ ସକ୍ରିୟ ହୋଇଉଠିଛନ୍ତି ଓ ଦେଶର ଅଧିକାଂଶ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେଲେଣି। ଏଭଳି ସ୍ଥିତିରେ ଭାରତ ସେଠାରେ କେତେଦିନ ନିଜର ଉପସ୍ଥିତି ଜାହିର ରଖିପାରିବ, ତାହା କହିହେଉନାହିଁ। ସେଠାରେ ନିର୍ମାଣ କାର୍ଯ୍ୟ ଓ ମରାମତିରେ ସମ୍ପୃକ୍ତ ଥିବା ଭାରତୀୟମାନଙ୍କୁ ନିରାପଦ ସ୍ଥାନକୁ ପଳାଇଯିବାକୁ କୁହାଯାଇଛି। କାନ୍ଦାହାରରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସର କର୍ମଚାରୀ ଓ ସୁରକ୍ଷା କର୍ମୀମାନଙ୍କୁ ଫେରାଇ ଅଣାଯାଇଥିବାବେଳେ ଜଲାଲାବାଦ ଏବଂ ହେରାତ୍‌ରେ ଥିବା କାର୍ଯ୍ୟାଳୟ ପୂର୍ବରୁ ବନ୍ଦ ହୋଇଯାଇଛି। ଏବେ କେବଳ କାବୁଲରେ ଭାରତୀୟ ଦୂତାବାସ ଏବଂ ମଜାର-ଇ-ଶରିଫ୍‌ରେ ବାଣିଜ୍ୟିକ ଦୂତାବାସ ରହିଛି।



## ୫୩ ତାଲିବାନ ଆତଙ୍କବାଦୀ ନିହତ

ଆଫଗାନିସ୍ତାନରେ ୨୪ ଘଣ୍ଟା ମଧ୍ୟରେ ୫୩ ତାଲିବାନ ଆତଙ୍କବାଦୀ ନିହତ ଓ ୩୮ ଆହତ ହୋଇଛନ୍ତି। ଆଫଗାନ୍ ସେନା ପକ୍ଷରୁ ଆକାଶ ମାର୍ଗରୁ ଆକ୍ରମଣ କରାଯାଇଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କାପିସା ପ୍ରଦେଶରେ ବାୟୁସେନା, ନ୍ୟାଶନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ଫୋର୍ସର ମିଳିତ ଆକ୍ରମଣରେ ୧୮ ଆତଙ୍କବାଦୀ ନିହତ ହେବା ସହ ୨୪ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ତାଲିବାନର ୩ ଜଣ ଡିଭିଜନାଲ କମାଣ୍ଡର ଅଛନ୍ତି। ହେଲ୍‌ମଣ୍ଡ ରାଜଧାନୀ ଲଶକର ଗାହ ନିକଟରେ ସେନାଅଭିଯାନରେ ୨୦ ଏବଂ ବାଲ୍‌ଖ ପ୍ରଦେଶରେ ବାୟୁସେନା ଆକ୍ରମଣରେ ୧୫ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି।

## ସଂକ୍ଷେପରେ

### ତୈଳ ଦର ହ୍ରାସ ପାଇବାର ସମ୍ଭାବନା ରହିଛି

ନୂଆଦିଲ୍ଲୀ,୧୮।୭ : କରୋନା ମହାମାରୀ ଭଳି ମାନ୍ଦାବସ୍ଥା ସମୟରେ ଦେଶରେ ତୈଳ ଦର ଅହେତୁକ ଭାବେ ବୃଦ୍ଧି ପାଇବା ଯୋଗୁ ସରକାରଙ୍କୁ ସାଧାରଣ ଜନତାଙ୍କ ରୋଷର ଶିକାର ହେବାକୁ ପଡୁଛି। ସରକାର ମଧ ତୈଳ ଦର ହ୍ରାସ ପାଇଁ ବହୁ ଚେଷ୍ଟା କରୁଛନ୍ତି ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ମଧ ଏହି ସମୟରେ ବିଭିନ୍ନ କାରଣରୁ ଉଚ୍ଚ ରହିବା ଯୋଗୁ ଦର ହ୍ରାସ ସମ୍ଭବ ହେଉ ନ ଥିଲା। ଶନିବାର ଓପେକ ରାଷ୍ଟ୍ରର ବିଭିନ୍ନ ତୈଳ ଉତ୍ପାଦନକାରୀ ସଂସ୍ଥାର ପ୍ରମୁଖମାନଙ୍କର ଏକ ବୈଠକରେ ଉତ୍ପାଦନ ବୃଦ୍ଧି ଓ ଦର ହ୍ରାସ ସମ୍ପର୍କରେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ଫଳରେ ଭାରତରେ ପେଟ୍ରୋଲ ଏବଂ ଡିଜେଲର ବର୍ଦ୍ଧିତ ଦର କିଛିଟା ହ୍ରାସ ପାଇବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ବର୍ତ୍ତମାନ ସମୟରେ ସାରା ବିଶ୍ୱରେ କରୋନା ସଂକ୍ରମଣ ପୁଣି ଥରେ ବଢୁଥିବାରୁ ତୈଳ ଚାହିଦା ପ୍ରଭାବିତ ହେବାର ଆଶଙ୍କା ରହିଛି। ସେହିଭଳି ଆଗାମୀ ଦିନଗୁଡ଼ିକରେ ଓପେକ୍ ରାଷ୍ଟ୍ର ସମୂହ ପକ୍ଷରୁ ତୈଳ ଉତ୍ପାଦନ ବୃଦ୍ଧି ପାଇବାର ସମ୍ଭାବନା ଅଧିକ ରହିଛି। ଯଦି ଉତ୍ପାଦନ ବୃଦ୍ଧି ପାଏ ତା' ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବାର ସମ୍ଭାବନା ମଧ ଯଥେଷ୍ଟ ରହିଛି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ (ବ୍ରେଣ୍ଟ୍) ଦର ବ୍ୟାରେଲ ପିଛା ୩ ଡଲାର ହ୍ରାସ ଘଟି ପାଖାପାଖି ୭୩ ଡଲାର ରହିଛି। ସେହିଭଳି ଆମେରିକାରେ ଉତ୍ପାଦିତ ହେଉଥିବା ଅଶୋଧିତ ତୈଳ ଦର ମଧ ବ୍ୟାରେଲ ପିଛା ପ୍ରାୟ ୪ ଡଲାର ହ୍ରାସ ଘଟି ୭୧ ଡଲାର ରହିଛି। ଓପେକ୍ ଦେଶଗୁଡ଼ିକ ଜୁନ ମାସରେ ତୈଳ ଉତ୍ପାଦନ ଦୈନିକ ୫,୯୦,୦୦୦ ବ୍ୟାରେଲ ବୃଦ୍ଧି କରି ୨୬.୦୩ ନିୟୁତ ବ୍ୟାରେଲରେ ପହଞ୍ଚାଇଛନ୍ତି। ସେହିଭଳି ଜୁଲାଇରେ ଏହାକୁ ଆହୁରି ବଢାଇବା ସହ ଆଗାମୀ ମାସଗୁଡ଼ିକରେ ମଧ ଏହା ଜାରି ରହିବ ବୋଲି ବିଚାର ବିମର୍ଷ କରୁଥିବା ସୂଚନା ମିଳିଛି।

### ପିଏନ୍‌ବି ବାଲେଶ୍ୱର ମଣ୍ଡଳର ନୂତନ ମୁଖ୍ୟ



ଭୁବନେଶ୍ୱର,୧୮।୭ : ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବାଲେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ପୁରୁଷୋତ୍ତମ ପଟ୍ଟନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ତାମିଲନାଡୁର ମଦୁରାଇଠାରେ ବ୍ୟାଙ୍କର ଲୋନ୍ ପ୍ରୋସେସିଂ ସେଲ୍‌ର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ୭୦ ଗୋଟି ଶାଖାକୁ ନେଇ ଗଠିତ ଏହି ମଣ୍ଡଳର ମୋଟ ବ୍ୟବସାୟ ୪,୨୦୦କୋଟି ଟଙ୍କା ରହିଛି। ପଟ୍ଟନାୟକ ୨୦୦୦ରେ ବ୍ୟାଙ୍କରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପଞ୍ଜାବ, ବିହାର, ରାଜସ୍ଥାନ, ପଶ୍ଚିମବଙ୍ଗ, ହରିୟାଣା ଆଦି ରାଜ୍ୟରେ ବିଭିନ୍ନ ପଦପଦବୀରେ ରହି ବ୍ୟାପକ ଅଭିଜ୍ଞତା ହାସଲ କରିବା ପରେ ସେ ପ୍ରଥମ ଥର ପାଇଁ ଓଡ଼ିଶାକୁ ଆସି ଏହି ପଦବୀରେ ଯୋଗ ଦେଇଛନ୍ତି। ସେ ତାଙ୍କର ୨୧ ବର୍ଷ ଅଭିଜ୍ଞତା ମଧରେ ୧୯ ବର୍ଷ ବିଭିନ୍ନ ଶାଖାରେ କାର୍ଯ୍ୟ କରିଛନ୍ତି।

### ଓଜିବି ବାରିପଦା କ୍ଷେତ୍ରର ନୂତନ ପ୍ରବନ୍ଧକ

ଭୁବନେଶ୍ୱର,୧୮।୭ : ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବାରିପଦା କ୍ଷେତ୍ରର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ ଭାବେ ନୀଳମଣି ମଣ୍ଡଳ ଯୋଗଦେଇଛନ୍ତି। ୧୯୮୬ରେ ବ୍ୟାଙ୍କରେ ଅଫିସର ରୂପେ ସେ ଯୋଗଦେଇଥିଲେ। ମଣ୍ଡଳଙ୍କର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଦୀର୍ଘ ୩୫ ବର୍ଷର ଅଭିଜ୍ଞତା ରହିଛି। ୨୦୧୭ରେ ସେ ବରିଷ୍ଠ ପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇ ରାଇରଙ୍ଗପୁର ଶାଖାରେ ଯୋଗଦେଇଥିଲେ। ଏହା ପରେ ସେ ୨୦୨୦ରେ ଇନ୍ସପେକ୍ସନ୍ ସେଲ୍, ବାରିପଦାରେ ମଧ କାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ ସେ ଅଡିଟର ଭାବେ କାର୍ଯ୍ୟ କରିବା ସହ ଚିଫ୍ ଅଡିଟର ପଦବୀକୁ ପଦୋନ୍ନତି ପାଇ ବାରିପଦା, ବାଲେଶ୍ୱର, ମୟୂରଭଞ୍ଜ ଏବଂ କେନ୍ଦୁଝର ଅଞ୍ଚଳରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ବାରିପଦାରେ ନୂତନ କ୍ଷେତ୍ରୀୟ ପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ଏହା ଅଧୀନରେ ଥିବା ୪୯ଟି ଶାଖା ପାଇଁ କାର୍ଯ୍ୟ କରିବେ।

# ଶୀଘ୍ର ସ୍ଥାପନ ହୋଇପାରେ ବ୍ୟାଡ୍ ବ୍ୟାଙ୍କ

ନୂଆଦିଲ୍ଲୀ, ୧୮।୭

୬ ହଜାର କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜି ସହ ଦେଶ ମଧରେ ଏକ ନ୍ୟାଶନାଲ ଆସେଟ ରିକନ୍‌ଷ୍ଟ୍ରକଶନ କମ୍ପାନୀ ଲିମିଟେଡ(ଏନ୍‌ଏଆର୍‌ସିଏଲ୍) ବା

**ଆର୍‌ବିଆଇକୁ ଆବେଦନ କରିବ ଆଇବିଏ**




ବ୍ୟାଡ୍ ବ୍ୟାଙ୍କ ସ୍ଥାପନ ଲାଗି ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ ଶୀଘ୍ର ରିଜର୍ଭ ବ୍ୟାଙ୍କକୁ ଏକ ଆବେଦନ ପତ୍ର ପ୍ରଦାନ କରିବ। ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ଏ ନେଇ ସୂଚନା ଦେଇଛନ୍ତି। କମ୍ପାନୀର ପଞ୍ଜୀକରଣ ସହ ନିୟମ ଅନୁସାରେ ୧୦୦ କୋଟିର ପ୍ରାରମ୍ଭିକ ପୁଞ୍ଜି ବ୍ୟବସ୍ଥା କରାଯିବ। ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଅଡିଟ ଏବଂ ଆର୍‌ବିଆଇ ଠାରୁ ଲାଇସେନ୍ସ ପାଇବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ବ୍ୟାଡ୍ ଲୋନ କ୍ରୟ ଲାଗି ରହିଥିବା ପୁଞ୍ଜି ସୀମାକୁ ୨୦୧୭ରେ ଆର୍‌ବିଆଇ ୧୦୦ କୋଟି ଟଙ୍କାକୁ ବଢ଼ାଇଛି। ବିଭିନ୍ନ ଆଇନଗତ ଦିଗରେ କାର୍ଯ୍ୟ କରିବା ଲାଗି ଲିଗାଲ କନ୍‌ସଲଟାଣ୍ଟ ଭାବେ ଏଜେଡ୍‌ବି ଆଣ୍ଡ ପାର୍ଟନର କାର୍ଯ୍ୟ କରୁଛି।

ପ୍ରାରମ୍ଭିକ ପୁଞ୍ଜି ପ୍ରାୟ ୮ ବ୍ୟାଙ୍କ ପ୍ରଦାନ କରିବେ। ପର୍ଯ୍ୟାୟକ୍ରମେ ଏନ୍‌ଏଆର୍‌ସିଏଲ୍ ଏହାର ପୁଞ୍ଜିକୁ ୬ ହଜାର କୋଟି ଟଙ୍କାକୁ ବଢ଼ାଇବ। ଏହାପରେ ଆର୍‌ବିଆଇର ମଞ୍ଜୁରୀ ଲୋଡ଼ାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ଆର୍‌ବିଆଇ ଲାଇସେନ୍ସ ମିଳିବା ପରେ ଅନ୍ୟ ଇକ୍ୱିଟି ପାର୍ଟନର ଏବଂ ବ୍ୟାଙ୍କର ବୋର୍ଡକୁ ମଧ ସମ୍ପ୍ରସାରଣ କରାଯିବ। ବ୍ୟାଡ୍ ବ୍ୟାଙ୍କ ସ୍ଥାପନ ଲାଗି ଆଇବିଏକୁ କାର୍ଯ୍ୟ ଭାର ପ୍ରଦାନ କରାଯାଇଛି। ଏଥିଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ ବୋର୍ଡ ମଧ ଗଠନ କରାଯାଇଛି। ଏସ୍‌ବିଆଇର ଚାପ ଗ୍ରସ୍ତ ସମ୍ପତ୍ତି ବିଶେଷଜ୍ଞ ପି.ଏମ୍.ନାୟାରଙ୍କୁ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହାର ଅନ୍ୟ ନିର୍ଦ୍ଦେଶକଙ୍କ ମଧରେ ଆଇବିଏ ମୁଖ୍ୟ ନିର୍ବାହୀ ସୁନୀଲ ମେହେଟ୍ଟା, ଏସ୍‌ବିଆଇର ଉପପରିଚାଳନା ନିର୍ଦ୍ଦେଶକ ଏସ୍‌ଏସ୍ ନାୟାର ଏବଂ କାନାରା ବ୍ୟାଙ୍କ ସିଜିଏମ୍ ଅଜିତ କ୍ରିଷ୍ଣନ ନାୟାର ରହିଛନ୍ତି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ୍ ୨୦୨୧-୨୨ ଉପସ୍ଥାପନ ବେଳେ ବ୍ୟାଡ୍ ବ୍ୟାଙ୍କ ସମ୍ପର୍କରେ ଘୋଷଣା କରିଥିଲେ। ବ୍ୟାଙ୍କ ଗୁଡ଼ିକରେ ଅନାଦାୟ ଋଣ ବଢୁଥିବାରୁ ବ୍ୟାଙ୍କ ବୁକ୍‌କୁ ସ୍ୱଚ୍ଛ ରଖିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିବା ନେଇ ଯୋଜନା କରାଯାଇଛି। ଚାପଗ୍ରସ୍ତ ଋଣକୁ ଆସେଟ୍ ରିକନ୍‌ଷ୍ଟ୍ରକଶନ କମ୍ପାନୀ ଲିମିଟେଡ ଏବଂ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ନିଜ ଅକ୍ତିଆରକୁ ନେବ ବୋଲି ବଜେଟ ଅଭିଭାଷଣରେ ନିର୍ମଳା କହିଥିଲେ। ଏନ୍‌ପିଏ ସମ୍ପତ୍ତିଗୁଡ଼ିକୁ ବିକଳ୍ପ ଫଣ୍ଡ ଏବଂ ସମ୍ଭାବ୍ୟ ନିବେଶକଙ୍କ ଦ୍ୱାରା ମୂଲ୍ୟ ନିର୍ଦ୍ଧାରଣ ସହ ଅର୍ଥ ଫେରାଇ ଆଣିବାରେ ଏହି କମ୍ପାନୀଗୁଡ଼ିକ କାର୍ଯ୍ୟ କରିବ। ଏନ୍‌ପିଏ ରିଜଲ୍ୟୁଶନ ଲାଗି ଗତବର୍ଷ ଆଇବିଏ ଏକ ପ୍ରସ୍ତାବ ଦେଇଥିଲା। ସରକାର ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଆସେଟ୍ ରିକନ୍‌ଷ୍ଟ୍ରକଶନ କମ୍ପାନୀ ଏବଂ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ମଡେଲ ଗ୍ରହଣ କରିବା ଲାଗି ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ। ଏନ୍‌ଏଆର୍‌ସିଏଲ୍ ଗଠନରେ ପ୍ରମୁଖ ଅଂଶୀଦାର ରହିବା ଲାଗି କାନାରା ବ୍ୟାଙ୍କ ଆଗ୍ରହ ଦେଖାଇଥିବା ଜଣାପଡିଛି। ଏହି ବ୍ୟାଙ୍କ ୧୨% ଅଂଶଧନ ରଖିବ ବୋଲି ପ୍ରସ୍ତାବ ରହିଛି। ପ୍ରସ୍ତାବିତ ଏନ୍‌ଏଆର୍‌ସିଏଲ୍‌ରେ ୫୧% ଅଂଶଧନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ନିକଟରେ ରହିବ। ବଳକା ଅଂଶଧନ ଘରୋଇ ବ୍ୟାଙ୍କଗୁଡ଼ିକ ନିକଟରେ ରହିବ। ଏହା ବ୍ୟାଙ୍କଗୁଡ଼ିକ ଦ୍ୱାରା ଘୋଷଣା ହୋଇଥିବା ଏନ୍‌ପିଏକୁ ଏନ୍‌ଏଆର୍‌ସିଏଲ୍ ଅଧିଗ୍ରହଣ କରିବ। ଏନ୍‌ପିଏ ବିକ୍ରି ପ୍ରକ୍ରିୟାକୁ ଏହା ତ୍ୱରାନ୍ୱିତ କରିବ। ବ୍ୟାଙ୍କଗୁଡ଼ିକ ପ୍ରଦାନ କରିଥିବା ଏନ୍‌ପିଏ ସମ୍ପତ୍ତିଗୁଡ଼ିକୁ ଏହା ନିଜ ଅକ୍ତିଆରକୁ ନେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୨ ଏନ୍‌ପିଏକୁ ବ୍ୟାଙ୍କ ଚିହ୍ନଟ କରିଛନ୍ତି। ଏହାର ମୂଲ୍ୟ ପ୍ରାୟ ୮୯ ହଜାର କୋଟି ଟଙ୍କା ହେବ। ଏହା ଏନ୍‌ଏଆର୍‌ସିଏଲ୍ ଅଧୀନକୁ ଆସିବ।

## ନେପାଳକୁ ରେନୋ କାଇଗର ରପ୍ତାନି




ନୂଆଦିଲ୍ଲୀ,୧୮।୭

ରେନୋ ଇଣ୍ଡିଆ ପକ୍ଷରୁ ଏହାର କମ୍ପାକ୍ଟ ଏସ୍‌ୟୁଭି କାଇଗରକୁ ନେପାଳ ରପ୍ତାନି କରାଯାଇଛି। ରେନୋ ପକ୍ଷରୁ ଏହି ମଡେଲକୁ ଭାରତ ବଜାରରେ ପ୍ରବେଶ ସହ ବିକ୍ରି ଆରମ୍ଭ ହୋଇଥିବା ବେଳେ ଏହାକୁ ଅନ୍ୟ ଦେଶକୁ ପଠାଇବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। କମ୍ପାନୀର ଏହି ମଡେଲ ଏକ ଅନନ୍ୟ ମେଡଲ ଭାବେ ବଜାରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହା ନିଜକୁ ଏକ ଷ୍ଟନିଂ,ସ୍ମାର୍ଟ ଏବଂ ସ୍ପୋର୍ଟିଂ ବି-ଏସ୍‌ୟୁଭି ଭାବେ ବଜାରରେ ଉପସ୍ଥାପିତ କରିଛି। ନେପାଳରେ କମ୍ପାନୀର ବିତରକ ଆଡ୍‌ଭାନ୍ସଡ ଅଟୋମୋବାଇଲ ପ୍ରାଇଭେଟ ଲିମିଟେଡ ଜରିଆରେ ଅଲ ନ୍ୟୁ ରେନୋ କାଇଗର ଉପଲବ୍ଧ ହେଉଛି ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ରେନୋ ଇଣ୍ଡିଆର ଅପରେଶନ କଣ୍ଟ୍ରି ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଭେଙ୍କଟରାମ ମାମିଲାପିଲ୍ଲେ କହିଛନ୍ତି ଯେ, ଭାରତରେ ଏହି ମଡେଲ ସଫଳତାର ସହ ବଜାର ପ୍ରବେଶ ହେବା ପରେ ପରେ ରେନୋ କାଇଗର ନିଜକୁ ଏକ ସ୍ୱତନ୍ତ୍ର ମଡେଲ ଭାବେ ଉପସ୍ଥାପିତ କରାଇଛି। ଭାରତ ବଜାରରେ ଏହାର ଚାହିଦା ଓ କାରବାର ଭଲ ରହିଛି। ବର୍ତ୍ତମାନ ଏହି ମଡେଲ ନେପାଳକୁ ପଠାଇବା ସହ ବଜାର ଉପରେ ନଜର ରଖିଛି। ଏହା ମେକ୍ ଇନ୍ ଇଣ୍ଡିଆର କମ୍ପାନୀର ବଡ଼ ଭାଗୀଦାରି ବୋଲି କୁହାଯାଉଛି। ବଜାର ଚାହିଦାକୁ ଆଖି ଆଗରେ ରଖି କମ୍ପାନୀ ଆଗକୁ ନିଷ୍ପତ୍ତି ଗ୍ରହଣ କରିବ। ବର୍ତ୍ତମାନ କମ୍ପାନୀ ପ୍ରଥମ ଦଫାରେ ୧୨୨ ରେନୋ କାଇଗର ନେପାଳସ୍ଥିତ ୧୫ ସେଲସ ଆଉଟଲେଟ୍‌କୁ ପଠାଇଥିବା ବେଳେ ଆଗାମୀ ଦିନରେ ଏହା ବୃଦ୍ଧି କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ହୋଣ୍ଡା 'ଗୋଲ୍ଡ ୱିଙ୍ଗ୍ ଟୁର'ର ଡେଲିଭରି

ନୂଆଦିଲ୍ଲୀ,୧୮।୭




ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଭାରତରେ ଏହାର ଫ୍ଲାଗସିପ୍ ମଡେଲ୍ ୨୦୨୧ ଗୋଲ୍ଡ ୱିଙ୍ଗ୍ ଟୁର'ର ଡେଲିଭରି ଆରମ୍ଭ ହୋଇଛି। କୋଭିଡ୍-୧୯କୁ ନେଇ ରହିଥିବା ସମସ୍ତ ନିୟମାବଳୀକୁ ପାଳନ କରି କମ୍ପାନୀ ତା'ର ଗ୍ରାହକଙ୍କୁ ସ୍ୱତନ୍ତ୍ର ପ୍ରିମିୟମ୍ ରିଟେଲ୍ ଆଉଟ୍‌ଲେଟ୍ ଯଥା ଗୁରୁଗ୍ରାମ, ମୁମ୍ବାଇ, ବେଙ୍ଗାଲୁରୁ ଓ ଇନ୍ଦୋରରେ ଥିବା ହୋଣ୍ଡା ବିଗ୍ ୱିଙ୍ଗ୍ ଟପଲାଇନ୍ ଜରିଆରେ ଡେଲିଭରି ଆରମ୍ଭ କରିଛି। ଏହି ପ୍ରିମିୟମ୍ ମୋଟରସାଇକେଲ ପ୍ରତି ଗ୍ରାହକଙ୍କ ବହୁଳ ସମର୍ଥନ ଦେଖିବାକୁ ମିଳିଛି। ପ୍ରମୁଖ ସିବିୟୁ ଆମଦାନୀ ମଡେଲ୍ ଉପଲବ୍ଧ ହେବାର ୨୪ ଘଣ୍ଟା ମଧରେ ସବୁ ବାଇକ୍ ବୁକିଂ ହୋଇଯାଇଥିଲା।

ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ-ବିକ୍ରି ଓ ବିପଣନ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, ୨୦୨୧ ଗୋଲ୍ଡ ୱିଙ୍ଗ ଟୁର୍ ହେଉଛି ଅନ୍ୟତମ ଧରଣର ପ୍ରିମିୟମ ଟୁରିଂ ମୋଟରସାଇକେଲ; ଯାହାକୁ ହାସଲ କରିବା ଲାଗି ସାରା ବିଶ୍ୱରେ ଅନେକ ଅଭିଳାଷୀ ରହିଛନ୍ତି। ଏଥିରେ ଅନେକ ଶ୍ରେଷ୍ଠ ମାନର ସୁବିଧା ସୁଯୋଗ ରହିଛି, ଯାହା ଉଭୟ ଆରାମ ଓ ଲକ୍ସୁରି ପ୍ରଦାନ କରୁଛି। ଏହା ହେଉଛି ପ୍ରିମିୟମ୍ ମୋଟରସାଇକେଲ ଚାହିଦାରେ ହେଉଥିବା ବୃଦ୍ଧି ଓ ହୋଣ୍ଡା ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ବିଶ୍ୱାସର ବଳିଷ୍ଠ ପ୍ରମାଣ।

ଏଥିରେ ଦୃଢ଼ ଚେସିସ ଓ ଇଞ୍ଜିନ ସହିତ ଅନେକଗୁଡ଼ିଏ ସୁବିଧା ସୁଯୋଗ ରହିଛି। ୨୦୨୧ ଗୋଲ୍ଡ ୱିଙ୍ଗ ଟୁର୍‌ରେ ୧୮୩୩ ସିସିର ୪ଷ୍ଟ୍ରୋକ୍, ୨୪ ଭାଲଭ୍ ଏସ୍‌ଓଏଚ୍‌ସି ଫ୍ଲାଟ୍ ୬ ଇଞ୍ଜିନ୍ ରହିଛି, ଯାହା ୫୫୦୦ ଆରପିଏମ୍‌ରେ ୯୩ କିଲୋୱାଟର ଶକ୍ତି ଓ ୪୫୦୦ ଆରପିଏମ୍‌ରେ ୧୭୦ ଏନ୍‌ଏମ୍‌ର ଟର୍କ ଉତ୍ପନ୍ନ କରୁଛି। ଏଥିରେ ଡୁଆଲ୍ ୱିସ୍‌ବୋନ୍ ସାମ୍ନା ସସ୍‌ପେନ୍‌ସନ୍, ଫ୍ଲାଟ୍ ୬ ସିଲିଣ୍ଡର ଇଞ୍ଜିନ, ଏକ୍‌ଜଷ୍ଟସ୍, ଏକ୍ସଟେଣ୍ଡେଡ୍ ଇଲେକ୍ଟ୍ରିକ୍ ସ୍କ୍ରିନ୍, ହିଲ୍ ଷ୍ଟାର୍ଟ ଆସିଷ୍ଟ, ଆପଲ୍ କାର୍ ପ୍ଲେ, ଆଣ୍ଡ୍ରଏଡ୍ ଅଟୋ, ୟୁଏସ୍‌ବି ଟାଇପ୍ ସି ପୋର୍ଟ ଆଦି ରହିଛି।

## ୨୨୦ କୋଟିର ପୁଞ୍ଜି ଲାଭ କଲା ହିରୋ ଇଲେକ୍ଟ୍ରିକ

ନୂଆଦିଲ୍ଲୀ, ୧୮।୭

ପ୍ରମୁଖ ଇଲେକ୍‌ଟ୍ରିକ୍ ଯାନ ନିର୍ମାତା, ହିରୋ ଇଲେକ୍‌ଟ୍ରିକ୍ ଭେହିକିଲ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୨୨୦ କୋଟି ଟଙ୍କାର ସିରିଜ୍-ବି ପାଣ୍ଠି ପ୍ରଥମ ଭାଗ ସମ୍ପର୍କରେ ଘୋଷଣା କରାଯାଇଛି। ଓକ୍‌ସରୁ ଅଂଶଗ୍ରହଣ ସହିତ ଗଲ୍‌ଫ ଇସ୍‌ଲାମିକ୍ ଇନ୍‌ଭେଷ୍ଟମେଣ୍ଟସ (ଜିଆଇଆଇ) ଏହି ନିବେଶର ନେତୃତ୍ୱ ନେଇଥିଲା। କମ୍ପାନୀ ଏହି ପୁଞ୍ଜିନିବେଶକୁ ଇଭି ଶିଳ୍ପ ଓ ଇକୋସିଷ୍ଟମକୁ ଅଧିକ ସମର୍ଥନ କରିବା ଉଦ୍ଦେଶ୍ୟ ଦିଗରେ ପରିଚାଳନା କରିବ। ଏହି ଟ୍ରାଞ୍ଜାକ୍ସନ ଉପରେ ଆଭେଣ୍ଡସ୍ କ୍ୟାପିଟାଲ ହିରୋ ଇଲେକ୍‌ଟ୍ରିକ୍ ପାଇଁ ଏକ୍ସକ୍ଲୁସିଭ୍ ଫାଇନାନ୍ସିଆଲ ଆଡ୍‌ଭାଇଜର୍ ଥିଲା। ଇଲେକ୍‌ଟ୍ରିକ୍ ୨ -ହ୍ୱିଲର୍ ମାର୍କେଟ୍ ଲିଡର୍ ବଜାର ନେତୃତ୍ୱକୁ ମଜଭୁତ କରିବା, ଫ୍ୟୁଚରିଷ୍ଟିକ୍ ଟେକ୍ନୋଲୋଜିରେ ନିବେଶ କରିବା ଓ ଭାରତ ଭଳି ବଜାରଗୁଡ଼ିକରେ ନିଜର ପଦଚିହ୍ନ ବିସ୍ତାର କରିବା ପାଇଁ ଏହି ନିବେଶକୁ ଉତ୍ପାଦନ କ୍ଷମତାକୁ ସମ୍ପ୍ରସାରଣ କରିବା ଓ ବଜାର ସ୍ଥିତିକୁ ସୁଦୃଢ କରିବା ଦିଗରେ ଆବଣ୍ଟନ କରିବ ବୋଲି କମ୍ପାନୀ କହିଛି। ପ୍ରତିବର୍ଷ ଅଭିବୃଦ୍ଧି ଓ ଦୁଇ ଗୁଣ ବିକ୍ରିର ଲକ୍ଷ୍ୟକୁ ହାସଲ କରିବା ପାଇଁ କମ୍ପାନୀ ଆସନ୍ତା କିଛିବର୍ଷ ମଧରେ ଏକାଧିକ ପ୍ଲାଣ୍ଟ ସ୍ଥାପନ କରି ଏହାର ନିର୍ମାଣ କ୍ଷମତାରେ ଗୁରୁତ୍ୱପୂର୍ଣ୍ଣ ଯୋଗକରିବାକୁ ଯୋଜନା ରଖିଛି। ଏହା ମଧ ଭାରତ-କୈନ୍ଦ୍ରିକ, ଫ୍ଲେକ୍ସିବୁଲ ଓ ମୂଲ୍ୟ ସାପେକ୍ଷ ଉଦ୍ଭାବନ ଉପରେ ଗୁରୁତ୍ୱ ପ୍ରଦାନ କରିବ, ଯାହା ବିଦ୍ୟୁତଚାଳିତ ଗତିଶୀଳତାର ବିକାଶକୁ ପରିଚାଳନା କରିବ ଏବଂ ଭାରତକୁ ବିଶ୍ୱର ଇଭି ହବ୍‌ରେ ପରିଣତ କରିବା ଲକ୍ଷ୍ୟ ଦିଗରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## କନେକ୍ଟିଭିଟି ପ୍ରୋଜେକ୍ଟ ଭିତ୍ତିପ୍ରସ୍ତର




ତାଳଚେର,୧୮।୭(ନି.ପ୍ର.)

ତାଳଚେର କୋଲ୍ ଫିଲଡ୍‌ସର କଣିହାଁ ଠାରେ ୨୬୮.୫ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ପ୍ରଥମ ମାଇଲ୍ କନେକ୍ଟିଭିଟି ପ୍ରୋଜେକ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ରବିବାର କଣିହାଁ ଓପନକାଷ୍ଟ ଖଣି ପରିଦର୍ଶନ କରିବା ସହିତ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି, ରାପିଡ୍ ଲୋଡିଂ ସିଷ୍ଟମ (ଆର୍‌ଏଲ୍‌ଏସ୍) ଏବଂ ସାଇଲୋ ଦ୍ୱାରା ରେଳ ର୍ୟାକଗୁଡିକରେ ସ୍ୱୟଂଚାଳିତ ଲୋଡିଂ ହୋଇପାରିବ। ଫଳରେ ଶୀଘ୍ର ପରିବହନ ନିମନ୍ତେ କୋଇଲା ଯୋଗାଇ ଦିଆଯାଇ ପାରିବ। ଏହାଛଡ଼ା ବାୟୁମଣ୍ଡଳରେ ପ୍ରଦୂଷଣର ପ୍ରଭାବ କମ୍ ରହିବ। ସର୍ବନିମ୍ନ ପ୍ରଦୂଷଣ ଓ ସ୍ୱଚ୍ଛ କୋଇଲା ଯୋଗାଇବା ପାଇଁ ଏମ୍‌ସିଏଲ୍ ୩୬୦୦ କୋଟି ଟଙ୍କା ବ୍ୟୟରେ ୯ ଗୋଟି ପ୍ରଥମ ମାଇଲ କନେକ୍ଟିଭିଟି ପ୍ରୋଜେକ୍ଟ ନିର୍ମାଣ କରିବାକୁ ଯାଉଛି। ଏହି ୯ଟି ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ହେଲେ ବାର୍ଷିକ ୧୨୬ ମିଲିୟନ ଟନ୍ କୋଇଲା ଯୋଗାଣ ସମ୍ଭବ ହୋଇପାରିବ। କଣିହାଁଠାରେ ହେବାକୁ ଥିବା ବାର୍ଷିକ ୧୦ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ମେସର୍ସ ମେକନ ଲିମିଟେଡକୁ ପ୍ରଦାନ କରାଯାଇଛି। ୨୦୧୩ ସୁଦ୍ଧା ଏହି ନିର୍ମାଣ କାମ ଶେଷ ହେବ ବୋଲି ଏମ୍‌ସିଏଲ୍ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଟେକ୍ନିକାଲ ଓ.ପି. ସିଂହ, ନିର୍ଦ୍ଦେଶକ ପର୍ସନାଲ କେଶବ ରାଓ, ନିର୍ଦ୍ଦେଶକ ବୈଷୟିକ ପ୍ରକଳ୍ପ ଓ ଯୋଜନା ବାବନ ସିଂ, ଜେନେରାଲ ମ୍ୟାନେଜରଗଣ, ବରିଷ୍ଠ ପଦାଧିକାରୀ, ୟୁନିୟନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ତୈଳ ବିକ୍ରି ପାଇଁ ୭ କମ୍ପାନୀକୁ ଅନୁମତି

ନୂଆଦିଲ୍ଲୀ,୧୮।୭

ପେଟ୍ରୋଲିୟମ ଆଣ୍ଡ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ଆଉ ୭ଟି କମ୍ପାନୀକୁ ଦେଶରେ ତୈଳ କାରବାର ପାଇଁ ଅନୁମତି ପ୍ରଦାନ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ର ନିୟମାବଳୀରେ ସାମାନ୍ୟ ପରିବର୍ତ୍ତନ ପୂର୍ବକ ଦେଶର ଆର୍ଥିକସ୍ଥିତି ଓ ବଜାର ଚାହିଦାକୁ ପୂରଣ କରିବା ପାଇଁ ଏହି କମ୍ପାନୀଗୁଡିକୁ ମଞ୍ଜୁର ଦିଆଯାଇଥିବା କୁହାଯାଇଛି। ଫଳରେ ଦେଶର ପେଟ୍ରୋଲିୟମ ଉତ୍ପାଦ ବିକ୍ରିରେ ଏହି କମ୍ପାନୀଗୁଡିକର ସହଯୋଗ ଓ ଭାଗୀଦାରି ରହିବ, ଯାହା ଦ୍ୱାରା ଲକ୍ଷ ଲକ୍ଷ ଲୋକ ଏହା ମାଧମରେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରଣାଳୟ ମତବ୍ୟକ୍ତ କରିଛି। ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରି ପାଇଥିବା ୭ କମ୍ପାନୀ ହେଉଛନ୍ତି ଆରଆଇଏଲ, ଆଇଏମସି ଲିମିଟେଡ୍, ଆସାମ ଗ୍ୟାସ କମ୍ପାନୀ ଲିମିଟେଡ୍, ଅନସାଇଟ ଏନର୍ଜି ପ୍ରାଇଭେଟ ଲିମିଟେଡ୍, ଏମ.କେ. ଆଗ୍ରୋ ଟେକ୍ ପ୍ରାଇଭେଟ ଲିମିଟେଡ୍, ଆରଏସଆଇଏଲ ଏବଂ ମାନସ ଆଗ୍ରୋ ଇଣ୍ଡଷ୍ଟ୍ରିଜ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ୍ ପ୍ରମୁଖଙ୍କୁ ଏହି ଅନୁମତି ମିଳିଥିବା ସୂଚନା ମିଳିଛି।

## ସିଡବିର ନେଟ ଲାଭ ୩.୬% ବଢ଼ିଲା

ନୂଆଦିଲ୍ଲୀ, ୧୮।୭

ସ୍ମଲ୍ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିଡବି)ଏହାର ୨୩ତମ ବାର୍ଷିକ ଜେନେରାଲ୍ ମିଟିଂରେ ମାର୍ଚ୍ଚ ୩୧, ୨୦୨୧ ଶେଷ ସୁଦ୍ଧା ଆର୍ଥିକ ଫଳାଫଳକୁ ଘୋଷଣା କରାଯାଇଛି। ଏହି ଅବସରରେ ବ୍ୟାଙ୍କର ଅଧକ୍ଷ ଶିବସୁବ୍ରମନିୟନ ରମନ୍ କହିଛନ୍ତି, କୋଭିଡ୍-୧୯ ଯୋଗୁ ଏମ୍‌ଏସ୍‌ଏମଇ ଉଦ୍ୟୋଗଗୁଡ଼ିକ ବହୁ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଆର୍ଥିକ ବର୍ଷ ୨୦୨୦-୨୧ରେ ସିଡବିର ନେଟ୍ ଲାଭ ୩.୬% ବଢିଛି। ଏପରି ଜଟିଳ ସମୟରେ ସିଡ୍‌ବି ସକ୍ରିୟ ଭାବରେ ଏହାର କାର୍ଯ୍ୟ ସମ୍ପାଦନ କରିଛି।

## ୧୨.୫ ବିଲିୟନ ଡଲାର ଛୁଇଁବ ଓଟିଟି ବଜାର




ମୁମ୍ବାଇ ୧୮।୭

ବର୍ଷ ୨୦୨୧ରେ ଭାରତର ଭିଡିଓ ଓଟିଟି ବଜାର ୧.୫ ବିଲିୟନ ଡଲାର ରହିଛି। ଏହା ୨୦୩୦ ବେଳକୁ ୧୨.୫ ବିଲିୟନ ଡଲାର ଛୁଇଁପାରେ। ଉନ୍ନତ ନେଟୱର୍କ, ଡିଜିଟାଲ ସଂଯୋଗ, ସ୍ମାର୍ଟଫୋନ ଦ୍ୱାରା ଏହା ସମ୍ଭବ ହୋଇପାରିବ ବୋଲି ଆର୍‌ବିଏସ୍‌ଏ ଆଡଭାଇଜର୍ସ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଓଟିଟି କ୍ଷେତ୍ରରେ ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ଭାରତର ଟାୟାର-୨,୩ ଏବଂ ୪ ସହରଗୁଡ଼ିକରୁ ହେବ। ବିଶେଷ କରି ଭାରତୀୟ ଭାଷାଭାଷୀ ଲୋକମାନେ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନ ଦୈନିକ ଭିତ୍ତିରେ ଏହି ପ୍ଲାଟଫର୍ମଗୁଡିକରେ ଗ୍ରାହକଙ୍କ ସଂଖ୍ୟା ବୃହତ୍ ମାତ୍ରାରେ ବୃଦ୍ଧି ପାଉଛି। ସବସ୍କ୍ରାଇବରଙ୍କ ପ୍ରମୁଖ ପ୍ଲାଟଫର୍ମଗୁଡିକ ମଧରେ ଡିଜନୀ ପ୍ଲସ, ହଟଷ୍ଟାର, ଆମାଜନ ପ୍ରାଇମ ଭିଡିଓ ଏବଂ ନେଟଫ୍ଲିକ୍ସ ରହିଛି। ସେହିଭଳି ସ୍ଥାନୀୟ ଏବଂ ଆଞ୍ଚଳିକ ସ୍ତରରେ ମଧ ଓଟିଟି ପ୍ଲେୟର ମାନେ ମଧ ନିଜର ୟୁଜରଙ୍କ ସଂଖ୍ୟା ବଢାଇବା ଦିଗରେ ବର୍ତ୍ତମାନ ସକ୍ଷମ ହୋଇଛନ୍ତି।

# ୪୫୧୫ କୋଟି ଉଠାଇଲେ ଏଫ୍‌ପିଆଇ

ମୁମ୍ବାଇ ୧୮।୭

ଚଳିତ ମାସ ବର୍ତ୍ତମାନ ପର୍ଯ୍ୟନ୍ତ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମାନେ ଦେଶର ପୁଞ୍ଜି ବଜାର ଇକ୍ୱିଟି ସେଗ୍‌ମେଣ୍ଟରୁ ୪୫୧୫ କୋଟି ଟଙ୍କା ଉଠାଇ ନେଇଛନ୍ତି। ଭାରତୀୟ ବଜାରକୁ ନେଇ ନିବେଶକମାନେ ସତର୍କତା ଅବଲମ୍ବନ କରୁଥିବା ଦେଖାଯାଇଛି। ବର୍ତ୍ତମାନ ବଜାର ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ଫଳରେ ଏଫ୍‌ପିଆଇ ପ୍ରଫିଟ ବୁକିଂ କରିବାକୁ ପସନ୍ଦ କରୁଛନ୍ତି। ସେହିଭଳି ତୃତୀୟ ଲହରକୁ ମଧ ନିବେଶକମାନେ ନଜରରେ ରଖିଥିବା ମର୍ନିଂ ଷ୍ଟାର ଇଣ୍ଡିଆର ଆସୋସିଏଟ ଡାଇରେକ୍ଟର ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି। ବର୍ତ୍ତମାନ ଡଲାର ଶକ୍ତିଶାଳୀ ରହିଛି। ଏଭଳି ସ୍ଥିତିରେ ଆମେରିକା ବଣ୍ଡ ବଜାର ଭଲ ରିଟର୍ନ ପ୍ରଦାନ କରିବାର ସମ୍ଭାବନା ରହିଛି। ଏହା ଭାରତ ବଜାରରେ ପୁଞ୍ଜି ପ୍ରବାହକୁ ପ୍ରଭାବିତ କରିବାର ଆଶଙ୍କା ନାହିଁ। ବର୍ତ୍ତମାନ ଏ ନେଇ ଚିନ୍ତା ପ୍ରକଟ କରିବାର କୌଣସି କାରଣ ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି।




ସେହିଭଳି ନିବେଶକଙ୍କ ଦ୍ୱାରା ହୋଇଥିବା ପୁଞ୍ଜି ପ୍ରତ୍ୟାହାର ବିଶେଷ ବଡ଼ ନୁହେଁ ବୋଲି ସେ ମତ ଦେଇଛନ୍ତି। ମାତ୍ର ଭାରତୀୟ ବଜାରକୁ ନେଇ ନିବେଶକ ସତର୍କତା ଅବଲମ୍ବନ କରୁଛନ୍ତି। ଡିପୋଜିଟୋରୀ ଡାଟା ମୁତାବକ ନିବେଶକମାନେ ୧-୧୬ ମଧରେ ୪୫୧୫ କୋଟି ଟଙ୍କା ଭାରତୀୟ ପୁଞ୍ଜି ବଜାରରୁ ଉଠାଇ ନେଇଛନ୍ତି। ଏହି ସମୟରେ ସେମାନେ ଡେଟ୍ ସେଗ୍‌ମେଣ୍ଟରେ ୩,୦୩୩ କୋଟି ଟଙ୍କା ନିବେଶ କରିଛନ୍ତି। ଏହି ଅବଧିରେ ନେଟ୍ ପୁଞ୍ଜି ପ୍ରତ୍ୟାହାର ୧୪୮୨ କୋଟି ଟଙ୍କା ରହିଛି। ଜୁନ୍‌ରେ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରେ ୧୩,୨୬୯ କୋଟି ଟଙ୍କା ନିବେଶ କରିଥିଲେ।

ବଜାର ବର୍ତ୍ତମାନ କିଛିଟା ପ୍ରଭାବିତ ରହିଛି ବୋଲି ଜିଓଜିତ ଫାଇନାନ୍ସିଆଲ ସର୍ଭିସେସ୍‌ର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ ଭି. କେ. ବିଜୟ କୁମାର କହିଛନ୍ତି। ଏହି ବର୍ଗର ନିବେଶକମାନେ ଚଳିତବର୍ଷ ଜାନୁୟାରୀ, ଫେବୃୟାରୀ ଏବଂ ମାର୍ଚ୍ଚରେ ଲଗାତର ନିବେଶ କରିଥିଲେ। ଏପ୍ରିଲ ଏବଂ ମେ ମାସରେ ସେମାନେ ପୁଞ୍ଜି ପ୍ରତ୍ୟାହାର କରିଥିଲେ। ଜୁନ୍‌ରେ ପୁଣି ଥରେ ଏମାନେ ନିବେଶ ଜାରି ରଖିଥିଲେ। ଜୁଲାଇରେ ପୁଣି ଥରେ ଶେୟାର ବିକିଥିବା ଦେଖାଯାଉଛି। ଇଣ୍ଡୋନେସିଆକୁ ଛାଡ଼ିଦେଲେ ବିଶ୍ୱର ଅନ୍ୟ ପ୍ରମୁଖ ବଜାରରେ ବିଦେଶୀ ନିବେଶକମାନେ ପୁଞ୍ଜି ଉଠାଇ ନେଉଥିବା କୋଟାକ ସିକ୍ୟୁରିଟିଜର ଉପସଭାପତି ଶ୍ରୀକାନ୍ତ ଚୌହାନ କହିଛନ୍ତି। ଫିଲିପାଇନ୍ସ, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଭଳି ଦେଶଗୁଡ଼ିକରେ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। ଅଶୋଧିତ ତେଲ ଦର ବୃଦ୍ଧି ଏବଂ ଆମେରିକା ଫେଡେରାଲ ରିଜର୍ଭର ନୀତି ଆଧାରରେ ସ୍ୱଳ୍ପ ମିଆଦୀ ଭିତ୍ତିରେ ଭାରତର ପୁଞ୍ଜି ବଜାର ପ୍ରଭାବିତ ହୋଇ ରହିବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନଦୀକୁ ଡେଇଁଲେ ଯୁବତୀ, ଉଦ୍ଧାର କଲେ ଯୁବକ

କଣାସ,୧୮।୭(ସ୍ୱ.ପ୍ର): କଣାସ ବ୍ଲକର ଚୁପୁରିଙ୍ଗି ନିକଟ ବ୍ରିଜ ଉପରୁ ମକରା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ଯୁବତୀଙ୍କୁ ସ୍ଥାନୀୟ ଯୁବକ ଉଦ୍ଧାର କରିଛନ୍ତି। ପରେ ବିଡିଓ ଲୋଚନ ଦାସଙ୍କ ସହଯୋଗ କ୍ରମେ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା। ସୂଚନା ଅନୁଯାୟୀ, ରବିବାର ମଧ୍ୟାହ୍ନରେ କଣାସ ବ୍ଲକ ଖଣ୍ଡହତା ପଞ୍ଚାୟତର ଜଣେ ଯୁବତୀ(୨୪) ପାରିବାରିକ କଳହକୁ କେନ୍ଦ୍ରକରି ଘରୁ ରାଗିକରି ଚାଲିଆସିଥିଲେ। ସେ ୧୦କି.ମି. ଦୂର ମକରା ନଦୀ ବ୍ରିଜ ପାଖକୁ ଚାଲିଚାଲି ଆସି ବ୍ରିଜ୍ ଉପରୁ ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ଏହାଦେଖି ସେଠାରେ ଥିବା କେତେଜଣ ଯୁବକ ତୁରନ୍ତ ନଦୀରେ ପଶି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଯୁବକମାନଙ୍କ ପାଖରୁ ଖବର ପାଇ ଗଡ଼ବଳଭଦ୍ରପୁର ସରପଞ୍ଚ ସଂଗ୍ରାମ କେଶରୀ ପାଇକରାୟ ଏନେଇ ବିଡିଓଙ୍କୁ ଜଣାଇବାରୁ ସେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରି ସଂଜ୍ଞାହୀନ ହୋଇପଡ଼ିଥିବା ସମ୍ପୃକ୍ତ ଯୁବତୀଙ୍କୁ ଡାକ୍ତରଖାନା ପଠାଇବାର ବ୍ୟବସ୍ଥା କରିଥିଲେ। ସେଠାରେ ଚିକିତ୍ସା ପରେ ତାଙ୍କର ଚେତା ଫେରିଥିଲା ଓ ସେ ସୁସ୍ଥ ହୋଇଥିଲେ। କଣାସ ଓ ଗଡ଼ିଶାଗୋଡା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଯୁବତୀଙ୍କୁ ପଚରାଉଚରା କରିବା ପରେ ଏକ ମୁଚାଲିକାରେ ତାଙ୍କ ମା'ଙ୍କ ସହିତ ଘରକୁ ପଠାଇଥିଲେ।

### ମହାମାରୀ ପାଇଁ କ୍ଷତିରେ ନାଟ୍ୟ ଜଗତ

ଭୁବନେଶ୍ୱର, ୧୮।୭ (ବ୍ୟୁରୋ): ଆର୍‌ଟେମିନ କଳା ଅନୁଷ୍ଠାନ ପକ୍ଷରୁ ଏହାର ଦ୍ୱିତୀୟ କଳା ଆଲୋଚନାଚକ୍ର ରବିବାର ଭର୍ଚୁଆଲ ଭାବେ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଥିଏଟର ଆଫ୍ଟର ପାଣ୍ଡାମିକ୍' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହମାରୀ ପାଇଁ ନାଟ୍ୟ ଜଗତର ବହୁ କ୍ଷତି ହୋଇଥିବା କହିଥିଲେ। ଦୀର୍ଘଦିନ ଧରି କଳାକାରମାନେ କାମ ନ ପାଇ ଅଭାବ ଅନାଟନରେ ରହିଛନ୍ତି। ସରକାର ତୁରନ୍ତ ଏହାକୁ ଗମ୍ଭୀରତାର ସହ ନେଇ କଳାକାର ଏବଂ ନାଟ୍ୟ ଜଗତର ଅଭିବୃଦ୍ଧି ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଉପସ୍ଥାପକ ଅଭିନେତା ଚିନ୍ମୟ ମହାନ୍ତି ନାଟକ କ୍ଷେତ୍ରର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। କବିତା ମଞ୍ଜରୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଚେୟାର ପର୍ସନ ଧର୍ମାଶିଷ୍ ବେହେରା ଆଗକୁ ଆହୁରି ଏମିତି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ କୁମାର ଜେନା, ଅଜିତ୍ କୁମାର ମାନ୍ନା, ଆର୍ଯ୍ୟପ୍ରଜ୍ଞାବାସବ ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ।

### ଇଣ୍ଡିଆ ବୁକ ରେକର୍ଡରେ ସ୍ଥାନ ପାଇଲେ ସ୍ୱୟଂଶିବ



ଜୁନାଗଡ଼, ୧୮।୭ (ଡି.ଏନ.ଏ.) ୯ ଫୁଟ ଉଚ୍ଚ ବିଶିଷ୍ଟ ୩ଟି ଷ୍ଟିଲ ଖମ୍ବକୁ ମାତ୍ର ୩୭ ସେକେଣ୍ଡରେ ଚଢି ଇଣ୍ଡିଆ ବୁକଅଫ ରେକର୍ଡରେ ସ୍ଥାନ ପାଇଛନ୍ତି ଜଣେ ୪ବର୍ଷର କୁନି ପୁଅ। ସେ ହେଉଛନ୍ତି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ଗ୍ରାମର ସମୀର ରଞ୍ଜନ ଯୋଷୀ ଓ ସାଗରିକାଙ୍କ ପୁଅ ସ୍ୱୟଂଶିବ ଯୋଷୀ। ଜେଜେବାପା ଶଶୀସେନ ଯୋଷୀ ଅବସର ପ୍ରଧାନ ଶିକ୍ଷକଙ୍କ ପ୍ରେରଣାରେ ମାତ୍ର ୩ ବର୍ଷରେ ଖମ୍ବ ଚିବାର ଅଭ୍ୟାସ ବଳରେ ସ୍ୱୟଂଶିବ ଏହି ଦକ୍ଷତା ହାସଲ କରିଛନ୍ତି। ଏହି ସାହାସିକତାର ପ୍ରମାଣ ସମଗ୍ର କଳାହାଣ୍ଡି ପାଇଁ ଗର୍ବ ଓ ଗୌରବ। ଭବିଷ୍ୟତରେ ସେ ଜଣେ ଲଢୁଆ ସୈନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି ରେକର୍ଡ ପାଇଁ ପରିବାରବର୍ଗ, ସାଙ୍ଗସାଥି ଓ ଜିଲାବାସୀ ପ୍ରଶଂସା କରିଛନ୍ତି।

# ମହାପ୍ରଭୁଙ୍କ ପାଇଁ ଗଢ଼ା ସରିଛି ଅଧର ହାଣ୍ଡି

ପୁରୀ ଅଫିସ, ୧୮।୭



ନବଦିନାତ୍ମକ ଘୋଷଯାତ୍ରାରେ ବାହାରି ଦାରୁଦିଅଁ ଏବେ ଆଡ଼ପମଣ୍ଡପରେ ଲୀଳା କରୁଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ଆଷାଢ଼ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ। ଏକାଦଶୀ ତିଥିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଏବଂ ଦ୍ୱାଦଶୀ ତିଥିରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ। ତେତିଶି କୋଟି ଦେବଦେବୀଙ୍କ ସମେତ ଗନ୍ଧର୍ବ, କିନ୍ନର, ଦକ୍ଷ, ରକ୍ଷ, ଭୂତ, ପ୍ରେତ, ଚଣ୍ଡୀ ଚାମୁଣ୍ଡା ରଥରେ ଅଧିଷ୍ଠିତ ପାର୍ଶ୍ୱ ଦେବଦେବୀ ପ୍ରଭୃତି ଅଶରୀରମାନଙ୍କ ଉଦ୍ଦେଶ୍ୟରେ ଏହି ଅଧରପଣା ପ୍ରଦାନ କରାଯାଇଥାଏ। ଏମାନେ ରଥରେ ଅଦୃଶ୍ୟ ଭାବେ ରହି ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଅଧର ପଣା ସେବନ ପୂର୍ବକ ଆତ୍ମସନ୍ତୋଷ ଲାଭ କରି ସ୍ୱସ୍ଥାନକୁ ଫେରିଯାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ନୀତିରେ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଅଧରଚୁମ୍ବିତ ହେଲାପରି ତିନୋଟି ଲେଖାଏ ମାଟିହାଣ୍ଡି ରଖାଯାଏ। ଏଗୁଡ଼ିକୁ କୁମ୍ଭାର ସେବକମାନେ ତିଆରି କରିଥାନ୍ତି। ତିନିରଥରେ ୩ଟି ହିସାବରେ ୯ଟି ହାଣ୍ଡି ଆବଶ୍ୟକ ପଡ଼େ। ତେବେ କୁମ୍ଭକାରଙ୍କ ପକ୍ଷରୁ ଗୋଟିଏ ଅଧିକ ହାଣ୍ଡି ନିର୍ମାଣ କରାଯାଇଥାଏ। ୧୦ଟି ହାଣ୍ଡି ରଥ ନିକଟରେ ରଖାଯାଇଥାଏ। ଯଦି କୌଣସି ହାଣ୍ଡିରେ ତ୍ରୁଟି ଦେଖାଦିଏ ତତ୍‌କ୍ଷଣାତ୍ ତାହାକୁ ବଦଳାଇ ଦିଆଯାଏ। ତେବେ ଶ୍ରୀଜଗନ୍ନାଥ ମନ୍ଦିରର ଅଧିକାଂଶ ରୀତିନୀତି ଓ ଯାନିଯାତ୍ରା ସହିତ ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହିଆସିଛି। ଅଧରପଣା ନୀତିରେ ମଧ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ନୀତି ନିମନ୍ତେ ହାଣ୍ଡି ଯୋଗାଇ ଦିଆଯାଇଥାଏ। ହାଣ୍ଡିଗୁଡ଼ିକ ଶ୍ରୀବିଗ୍ରହମାନଙ୍କ ଅଧର ଛୁଇଁବା ପର୍ଯ୍ୟନ୍ତ ଉଚ୍ଚର ହୋଇଥାଏ। ତେଣୁ ହାଣ୍ଡିଗୁଡ଼ିକୁ ଅଧର ହାଣ୍ଡି ବୋଲି କୁହାଯାଏ। ଅଧର ହାଣ୍ଡି ନିର୍ମାଣ କରୁଥିବା କୁମ୍ଭକାର ସେବକ ଅଜୟ କୁମାର ବିଶୋଇ କହିଛନ୍ତି, କୁମ୍ଭକାର ସେବକମାନେ ଶୁଦ୍ଧପୂତ ଭାବେ ଅକ୍ଷୟତୃତୀୟା ତିଥିରେ ଅଧରହାଣ୍ଡି ନିର୍ମାଣ ଆରମ୍ଭ କରିଥାନ୍ତି। ଏଥିପାଇଁ ୫ବସ୍ତା ମାଟି ଓ ୨ବସ୍ତା ବାଲି ଆବଶ୍ୟକ ହୋଇଥାଏ। ପ୍ରଥମେ ବାଲି ଓ ମାଟିକୁ ଉପଯୁକ୍ତ ପରିମାଣର ମିଶ୍ରଣ କରାଯାଇ ହାଣ୍ଡି ପାଇଁ ମାଟି ପ୍ରସ୍ତୁତ କରାଯାଏ। ପରେ ଉକ୍ତ ମାଟିକୁ ଚକରେ ପକାଯାଇ ଅଧର ହାଣ୍ଡି ଗଢ଼ାଯାଏ। ହାଣ୍ଡି ତିଆରି ପରେ ଖରାରେ ଶୁଖାଯାଏ। ଶୁଖିଯିବା ପରେ ହାଣ୍ଡିକୁ ଭାଟିରେ ପକାଯାଇ ପୋଡ଼ାଯାଏ। ଏହା ପରେ ଅଧର ହାଣ୍ଡି ପ୍ରସ୍ତୁତ ହୋଇଥାଏ। ହାଣ୍ଡିଗୁଡ଼ିକର ଉଚ୍ଚତା ପ୍ରାୟ ସାଢେ ୪ଫୁଟରୁ ୫ ଫୁଟ ରହିଥାଏ। ସେହିପରି ଓସାର ୫ ଫୁଟ ୮ ଇଞ୍ଚ ହୋଇଥାଏ। ଅଧର ହାଣ୍ଡି ସହ ପାଣି ବୋହିବା ପାଇଁ ୩୦ଟି ଦାସିଆ ହାଣ୍ଡି ଓ ୫୦ଟି ଠେକ ହାଣ୍ଡି ଯୋଗାଇ ଦିଆଯାଏ। ଏହି ସେବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭକାରମାନଙ୍କୁ ଖେଇ ଦିଆଯାଏ। ମହାପ୍ରଭୁଙ୍କ କାମ କରିବାର ସୁଯୋଗ ମିଳିଥିବାରୁ କୁମ୍ଭକାର ସେବକମାନେ ନିଜକୁ ଧନ୍ୟ ମନେକରନ୍ତି।

## ଆଜିଠାରୁ କାର୍ଯ୍ୟାଳୟ ବୁଲିବ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍

- କୋଭିଡ୍ ଗାଇଡ୍‌ଲାଇନ୍ ପାଳିବାକୁ କଡା ଚେତାବନୀ
- ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାଳୟ ସିଲ୍

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ଏଣିକି ରାଜଧାନୀରେ ଥିବା ସମସ୍ତ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ଅନୁଷ୍ଠାନରେ କୋଭିଡ୍ ନିୟମ କଡ଼ାକଡ଼ି ଅନୁପାଳନ ହେବ। ନଚେତ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ବୁଲି ବୁଲି ଧରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ରାଜ୍ୟରେ ସଂକ୍ରଣ କମୁଥିବାବେଳେ ରାଜଧାନୀରେ ବୃଦ୍ଧି ପାଉଥିବାରୁ ସ୍ଥିତି ନିୟନ୍ତ୍ରଣ ପାଇଁ କର୍ତ୍ତୃପକ୍ଷଙ୍କୁ ଏଭଳି ସତର୍କବାଣୀ ଶୁଣାଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଅଧିକାରୀ ଓ କର୍ମଚାରୀମାନେ ମୁହଁରେ ଠିକ୍ ଭାବେ ମାସ୍କ ପିନ୍ଧିବା, ହାତର ପରିଚ୍ଛନ୍ନତା ରକ୍ଷା କରିବା ଓ ସାମାଜିକ ଦୂରତା ରକ୍ଷା କରିବା ଇତ୍ୟାଦି ଆଚରଣ ନିୟମିତ ଭାବେ ପାଳନ କରିବାକୁ ବିଏମ୍‌ସି କଡ଼ା ତାଗିଦ୍ କରିଛି। ବିଏମ୍‌ସି ସୂତ୍ରରୁ ମିଳିଥିବା ସୂଚନାନୁସାରେ, ସୋମବାରଠାରୁ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ପୋଲିସ ମିଳିତ ଭାବେ ଅଚାନକ ବିଭିନ୍ନ ସରକାରୀ ଓ ଘରୋଇ କାର୍ଯ୍ୟାଳୟ ପରିଦର୍ଶନରେ ଯିବେ। କୋଭିଡ୍ ନିୟମର ଉଲ୍ଲଂଘନ ହେଉଥିବା ଦୃଷ୍ଟିକୁ ଆସିଲେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ମହାମାରୀ ରୋଗ ଆଇନ୍ ଭାଗ ୨(୧)ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ କୌଣସି କାର୍ଯ୍ୟାଳୟରେ ନିୟମର ବାରମ୍ବାର ଉଲ୍ଲଂଘନ ହେଲେ ସେ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ସହ ସମ୍ପୃକ୍ତ କାର୍ଯ୍ୟାଳୟକୁ ସିଲ୍ କରାଯିବ। ସହରରେ ବର୍ତ୍ତମାନ ସୁଦ୍ଧା କୋଭିଡ୍ ପ୍ରଭାବ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ତେଣୁ ସମସ୍ତ ଅନୁଷ୍ଠାନ ଓ କାର୍ଯ୍ୟାଳୟରେ କୋଭିଡ୍ ନିୟମର କଡ଼ା ଅନୁପାଳନ କରିବା ସହ ନିଜର କର୍ମଚାରୀଙ୍କୁ କୋଭିଡ୍ ପ୍ରତିରୋଧି ଆଚରଣର ଅନୁପାଳନ କରିବାକୁ କର୍ତ୍ତୃପକ୍ଷ କୁହନ୍ତୁ। ଅମାନିଆ କର୍ମଚାରୀଙ୍କ ଉପରେ ଦୃଢ଼ ପଦକ୍ଷେପ ନିଅନ୍ତୁ, ଯାହା କୋଭିଡ୍ ରୋକିବାରେ ଅନେକ ସହାୟକ ହେବ ବୋଲି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି।

ସୂଚନାଯୋଗ୍ୟ, ସୋମବାରଠାରୁ ଓଡ଼ିଶା ସରକାରଙ୍କର ସମସ୍ତ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ଏନେଇ ପୂର୍ବରୁ ନିର୍ଦ୍ଦେଶନାମା ଜାରି ହେବା ସହ କୋଭିଡ୍ ନିୟମର କଡା ଅନୁପାଳନକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିପରି କୌଣସି କାର୍ଯ୍ୟାଳୟରେ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଲେ, ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ପ୍ରବର୍ତ୍ତିତ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ଏବଂ ସଂପୃକ୍ତ ମୁଖ୍ୟ କାର୍ଯ୍ୟାଳୟକୁ ସୂଚନା ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ଟ୍ରେନ୍ ଯାତ୍ରୀ ହନ୍ତସନ୍ତ



ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ଗାଡ଼ି ନ ପାଇ ରବିବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଯାତ୍ରୀମାନେ ଚାଲିଚାଲି ଯାଉଛନ୍ତି। ଆଉ କେତେଜଣ ଗଛମୂଳେ ଅପେକ୍ଷା କରିଛନ୍ତି।

## କାକଟପୁରକୁ ରେଳପଥ ନିର୍ମାଣ ଦାବି

କାକଟପୁର, ୧୮।୭(ଡି.ଏନ୍.ଏ)

**ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରାଚୀ ସାଂସ୍କୃତିକ ସମିତି ସଭାପତି**

ପୁରୀ ଜିଲାର ନିମାପଡ଼ା, ଅସ୍ତରଙ୍ଗ, କୋଣାର୍କ, କାକଟପୁର ପର୍ଯ୍ୟଟନ ତଥା ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ଏହି ଅଞ୍ଚଳକୁ ରେଳପଥ ସୁବିଧା ଆବଶ୍ୟକ ପଡୁଛି। ତେଣୁ ଏ ନେଇ ରେଳ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ପ୍ରାଚୀ ସାଂସ୍କୃତିକ ସମିତି ସଭାପତି ତଥା ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ ଇଂ. ଜଗବନ୍ଧୁ ଷଡ଼ଙ୍ଗୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି।

ଉକ୍ତ ଚିଠିରେ ଉଲ୍ଲେଖ ହୋଇଛି ଯେ, ଅସ୍ତରଙ୍ଗରେ ମାଛଧରା ବନ୍ଦର ନିର୍ମାଣ ପାଇଁ ଯୋଜନା ଥିବାବେଳେ ମତ୍ସ୍ୟ କାରବାର ବୃଦ୍ଧି ପାଇବା ସହ ପାରାଦୀପ ପର୍ଯ୍ୟନ୍ତ ଏବଂ ଖୋର୍ଦ୍ଧା ରୋଡ଼ରୁ ଅସ୍ତରଙ୍ଗକୁ ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ। ସେହିପରି ଭୁବନେଶ୍ୱରରୁ ନିମାପଡ଼ା ଦେଇ ଅସ୍ତରଙ୍ଗ କିମ୍ବା ପୁରୀରୁ କୋଣାର୍କ ଦେଇ ପାରାଦୀପ ପର୍ଯ୍ୟନ୍ତ ରେଳପଥ ନିର୍ମାଣ ହେଲେ ଏହି ସବୁ ଅଞ୍ଚଳବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ। ଏଠାକାର ପ୍ରାକୃତିକ ସମ୍ପଦ ସହଜରେ ପରିବହନ ହେବା ସହ ଅନେକଙ୍କୁ କର୍ମ ନିଯୁକ୍ତି ମିଳିବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଳ ଦାରା ରିଲିଫ ସାମଗ୍ରୀ ଯୋଗାଣ ମଧ୍ୟ ହୋଇପାରିବ। ମଙ୍ଗଳା ମନ୍ଦିର, ସୂର୍ଯ୍ୟ ମନ୍ଦିର, ଜାହାନିଆ ପୀର, ମାଧବ ମନ୍ଦିର, ବରାହୀ ମନ୍ଦିର, ଗୋ ତୀର୍ଥପୀଠ ଆଦି ଐତିହ୍ୟସ୍ଥଳୀର ଭିତ୍ତିଭୂମି ବିକାଶ ସହିତ ଲୋକଙ୍କ ସାଂସ୍କୃତିକ ଓ ଭାବଗତ ସମ୍ପର୍କ ବୃଦ୍ଧି ପାଇବ। ଉକ୍ତ ପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜଗତସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖଙ୍କୁ ପ୍ରେରଣ କରାଯାଇଛି ବୋଲି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ୬ ଜିଲାକୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

**୧୯ ଜିଲାରେ ନିଅଣ୍ଟିଆ ବର୍ଷା**

ରାଜ୍ୟର ବିଭିନ୍ନ ସ୍ଥାନରେ ମଙ୍ଗଳବାରଠାରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ତେବେ ଭଦ୍ରକ, ଯାଜପୁର, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ମୟୂରଭଞ୍ଜ, ଢେଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ, ଅନୁଗୋଳରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ଏଥିପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର। ତେବେ ୨୧ରେ ସମ୍ଭାବ୍ୟ ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉକ୍ତଦିନ ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଦେବଗଡ଼, ସମ୍ବଲପୁର ଏବଂ ୨୨ରେ ଭଦ୍ରକ, ବାଲେଶ୍ୱର, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାଛଡ଼ା ବାକି ସବୁ ଜିଲାରେ ପ୍ରବଳ ବର୍ଷା ହେବ। ସେପଟେ ରାଜ୍ୟରେ ଗତ ଜୁନ୍ ପହିଲାରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥିଲେ ମଧ ଏବେ ବି ନିଅଣ୍ଟିଆ ବର୍ଷା ଚିନ୍ତା ବଢ଼ାଇଦେଇଛି। ସାରା ରାଜ୍ୟରେ ଜୁନ୍ ୧ରୁ ୧୮ତାରିଖ ମଧ୍ୟରେ ୨୯୫.୪ ମି.ମି. ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକଠାରୁ ୨୭ ମି.ମି. କମ୍ ରହିଛି। ଫଳରେ ରାଜ୍ୟର ୧୯ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଭଦ୍ରକରେ ସର୍ବାଧିକ ୫୯ ମି.ମି. କମ୍ ବର୍ଷା ହୋଇଛି। ସେହିପରି ଯାଜପୁରରେ ୫୧ ମି.ମି., ବଲାଙ୍ଗୀର ଓ କେନ୍ଦୁଝରେ ୪୪, ଗଜପତି ୪୨,ସମ୍ବଲପୁର ୪୦, ଝାରସୁଗୁଡ଼ା, ଝାରସୁଗୁଡ଼ା ଓ ବୌଦ୍ଧ ୩୮, ଦେବଗଡ଼ ୩୬, ଅନୁଗୋଳ ଓ ରାୟଗଡ଼ା ୩୫, କଳାହାଣ୍ଡି ୩୩, ମୟୂରଭଞ୍ଜ ୩୧, ଗଞ୍ଜାମ ୩୦, ନବରଙ୍ଗପୁର ୨୯, କନ୍ଧମାଳ ୨୮, ସୁନ୍ଦରଗଡ଼ ୨୫ ଓ ବରଗଡ଼ରେ ୨୧ ମି.ମି. କମ୍ ବର୍ଷା ହୋଇଛି। ନିଅଣ୍ଟିଆ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷ ଜମି ଫାଟି ଆଁ କଲାଣି। ଫଳରେ ଚାଷକୁ ନେଇ ଚାଷୀଙ୍କ ଭିତରେ ଭାଳେଣି ପଡିଲାଣି।

## ୧୦ ଗୋରୁ ଉଦ୍ଧାର : ୩ ଗିରଫ

କଟକ ଅଫିସ, ୧୮।୭

ବେଆଇନ ଗୋ-ଚାଲାଣ ଅଭିଯୋଗରେ ବାଦାମବାଡି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ସଦର ଥାନା ଅନ୍ତର୍ଗତ ସାଇଁସୋ ଅଞ୍ଚଳର ତୋଫିକ ଖାନ୍, ଆଜାଦ୍ ଖାନ୍ ଓ ବାଲିପାଟଣା ଅଞ୍ଚଳର ଇମ୍ରାନ ଖାନ୍। ଏଥିସହ ଜବତ ୧୦ ଗୋରୁଙ୍କୁ ନୂଆବଜାରସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି। ବେଆଇନ ଗୋ-ଚାଲାଣ ହେଉଥିବା ଖବର ପାଇବା ପରେ ଶନିବାର ରାତି ୧ଟା ୧୫ ମିନିଟ୍‌ରେ ବାଦାମବାଡି ଥାନା ଏସ୍‌ଆଇ ଅଂଶୁମାଳା ଦାଶ ଖାନ୍‌ନଗର ଟ୍ରାଫିକ ପୋଷ୍ଟରେ ଏକ ପିକ୍‌ଅପ୍ ଭ୍ୟାନକୁ ଅଟକାଇଥିଲେ। ଅଭିଯୁକ୍ତମାନେ ଗୋରୁଗୁଡିକୁ ସାକ୍ଷୀଗୋପାଳରୁ ଓଡ଼ିଆବଜାରର କଂସେଇଖାନାକୁ ନେଉଥିବା ସ୍ୱୀକାର କରିଥିଲେ।

## ଏକ୍‌ମୋ ଚିକିତ୍ସା ପାଇଁ ଚେନ୍ନାଇ ଗଲେ ଆଉଜଣେ ରୋଗୀ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ଏକ୍‌ମୋ ଚିକିତ୍ସା ଲାଗି ଓଡ଼ିଶାରୁ ଆଉଜଣେ ରୋଗୀ ରାଜ୍ୟ ବାହାରକୁ ଯାଇଛନ୍ତି। ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳର ଦେବକାନ୍ତ ପ୍ରଧାନଙ୍କୁ ରବିବାର ଏୟାର ଆମ୍ବୁଲାନ୍ସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଚେନ୍ନାଇକୁ ସ୍ଥାନାନ୍ତର କରାଯାଇଛି। ଦେବକାନ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ବିମାନବନ୍ଦର ନେବାବେଳେ କମିଶନରେଟ୍ ପୋଲିସ ପକ୍ଷରୁ ଗ୍ରୀନ୍ କରିଡର କରାଯାଇଥିଲା।

ଦେବକାନ୍ତ ଗତ ଜୁନ ୧୦ରେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ପ୍ରଥମେ ଆଇସିୟୁ ଓ ପରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସି ନ ଥିଲା। ତାଙ୍କୁ ଏକ୍‌ମୋ ଚିକିତ୍ସାର ଆବଶ୍ୟକତା ଥିବା ଡାକ୍ତର କହିଥିଲେ। ତେଣୁ ତାଙ୍କୁ ରବିବାର ଭୁବନେଶ୍ୱରରୁ ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେପଟେ ଏହି ଚିକିତ୍ସା ପାଇଁ ସରକାରଙ୍କ ସହାୟତା ଲୋଡ଼ିଛନ୍ତି ଦେବକାନ୍ତଙ୍କ ସ୍ତ୍ରୀ ସୌମ୍ୟା ସୁମିତ୍ରା ପ୍ରଧାନ। ସେ କହିଛନ୍ତି, ୪୦ଦିନରୁ ଊର୍ଦ୍ଧ୍ୱ ହେଲାଣି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପାଖାପାଖି ୬୦ଲକ୍ଷ ଖର୍ଚ୍ଚ ହୋଇସାରିଲାଣି। ଏବେ ପାଖରେ ଆଉ ଟଙ୍କା ନାହିଁ। ଏକ୍‌ମୋ ଚିକିତ୍ସା ଲାଗି ପ୍ରାୟ ୧ କୋଟିରୁ ଅଧିକ ଟଙ୍କା ଆବଶ୍ୟକ ହେଉଥିବାରୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି ସୌମ୍ୟା।

ସୂଚନାଯୋଗ୍ୟ, ରାଜ୍ୟରେ ଏକ୍‌ମୋ ଚିକିତ୍ସାର ଅଭାବ ଯୋଗୁ ପୂର୍ବରୁ ମଧ ବହୁ ଗୁରୁତର ରୋଗୀ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହୋଇଛନ୍ତି। ଏପରିକି ଏହି ଚିକିତ୍ସା ସୁବିଧା ନ ପାଇ ଅନେକଙ୍କ ଜୀବନ ବିପଦରେ ପଡୁଛି। ପୂର୍ବରୁ ରାଜ୍ୟରେ କେବଳ ଦୁଇଟି ଘରୋଇ ହସ୍ପିଟାଲରେ ଏକ୍‌ମୋ ଚିକିତ୍ସା ବ୍ୟବସ୍ଥା ଥିବାବେଳେ ଏବେ ଭୁବନେଶ୍ୱର ଏମ୍‌ସରେ ଏହି ସୁବିଧା ଉପଲବ୍ଧ ହୋଇଛି। ଆଉ କିଛିଦିନ ପରେ ଏଠାରେ ଏକ୍‌ମୋ ଚିକିତ୍ସା ସେବା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

# ଅଧ୍ୟାପକ ତିଆରି କଲେ ଧାନ ଶୁଖା ମେଶିନ

ସମ୍ବଲପୁର,୧୮।୭(ବ୍ୟୁରୋ)

ପେସାରେ ଅଧ୍ୟାପକ। କିନ୍ତୁ ଶିକ୍ଷାଦାନ ସହ ଅଲଗା କିଛି କରିବାର ନିଶା। ଏହିଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଅକ୍ଷୟ ମିଶ୍ର। ଚାଷୀ ପରିବାରରୁ ଆସିଥିବା ଯୋଗୁ ଚାଷୀଙ୍କ ସମସ୍ୟା ପାଇଁ ସଦା ଚିନ୍ତିତ ରହିଥାନ୍ତି। ନିକଟରେ ଅକ୍ଷୟ ଏକ ଧାନ ଶୁଖା ମେଶିନ ତିଆରି କରି ଚର୍ଚ୍ଚାରେ ଅଛନ୍ତି।

ଅକ୍ଷୟଙ୍କ ଘର ସମ୍ବଲପୁର ଜିଲା ଶାସନ ଥାନା ଅଧୀନ ତାଲବ ଗ୍ରାମରେ। ବର୍ତ୍ତମାନ ନୂଆପଡା ଜିଲା ମହାମାୟା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ। ସେ ନିଜର ଜ୍ଞାନ କୌଶଳ, ଆର୍ଥିକ ସମ୍ବଳ ଓ ବୁଦ୍ଧି ଲଗାଇ ତିଆରି କରିଥିବା ଧାନ ଶୁଖା ପ୍ରୋ ମେଶିନ ସମ୍ପର୍କରେ କହିଛନ୍ତ, ରବି ଧାନ ଅମଳ ସମୟରେ ଚାଷୀମାନେ ବହୁତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଗ୍ରାମର ଜଣେ ସାଙ୍ଗ ଚାଷ କରିଥିବା ବେଳେ ଅଦିନିଆ ବର୍ଷାରେ ତାଙ୍କର ଅମଳ ଧାନ ଭିଜି ଯାଇଥିଲା। ବିକ୍ରି କରିବାକୁ ଯିବାରୁ ଆର୍ଦ୍ରତା ଯୋଗୁ କଟନୀଛଟନୀର ଶିକାର ହେବାକୁ ପଡିଥିଲା। ଏ ନେଇ ସାଙ୍ଗ ସହ ଆଲୋଚନା କରିବା ପରେ ଧାନ ଶୁଖା - ପ୍ରୋ ମେଶିନ ତିଆରି କରିବା ଚିନ୍ତା ତାଙ୍କ ମୁଣ୍ଡକୁ ଜୁଟିଥିଲା। ଧାନର ଆର୍ଦ୍ରତା କମାଇବା ପାଇଁ ଏହି ମେଶିନ ବ୍ୟବହାର ହୋଇପାରିବ।



ନିଜର ଉଦ୍ଭାବନ ସମ୍ପର୍କରେ ବୁଝାଉଛନ୍ତି ଅଧ୍ୟାପକ ଅକ୍ଷୟ ମିଶ୍ର(ବାମ)।

ହିଟର, କଣ୍ଡେନ୍ସର, ମୋବାଇଲର କିଛି ପରିତ୍ୟକ୍ତ ସାମଗ୍ରୀ, ସର୍କିଟ ବ୍ୟବହାର କରାଯାଇ ଏହି ମେଶିନ ତିଆରି ହୋଇଛି। ଧାନ ଶୁଖାଇବା ପରିମାଣ ଓ କୋଠରି ଆୟତନ ଅନୁସାରେ ଏହି ସାମଗ୍ରୀ ବ୍ୟବହାର କରାଯାଇ ପାରିବ। ଏହି ମେଶିନ ତିଆରି ପାଇଁ ଅଢ଼େଇରୁ ୩ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ମେଶିନର ଆୟତନ ଅନୁସାରେ ବ୍ୟୟ ଅଟକଳ ବୃଦ୍ଧି ପାଇବ। ପ୍ରତି ଗ୍ରାମରେ ଚାଷୀମାନେ ଚାହିଁଲେ କମ୍ ଖର୍ଚ୍ଚରେ ଏହା ତିଆରି କରିପାରିବେ। କ୍ଲବ ଘର, ମହିଳା ସମିତି ଘର କିମ୍ବା ନିଜ ଘରେ ଚାଷୀମାନେ ଏହା ତିଆରି କରି ପାରିବେ। ଏହି ମେଶିନ ବ୍ୟବହାର କଲେ ପ୍ରାୟ ୩ ଘଣ୍ଟା ସମୟ ଭିତରେ ଭିଜିଲା ଧାନର ଆର୍ଦ୍ରତା କମିଯିବ। ଚାଷୀମାନେ ଏହାକୁ ସୁବିଧାରେ ବିକ୍ରି କରି ପାରିବେ। ଭିଜିଲା ଧାନକୁ ରାସ୍ତା କିମ୍ବା ଖଳାରେ ଶୁଖାଇବାକୁ ପଡିବ ନାହିଁ।

**କଟନୀଛଟନୀରୁ ଚାଷୀଙ୍କୁ ମିଳିବ ମୁକ୍ତି**

ଫଳରେ ବର୍ଷାର ଭୟ ରହିବ ନାହିଁ। ଭିଜା ଧାନ ନଷ୍ଟ ହେବ ନାହିଁ। ଚାଷୀମାନଙ୍କୁ ମଧ କଟନୀଛଟନୀର ଶିକାର ହେବାକୁ ପଡିବ ନାହିଁ । ଏବେ ଧାନ ଶୁଖା ପ୍ରୋ ମେଶିନ ତିଆରି କରାଯାଇଛି। ଆଗକୁ ଡିଲକ୍ସ ମେଶିନ କରିବାର ଯୋଜନା ରହିଛି। ତାହା ନିର୍ମାଣ ପାଇଁ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ ହେବ ଓ ଏହାକୁ ପ୍ରୟୋଗ କରି ଅଧିକ ପରିମାଣ ଧାନକୁ ଶୁଖା ଯାଇ ପାରିବ। ଯଦି ସରକାର କିମ୍ବା କୌଣସି ଅନୁଷ୍ଠାନ ଏହାର ନିର୍ମାଣ କୌଶଳ ନେବାକୁ ଚାହିଁବେ ତା'ହେଲେ ବିନା ପାରିଶ୍ରମିକରେ ସହଯୋଗ କରିବେ ବୋଲି ଅଧ୍ୟାପକ ମିଶ୍ର କହିଛନ୍ତି। ଏହି ମେଶିନ ତିଆରି କରିବା ପାଇଁ ଉଦ୍ଭିଦ ବିଜ୍ଞାନୀ ଦିବ୍ୟରାଜ ବେରିହା ସହଯୋଗ କରିଛନ୍ତି । ପ୍ରଥମେ ଶାସନ ଥାନା ଭାଲୁକୁଦା ଗ୍ରାମରେ ଏକ ବଡ଼ ଧାନଶୁଖା ମେଶିନ ବସାଯିବାରୁ ଯୋଜନା ରହିଥିବା ସେ କହିଛନ୍ତି।

# ଟୋକିଓରେ ପ୍ରଥମ ବ୍ୟାଚ୍ ଭାରତୀୟ ଦଳ

ଟୋକିଓ,୧୮।୭

ଜୁଲାଇ ୨୩ ତାରିଖରେ ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ପ୍ରଥମ ବ୍ୟାଚ୍‌ର ଭାରତୀୟ ଦଳ ରବିବାର ଟୋକିଓରେ ପହଞ୍ଚିଛି। ଏହି ୮୮ ଜଣିଆ ଭାରତୀୟ ଦଳ ଶନିବାର ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଏୟାର ଇଣ୍ଡିଆର ଏକ ଚାର୍ଟାର୍ଡ ବିମାନରେ ଟୋକିଓ ପ୍ରସ୍ଥାନ କରିଥିଲା। ଏହି ଦଳରେ ସପୋର୍ଟ ଷ୍ଟାଫ୍ ଓ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର କେତେଜଣ ପ୍ରତିନିଧିଙ୍କ ସହ ୫୪ଜଣ ଆଥ୍‌ଲେଟ ସାମିଲ ଥିଲେ। ଖେଳାଳିମାନେ ବିମାନ ବନ୍ଦରରେ କେତେକ କୋଭିଡ୍-୧୯ ପ୍ରୋଟୋକଲ ପୂରଣ କରିବା ପରେ ସିଧା ଅଲିମ୍ପିକ୍ସ କ୍ରୀଡ଼ାଗ୍ରାମରେ ପ୍ରବେଶ କରିଥିଲେ। ଇନ୍‌ଫେକଶନ କଣ୍ଟ୍ରୋଲ ପ୍ରୋଟୋକଲ ନେଇ ଭାରତୀୟ ଦଳର ସଦସ୍ୟମାନଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଭାରତୀୟ ଦଳର ସବୁ ୮୮ ଜଣ ସଦସ୍ୟ କୋଭିଡ୍ ଟେଷ୍ଟର ସମ୍ମୁଖୀନ ହୋଇଥିଲେ ଓ ସମସ୍ତଙ୍କର ରିପୋର୍ଟ ନେଗେଟିଭ ବାହାରିଛି। ଭାରତୀୟ ଖେଳାଳିମାନେ ସୋମବାରଠାରୁ ଟ୍ରେନିଂ ଆରମ୍ଭ କରିବେ ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ତରଫରୁ ସୂଚନା ଦିଆଯାଇଛି। କୋଭିଡ୍-୧୯ ଟେଷ୍ଟ ପାଇଁ ଭାରତୀୟ ଦଳକୁ ବିମାନ ବନ୍ଦରରେ ପାଖାପାଖି ୬ ଘଣ୍ଟା ବସିବାକୁ ପଡିଥିଲା।

ଏହି ଦଳରେ ଆର୍ଚେରୀ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ହକି, ଜୁଡୋ, ଜିମ୍ନାଷ୍ଟିକ୍ସ, ସୁଇମିଂ ଓ ୱେଟଲିଫ୍ଟିଂ ପ୍ରଭୃତି ୮ଟି କ୍ରୀଡ଼ାର ପ୍ରତିଯୋଗୀମାନେ ସାମିଲ ରହିଥିଲେ। ଦଳରେ ପି.ଭି. ସିନ୍ଧୁ, ଏମ୍.ସି. ମେରିକମ, ଅମିତ ପଙ୍ଘାଲ, ଦୀପିକା କୁମାରୀ ଓ ମନିକା ବାତ୍ରାଙ୍କ ଭଳି ତାରକା



ପ୍ରଥମ ପର୍ଯ୍ୟାୟରେ ଟୋକିଓରେ ପହଞ୍ଚିବା ପରେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟମାନେ।

ଖେଳାଳି ସାମିଲ ରହିଥିଲେ। ଟୋକିଓ ବିମାନବନ୍ଦରରେ ଭାରତୀୟ ଆଥ୍‌ଲେଟଙ୍କୁ ସ୍ୱାଗତ କରିବା ପାଇଁ କୁରୋବ ସହରର ପ୍ରତିନିଧିମାନେ ଏକ ସ୍ୱତନ୍ତ୍ର ବ୍ୟାନର ଧରି ଉପସ୍ଥିତ ଥିଲେ। ଏହି ବ୍ୟାନରରେ 'ଭାରତୀୟ ଆଥ୍‌ଲେଟଙ୍କୁ କୁରୋବ ସମର୍ଥନ କରୁଛି!!# ଚିୟର4ଇଣ୍ଡିଆ!' ବୋଲି ଉଲ୍ଲେଖ ଥିଲା। ଦଳରେ ଉଭୟ ପୁରୁଷ ଓ ମହିଳା ହକି ଖେଳାଳି ସାମିଲ ରହିଥିଲେ। ଅନ୍ୟ କ୍ରୀଡ଼ାଠାରୁ ହକି ଖେଳାଳିଙ୍କ ସଂଖ୍ୟା ସବୁଠାରୁ ଅଧିକ ଥିଲା। ଏହି ଦଳକୁ ମଧ୍ୟ ଭାରତର ଡେପୁଟୀ-ଚିଫ୍-ଡି- ମିଶନ ତଥା କୋଭିଡ୍ ଯୋଗାଯୋଗ ଅଧିକାରୀ ଡଃ ପ୍ରେମ ବର୍ମା ସ୍ୱାଗତ କରିଥିଲେ।

ଶନିବାର ରାତିରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ନୂଆଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆଥ୍‌ଲେଟଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ଦଳକୁ ଔପଚାରିକ ଭାବେ ବିଦାୟ ଜଣାଇଥିଲେ। ଖେଳାଳିମାନଙ୍କୁ ହର୍ଷ ଧ୍ୱନି ସହ ତାଳି ଓ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଯାଇଥିଲା। ଏହି ଅବସରରେ ଏକ ଦୁର୍ଲଭ ଦୃଶ୍ୟ ଦେଖିବାକୁ ମିଳିଥିଲା। ଆଥ୍‌ଲେଟଙ୍କ ପାଇଁ ରେଡ୍ କାର୍ପେଟ ମଧ୍ୟ ବିଛା ଯାଇଥିଲା। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଏହି ଖେଳାଳିମାନଙ୍କୁ ଉତ୍ସାହିତ କରାଯାଇଥିଲା ଓ ବିଦାୟକାଳୀନ ଉତ୍ସବର ବ୍ୟବସ୍ଥା କରାଯାଇଥିଲା। ଖେଳାଳିମାନଙ୍କ ଔପଚାରିକ କାଗଜପତ୍ରର ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯାଇଥିଲା। ଏହି ଅବସରରେ ଠାକୁରଙ୍କ ବ୍ୟତୀତ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନୀଶିଥ ପ୍ରମାଣିକ, ସାଇ ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରା ଓ ମହାସଚିବ ରାଜୀବ ମେହେଟା ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଅବଶ୍ୟ ବିଦେଶରେ ଟ୍ରେନିଂ ନେଉଥିବା କେତେକ ଖେଳାଳି ପୂର୍ବରୁ ଟୋକିଓରେ ପହଞ୍ଚି ସାରିଛନ୍ତି। କ୍ରୀଡ଼ାଗ୍ରାମରେ ପହଞ୍ଚିବା ପରେ ଖେଳାଳିମାନେ ଡାଇନିଂ ହଲରେ ଖାଦ୍ୟା ଖାଇଥିଲେ। ଏବେ ସେମାନେ ବେଶ୍ ସହଜ ଅନୁଭବ କରୁଛନ୍ତି ବୋଲି ଭାରତୀୟ ଦଳର ଜଣେ ସଦସ୍ୟ କହିଛନ୍ତି।

ଭାରତର ଏକମାତ୍ର ୱେଟଲିଫ୍ଟର ମୀରାବାଈ ଚାନୁ ଶୁକ୍ରବାର ଟୋକିଓରେ ପହଞ୍ଚିସାରିଛନ୍ତି। ସେ ସେଣ୍ଟ ଲୁସିଆରେ ଟ୍ରେନିଂ ନେଉଥିବାରୁ ଆମେରିକାରୁ ସିଧା ଟୋକିଓରେ ପହଞ୍ଚିଥିଲେ। ସେହିପରି ବକ୍ସର ଓ ଶୁଟରମାନେ ମଧ୍ୟ ଇଟାଲୀ ଓ କ୍ରୋଏସିଆସ୍ଥିତ ସେମାନଙ୍କ ଟ୍ରେନିଂ ବେସ୍‌ରୁ ସିଧା ଯାଇ ଟୋକିଓରେ ପହଞ୍ଚିଛନ୍ତି। ୧୧୯ ଜଣ ଆଥ୍‌ଲେଟଙ୍କ ସହ ୨୨୮ଜଣିଆ ଭାରତୀୟ ଦଳ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବ। ୪ ଜଣ ସେଲର ନେତ୍ରା କୁମାନନ ଓ ବିଷ୍ଣୁ ସରଭାନନ (ଲେଜର କ୍ଲାସ), କେ.ସି. ଗଣପଥି ଓ ବରୁଣ ଠାକର (୪୯ଇଆର କ୍ଲାସ) ଭାରତ ତରଫରୁ ପ୍ରଥମେ ଟୋକିଓରେ ପହଞ୍ଚିଥିଲେ। ଏମାନେ ୟୁରୋପରେ ଟ୍ରେନିଂ ନେଉଥିଲେ। ଏହା ବ୍ୟତୀତ ରୋଇଂ ଟିମ୍ ମଧ୍ୟ ଟୋକିଓରେ ପହଞ୍ଚିସାରିଛି।

# କ୍ୟାମେରାରେ ଦେଖିହେବ ଖେଳାଳିଙ୍କ ହୃଦ୍‌ସ୍ପନ୍ଦନ



ଟୋକିଓ, ୧୮।୭ (ପି.ଟି.)

ଟୋକିଓ ଅଲିମ୍ପିକ୍ସ ତୀରନ୍ଦାଜୀ ପ୍ରତିଯୋଗିତାର ନକ୍‌ଆଉଟ ପର୍ଯ୍ୟାୟରେ ଦର୍ଶକମାନେ କ୍ୟାମେରା ଜରିଆରେ ତୀରନ୍ଦାଜମାନଙ୍କ ମାନସିକ ଚାପ ଓ ହୃଦ୍‌ସ୍ପନ୍ଦନର ମାପ ଦେଖିବାକୁ ପାଇବେ। ବିଶ୍ୱ ତୀରନ୍ଦାଜୀ ପକ୍ଷରୁ ପ୍ରଥମ ଥର ଅଲିମ୍ପିକ୍ସରେ ଏହି ଟେକ୍ନୋଲୋଜି ବ୍ୟବହାର କରାଯିବ। ମାନସିକ ଚାପରେ ଥିବା ସମୟରେ ବିଶ୍ୱର ନମ୍ବର ୱାନ ତୀରନ୍ଦାଜ ଦୀପିକା କୁମାରୀ ସବୁବେଳେ ଖରାପ ପ୍ରଦର୍ଶନ କରିଥିବା ଲକ୍ଷ୍ୟ କରାଯାଇଛି। କେତେକ ହୁଏତ ଏହାକୁ ପସନ୍ଦ ଅନ୍ୟ କେତେକ ଏହାକୁ ନାପସନ୍ଦ କରିପାରନ୍ତି। ଏହାକୁ କେବଳ ଟିଭି ଦର୍ଶକ ଦେଖିପାରିବେ, କିନ୍ତୁ ତୀରନ୍ଦାଜ ଏହି ଡାଟାକୁ ଦେଖିବା ସୁଯୋଗ ପାଇବେ ନାହିଁ। ରକ୍ତ ପମ୍ପିଂ ଦ୍ୱାରା ମୁଖମଣ୍ଡଳର ରୂପ ଓ ରଙ୍ଗର ପରିବର୍ତ୍ତନ ଜରିଆରେ ହୃଦ୍‌ସ୍ପନ୍ଦନ ଓ ମାନସିକ ଚାପର ପରିମାଣ ମାପି ହୋଇଥାଏ ବୋଲି ଜଣେ ଅଫିସିଆଲ କହିଛନ୍ତି। ଫଳରେ ଏକ ନିର୍ଣ୍ଣାୟକ ଶଟ୍ ପୂର୍ବରୁ ଜଣେ ପ୍ରତିଯୋଗୀଙ୍କ ହୃଦ୍‌ସ୍ପନ୍ଦନ ଓ ମାନସିକ ଅବସ୍ଥା କିପରି ଥାଏ ତାହା ଜଣେ ଦର୍ଶକ ଦେଖିପାରିବ। ବିଶ୍ୱ ତୀରନ୍ଦାଜୀ ପକ୍ଷରୁ ଏହି ଟେକ୍ନୋଲୋଜିକୁ ପୂର୍ବରୁ ସ୍କ୍ରିନ୍‌ରେ ନୁହେଁ କେବଳ ଘରୋଇ ଭାବେ ପରୀକ୍ଷାମୂଳକ ବ୍ୟବହାର କରାଯାଇଛି। ଭାରତ ତୃତୀୟ ଥର ସିଧାସଳଖ ଯୋଗ୍ୟତା ହାସଲ କରିଥିବା ଦୀପିକାଙ୍କଠାରୁ ଏଥର ପଦକ ଆଶା କରୁଛି। ମାନସିକ ଚାପ ଦୃଷ୍ଟିରୁ ଲଣ୍ଡନ ଅଲିମ୍ପିକ୍ସରେ ସେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ୫ବର୍ଷ ପୂର୍ବେ ରିଓ ଗେମ୍ସରେ ଏହି କାରଣରୁ ସେ ତୃତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ଏଥର ଅଲିମ୍ପିକ୍ସରେ ୬୪ଜଣ ତୀରନ୍ଦାଜ ଭାଗ ନେବେ। ମହାମାରୀ ସମୟରେ ଏହା ଅନୁଷ୍ଠିତ ହେଉଥିବାରୁ ପ୍ରତିଯୋଗିତା ବେଳେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ହେବ। ସାଧାରଣତଃ କ୍ୱାଲିଫିକେଶନ ରାଉଣ୍ଡରେ ତୀରନ୍ଦାଜମାନେ ଗୋଟିଏ ଟାର୍ଗେଟ୍‌କୁ ଶେୟାର କରିଥାନ୍ତି। ଏଥର କିନ୍ତୁ ଜଣକା ପିଛା ୬୪ଟି ପୃଥକ୍ ଟାର୍ଗେଟ ରହିବ। ଏହାଦ୍ୱାରା ଫଳାଫଳ ଦେଖିବା ସହଜ ହେବ। ଏଥର ଅଲିମ୍ପିକ୍ସରେ ପ୍ରଥମଥର ତୀରନ୍ଦାଜୀ ଏକମାତ୍ର କ୍ରୀଡ଼ା,ଯେଉଁଥିରେ ଲାଇଭ୍ ବାୟୋମେଟ୍ରିକ୍ ଡାଟା ବ୍ୟବହାର କରାଯିବ।

# କ୍ଷମା ମାଗିଲେ ଟୋକିଓ ଅଲିମ୍ପିକ୍ସ ସଙ୍ଗୀତକାର

ଟୋକିଓ,୧୮।୭(ଏପି)

ପିଲାଦିନର ଏକ ଅଭାବନୀୟ ଘଟଣା ପାଇଁ କ୍ଷମା ମାଗିଛନ୍ତି ଟୋକିଓ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ ସଙ୍ଗୀତକାର ଜାପାନର କେଇଗୋ ଓୟାମାଡା। ପିଲାଦିନେ ସେ ଜଣେ ସହପାଠୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସହପାଠୀ ଜଣକ ଦିବ୍ୟାଙ୍ଗ ଥିଲେ। ଏହି ଘଟଣା ଇଣ୍ଟରନେଟ୍‌ରେ ବିଭିନ୍ନ ଗଣମାଧ୍ୟମରେ ବହୁଳ ଭାବେ ଭାଇରାଲ ହୋଇଥିଲା। ଜାପାନର ଗଣମାଧ୍ୟମଗୁଡିକ ମଧ୍ୟ ଏ ନେଇ ରିପୋର୍ଟ ପ୍ରକାଶ କରିଥିଲେ। ଏହା ପରେ ତାଙ୍କ ଇସ୍ତଫା ନେଇ ଦାବି ଜୋର ଧରିଥିଲା।

ଓୟାମାଡା ଜାପାନର ଜଣେ ପ୍ରତିଷ୍ଠିତ ତଥା ଜଣାଶୁଣା ସଙ୍ଗୀତକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି।



କେଇଗୋ ଓୟାମାଡା

୧୯୯୦ ଦଶକରେ ସେ ଜାପାନର ଏକ ମାଗାଜିନ୍‌ରେ ସାକ୍ଷାତକାର ଦେବା ଅବସରରେ ଏହି ଦୁର୍ବ୍ୟବହାର ତଥା ଗାଳିଗୁଲଜ ଘଟଣା ନେଇ ସବିଶେଷ ଭାବେ ସୂଚନା ଦେଇଥିଲେ। ପାଖାପାଖି ୩୦ ବର୍ଷ ତଳର ଏହି ଘଟଣା ପୁଣି ଥରେ ଚର୍ଚ୍ଚାକୁ ଆସିବା ପରେ ସେ ବେଶ୍ ସମାଲୋଚିତ ହୋଇଛନ୍ତି। ଫଳରେ ତାଙ୍କୁ ଏଥିପାଇଁ କ୍ଷମା ମାଗିବାକୁ ପଡ଼ିଛି।

ଏଥିପାଇଁ ସମ୍ପୃକ୍ତ ସହପାଠୀ, ମୋର ସବୁ ପ୍ରଶଂସକ ଓ ଅନ୍ୟମାନଙ୍କୁ ହୃଦୟରୁ କ୍ଷମା ମାଗୁଛି ବୋଲି ସେ କହିଛନ୍ତି। ଜୁଲାଇ ୧୬ ତାରିଖରେ ସେ ନିଜ ୱେବ୍‌ସାଇଟ୍‌ରେ କ୍ଷମା ମାଗିଥିଲେ ଓ ଏବେ ଟୁଇଟ୍ କରି କ୍ଷମା ମାଗିଛନ୍ତି।



ଟୋକିଓର ଅଲିମ୍ପିକ୍ସ ଭିଲେଜ ନିକଟରେ ରବିବାର ଅଭ୍ୟାସରତ ଭାରତୀୟ ରୋଇଂ ଦଳ।

# ଶରଣାର୍ଥୀ ଦଳର ମୁଖ୍ୟଙ୍କୁ କରୋନା

ଟୋକିଓ,୧୮।୭

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଶରଣାର୍ଥୀ ଦଳ ମୁଖ୍ୟ ପୂର୍ବତନ ଡିଷ୍ଟାନ୍ସ ରନର ଟେଗ୍‌ଲା ଲୋରୋପ କରୋନା ପଜିଟିଭ ବୋଲି ଜଣାପଡିଛି। କୋଭିଡ୍-୧୯ ଟେଷ୍ଟରେ ତାଙ୍କ ରିପୋର୍ଟ ପଜିଟିଭ ବୋଲି ଜଣାପଡିଥିଲା। କାତାରର ଦୋହାସ୍ଥିତ ଟ୍ରେନିଂ ସେଣ୍ଟରରୁ ଟୋକିଓ ପ୍ରସ୍ଥାନ କରିବା ପୂର୍ବରୁ ହିଁ ଲୋରୋପ ପଜିଟିଭ ବୋଲି ଜଣାପଡିଥିଲେ। ଶୁକ୍ରବାରଠାରୁ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଥିବା ବେଳେ ଲୋରୋପ ପଜିଟିଭ ହେବା କାରଣରୁ ଶରଣାର୍ଥୀ ଦଳ ଟୋକିଓ ପହଞ୍ଚିବାରେ ବିଳମ୍ବ ହୋଇଛି।

ଅଗାମୀ କିଛି ଦିନ ମଧ୍ୟରେ ଦଳରେ ସଦସ୍ୟମାନେ ଟୋକିଓ ଯାତ୍ରା କରିବା ଆଶା କରାଯାଉଛି। ତେବେ ଲୋରୋପ କିନ୍ତୁ ସେଠାରେ ରହିବେ। ଶରଣାର୍ଥୀ ଦଳରେ ଜଣେ ଅଫିସିଆଲ କରୋନା ପଜିଟିଭ ବୋଲି ଆଇଓସି ତରଫରୁ ପୂର୍ବରୁ କୁହାଯାଇଥିଲା। ତେବେ ଦୋହାରେ ଥିବା ୨୬ ଆଥଲେଟ ଓ ଅନ୍ୟ ଅଫିସିଆଲମାନେ ଟେଷ୍ଟରେ ନେଗେଟିଭ ବୋଲି କୁହାଯାଇଥିଲା। ସେପଟେ ଅଲିମ୍ପିକ୍ କ୍ରୀଡ଼ାଗ୍ରାମରେ ରହୁଥିବା ୨ଜଣ ଆଥଲେଟ ଟେଷ୍ଟ ପଜିଟଭ ବୋଲି ରବିବାର ଆୟୋଜକମାନେ କହିଛନ୍ତି। କ୍ରୀଡ଼ାଗ୍ରାମରେ ଏମାନେ ପ୍ରଥମ ପଜିଟଭ ବୋଲିକୁହାଯାଇଛି।ଏହିଦୁଇଆଥଲେଟଙ୍କ ସମ୍ପର୍କରେ କିଛି ସୂଚନା ଦିଆଯାଇ ନାହିଁ।

ମାନବିକ ଅଧିକାରକୁ ଦୃଷ୍ଟିରେ ରଖି ଏହି ଶରଣାର୍ଥୀ ଦଳକୁ ଆଇଓସି ବେଶ ପ୍ରୋତ୍ସାହିତ କରୁଛି। ୫ ବର୍ଷ ତଳେ ରିଓ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ଏକ ୧୦ ଜଣିଆ ଶରଣାର୍ଥୀ ଦଳ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲା।



ଟେଗ୍‌ଲା ଲୋରୋପ

# ୪ କ୍ରୀଡ଼ାର ପଦାର୍ପଣ: ବେସ୍, ସଫ୍ଟବଲର ପ୍ରତ୍ୟାବର୍ତ୍ତନ

**ଟୋକିଓ,୧୮।୭(ପି.ଟି.):** ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ପ୍ରତି ସଂସ୍କରଣରେ କେତୋଟି କ୍ରୀଡ଼ାକୁ ସାମିଲ କରାଯିବା ଲକ୍ଷ୍ୟ କରାଯାଇଥାଏ। ଫଳରେ ଅଲିମ୍ପିକ୍ସର ପ୍ରତି ସଂସ୍କରଣ କ୍ରମାଗତ ଭାବେ ବୃହତ୍ ହୋଇଥାଏ। ଏଥର ମଧ୍ୟ ଟୋକିଓ ଅଲିମ୍ପିକ୍ସ ଏ ଦୃଷ୍ଟିକୋଣରୁ ପଛରେ ପଡିନାହିଁ। ଏଥର ଅଲିମ୍ପିକ୍ସରେ କେତୋଟି କ୍ରୀଡ଼ାକୁ ପ୍ରଥମଥର ପାଇଁ ସାମିଲ କରାଯିବ ଓ ଆଉ କେତେକ କ୍ରୀଡ଼ା ପ୍ରତ୍ୟାବର୍ତ୍ତନ କରିବ। ଫଳରେ ମୋଟ୍ ଉପରେ ଅଲିମ୍ପିକ୍ସରେ ୩୩୯ଟି ମେଡାଲ ଇଭେଣ୍ଟ ଦେଖିବାକୁ ମିଳିବ। କୋଭିଡ୍-୧୯ ପ୍ରଭାବିତ ଟୋକିଓ ଅଲିମ୍ପିକ୍ସରେ ୫ଟି କ୍ରୀଡ଼ା ସାମିଲ ହେବ। ଏଥିମଧ୍ୟରୁ ୪ଟି କ୍ରୀଡ଼ା ପଦାର୍ପଣ କରିବ। ତେବେ ବେସ୍‌ବଲ୍ ଓ ସଫ୍ଟବଲ ଗୋଟିଏ କ୍ରୀଡ଼ାଭାବେ ପ୍ରତ୍ୟାବର୍ତ୍ତନ କରିବ। ଫଳରେ ଏଥର ଅଲିମ୍ପିକ୍ସରେ ନୂଆ ତାରକାଙ୍କ ଆବିର୍ଭାବ ହେବ। ପଦାର୍ପଣ କରିବାକୁ ଥିବା କ୍ରୀଡ଼ାଗୁଡିକ ହେଲା ସ୍କେଟବୋର୍ଡିଂ, ସର୍ଫିଙ୍ଗ, ସ୍ପୋର୍ଟ କ୍ଲାଇମ୍ବିଂ, କରାଟେ ଓ ବେସ୍‌ବଲ/ସଫ୍ଟବଲ। ଏଥିସହ ଅଲିମ୍ପିକ୍ସରେ ୩୩ଟି କ୍ରୀଡ଼ାର ୫୦ଟି ବର୍ଗରେ ମୋଟ୍ ୩୩୯ଟି ଇଭେଣ୍ଟ ଆୟୋଜନ ହେବ। ଏହି କ୍ରୀଡ଼ା ମହାକୁମ୍ଭରେ ୨୦୬ଟି ଦେଶରୁ ୧୧,୨୩୮ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଅଂଶଗ୍ରହଣ କରିବେ।

# ବସ୍‌ରୁ ସୌନ୍ଦର୍ଯ୍ୟ ଉପଭୋଗ କଲେ ଅଲିମ୍ପିକ୍ସ ଅତିଥି

ଟୋକିଓ,୧୮।୭(ଏପି)

କୋଭିଡ୍-୧୯ କାରଣରୁ ଅଲିମ୍ପିକ୍ସ ଗୋଟିଏ ବର୍ଷ ବିଳମ୍ବିତ ହୋଇଛି। ପୁଣି ୨୩ରୁ ଆରମ୍ଭ ହେବାକୁ ଯାଉଥିବା ଏହି କ୍ରୀଡ଼ା ଇଭେଣ୍ଟ ଉପରେ କରୋନାର କଳାବାଦଲ ଛାଇ ହୋଇ ରହିଛି। ତେଣୁ ଅଲିମ୍ପିକ୍ସରେ ସାମିଲ ହେବାକୁ ଥିବା ଅତିଥିମାନଙ୍କ ଲାଗି ଆୟୋଜକଙ୍କ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅତିଥିମାନେ ଅବାଧ ଚଲାବୁଲା ନ କରି ବସ୍‌ରେ ହିଁ ଯାତ୍ରା କରିବା ସହ ଟୋକିଓର ସୌନ୍ଦର୍ଯ୍ୟ ଉପଭୋଗ କରିବାର ବ୍ୟବସ୍ଥା ହୋଇଛି।

ତେଣୁ ଅତିଥିମାନେ ବସ୍‌ରୁ ଟୋକିଓ ସହରର ହ୍ରଦ ଉପରେ ଭାସୁଥିବା ଅଲିମ୍ପିକ ରିଙ୍ଗ, ରଙ୍ଗିନ ଟୋକିଓ ଟାୱାର, ଜାପାନର ମନୋରଞ୍ଜନଭିତ୍ତିକ ଜିଲା କାବୁକିଚୋର ମନୋରମ ଦୃଶ୍ୟ ଉପଭୋଗ କରିଥିଲେ। କୋଭିଡ୍-୧୯ ପାଇଁ କଡ଼ା ନିୟମ ଜାରି ହୋଇଥିବାରୁ କେବଳ ଗାଡିରେ ହିଁ ଅତିଥିମାନେ ଜାପାନର ଏହି ରାଜଧାନୀର ଝଲକ ଦେଖିବାକୁ ପାଇଥିଲେ। ଜଣାଶୁଣା ନ୍ୟୁଜ୍ ଏଜେନ୍ସି ଏପିର ଫଟୋଗ୍ରାଫର ସି. ହଙ୍ଗ ଅଲିମ୍ପିକ ବସ୍‌ରେ ଘଣ୍ଟା ଘଣ୍ଟା ଟୋକିଓ ସହର ବୁଲିଥିଲେ ଓ କିଛି ମନୋରମ ଦୃଶ୍ୟ ନିଜ କ୍ୟାମେରାରେ ତୋଳି ଧରିବାକୁ ପ୍ରୟାସ କରିଥିଲେ। ଇମର୍ଜେନ୍ସି ଜାରି ରହିଥିବାରୁ ଟୋକିଓର ଦୃଶ୍ୟ ନିଶ୍ଚିତ ଭାବେ ଅଲଗା ଥିଲା। ପୂରା ଟୋକିଓ ଏକପ୍ରକାର ବନ୍ଦ ହେବା ଭଳି ମନେ ହେଉଥିଲା।



# ୩ ଆଥ୍‌ଲେଟ ପଜିଟିଭ

ଟୋକିଓ, ୧୮।୭ (ପି.ଟି.)

ଅଲିମ୍ପିକ୍ସରେ ଆତଙ୍କ

TOKYO 2020

ଆଉ ୪ ଦିନ

ଅଲିମ୍ପିକ୍ସରେ କୋଭିଡ୍ ଆତଙ୍କ ଦେଖାଦେଇଛି। ଇତିମଧ୍ୟରେ ୩ ଆଥ୍‌ଲେଟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଅଲିମ୍ପିକ ଭିଲେଜ ଏବଂ ଅନ୍ୟ ସଂକ୍ରମିତ ଜଣକ ଗେମ୍ସ ହୋଟେଲରେ ଅବସ୍ଥାନ କରୁଛନ୍ତି। ଆୟୋଜକ କମିଟି ତରଫରୁ ରବିବାର ଏ ବିଷୟରେ ସୂଚନା ଦିଆଯାଇଛି। କିନ୍ତୁ ସେମାନଙ୍କ ପରିଚୟ ଦିଆଯାଇ ନାହିଁ। ଖବର ଅନୁସାରେ ଦିନକ ମଧ୍ୟରେ ୧୦ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ତନ୍ମଧ୍ୟରେ ୫ ଗେମ୍ସ କର୍ମଚାରୀ, ଜଣେ କଣ୍ଟ୍ରାକ୍ଟର ଓ ଜଣେ ଜର୍ନାଲିଷ୍ଟ ରହିଛନ୍ତି। ଆୟୋଜକ କମିଟି ଦ୍ୱାରା କୋଭିଡ୍ ପଜିଟିଭମାନଙ୍କ ତାଲିକା ଅପ୍‌ଲୋଡ୍ କରାଯାଇଛି। ଏହି ତାଲିକା ଅନୁସାରେ ଗେମ୍ସ ସମ୍ପର୍କିତ କୋଭିଡ୍ ପଜିଟିଭ୍‌ଙ୍କ ସଂଖ୍ୟା ବର୍ତ୍ତମାନ ୫୫ରେ ପହଞ୍ଚିଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଖ୍ରିଷ୍ଟାଫ୍ ଦୁବିଙ୍କ କହିଛନ୍ତି, ଜଣେ ସଂକ୍ରମିତ ଚିହ୍ନଟ ହେବାମାତ୍ରେ ତାଙ୍କ ସହିତ ସମ୍ପର୍କରେ ଆସିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଠାବ କରିବା ଲାଗି ଏକ ପଦ୍ଧତି ପ୍ରସ୍ତୁତ କରାଯାଇଛି। ଗେମ୍ସରେ ଭାଗ ନେବା ଲାଗି ଜାପାନକୁ ଆସିବା ପୂର୍ବରୁ ୧୮,୦୦୦ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୪୦,୦୦୦ କୋଭିଡ୍ ଟେଷ୍ଟ ସରିଛି। ପରେ ବିମାନବନ୍ଦରରେ ସେମାନଙ୍କର ସ୍କ୍ରିନିଂ ହେଉଛି। ଏହାପରେ ଆଥ୍‌ଲେଟମାନଙ୍କର ନିୟମିତ ଟେଷ୍ଟ କରାଯାଉଛି ବୋଲି ସେ କହିଛନ୍ତି। ଅଲିମ୍ପିକ ଭିଲେଜରେ ସଂକ୍ରମିତ ଆଥ୍‌ଲେଟ ଦ୍ୱୟ ବର୍ତ୍ତମାନ ସେଠାରେ ଅବା ଅନ୍ୟତ୍ର କ୍ୱାରାଣ୍ଟାଇନ୍‌ରେ ଅଛନ୍ତି ସେ ସମ୍ପର୍କରେ ଆୟୋଜକଙ୍କ ପାଖରୁ କୌଣସି ସୂଚନା ନାହିଁ। ଆଇଓସି ଗେମ୍ସ ଅପରେଶନ୍ସ ଡାଇରେକ୍ଟର ପିୟର ଡକ୍ରେ କହିଛନ୍ତି, ଜୁଲାଇ ୧୦ରୁ ବିଦେଶରୁ ଇତିମଧ୍ୟରେ ୧୮,୦୦୦ ଗେମ୍ସ ଅଂଶଗ୍ରହଣକାରୀ ପହଞ୍ଚି ସାରିଛନ୍ତି। ପହଞ୍ଚିବା ପୂର୍ବରୁ ସେମାନଙ୍କ ଅତିକମ୍‌ରେ ଦୁଇଥର ନେଗେଟିଭ ଟେଷ୍ଟ ହୋଇସାରିଛି। ଏଠାରେ ପହଞ୍ଚିବା ପରେ ସେମାନଙ୍କର ଆଉଥରେ ଟେଷ୍ଟ ହୋଇଥାଏ। ଭିଲେଜରେ ଜଣେ ଅଣ ଆଥ୍‌ଲେଟ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ବର୍ତ୍ତମାନର ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ପରିସର ବାହାରକୁ ସ୍ଥାନାନ୍ତର କରାଯାଇଛି। ତେବେ ପରିସ୍ଥିତି ନିୟନ୍ତ୍ରଣାଧୀନ ବୋଲି ଆଶା କରାଯାଉଛି। ଗେମ୍ସ ପାଇଁ ପ୍ରଥମ ଭାରତୀୟ ଆଥ୍‌ଲେଟ ଦଳ ରବିବାର ସକାଳେ ଏଠାରେ ପହଞ୍ଚିଛି। ୮୮ ଜଣିଆ ଦଳରେ ଦୁଇଟି ହକି ଦଳ, ତୀରନ୍ଦାଜ, ଟେବୁଲ ଟେନିସ, ସନ୍ତରଣ ସମେତ ଅନ୍ୟ କେତେକ ଖେଳର ପ୍ରତିଯୋଗୀମାନେ ସାମିଲ ଅଛନ୍ତି। ଜାପାନରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଜାପାନର ଅଧିକାଂଶ ଲୋକ ମହାମାରୀ ସମୟରେ ଗେମ୍ସ ଆୟୋଜନକୁ ନାପସନ୍ଦ କରୁଥିବା ବେଳେ ଆଇଓସି ସଭାପତି ଥୋମାସ ବ୍ୟାକ୍ କିନ୍ତୁ ଅଲିମ୍ପିକ୍ସ ପାଇଁ କୌଣସି ବିପଦ ନ ଥିବା କହୁଛନ୍ତି।

## ମନ୍ତ୍ରୀଙ୍କ ସହ ସେଲ୍‌ଫି ଶହେ ଟଙ୍କା



ଦେଶରେ ପେଟ୍ରୋଲ୍ ଏବଂ ଗ୍ୟାସ୍ ସହିତ ଅନ୍ୟାନ୍ୟ ସାମଗ୍ରୀର ଦାମ୍ ବଢ଼ି ଚାଲିଛି। ଏବେ ସେଲ୍‌ଫି ବି ମହଙ୍ଗା ହୋଇଛି। ମନ୍ତ୍ରୀଙ୍କ ସହିତ ଫଟୋ ଉଠାଇଲେ ଲୋକଙ୍କୁ ୧୦୦ ଟଙ୍କା ଦେବାକୁ ପଡିବ ବୋଲି ଖୋଦ୍ ମନ୍ତ୍ରୀ କହିଛନ୍ତି। ମଧ୍ୟପ୍ରଦେଶ ସଂସ୍କୃତି ମନ୍ତ୍ରୀ ତଥା ଭାଜପା ନେତ୍ରୀ ଉଷା ଠାକୁର ଏଭଳି ଘୋଷଣା କରିଛନ୍ତି। ସଂଗୃହୀତ ଟଙ୍କା ଭାଜପା ସଂଗଠନରେ ବିନିଯୋଗ ହେବ ବୋଲି ସେ ସୂଚନା ଦେଇଛନ୍ତି। ଖଣ୍ଡୱା ଗସ୍ତ ସମୟରେ ଉଷା ଏପରି କହିଥିଲେ। ସେହିପରି ଫୁଲତୋଡ଼ା ଦେଇ ସ୍ୱାଗତ କରିବା ବଦଳରେ ଶିକ୍ଷଣୀୟ ପୁସ୍ତକ ପ୍ରଦାନ କରିବାକୁ ସେ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

# ଚର୍ଚ୍ଚ ସହ ସମ୍ପର୍କ ଛିନ୍ନ

**ଜର୍ମାନୀରେ ଧର୍ମରୁ ବିମୁଖ ହେଲେଣି ୬ ଲକ୍ଷ**

**ଧର୍ମ ଏବଂ ଧର୍ମୀୟ ଭାବନା ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ଜନ୍ମରୁ ହିଁ ଜଣେ କେଉଁ ଧର୍ମର ତାହା ସ୍ଥିରୀକୃତ ହୋଇଥାଏ। ହେଲେ ବିଚାରଗତ ଏବଂ ଆବେଗିକ ଦୃଷ୍ଟିକୋଣରୁ ଜଣେ ଅନ୍ୟ ଧର୍ମ ପ୍ରତି ଆକର୍ଷିତ ହେବା ଏବଂ ପରବର୍ତ୍ତୀ ସମୟରେ ସେହି ଧର୍ମକୁ ଆପଣାଇନେବାର ଅନେକ ଉଦାହରଣ ରହିଛି। ଏବେ ଜର୍ମାନୀରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପ୍ରତିବର୍ଷ ଏଠାକାର ଲକ୍ଷାଧିକ ଲୋକ ଖ୍ରୀଷ୍ଟିଆନ ଧର୍ମର ଉପାସନାସ୍ଥଳ ଚର୍ଚ୍ଚ ସହିତ ସମ୍ପର୍କ କାଟିବାରେ ଲାଗିଛନ୍ତି, ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ରିଲିଜିୟସ ଲିଡର।**

**ବର୍ଲିନ୍:** ଜର୍ମାନୀରେ ଗତବର୍ଷ ୪ ଲକ୍ଷରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ଚର୍ଚ୍ଚ ସହିତ ସମ୍ପର୍କ ଛିନ୍ନ କରିଥିଲେ। ଚଳିତବର୍ଷ ଅଦ୍ୟାବଧି ପ୍ରାୟ ୨ ଲକ୍ଷ ଲୋକ କ୍ୟାଥୋଲିକ ଚର୍ଚ୍ଚ ଛାଡ଼ି ସାରିଲେଣି। ଦଶନ୍ଧିରୁ ଅଧିକ ସମୟ ଧରି ଏଭଳି ଧାରା ଜାରିରହିଛି। ଚର୍ଚ୍ଚ ଭଳି ପବିତ୍ର ସ୍ଥାନରେ ଯୌନ ଶୋଷଣ ମାମଲା ବଢ଼ିବା, ଏଭଳି ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତଙ୍କ ପ୍ରତି ଉଦାସୀନ ମନୋଭାବ ପ୍ରତିପୋଷଣ ଏବଂ ଚର୍ଚ୍ଚକୁ ପ୍ରଦାନ କରାଯାଉଥିବା ଟାକ୍ସରୁ ମୁକ୍ତି ଲାଗି ଚର୍ଚ୍ଚ ପ୍ରତି ଖ୍ରୀଷ୍ଟିଆନମାନେ ବିମୁଖ ହେଉଥିବା କୁହାଯାଉଛି। ବିଶେଷ କରି କ୍ୟାଥୋଲିକ୍ ଚର୍ଚ୍ଚଗୁଡ଼ିକରେ ଏଭଳି ମାମଲା ବଢ଼ିବାରେ ଲାଗିଛି, ଯାହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଧାର୍ମିକ ବିଦ୍ୱାନ।

ଜର୍ମାନୀର ଚର୍ଚ୍ଚରେ ସଦସ୍ୟତା ତ୍ୟାଗ କରିବା ସହଜସାଧ୍ୟ ନୁହେଁ। ଏହା ଏକ ଜଟିଳ ପ୍ରକ୍ରିୟା। ଏଥିଲାଗି ସ୍ୱତନ୍ତ୍ର ମାର୍ଗଦର୍ଶିକା ପାଳନ କରିବାକୁ ବାଧ୍ୟ। ଚର୍ଚ୍ଚ ଛାଡ଼ିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଜିଲା କୋର୍ଟରେ ପଞ୍ଜୀକରଣ କରିବାକୁ ପଡ଼େ। ସମ୍ପୃକ୍ତ ଅଞ୍ଚଳର ପାଦ୍ରିଏ ସଂକ୍ରାନ୍ତ ରିପୋର୍ଟ ଦେଇଥାଆନ୍ତି। କେବଳ ଏତିକି ନୁହେଁ, ଜର୍ମାନୀର ଚର୍ଚ୍ଚରେ ସଦସ୍ୟତା ଗ୍ରହଣ କରିବା ଲାଗି ଟାକ୍ସ ଦେବାକୁ ପଡ଼ିଥାଏ। ସ୍ଥାନୀୟ କର ବିଭାଗ ଅଧିକାରୀଙ୍କ ଦ୍ୱାରା ବେତନର ଏକ ନିର୍ଦ୍ଦିଷ୍ଟ ଟଙ୍କା କଟାଯାଇଥାଏ। ହେଲେ ଥରେ ସଦସ୍ୟତାରୁ ମୁକ୍ତି ମିଳିବା ପରେ ଆଉ କର ଦେବାକୁ ପଡ଼ି ନ ଥାଏ। ପ୍ରତିବର୍ଷ ଚର୍ଚ୍ଚ ସଦସ୍ୟତାରୁ ନିଜକୁ ମୁକ୍ତ କରୁଥିବା ବ୍ୟକ୍ତିଙ୍କ ତାଲିକା ପ୍ରକାଶିତ ହୋଇଥାଏ। ସମ୍ପୃକ୍ତ ଅଧିକାରୀମାନେ ଏହାର କାରଣ ଜାଣିବାକୁ ଉଦ୍ୟମ କରିଥାଆନ୍ତି। ଜର୍ମାନୀ ବିଶପ କନ୍‌ଫରେନ୍ସର ଚେୟାରମ୍ୟାନ୍ ଜର୍ଜ ବେଟିଂ କହିଛନ୍ତି, ଦେଶର ଚର୍ଚ୍ଚ ଉପରୁ ଲୋକଙ୍କ ବିଶ୍ୱାସ ତୁଟିବାରେ ଲାଗିଛି। ଏଥିରେ ସୁଧାର ଆଣିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବା ଜରୁରୀ।



ସେହିପରି ଜର୍ମାନୀର ବୁଦ୍ଧିଜୀବୀ ଗୋଷ୍ଠୀ ଏହାକୁ ନେଇ ଖୋଲାମତ ରଖିଛନ୍ତି। ସେମାନେ କହିଛନ୍ତି, ଚର୍ଚ୍ଚରେ ଯୌନ ଉତ୍ପୀଡ଼ନ ମାମଲା ବଢ଼ିବାରେ ଲାଗିଛି। ଗୀର୍ଜା କର୍ତ୍ତୃପକ୍ଷ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଅତି ହାଲୁକା ଭାବରେ ନେଉଛନ୍ତି। ଲିଙ୍ଗଗତ ଭେଦଭାବ ଚର୍ଚ୍ଚର ମହତ୍ତ୍ୱକୁ କ୍ଷୁଣ୍ଣ କରୁଛି। ସାମାଜିକ ବିବିଧତାକୁ ସମ୍ମାନ ମିଳୁନାହିଁ। ତେଣୁ ଚର୍ଚ୍ଚରେ ଦୀର୍ଘ ସମୟରୁ ପ୍ରଚଳିତ ପୁରାତନ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ ବୋଲି ଅନ୍ୟ କେତେଜଣ ମତ ରଖିଛନ୍ତି। ଚର୍ଚ୍ଚ ଏକ ପବିତ୍ର ଉପାସନାସ୍ଥଳ। ଏହା ମାନବତା ଏବଂ ନୈତିକତାର ମନ୍ତ୍ର ପ୍ରଚାର କରିଥାଏ। ହେଲେ ଏବେ ଏଥିରେ ବ୍ୟତିକ୍ରମ ହେଉଛି। ଚର୍ଚ୍ଚଗୁଡ଼ିକ ନିଜର ନୈତିକ ମାନକଗୁଡ଼ିକର ମୂଲ୍ୟାୟନ କରିବା ଜରୁରୀ ବୋଲି ସେମାନେ କହିଛନ୍ତି। ଜର୍ମାନୀକୁ ୨୭ ଧର୍ମୀୟ ପ୍ରଦେଶରେ ବିଭକ୍ତ କରାଯାଇଛି। ମ୍ୟୁନିକ୍ , ବର୍ଲିନ୍, ଫ୍ରେୟିବର୍ଗ ଭଳି ବୃହତ୍ ଧର୍ମୀୟ ପ୍ରଦେଶରେ ଅନୁରୂପ ସମସ୍ୟା ଦେଖାଦେଇଛି। ଚର୍ଚ୍ଚ ସଦସ୍ୟତାରୁ ନିଜକୁ ମୁକ୍ତ କରୁଥିବା ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ନିଜ ଧର୍ମପ୍ରତି ବିତୃଷ୍ଣ ବୋଲି ଭାବିବା ଭୁଲ୍, ହେଲେ କେଉଁଠି ନା କେଉଁଠି ସେମାନଙ୍କ ମନରେ ଚର୍ଚ୍ଚ କର୍ତ୍ତୃପକ୍ଷଙ୍କ ନୀତିକୁ ନେଇ ବିରୋଧାଭାସ ରହିଛି। ତେଣୁ କେତେକ ସ୍ଥାନରେ ପୁରାତନ ଚର୍ଚ୍ଚରୁ ସଦସ୍ୟତା ତ୍ୟାଗ କରୁଥିବା ବ୍ୟକ୍ତି ନୂଆ ଚର୍ଚ୍ଚ ସହିତ ଯୋଡ଼ି ହେଉଥିବା ଦୃଷ୍ଟିଗୋଚର ହେଉଛି। ହେଲେ ଏହି ସଂଖ୍ୟା ଅତି ନଗଣ୍ୟ।

# ଚିତା ମୁହଁରୁ ଶିଶୁକୁ ଛଡ଼ାଇଆଣିଲେ ମା’





**ମୁମ୍ବାଇ:** ନିଜ ୫ ବର୍ଷର ଶିଶୁକନ୍ୟାକୁ ଚିତା ମୁହଁରୁ ଛଡ଼ାଇଆଣିଛନ୍ତି ଜଣେ ମହିଳା। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାରେ ଏହି ଘଟଣା ଘଟିଛି। ନାଗପୁର ହସ୍ପିଟାଲରେ ଗୁରୁତର ଶିଶୁଟିର ସର୍ଜରି କରାଯାଇଥିବା ସୋମବାର ଜଣେ ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି। ଗତ ଜୁନ୍ ୩୦ରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଜୁନୋନା ଗ୍ରାମର ଅର୍ଚ୍ଚନା ମେଶରମ୍ ଘରକୁ ଯାଉଥିବାବେଳେ ବାଟରେ ଏକ ଚିତା ବାଘ ହଠାତ୍ ତାଙ୍କ ଝିଅକୁ ଝାମ୍ପି ନେଇଥିଲା। ସଙ୍ଗେସଙ୍ଗେ ଅର୍ଚ୍ଚନା ସାହସ ଜୁଟାଇ ଏକ ଠେଙ୍ଗାରେ ଚିତାକୁ ପିଟିବାରେ ଲାଗିଥିଲେ। ପରେ ଚିତାଟି ଶିଶୁଟିକୁ ଛାଡ଼ି ନିକଟସ୍ଥ ଜଙ୍ଗଲକୁ ଦୌଡ଼ି ପଳାଇଥିଲା।

# ଝାଡୁଦାରରୁ ଡେପୁଟି କଲେକ୍ଟର



**ଜୟପୁର:** ଡେପୁଟି ଜିଲାପାଳ ପଦରେ ନିଯୁକ୍ତି ପାଇବେ ରାଜସ୍ଥାନ ଯୋଧପୁର ଗଳିରେ ଝାଡୁଦାର କାମ କରୁଥିବା ୨ ସନ୍ତାନଙ୍କ ମା’ ଆଶା କାନ୍ଦରା(୪୧)। କିଛି ଦିନ ତଳେ ରାଜସ୍ଥାନ ପ୍ରଶାସନିକ ସେବା (ଆର୍‌ଏଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସମସ୍ତଙ୍କୁ ଚମକାଇ ଦେଇଥିବା ଆଶା ଏବେ ସୋସିଆଲ ମିଡିଆ ସେନ୍‌ସେସନ୍ ପାଲଟିଛନ୍ତି। ସେ କାର୍ଯ୍ୟ କରୁଥିବା ଯୋଧପୁର ମ୍ୟୁନିସିପାଲ କର୍ପୋରେଶନର ମେୟର ଏବଂ ସିଇଓ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରିଛନ୍ତି। ୧୯୯୭ରେ ସ୍କୁଲ ଶିକ୍ଷା ଶେଷ ପରେ ମାତ୍ର ୧୭ ବର୍ଷ ବୟସରେ ସେ ବିବାହ କରିଥିଲେ। ୨୦୧୨ରେ ସ୍ୱାମୀଙ୍କଠାରୁ ଅଲଗା ହେବା ପରେ ୨ ପିଲାଙ୍କ ଦାୟିତ୍ୱ ତାଙ୍କ ମୁଣ୍ଡରେ ପଡ଼ିଥିଲା। ୨୦୧୬ରେ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଇଣ୍ଟରନେଟରୁ ସେ ପ୍ରଶାସନିକ ସେବା ପରୀକ୍ଷା ବାବଦରେ ଜାଣିବା ପରେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ୨୦୧୮ରେ ଏଣ୍ଟ୍ରାନ୍ସ ଦେଇଥିଲେ। ଆର୍ଥିକ ଦୁରବସ୍ଥା ଦୂର କରିବାକୁ ପରୀକ୍ଷା ଦେବାର ୧୨ ଦିନ ପରେ ସେ ଝାଡୁଦାର କାମକୁ ଆପଣାଇଥିଲେ।



# ଦେଶୀ ଗର୍ଲଙ୍କୁ ୩୯

**ମୁମ୍ବାଇ:** ବଲିଉଡ୍‌ର ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କୁ ରବିବାର ୩୯ ବର୍ଷ ପୂରଣ ହୋଇଛି। ସେ ୧୯୮୨ ଜୁଲାଇ ୧୮ରେ ଜାମସେଦ୍‌ପୁରରେ ଜନ୍ମ ଗ୍ରହଣ କରିଥିଲେ। ୨୦୦୩ରେ ‘ଦ ହିରୋ ଲଭ୍ ଷ୍ଟୋରି ଅଫ୍ ଏ ସ୍ପାଏ’ ଫିଲ୍ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ପରେ ୨୦୦୩ରେ ଅନ୍ଦାଜ୍, ୨୦୦୪ରେ ମୁଝ୍ ସେ ସାଦି କରୋଗି, ଏତ୍‌ରାଜ, ୨୦୦୬ରେ କ୍ରିସ୍, ଡନ୍ ଆଦି ଫିଲ୍ମରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟି ଥିଲେ। ୨୦୦୯ରେ କମିନେ, ୨୦୧୧ରେ ୭ ଖୁନ୍ ମାଫ୍, ୨୦୧୨ରେ ବର୍ଫି, ୨୦୧୪ରେ ମେରିକମ୍, ୨୦୧୫ରେ ଦିଲ୍ ଧଡକନେ ଦୋ, ବାଜି ରାଓ ମସ୍ତାନୀ, ୨୦୧୯ରେ ଦ ସ୍କାଏ ଇଜ୍ ପିଙ୍କ୍‌ରେ ଅଭିନୟ କରିଥିଲେ। ୨୦୨୧ରେ ହଲିଉଡ୍ ଫିଲ୍ମ ‘ଦ ହ୍ୱାଇଟ୍ ଟାଇଗର’ରେ ନିଜର ଅଭିନୟ ଦକ୍ଷତା ପ୍ରମାଣିତ କରିଥିଲେ। ୨୦୧୮ରେ ସେ ଆମେରିକା ଗାୟକ ତଥା ଅଭିନେତା ନିକ୍ ଜୋନାସ୍‌ଙ୍କୁ ବିବାହ କରିଥିଲେ। ଅଭିନୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୬ରେ ପ୍ରିୟଙ୍କାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରିୟଙ୍କା ଏବେ ଲଣ୍ଡନରେ ରୁଷୋ ବ୍ରଦର୍ସଙ୍କ ନିର୍ଦ୍ଦେଶନାରେ ସିଟାଡେଲ୍‌ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

# ବିମାନ ବିଳମ୍ବ କଲା ଗଣିତ ପ୍ରଶ୍ନ





**ହାରିସ୍‌ବର୍ଗ:** ବିମାନ ଯାତ୍ରା ସମୟରେ ଜଣେ ଅର୍ଥନୀତିଜ୍ଞ ଏକ ଗଣିତ ପ୍ରଶ୍ନ ସମାଧାନ କରୁଥିବା କାରଣରୁ ୨ ଘଣ୍ଟା ବିଳମ୍ବରେ ଉଡ଼ିଥିଲା ବିମାନ। ୨୦୧୬ ମସିହାର ଏଭଳି ଏକ ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ୟୁନିଭର୍ସିଟି ଅଫ୍ ପେନ୍‌ସିଲ୍‌ଭାନିଆର ଆସୋସିଏଟ୍ ପ୍ରଫେସର ଗୁଇଡୋ ମେଞ୍ଜିଓଙ୍କ ସହିତ ଏପରି ଘଟିଥିଲା। ଦି ଇଣ୍ଡିଗୋ ପାପିଲନ୍ ଅନ୍‌ଲାଇନ ସ୍କୁଲ ଅଫ୍ ମେଟାଫିଜିକ୍ସର ଟୁଇଟର ପେଜ୍‌ରେ ଏ ନେଇ ଏକ ପୋଷ୍ଟ କରାଯାଇଛି। କ୍ୟାପଶନ ଲେଖାହୋଇଛି, ଯଦି ସ୍କୁଲରେ ଗଣିତ ପ୍ରତି ଧ୍ୟାନ ଦେଇଥାନ୍ତେ, ତେବେ ଏହା ଏତେ ହୋଇ ନ ଥାନ୍ତା। ଘଟଣାରୁ ଜଣାଯାଏ, ପ୍ରଫେସର ମେଞ୍ଜିଓ ବିମାନରେ ଫିଲାଡେଲ୍ଫିଆରୁ ନ୍ୟୁୟର୍କ ଯାଉଥିଲେ। ମାତ୍ର ବିମାନରେ ଜଣେ ମହିଳା ଯାତ୍ରୀଙ୍କ ଯୋଗୁ ପୂରା ବିମାନ ଉଡ଼ାଣରେ ବିଳମ୍ବ ହେଲା। ମେଞ୍ଜିଓ ନିଜ ସିଟ୍‌ରେ ବସି ଗଣିତ ସମୀକରଣ ସମାଧାନ କରୁଥିଲେ। ଏହି ସମୟରେ ମହିଳା ଯାତ୍ରୀ ଜଣକ ମେଞ୍ଜିଓଙ୍କୁ ଇକ୍ୟୁଏଶନ କରୁଥିବା ଦେଖି ତାଙ୍କୁ ଆତଙ୍କବାଦୀ ବୋଲି ଭାବିଥିଲେ। ପରେ ମହିଳା ଯାତ୍ରୀ କ୍ରୁ ମେମ୍ବରଙ୍କୁ ଡାକି ଏ ବିଷୟରେ ଜଣାଇବା ପରେ ମେଞ୍ଜିଓଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ମେଞ୍ଜିଓଙ୍କୁ ୨ ଘଣ୍ଟା ଧରି ପଚରାଉଚରା କରାଯାଇଥିଲା। ହେଲେ ପରେ ଜଣାପଡ଼ିଥିଲା ଯେ, ମେଞ୍ଜିଓ ଏକ ଗଣିତ ସମୀକରଣର ସମାଧାନ କରୁଥିଲେ। ଫଳରେ ୨ ଘଣ୍ଟାରୁ ଅଧିକ ବିଳମ୍ବରେ ବିମାନ ଉଡ଼ାଣ କରିଥିଲା।

# ବର୍ଷା ପାଇଁ ବେଙ୍ଗ-ବେଙ୍ଗୁଲୀ ବାହାଘର



**ଜୟପୁର:** ବେଙ୍ଗ-ବେଙ୍ଗୁଲୀର ବାହାଘର କରାଇଲେ ବର୍ଷା ହେବା ଆଶା କରି ରାଜସ୍ଥାନରେ ଏପରି ନିଆରା ବିବାହ ଦେଖିବାକୁ ମିଳିଛି। ବାରାଂ ଜିଲା ଅଟରୁ ଗ୍ରାମବାସୀଙ୍କ କହିବା ମୁତାବକ, ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କରିବା ଲାଗି ଏଭଳି ବିବାହ ଉତ୍ସବ ପାଳିତ ହୋଇଛି। ଏବେ ସୁଦ୍ଧା ଜିଲାରେ ବର୍ଷା ହୋଇ ନ ଥିବାରୁ ଚାଷ କାମ ଆଗେଇ ପାରୁନାହିଁ। ତେଣୁ ଗୋବରରେ ବେଙ୍ଗବେଙ୍ଗୁଲୀ ତିଆରି କରି ସେମାନଙ୍କର ବିବାହ କରାଇଛନ୍ତି ଗ୍ରାମବାସୀ। ଉତ୍ସବରେ ଲୋକେ ନାଚଗୀତ କରିବା ସହ ଭୋଜିଭାତର ଆୟୋଜନ କରିଥିଲେ। ଏକ ଥାଳିରେ ଗୋବର ବେଙ୍ଗବେଙ୍ଗୁଲୀଙ୍କୁ ରଖି ଏହାକୁ ମୁଣ୍ଡାଇ ଗାଁ ସାରା ପରିକ୍ରମା କରିଥିଲେ।

# କୋଲେଷ୍ଟରଲ ଔଷଧ କମାଇବ କରୋନା ମୃତ୍ୟୁ ଆଶଙ୍କା




**ନୂଆଦିଲ୍ଲୀ:** ରକ୍ତରେ କୋଲେଷ୍ଟରଲ ସ୍ତର ହ୍ରାସ ପାଇଁ ଔଷଧ ଖାଉଥିବା ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ଆଶଙ୍କା କମ୍ ହୋଇଥାଏ। ରିସର୍ଚ୍ଚ ପରେ ଏଭଳି ଏକ ରିପୋର୍ଟ ଦେଇଛନ୍ତି ଆମେରିକାର ବିଶେଷଜ୍ଞ। ରିସର୍ଚ୍ଚ କରିଥିବା ବୈଜ୍ଞାନିକମାନେ କହିଛନ୍ତି, ଉଚ୍ଚ କୋଲେଷ୍ଟରଲ ସ୍ତର ଥିବା କରୋନା ଆକ୍ରାନ୍ତଙ୍କ ଉପରେ ଏହି ଅନୁଧ୍ୟାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବହୁ କମ୍ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି। ବିଶେଷଜ୍ଞଙ୍କ ଏକ ଟିମ୍ ମୋଟ ୧୦,୫୪୧ ଜଣ ଆମେରିକାର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ନେଇ ଏହି ପରୀକ୍ଷା କରିଥିଲେ। ରିସର୍ଚ୍ଚ ଟିମ୍‌ର କହିବା ଅନୁସାରେ, ଯେଉଁ ରୋଗୀଙ୍କର ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଭଳି ସମସ୍ୟା ରହିଛି ସେମାନଙ୍କ କ୍ଷେତ୍ରରେ ଷ୍ଟେଟିନ୍ସ ଏବଂ ଆଣ୍ଟି ହାଇପରଟେନସନ୍ ଭଳି ଔଷଧ ମୃତ୍ୟୁ ଆଶଙ୍କାକୁ ୩୨ ପ୍ରତିଶତ କମ୍ କରିଦେଇଥାଏ। ତେଣୁ କରୋନାରେ ଗମ୍ଭୀର ଅବସ୍ଥାରେ ଯେଉଁମାନେ ଡାକ୍ତରଖାନାରେ ଭର୍ତ୍ତି ହେଉଥିଲେ ସେମାନଙ୍କ କ୍ଷେତ୍ରରେ ମୃତ୍ୟୁର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମ୍ ଦେଖାଦେଇଥିଲା। ଆମେରିକାର ସ୍ୱାସ୍ଥ୍ୟ ଏଜେନ୍ସି ସିଡିସି ଅନୁସାରେ କୋଲେଷ୍ଟରଲ କମ୍ କରିବା ପାଇଁ ୯୩ ପ୍ରତିଶତ ରୋଗୀ ଷ୍ଟେଟିନ୍ସ ଔଷଧ ବ୍ୟବହାର କରିଥାନ୍ତି। ଖୁବ୍ କମ୍ ରୋଗୀଙ୍କ କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ।

ମନେ ପଡ଼ନ୍ତି
ଶ୍ରାଦ୍ଧ ଉପଲକ୍ଷେ



ସ୍ୱର୍ଗତା ହେମଲତା ରଥ
ବୀରରାମଚନ୍ଦ୍ରପୁର, ପୁରୀ
ବୋଉ, ଚାହୁଁ ଚାହୁଁ ପାଞ୍ଚବର୍ଷ ହୋଇଗଲା, ତୁମର ଅନୁପସ୍ଥିତି ସର୍ବଦା ଅନୁଭବ କରୁଛୁ। ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ଅତୁଟ ରହିଥାଉ ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୧୦୮୮

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

ମୋବାଇଲ ଟାୱାର
ସେଣ୍ଟ୍ରାଲ ଟାୱାର
ଭାରତର ନଂ.1 କମ୍ପାନୀ
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍, ଖେତରେ 4G-5G ମୋବାଇଲ ଟାୱାର୍ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ
ଭଡ଼ା 25,000
ଅନ୍ୟାନ୍ୟ ଦେୟ 25,000 + ବାଇକ୍
07307631518
07307623889

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9999268493
7310635591

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ ।
FAKE COMPANY ଠାରୁ ସାବଧାନ ରୁହନ୍ତୁ ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ ।
Contact-
7376459854 / 9518817448

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସନ୍ତୁଳିତ ଓଜନ ପାଇଁ...



**ଆ**ଜିକାଲି ଓଜନ ବଢ଼ିବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ତେବେ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ। ନ ହେଲେ ଓଜନ ବୃଦ୍ଧି ପରୋକ୍ଷରେ କେତେକ ରୋଗର କାରଣ ହୋଇଥାଏ। ଏହାକୁ ସନ୍ତୁଳିତ ରଖିବାର ଏକ ସରଳ ତଥା ସହଜ ଉପାୟ ହାତପାହାନ୍ତାରେ ରହିଛି। ଏଥିପାଇଁ ମଧ୍ୟ ବେଶି କଷ୍ଟ କରିବାକୁ ପଡିବ ନାହିଁ। ବାସ୍, ଗୋଟିଏ ଜିନିଷ ପ୍ରତି ଧ୍ୟାନ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କର ଓଜନ ପ୍ରାୟତଃ ବଢ଼ିବ ନାହିଁ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ତାହା ହେଲା, ଖାଇବା ଶୈଳୀ। ଯଦି ଜଣେ ବ୍ୟକ୍ତି ଖାଦ୍ୟକୁ ଠିକ୍ ଭାବରେ ଖାଆନ୍ତି, ଖାଇବା ସମୟରେ ତରବର ହୁଅନ୍ତି ନାହିଁ, ତେବେ ତାଙ୍କର ଓଜନ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ସେମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିବାକୁ ପାଇଛନ୍ତି।

# ଦାନ୍ତ କ୍ଷୟ କରେ ମୃଦୁ ପାନୀୟ

**କେ**ବଳ ବୟସ୍କ କିମ୍ବା ଯୁବପିଢ଼ି ନୁହନ୍ତି, ଆଜିକାଲି ଛୋଟ ପିଲା ମଧ୍ୟ ମୃଦୁପାନୀୟ ପିଇବାକୁ ପସନ୍ଦ କରୁଛନ୍ତି। କେତେକଙ୍କର ଏହା ଅଭ୍ୟାସରେ ପରିଣତ ହୋଇଗଲାଣି। ତେବେ ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ପାନୀୟ ପିଅନ୍ତି, ତେବେ ଏହାର ପ୍ରଭାବ ତାଙ୍କର ଦାନ୍ତ ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ଦୀର୍ଘ ସମୟ ଧରି ଏହାକୁ ପିଉଥିଲେ ଦାନ୍ତ କ୍ଷୟ ହେବାର ମଧ୍ୟ ସମ୍ଭାବନା ରହିଛି ବୋଲି ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଅଧିକାଂଶ ସମୟ



ମୃଦୁ ପାନୀୟ ପିଉଥିବା କିଛି ବ୍ୟକ୍ତିଙ୍କର ଦାନ୍ତ ଏହାଦ୍ୱାରା କିପରି ପ୍ରଭାବିତ ହେଉଛି ତାହାକୁ ତନ୍ନ ତନ୍ନ କରି ଏହି ବିଶେଷଜ୍ଞମାନେ ଲକ୍ଷ୍ୟ କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ଦାନ୍ତ ଏଥିଯୋଗୁଁ ପ୍ରଭାବିତ ହେଉଥିବାର ସେମାନେ ଜାଣିବାକୁ ପାଇଥିଲେ।

# ଉପକାରୀ ଆଳୁ

**ଆ**ଳୁ ଏକ ନିତ୍ୟ ବ୍ୟବହାର୍ଯ୍ୟ ପରିବା। ଯେ କୌଣସି ତରକାରି ପ୍ରସ୍ତୁତିରେ ଏହାର ଆବଶ୍ୟକତା ପଡିଥାଏ। ଆଳୁରେ ଆଇରନ୍, ଫସଫେଟ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଜିଙ୍କ୍ ଭରି ରହିଛି। ଏହାକୁ ଖାଇଲେ ଶରୀର ପାଇଁ ବେଶ୍ ଉପକାରୀ। ଯେହେତୁ ଆଳୁରେ ଫାଇବର ଭରି ରହିଛି, ତେଣୁ ଏଥିରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଏହା ମଧ୍ୟ ହୃଦ୍‌ରୋଗ ଆଶଙ୍କା ଅନେକାଂଶରେ କମାଇଥାଏ। ଆଳୁରେ 'ଫୋଲେଟ୍' ନାମକ ତତ୍ତ୍ୱ ରହିଛି, ଯାହା କ୍ୟାନ୍‌ସର କୋଷକୁ ବଢ଼ିବାକୁ ଦେଇ ନ ଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ।



# ଅସନ୍ତୁଳିତ ରକ୍ତ ସଞ୍ଚାଳନ ବଢ଼ାଏ କିଡ୍‌ନୀ ସମସ୍ୟା

**ଆ**ମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ଦରକାର। ନ ହେଲେ ଆମେ କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ଏହାଦ୍ୱାରା କେବଳ ହାର୍ଟ ନୁହେଁ, କିଡ୍‌ନୀର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି। 'ଅସନ୍ତୁଳିତ ରକ୍ତ ସଞ୍ଚାଳନ ଓ କିଡ୍‌ନୀ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଯଦି ଆମ ଶରୀରରେ ରକ୍ତ ପ୍ରବାହ



ଠିକ୍ ଭାବରେ ହେଉନାହିଁ, ତେବେ ତାହାର କେଉଁ ପ୍ରକାର ପ୍ରଭାବ କିଡ୍‌ନୀ ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କଠାରେ ଏଥିଯୋଗୁଁ କିଡ୍‌ନୀଜନିତ ସମସ୍ୟାର ଲକ୍ଷଣ ସେମାନେ ଦେଖିବାକୁ ପାଇଥିଲେ।

# ଟାଟୁ ପାଇଁ ହୋଇପାରେ ସ୍କିନ୍ କ୍ୟାନ୍‌ସର



**ବ**ର୍ତ୍ତମାନ ଯୁବପିଢ଼ିଙ୍କ ଫ୍ୟାଶନରେ ଟାଟୁ ବେଶ୍ ଆଗରେ ରହିଛି। ତେବେ ଏଥିପାଇଁ ବ୍ୟବହୃତ ରଙ୍ଗ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ ବୋଲି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଥିପାଇଁ ବ୍ୟବହାର କରାଯାଉଥିବା କେତେକ ରଙ୍ଗରେ ଏପରି ରାସାୟନିକ ତତ୍ତ୍ୱ ରହିଛି, ଯାହା ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ। ଏପରି କି ଏହାଦ୍ୱାରା ସ୍କିନ୍ କ୍ୟାନ୍‌ସର (ଚର୍ମ କର୍କଟ) ହେବାର ଆଶଙ୍କା ରହିଛି ବୋଲି ଗବେଷଣାରୁ ଜଣାପଡିଛି। କେବଳ ସେତିକି ନୁହେଁ, ଏହି ରଙ୍ଗ ହେପାଟାଇଟିସ୍ 'ବି'ର କାରଣ ସାଜିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ପୃଥିବୀ ବାହାରେ ଜୀବଜଗତ



ଇଂ. ମାୟାଧର ସ୍ୱାଇଁ

**ପୃ**ଥିବୀ ହେଉଛି ସୌରଜଗତର ଆଠଟି ଗ୍ରହ ମଧ୍ୟରୁ ଗୋଟିଏ। ସୂର୍ଯ୍ୟ ଚାରିପଟେ ସମସ୍ତ ଗ୍ରହ ପରିକ୍ରମଣ କରୁଛନ୍ତି। ସୂର୍ଯ୍ୟ ହେଉଛି ଆକାଶଗଙ୍ଗା ଗାଲାକ୍ସିର ଗୋଟିଏ ନକ୍ଷତ୍ର। ଏହି ଗାଲାକ୍ସିରେ କୋଟି କୋଟି ନକ୍ଷତ୍ର ଅଛନ୍ତି। ବିଶ୍ୱରେ ଆକାଶଗଙ୍ଗା ଭଳି ଲକ୍ଷ ଲକ୍ଷ ଗାଲାକ୍ସି ମଧ୍ୟ ଅଛି ଏବଂ ପ୍ରତ୍ୟେକ ଗାଲାକ୍ସିରେ ଅସଂଖ୍ୟ ନକ୍ଷତ୍ର ରହିଛି। ବୈଜ୍ଞାନିକମାନେ ସୌରଜଗତ ବାହାରେ ୪୦୦୦ରୁ ଅଧିକ ଗ୍ରହ ଆବିଷ୍କାର କଲେଣି। କିନ୍ତୁ ସମସ୍ତ ଗ୍ରହ ମଧ୍ୟରେ ପୃଥିବୀର ସ୍ଥାନ ହେଉଛି ଅନନ୍ୟ। ଏହାର କାରଣ ହେଉଛି ଯେ ଏଠାରେ ଜୀବଜଗତ ଗଢ଼ି ଉଠିଛି ଏବଂ ଅନ୍ୟ କୌଣସି ଗ୍ରହ କିମ୍ବା ଉପଗ୍ରହରେ ଏ ପର୍ଯ୍ୟନ୍ତ ଜୀବଜଗତର ସନ୍ଧାନ ମିଳିନାହିଁ।

ବିଗ୍ ବ୍ୟାଙ୍ଗ୍‌ରୁ ବିଶ୍ୱ ସୃଷ୍ଟି ହେବା ପରେ ସମାନ ବସ୍ତୁରୁ ସମସ୍ତ ଗାଲାକ୍ସି, ନକ୍ଷତ୍ର, ହ୍ରହ ଆଦି ସୃଷ୍ଟି ହୋଇଛି। ତେବେ ପୃଥିବୀରେ କେବଳ ଜୀବଜଗତ କାହିଁକି ଗଢ଼ି ଉଠିଲା ? ଅବଶ୍ୟ କୌଣସି ଗ୍ରହରେ ଜୀବଜଗତ ରହିପାରିବା ପାଇଁ ଗ୍ରହଟି ନକ୍ଷତ୍ରଠାରୁ ଏପରି ଦୂରତାରେ ରହିବା ଉଚିତ, ଯେପରି ସେଠାରେ ତାପମାତ୍ରା ଅଧିକ ହେବ ନାହିଁ କିମ୍ବା ଅତି କମ୍ ହେବ ନାହିଁ, ଯାହାଫଳରେ ଜଳ ତରଳ ଅବସ୍ଥାରେ ରହିପାରିବ। ନକ୍ଷତ୍ରଠାରୁ ଦୂରରେ ଯେଉଁ ଅଞ୍ଚଳରେ ଏହା ସମ୍ଭବ ହୋଇଥାଏ, ତାହାକୁ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ' କୁହାଯାଏ। ସୌରଜଗତରେ ସୂର୍ଯ୍ୟର ବାସଯୋଗ୍ୟ ଅଞ୍ଚଳରେ ପୃଥିବୀ ଥିବାରୁ ଏଠାରେ ଜୀବଜଗତର ବିକାଶ ହୋଇଛି।

କିନ୍ତୁ ପ୍ରଶ୍ନ ଉଠେ ଯେ ବିଶ୍ୱର କ'ଣ ଅନ୍ୟ କୌଣସି ନକ୍ଷତ୍ରରେ ବାସଯୋଗ୍ୟ ଅଞ୍ଚଳ ନାହିଁ! ବୈଜ୍ଞାନିକମାନେ ଆବିଷ୍କାର କରିଥିବା କେତୋଟି ସୌରେତର ଗ୍ରହ ବାସଯୋଗ୍ୟ ଅଞ୍ଚଳ ଥିବାର ଜଣାପଡ଼ିଛି। କିନ୍ତୁ ଏହି ଗ୍ରହଗୁଡ଼ିକ ଆମଠାରୁ ବହୁତ ଦୂରରେ ଥିବାରୁ ଆମେ ସେଠାରେ ଜୀବଜଗତ ଅଛି କି ନାହିଁ ତାହା ଜାଣିପାରୁନାହେଁ। ବାହ୍ୟଜଗତର ବୁଦ୍ଧିମାନ ଜୀବନ ପାଇଁ ପୃଥିବୀରୁ ସଙ୍କେତ ଛଡ଼ାଯାଇଛି ଏବଂ ଆଶା କରାଯାଉଛି ଯେ ସେମାନେ ଯଦି ଏହା ପାଇବେ ତାହାହେଲେ ଆମ ସହିତ ସମ୍ପର୍କ ସ୍ଥାପନ କରିପାରନ୍ତି। ଏହା ଅନ୍ଧାରରେ ବାଡ଼ି ବୁଲାଇବା ସହ ସମାନ। କେଉଁ ଗ୍ରହରେ ଜୀବନ ସମ୍ଭାବନା ଅଛି, ତାହା ଆମକୁ ଜଣା ନାହିଁ। ମନେକର ଆମଠାରୁ ୧୦୦ ଆଲୋକବର୍ଷ ଦୂରରେ ଗୋଟିଏ ଗ୍ରହରେ ବୁଦ୍ଧିମାନ ଜୀବ ଅଛନ୍ତି। ତାହାହେଲେ ଆମ ସଙ୍କେତ ପାଇବା ପାଇଁ ସେମାନଙ୍କୁ ୧୦୦ ବର୍ଷ ଲାଗିବ ଏବଂ ତାଙ୍କଠାରୁ ଆମେ ଫେରନ୍ତା ସଙ୍କେତ ପାଇବା ପାଇଁ ଆହୁରି ୧୦୦ ବର୍ଷ ଲାଗିବ। ଅର୍ଥାତ୍, ଦୁଇ ଶହ ବର୍ଷ ପରେ ଆମେ ସଙ୍କେତର ଉତ୍ତର ପାଇପାରିବା।

ଅନ୍ତରୀକ୍ଷକୁ ପଠାଯାଇଥିବା ଭୋୟେଜର-୧ ଓ ଭୋୟେଜର-୨ ମହାକାଶଯାନରେ ପୃଥିବୀର ବିଭିନ୍ନ ଜୀବଜନ୍ତୁ ଓ ଗାଣିତିକ ଚିହ୍ନ ଥାଇ ଫଳକ ପଠାଯାଇଛି। ଆଶା କରାଯାଉଛି ଯେ ବାହ୍ୟଜଗତର ଜୀବ ଏହାକୁ ଯଦି ପାଇବେ, ତାହାହେଲେ ସେମାନେ ଆମର ସନ୍ଧାନ ନେବାକୁ ଚେଷ୍ଟା କରିବେ। ଏହା ମଧ୍ୟ ଏକ ବୃଥା ପ୍ରୟାସ। ଆମର ନିକଟତମ ନକ୍ଷତ୍ର ହେଉଛି ପ୍ରକ୍ସିମା ସେଣ୍ଟାଉରି ଏବଂ ଏହା ଆମଠାରୁ ୪.୨ ଆଲୋକବର୍ଷ ଦୂରରେ ଅଛି। ଆମର ବର୍ତ୍ତମାନ ଉପଲବ୍ଧ ମହାକାଶଯାନର ବେଗ ଅନୁସାରେ ଏହା ସେଠାରେ ପହଞ୍ଚିବାକୁ ତିରିଶ ହଜାରରୁ ଅଧିକ ବର୍ଷ ଲାଗିବ।

ବିଶ୍ୱରେ ଥିବା କୋଟି କୋଟି ଗ୍ରହ ମଧ୍ୟରୁ ନିଶ୍ଚିତ ଭାବେ କେତୋଟିରେ ଜୀବଜଗତ ଥିବ। କିନ୍ତୁ ଆମର ବର୍ତ୍ତମାନର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ଆମେ ତାହା ଜାଣିବା ଲାଗି ଅକ୍ଷମ। ସୌରଜଗତରେ ଥିବା ବିଭିନ୍ନ ଗ୍ରହ ଓ ଉପଗ୍ରହ ନିକଟକୁ ମହାକାଶ ଯାନ ପଠାଇ ବିଶଦ ଭାବରେ ଅନୁଧ୍ୟାନ କରାଯାଇଛି। ସେଥିରେ ଉନ୍ନତ ଜୀବ ନାହାନ୍ତି। କିନ୍ତୁ କ୍ଷୁଦ୍ରାତିକ୍ଷୁଦ୍ର ଜୀବ ଥିବାର ସମ୍ଭାବନା ରହିଛି। ବୁଧ ହେଉଛି ସୂର୍ଯ୍ୟ ନିକଟତମ ଗ୍ରହ ଏବଂ ତାପମାତ୍ରା ଅଧିକ ଥିବାରୁ (୪୨୭ ଡିଗ୍ରୀ ସେଲସିୟସ) ଏଠାରେ ଜଳ ନାହିଁ। ଫଳରେ ଜୀବଜଗତର ସମ୍ଭାବନା ନାହିଁ। ଶୁକ୍ର ଓ ପୃଥିବୀର ଆକାର ଓ ବସ୍ତୁତ୍ୱ ସମାନ। କିନ୍ତୁ ଶୁକ୍ରର ବାୟୁମଣ୍ଡଳରେ ୯୭ ପ୍ରତିଶତ ଅଙ୍ଗାରକାମ୍ଳ ଥିବାରୁ 'ସବୁଜ ଗୃହ' ପ୍ରଭାବ ଯୋଗୁ ଏହାର ତାପମାତ୍ରା ମଧ୍ୟ ଅଧିକ (୪୬୦ ଡିଗ୍ରୀ ସେଲସିୟସ) ଏବଂ ଫଳରେ ଏଠାରେ ମଧ୍ୟ ଜୀବଜଗତ ଗଢ଼ିବା ସମ୍ଭବ ନୁହେଁ। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଅତୀତରେ ଶୁକ୍ରରେ ଜଳ ଥିଲା ଏବଂ ତାପମାତ୍ରା ବୃଦ୍ଧି ଯୋଗୁ ଏହା ବାଷ୍ପୀଭୂତ ହୋଇଯାଇଛି। ନିକଟରେ ଅଧ୍ୟୟନରୁ ଶୁକ୍ର ବାୟୁମଣ୍ଡଳରେ ଫସଫାଇନ୍ ଥିବାର ଜଣାପଡ଼ିଛି। ଶୁକ୍ର ବାଦଲରେ ସୂକ୍ଷ୍ମ ଜୀବ ଥିବାର ଏହା ସଙ୍କେତ।

> "ବିଶ୍ୱରେ ଥିବା କୋଟି କୋଟି ଗ୍ରହ ମଧ୍ୟରୁ ନିଶ୍ଚିତ ଭାବେ କେତୋଟିରେ ଜୀବଜଗତ ଥିବା କିନ୍ତୁ ଆମର ବର୍ତ୍ତମାନର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ଆମେ ତାହା ଜାଣିବା ଲାଗି ଅକ୍ଷମ। ସୌରଜଗତରେ ଥିବା ବିଭିନ୍ନ ଗ୍ରହ ଓ ଉପଗ୍ରହ ନିକଟକୁ ମହାକାଶ ଯାନ ପଠାଇ ବିଶଦ ଭାବରେ ଅନୁଧ୍ୟାନ କରାଯାଇଛି।"

ମଙ୍ଗଳ ଗ୍ରହରେ ଜୀବଜଗତକୁ ନେଇ ଅନେକ କଳ୍ପନାଜଳ୍ପନା ଥିଲା। ମାତ୍ର ସେଠାକୁ କେତେଗୁଡ଼ିଏ ପ୍ରୋବ୍ ପଠାଇବା ପରେ ଜଣାପଡ଼ିଛି ଯେ ସେଠାରେ ଜୀବ ନାହିଁ। କିନ୍ତୁ ଏହାର ପୃଷ୍ଠ ତଳେ ବରଫ କିମ୍ବା ଜଳ ଥିବାର ଜଣାପଡ଼ିଛି। ସେଠାରେ ମଧ୍ୟ ଅଣୁଜୀବ ଥିବାର ଆଶା କରାଯାଉଛି। ଯୁକ୍ତରାଷ୍ଟ୍ର ଆମେରିକାର ପର୍ସେଭେରାନସ୍ ଯାନ ଗତ ଏପ୍ରିଲ ମାସରେ ମଙ୍ଗଳପୃଷ୍ଠରେ ଅବତରଣ କରିଛି ଏବଂ ସେଠାରେ ଜୀବଜଗତର ସନ୍ଧାନ କରିବା ହେଉଛି ଏହାର ଅନ୍ୟତମ ଉଦ୍ଦେଶ୍ୟ।

ବୃହସ୍ପତିର ଉପଗ୍ରହ 'ୟୁରୋପା'ର ବରଫ ପୃଷ୍ଠ ତଳେ ଗୋଟିଏ ମହାସାଗର ଆବିଷ୍କୃତ ହୋଇଛି ଏବଂ ମହାସାଗର ତଳେ ଗୋଟିଏ ପଥୁରିଆ ଅଞ୍ଚଳ ରହିଛି। ହବଲ ଦୂରବୀକ୍ଷଣ ଯନ୍ତ୍ର ୨୦୧୩ ମସିହାରେ ଏହି ଉପଗ୍ରହରେ ପ୍ରାୟ ୨୦୦ କିମି ଉଚ୍ଚକୁ ଉଠିଥିବା ଗୋଟିଏ ଜଳୀୟବାଷ୍ପ ଶିଖାକୁ ଠାବ କରିଥିଲା। ଶନିର ବୃହତ୍ତମ ଉପଗ୍ରହ 'ଟାଇଟନ୍' ପୃଷ୍ଠରେ ନଦୀ ଓ ହ୍ରଦ ଅଛି ଏବଂ ସେଠାରେ ବର୍ଷା ମଧ୍ୟ ହେଉଛି। କିନ୍ତୁ ଏହା ଜଳ ନୁହେଁ। ସେଠାରେ ମିଥେନ୍ ଇଥେନର ହ୍ରଦ ଓ ନଦୀ ଅଛି। ପୁନଶ୍ଚ ଏହାର ପୃଷ୍ଠ ତଳେ ମହାସାଗର ଅଛି। ଏଣୁ ଟାଇଟନରେ ଅଣୁଜୀବ ଥିବାର ସମ୍ଭାବନା ଅଧିକ। ସେହିପରି ଶନିର ଅନ୍ୟ ଏକ ଉପଗ୍ରହ ଏନସିଲାଡସର ବରଫ ପୃଷ୍ଠ ତଳେ ଗୋଟିଏ ମହାସାଗର ଅଛି। କାସିନି ଯାନ ଏହି ଉପଗ୍ରହରେ ବଡ଼ ବଡ଼ ଉଷ୍ଣପ୍ରସ୍ରବଣ ଜଳ, ସୋଡିୟମ କ୍ଲୋରାଇଡ୍ ଓ ବରଫ ସ୍ରୋତ ନିର୍ଗତ ହେଉଥିବାର ଆବିଷ୍କାର କରିଛି। ଏଣୁ ସେଠାରେ ଅଣୁଜୀବର ସମ୍ଭାବନା ରହିଛି।



-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

# ଡେଙ୍ଗୁ: କାରଣ ଓ ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

**ସା**ରା ବିଶ୍ୱରେ ଦେଖାଯାଉଥିବା ବିଭିନ୍ନ ରୋଗଗୁଡିକ ମଧ୍ୟରୁ ଡେଙ୍ଗୁ ଭୂତାଣୁ ଦ୍ୱାରା ସୃଷ୍ଟି ହୋଇଥାଏ। ଏହି ରୋଗ ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ଏବଂ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଛି। ଡେଙ୍ଗୁ ପ୍ରଥମେ ୧୭୮୦ରେ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ) ସହରରେ ଚିହ୍ନଟ କରାଯାଇଥିଲା। ଏହା ଏପରି ଏକ ଜଟିଳ ରୋଗ, ଯାହାର ଉପଯୁକ୍ତ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରକ୍ତ ନମୁନା ପରୀକ୍ଷା କରି ଡେଙ୍ଗୁ ଚିହ୍ନଟ ହେବା ପରେ ଔଷଧ ଖାଇବା ଦ୍ୱାରା ଉକ୍ତ ସଂକ୍ରମଣରୁ ଆମେ ରକ୍ଷା ପାଇପାରିବା। ଡେଙ୍ଗୁ ଏକ ଭୂତାଣୁଜନିତ ରୋଗ ।

ମାଈ 'ଏଡିସ୍' ମଶା କାମୁଡ଼ିବା ଦ୍ୱାରା ସୁସ୍ଥ ମନୁଷ୍ୟ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥାଏ। ଏଡିସ୍ ମଶା ହିଁ ଡେଙ୍ଗୁ ରୋଗର ବାହକ। ଏହି ମଶା ଦିନବେଳା ଏବଂ ମଣିଷର ଆଣ୍ଠୁ ତଳକୁ କାମୁଡ଼ିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସୂଚନା ଅନୁଯାୟୀ ପ୍ରତିବର୍ଷ ସାରାବିଶ୍ୱରେ ପ୍ରାୟ ୫ ଲକ୍ଷ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥାନ୍ତି।



**ଲକ୍ଷଣ :** ଡେଙ୍ଗୁ ସାଧାରଣତଃ ଛୋଟ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସବୁବର୍ଗର ଲୋକଙ୍କୁ ସଂକ୍ରମିତ ହୋଇଥାଏ। ଏଡିସ୍ ମଶା କାମୁଡ଼ିବା ଦ୍ୱାରା ସୁସ୍ଥ ମନୁଷ୍ୟଠାରେ ପ୍ରାୟତଃ ୪ ରୁ ୧୦ ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ। ଶରୀରରେ ତାପମାତ୍ରା ୧୦୪F ବୃଦ୍ଧି ପାଇବା ସହ ମାଂସପେଶୀ, ହାଡ଼ ଓ ଖଞ୍ଜା ଆଦିରେ ଯନ୍ତ୍ରଣା ଅନୁଭବ ହେବା ସହ ଆଖିପତା ବ୍ୟଥା, ମୁଣ୍ଡବ୍ୟଥା ଆଦି ଲକ୍ଷଣ ଦେଖାଦେଇଥାଏ। ଶରୀରରେ ଲାଲ ଦାଗ ଦେଖାଦେବା ସହିତ କେତେକ ସ୍ଥଳରେ ବାନ୍ତି ହୋଇଥାଏ। ଏହିସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ସେବନ କରିବା ଉଚିତ।

**ଏଡିସ୍ ମଶାର ଉତ୍ପତ୍ତି ସ୍ଥାନ:** ଏଡିସ୍ ମଶାର ପ୍ରାଦୁର୍ଭାବ ସାଧାରଣତଃ ବର୍ଷାଋତୁରେ ଦେଖାଦେଇଥାଏ। ଏଡିସ୍ ମଶା ସାଧାରଣତଃ ଦୀର୍ଘ ଦିନ ଧରି ଜମି ରହିଥିବା ପାଣିରେ ବଂଶ ବିସ୍ତାର କରିଥାଏ। ଘରେ ପଡ଼ିରହିଥିବା ଭଙ୍ଗା ଆସବାବପତ୍ର, ଅର୍ଦ୍ଧଭଙ୍ଗା ହାଣ୍ଡି, କାଚ, ନଡ଼ିଆ ଶଢ଼େଇ, ଆଇସ୍‌କ୍ରିମ ଖୋଳ, ପଥର ଖାଲ, ପୁରୁଣା ଟାଇଲରେ ବର୍ଷା ଦିନେ ଜମି ରହୁଥିବା ପାଣିରେ ଏହି ମଶା ବଂଶ ବିସ୍ତାର କରିଥାଆନ୍ତି। ଡେଙ୍ଗୁ ରୋଗରେ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ସୁସ୍ଥ ଲୋକଙ୍କଠାରେ ଡେଙ୍ଗୁ ଭୂତାଣୁ ଏଡିସ୍ ମଶା ଦ୍ୱାରା ସଂକ୍ରମିତ ହୋଇଥାଏ।

**ପ୍ରତିକାର :** ଏଡିସ୍ ମଶା କାମୁଡ଼ାରୁ ଦୂରେଇ ରହିବା ନିମନ୍ତେ ମଶାରି ଟାଙ୍ଗି ଶୋଇବା, ଶରୀରକୁ ପୋଷାକ ଆଚ୍ଛାଦିତ କରି ରଖିବା, ଗୋଡ଼ରେ ନିମ୍ବତେଲ ଲଗାଇବା, ରସୁଣକୁ ବାଟି ଲେପ ଦେବା, ରସୁଣକୁ ଛେଚି ତେଲ ମିଶାଇ ଲଗାଇବା ଉଚିତ।

ବାସଗୃହର ଚାରିପଟ ସଫାସୁତୁରା ରଖିବା ସହ ମାଟି ସମତଳ କରିବା ଉଚିତ, ଯେପରି କୌଣସି ସ୍ଥାନରେ ପାଣି ଜମି ନ ରହିବ। ଏହାସହ ପାଣି ରଖିଥିବା ପାତ୍ର, ପାଣି ଟାଙ୍କି, କୁଲର ଇତ୍ୟାଦିକୁ ୨ରୁ ୩ ଦିନରେ ଥରେ ସଫାକରି ପାଣି ବଦଳାଇବା ଉଚିତ।

ଆୟୁର୍ବେଦିକ ଚିକିତ୍ସା ଶାସ୍ତ୍ରରେ ଡେଙ୍ଗୁ ରୋଗର ପ୍ରତିରୋଧ ତଥା ଉପଶମ ନିମନ୍ତେ କେତେକ ପରାମର୍ଶ ରହିଛି, ଯାହାକି ଡେଙ୍ଗୁ ରୋଗୀଙ୍କ ପାଇଁ ଅମୃତତୁଲ୍ୟ କାର୍ଯ୍ୟ କରି ଥାଏ। ତୁଳସୀ ପତ୍ର, ଜଷ୍ଟିମହୁ, କଞ୍ଚା ହଳଦୀ ଆଦି ସେବନ ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ଡେଙ୍ଗୁ ଭୂତାଣୁକୁ ପ୍ରତିରୋଧ କରିଥାଏ। ଏହାସହ ପଇଡ଼ ପାଣି, ଡାଳିମ୍ବ, କମଳା, ମେଥି, ପୋଇଶାଗ ଆଦିକୁ ଖାଦ୍ୟ ରୂପେ ଖାଇବା ଉଚିତ। ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତି ତେଲଛଣା ଖାଦ୍ୟ, ମସଲାଯୁକ୍ତ ଖାଦ୍ୟ, ଆମିଷ ଖାଦ୍ୟ ଖାଇବା ଉଚିତ ନୁହେଁ। ଡେଙ୍ଗୁ ଏକ ଜଟିଳ ତଥା ମାରାତ୍ମକ ରୋଗ। ତେଣୁ ଏହାର ଲକ୍ଷଣ ପ୍ରକାଶ ପାଇବାମାତ୍ରେ ଡାକ୍ତରଙ୍କ ପରାମର୍ଶ ନେଲେ ଏହି ରୋଗରୁ ଉପଶମ ପାଇବା ସହ ଜୀବନ ରକ୍ଷା ହୋଇପାରିବ।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭





# ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣ ଅଧିକ ସମୟ ଚେୟାରରେ ବସି କାମ କରୁଛନ୍ତି, ତେବେ ସବୁବେଳେ ସିଧା ବସି କାମ କରନ୍ତୁ। କାରଣ ଏହାଦ୍ୱାରା ଅଣ୍ଟା ଉପରେ ଚାପ ପଡ଼ିବାର ଆଶଙ୍କା କମ୍ ଥାଏ। ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ଚେୟାରରୁ ଉଠି କିଛି ସମୟ ଚାଲବୁଲ କରନ୍ତୁ।

➤ରାତ୍ରିଭୋଜନ କରିବା ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ। କାରଣ ଆମେ ଯଦି ଦିନକୁ ଦୁଇ ଥର ସକାଳେ ଏବଂ ରାତିରେ ଖାଇ ସାରିବା ପରେ ଦାନ୍ତ ଘଷିବା, ତେବେ ଦାନ୍ତଜନିତ ସମସ୍ୟା ଦେଖାଯିବାର ଆଶଙ୍କା କମ୍ ଥାଏ।

➤ଆପଣ ଯଦି କୌଣସି ଦୀର୍ଘକାଳୀନ ରୋଗରେ ପୀଡିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ଦୃଷ୍ଟିଶକ୍ତିଜନିତ ସମସ୍ୟା ଥିଲେ ଅନେକେ ଚଷମା ନ ପିନ୍ଧି କାମ କରିଥାଆନ୍ତି। ଆପଣ କେତେବେଳେ ଚଷମା ପିନ୍ଧିବେ ଏବଂ କେତେବେଳେ ପିନ୍ଧିବେ ନାହିଁ, ସେ ବିଷୟରେ ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।

➤ସକାଳୁ ଉଠି ଦାନ୍ତ ନ ଘଷି ଗ୍ଲାସେ କିମ୍ବା ଦୁଇ ଗ୍ଲାସ ପାଣି ପିଅନ୍ତୁ। ଏହା ପେଟଜନିତ ରୋଗ ଆଶଙ୍କାକୁ କେତେକାଂଶରେ ଦୂରକରିଥାଏ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ପ୍ରଥମ ଦିନିକିଆରେ ଭାରତ ବିଜୟୀ

**କଲମ୍ବୋ, ୧୮।୭**

ରବିବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୭ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଅଧିନାୟକ ଶିଖର ଧାୱନ ଓ ପଦାର୍ପଣକାରୀ ଇଶାନ କିଶନ ପ୍ରଭାବୀ ବ୍ୟାଟିଂ କରି ଭାରତର ବିଜୟକୁ ସହଜ କରିଛନ୍ତି। ଶ୍ରୀଲଙ୍କା ୫୦ ଓଭରରେ ୯ ଉଇକେଟ ହରାଇ ୨୬୨ ରନ କରିଥିଲା। ଭାରତ ୩୬.୪ ଓଭରରେ ୩ ଉଇକେଟ ହରାଇ ୨୬୩ ରନ ସଂଗ୍ରହ କରି ନେଇଥିଲା। ଧାୱନ ୯୫ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୮୬ ଓ ସୂର୍ଯ୍ୟକୁମାର ଯାଦବ ୨୦ ବଲ୍‌ରୁ ୫ ଚୌକା ସହ ୩୧ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ଚତୁର୍ଥ ଉଇକେଟରେ ଏ ଦୁହେଁ ୩୬ ବଲ୍‌ରୁ ୪୮ ରନ ସଂଗ୍ରହ କରିଥିଲେ। ଏହି ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ଏହି ମ୍ୟାଚରେ ଭାରତ ପକ୍ଷରୁ ଇଶାନ କିଶନ ଓ ସୂର୍ଯ୍ୟକୁମାର ଯାଦବ ଏବଂ ଶ୍ରୀଲଙ୍କାର ଭାନୁକା ରାଜପାକ୍ସା ଦିନିକିଆ ପଦାର୍ପଣ କରିଥିଲେ। ଶ୍ରୀଲଙ୍କାର ଅଧିକାଂଶ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେ। ମାତ୍ର ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଚାମିକା କରୁଣାରତ୍ନେ ୩୫ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ଦ୍ରୁତ ୪୩ ରନ କରିବାରୁ ଘରୋଇ ଦଳ ୨୬୨ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଦସୁନ ଶନକା ୫୦ ବଲ୍‌ରୁ ୩୯(୨ ଚୌକା, ୧ ଛକା), ଚରିଥ ଆଶାଲଙ୍କା ୬୫ ବଲ୍‌ରୁ ୩୮, ଓପନର ଅଭିସ୍କା ଫର୍ନାଣ୍ଡୋ ୩୫ ବଲ୍‌ରୁ ୩୨(୨ ଚୌକା, ୧ ଛକା), ମିନୋଦ ଭାନୁକା ୪୪ ବଲ୍‌ରୁ ୨୭ (୩ ଚୌକା) ଓ ଭାନୁକା ରାଜପାକ୍ସା ୨୨ ବଲ୍‌ରୁ ୨୪(୨ ଚୌକା, ୨ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଦୀପକ ଚହର, ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ କ୍ରୃନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅପରାଜିତ ଇନିଂସ୍ ଅବସରରେ ଶଟ୍ ଖେଳୁଛନ୍ତି ଅଧିନାୟକ ଶିଖର ଧାୱନ।

### ପଦାର୍ପଣରେ ଇଶାନଙ୍କ ଚମକ

୨୬୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଓପନିଂ ଯୋଡ଼ିରେ ୩୩ ବଲ୍‌ରୁ ୫୮ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ସ୍ୱାଭାବିକ ଭଙ୍ଗୀରେ ଆକ୍ରମଣାତ୍ମକ ଖେଳି ପୃଥ୍ୱୀ ଶ' ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ତେବେ ଦଳୀୟ ସ୍କୋର ୫୮ ହୋଇଥିବାବେଳେ ୬ଷ୍ଠ ଓଭରର ତୃତୀୟ ବଲ୍‌ରେ ସେ ଅଭିସ୍କା ଫର୍ନାଣ୍ଡୋଙ୍କ ବଲ୍‌ରେ ଧନଞ୍ଜୟ ଡି'ସିଲ୍‌ଭାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୨୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପୃଥ୍ୱୀ ୯ ଚୌକା ସହାୟତାରେ ୪୩ ରନ ସଂଗ୍ରହ କରିଥିଲେ। ଅଧିନାୟକ ଶିଖର ଧାୱନଙ୍କ ସହ ଇଶାନ କିଶନ କ୍ରିଜରେ ଯୋଗଦେବାପରେ ରନହାର ପୂର୍ବପରି ବଜାୟ ରହିଥିଲା। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ଇଶାନ ନିଜ ପଦାର୍ପଣ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ୩୨ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ଇଶାନ ଦ୍ୱିତୀୟ ଉଇକେଟରେ ୭୪ ବଲ୍‌ରୁ ୮୫ ରନର ଭାଗୀଦାରି ଗଢ଼ି ଆଉଟ ହୋଇଥିଲେ। ସେ ୪୨ ବଲ୍‌ରୁ ୮ ଚୌକା ଓ ୨ ଛକା ସହାୟତାରେ ୫୯ ରନ ସଂଗ୍ରହ କରିଥିଲେ। ସତର୍କତାର ସହିତ ଖେଳିଥିବା ଧାୱନ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ସେ ଏଥିପାଇଁ ୬୧ଟି ବଲ୍‌ର ସହାୟତା ନେଇଥିଲେ। ୩୦.୪ ଓଭରରେ ୨୧୫ ରନ ହୋଇଥିବାବେଳେ ଭାରତର ୩ୟ ଉଇକେଟର ପତନ ଘଟିଥିଲା। ମନୀଷ ପାଣ୍ଡେ ୪୦ ବଲ୍‌ରୁ ୨୬(୧ ଚୌକା, ୧ ଛକା) ରନ କରିଥିବାବେଳେ ଧନଞ୍ଜୟ ଡି'ସିଲ୍‌ଭାଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଧନଞ୍ଜୟ ଡି'ସିଲ୍‌ଭା ୨ଟି ଓ ଲକ୍ଷଣ ସନ୍ଦକନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୬୨/୯ (ଚାମିକା କରୁଣାରତ୍ନେ-୪୩*, ଦସୁନ ଶନକା-୩୯, ଚରିଥ ଆଶାଲଙ୍କା-୩୮, ଅଭିସ୍କା ଫର୍ନାଣ୍ଡୋ-୩୨, ଦୀପକ ଚହର-୨/୩୭, ୟୁଜବେନ୍ଦ୍ର ଚହଲ-୨/୫୨, କୁଲଦୀପ ଯାଦବ-୨/୪୮, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୩, କ୍ରୃନାଲ ପାଣ୍ଡ୍ୟା-୧/୨୬)। ଭାରତ ୩୬.୪ ଓଭରରେ ୨୬୩/୩(ଶିଖର ଧାୱନ-୮୬*, ଇଶାନ କିଶନ-୫୯, ପୃଥ୍ୱୀ ଶ'-୪୩, ମନୀଷ ପାଣ୍ଡେ-୨୬, ସୂର୍ଯ୍ୟକୁମାର ଯାଦବ-୩୧*, ଧନଞ୍ଜୟ ଡି'ସିଲ୍‌ଭା-୨/୪୯,ଲକ୍ଷଣସନ୍ଦକନ-୧/୫୩)।

# ପଦ୍ମିନୀଙ୍କ ଅଭିଯାନ ଶେଷ

**ଭୁବନେଶ୍ୱର, ୧୮।୭(କ୍ରୀଡ଼ା ପ୍ରତିନିଧି)**

ରୁଷିଆର ସୋଚିଠାରେ ଚାଲିଥିବା ମହିଳା ଚେସ୍ ବିଶ୍ୱକପରୁ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତଙ୍କ ଅଭିଯାନ ଶେଷ ହୋଇଛି। ଦ୍ୱିତୀୟ ରାଉଣ୍ଡରେ ସେ ଇରାନର ସରସାଦତଙ୍କଠାରୁ ୧-୩ରେ ପରାଜିତ ହୋଇଛନ୍ତି। "ମୋ ପାଇଁ ବିଶ୍ୱକପ ଅଭିଯାନ ଶେଷ ହୋଇଛି। ମୁଁ ଭଲଭାବେ ପ୍ରସ୍ତୁତ ହୋଇଥିଲି ବୋଲି ଅନୁଭବ କରିଥିଲି, ମାତ୍ର ମୋ ପ୍ରତିଦ୍ୱନ୍ଦ୍ୱି ତା'ଠାରୁ ଭଲ ଖେଳିଲେ। ଗତବର୍ଷ ମୁଁ କେବଳ ବିଶ୍ୱକପ ଉପରେ ହିଁ ଫୋକସ କରିଥିଲି। ତେବେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିଥିବାରୁ ଖୁସି ଅଛି। ମୋତେ ସମର୍ଥନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ମୁଁ ଖେଳିବାକୁଥିବା ଆଗାମୀ ଟୁର୍ନାମେଣ୍ଟରେ ନିଶ୍ଚିତ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିବି" ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ପଦ୍ମିନୀ। ଏବେ ଜଣେ ପ୍ରଶଂସକଭାବେ ସେ ସାଥି ଖେଳାଳିଙ୍କୁ ଉତ୍ସାହିତ କରିବେ ବୋଲି ଏହି ଚେସ୍ ତାରକା ପ୍ରକାଶ କରିଛନ୍ତି।

# ଦିନିକିଆ ଫର୍ମାଟରେ ୧୬ବର୍ଷରୁ କମ୍ କ୍ରିକେଟ

**ଭୁବନେଶ୍ୱର, ୧୮।୭(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଦିନିକିଆ ଫର୍ମାଟରେ ଅନୁଷ୍ଠିତ ହେବ। ଏହାର ପ୍ରାରମ୍ଭିକ ପର୍ଯ୍ୟାୟ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବ। ଲିଗ୍ ମ୍ୟାଚ ଗୁଡ଼ିକ ଅଗଷ୍ଟ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଯାଉଥିବା ଦଳ ଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ କଟକ-ଏ, ଯାଜପୁର, କେନ୍ଦୁଝର, କିଟ୍, ପାରାଦୀପ, କନ୍ଧମାଳ, ଗ୍ରୁପ୍ 'ବି'ରେ କଟକ-ବି, ସୁନ୍ଦରଗଡ଼, ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁର, ମାଲକାନଗିରି, ଗ୍ରୁପ 'ସି'ରେ ଭୁବନେଶ୍ୱର-ଏ, ଗଜପତି, ଖୋର୍ଦ୍ଧା, ନୂଆପଡ଼ା, ନୟାଗଡ଼, ଦେବଗଡ଼ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ 'ଡି'ରେ ଭୁବନେଶ୍ୱର-ବି, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ପୁରୀ, ସୋନପୁର, ଗ୍ରୁପ୍ 'ଇ'ରେ ବାଲେଶ୍ୱର, କେନ୍ଦ୍ରାପଡ଼ା, ଗଞ୍ଜାମ, ଅନୁଗୋଳ, କଳାହାଣ୍ଡି, ବୌଦ୍ଧ ଏବଂ ଗ୍ରୁପ୍ 'ଏଫ'ରେ ରାଉରକେଲା, ସମ୍ବଲପୁର, କୋରାପୁଟ, ଜଗତସିଂହପୁର, ମୟୂରଭଞ୍ଜ ଓ ରାୟଗଡ଼ା ରହିଛି।

# କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟ ୨୬ରୁ

**ଭୁବନେଶ୍ୱର, ୧୮।୭(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆନ୍ତଃଜିଲା କଳାହାଣ୍ଡି କପ୍ (ସିନିୟର ଓ ୧୯ ବର୍ଷରୁ କମ୍) ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ରବିବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଚଳିତ ମାସ ୨୬ ତାରିଖରୁ ମ୍ୟାଚ ଗୁଡ଼ିକ ଆରମ୍ଭ ହେବ। ଟୁର୍ନାମେଣ୍ଟରେ ଭାଗ ନେବାକୁ ଯାଉଥିବା ଦଳ ଗୁଡ଼ିକ ୬ଟି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ 'ଏ'ରେ ରହିଛନ୍ତି ଇକୋର୍ସା, କେନ୍ଦ୍ରାପଡ଼ା, ଗଞ୍ଜାମ, ଅନୁଗୋଳ, କଳାହାଣ୍ଡି ଓ ବୌଦ୍ଧ। ସେହିପରି ଗ୍ରୁପ୍ 'ବି'ରେ କଟକ-ବି, ସୁନ୍ଦରଗଡ଼, ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁର, ମାଲକାନଗିରି, ଗ୍ରୁପ୍ 'ସି'ରେ ଭୁବନେଶ୍ୱର-ଏ, ବାଲେଶ୍ୱର, ଖୋର୍ଦ୍ଧା, ନୂଆପଡ଼ା, ନୟାଗଡ଼ ଦେବଗଡ଼ ଏବଂ ଗ୍ରୁପ୍ 'ଡି'ରେ ଭୁବନେଶ୍ୱର-ବି, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ପୁରୀ ଓ ସୋନପୁର ରହିଛନ୍ତି। ଗ୍ରୁପ୍ 'ଇ'ରେ ଥିବା ଦଳ ଗୁଡ଼ିକ ହେଲେ କଟକ-ଏ, ଯାଜପୁର, କେନ୍ଦୁଝର, କିଟ୍, ପାରାଦୀପ, କନ୍ଧମାଳ ଏବଂ ଗ୍ରୁପ୍ 'ଏଫ'ରେ ରାଉରକେଲା, ସମ୍ବଲପୁର, କୋରାପୁଟ, ଜଗତସିଂହପୁର, ମୟୂରଭଞ୍ଜ, ଗଜପତି ଓ ରାୟଗଡ଼ା ସ୍ଥାନ ପାଇଛନ୍ତି। ଲିଗ୍ ମ୍ୟାଚ ଗୁଡ଼ିକ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ବ୍ରିଟିଶ ଗ୍ରାଁପ୍ରି ଜିତିଲେ ହାମିଲଟନ



ଲୁଇସ୍ ହାମିଲଟନ୍

**ସିଲ୍‌ଭରଷ୍ଟୋନ୍, ୧୮।୭ (ଏପି):** ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ନାଟକୀୟ ଭାବେ ବ୍ରିଟିଶ ଫର୍ମୁଲା ୱାନ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ୧୦ସେକେଣ୍ଡ ପେନାଲ୍ଟି ସତ୍ତ୍ୱେ ସେ ଫେରାରିର ଚାର୍ଲ୍ସ ଲେକ୍‌ରେକଙ୍କୁ ପଛରେ ପକାଇ ଏଠାରେ ଟାଇଟଲ ବିଜୟୀ ହୋଇଛନ୍ତି। ତାଙ୍କ ଟିମ୍‌ମେଟ୍ ଭାଲଟେରୀ ବୋଟାସ ତୃତୀୟ ହୋଇଛନ୍ତି। ଚଳିତ ସିଜନରେ ହାମିଲଟନଙ୍କର ଏହା ଚତୁର୍ଥ ଟାଇଟଲ। ୮ମ ଥର ପାଇଁ ସେ ବ୍ରିଟିଶ ଗ୍ରାଁ ପ୍ରି ଚାମ୍ପିୟନ ହୋଇପାରିଛନ୍ତି। ଏଠାରେ ବିଜୟ ଦ୍ୱାରା ସେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଭର୍ଷ୍ଟାପେନ୍‌ଙ୍କଠାରୁ ମାତ୍ର ୮ପଏଣ୍ଟ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପ୍ରଥମ ଲାପ୍‌ରେ ଦୁର୍ଘଟଣା ପରେ ଫର୍ମୁଲା ୱାନ ଚାମ୍ପିୟନଶିପ୍ ଲିଡର ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ରେସ୍‌ରୁ ଓହରି ଯାଇଥିଲେ। ହାମିଲଟନଙ୍କ କାର୍‌ର ଆଗ ଚକା ଭର୍ଷ୍ଟାପେନଙ୍କ କାରର ପଛ ଚକା ଛୁଇଁବାରୁ ଭର୍ଷ୍ଟାପେନ୍‌ଙ୍କ କାର୍ ବ୍ୟାରିୟର ସହ ଜୋର୍‌ରେ ପିଟି ହୋଇଯାଇଥିଲା। ବ୍ୟାରିୟରର ମରାମତି ପାଇଁ ରେସ୍‌କୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। ହାମିଲଟନଙ୍କୁ ୧୦ସେକେଣ୍ଡ ପେନାଲ୍ଟି ହୋଇଥିଲା। ଦୁର୍ଘଟଣା ପରେ ଭର୍ଷ୍ଟାପେନ୍ ଯଦିଓ କାର୍‌ରୁ ସୁରକ୍ଷିତ ଭାବେ ବାହାରିଥିଲେ, ସତର୍କତାମୂଳକ ପରୀକ୍ଷା ପାଇଁ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲକୁ ନିଆଯାଇଥିଲା।

# ଅଲିମ୍ପିକ୍ସ ପଦକ ବିଜେତାଙ୍କ ପାଇଁ ଓଓଏର ପୁରସ୍କାର ଘୋଷଣା

**ଭୁବନେଶ୍ୱର, ୧୮।୭(କ୍ରୀଡ଼ା ପ୍ରତିନିଧି)**




କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ ଚଳିତ ମାସ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଜାପାନର ଟୋକିଓରେ ହେବାକୁ ଯାଉଛି। ଏଥିରେ ଓଡ଼ିଶାର ୫ ଏବଂ ପାରାଲିମ୍ପିକ୍ସରେ ଜଣେ ଭାଗ ନେବାକୁ ଯାଉଛନ୍ତି। ୧୦୦ ଓ ୨୦୦ ମିଟର ରେସ୍‌ରେ ଦୂତୀ ଚାନ୍ଦ ଭାଗ ନେବାକୁ ଯାଉଥିବାବେଳେ ମହିଳା ହକି ଦଳରେ ଦୀପ୍ ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋ ଏବଂ ପୁରୁଷ ହକି ଦଳରେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସାମିଲ ଅଛନ୍ତି। ସେହିପରି ପାରାଲିମ୍ପିକ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ପ୍ରମୋଦ ଭଗତ ଅଂଶଗ୍ରହଣ କରିବେ। ଅଲିମ୍ପିକ୍ସରେ ଓଡ଼ିଶାର ପଦକ ବିଜେତାଙ୍କ ପାଇଁ ରବିବାର ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଛି। ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୫ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୩ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦିଆଯିବ ବୋଲି ଓଓଏ ପକ୍ଷରୁ ପ୍ରକାଶ କରାଯାଇଛି। ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଆଥଲେଟ୍ ମାନଙ୍କୁ ଓଓଏ ସମ୍ପାଦକ ଅଭିଜିତ ପାଲ, ସଭାପତି ଜଗମୋହନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ମେଗା ପ୍ରତିଯୋଗିତାରେ ଓଡ଼ିଆ ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଶୁଭକାମନା ବ୍ୟକ୍ତ କରାଯାଇଛି। ପ୍ରକାଶ ଯୋଗ୍ୟ ଯେ, ଅଲିମ୍ପିକ୍ସରେ ପଦକ ବିଜେତାଙ୍କ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ପୂର୍ବରୁ ପୁରସ୍କାର ଘୋଷଣା କରାଯାଇଥିଲା। ସ୍ୱର୍ଣ୍ଣ ପଦକ ପାଇଁ ୬ କୋଟି, ରୌପ୍ୟ ଲାଗି ୪ କୋଟି ଏବଂ ବ୍ରୋଞ୍ଜ ପଦକ ଜିତିଲେ ୨.୫ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରକାଶ କରାଯାଇଥିଲା।

# ମଙ୍ଗୋଲିଆ, ତାଜିକିସ୍ତାନ ଓ ସୁଇଜରଲାଣ୍ଡ ଆଇସିସିର ନୂଆ ସଦସ୍ୟ

**ଦୁବାଇ, ୧୮।୭ (ପି.ଟି):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ୭୮ତମ ବାର୍ଷିକ ସାଧାରଣ ବୈଠକରେ ମଙ୍ଗୋଲିଆ, ତାଜିକିସ୍ତାନ ଓ ସୁଇଜରଲାଣ୍ଡକୁ ନୂଆ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଭର୍ଚୁଆଲି ଅନୁଷ୍ଠିତ ଏହି ବୈଠକରେ ମଙ୍ଗୋଲିଆ ଓ ତାଜିକିସ୍ତାନକୁ ଏସିଆ ଅଞ୍ଚଳର ୨୨ତମ ଓ ୨୩ ତମ ସଦସ୍ୟ ଭାବେ ଏବଂ ସୁଇଜରଲାଣ୍ଡକୁ ୟୁରୋପର ୩୫ତମ ସଦସ୍ୟ ଭାବେ ସ୍ୱାଗତ କରାଯାଇଥିଲା।



## ରାସ୍ତା ଉନ୍ନତୀକରଣ ପାଇଁ ପତ୍ର ଲେଖିଲେ ବ୍ଲକ ଅଧ୍ୟକ୍ଷା

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୩ନଂ. ଜୋନ୍‌ର ଗୌରଗୋଠ ପଞ୍ଚାୟତର ରତାଖଣ୍ଡିରୁ ସୋନପୁର ସୀମାକୁ ଲାଗିଥିବା ଆରଡି ରାସ୍ତାର ଉନ୍ନତୀକରଣ ପାଇଁ ଦାବି କରିଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର। ପଞ୍ଚାୟତ ସମିତି କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୯/୨୧ରେ ସେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କ ମାଧ୍ୟମରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ବିଭାଗୀୟ ମନ୍ତ୍ରୀ, ଜିଲାପାଳ, ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ସେ ଚିଠି ଲେଖିଛନ୍ତି। ରତାଖଣ୍ଡିରୁ ସୋନପୁର ସୀମା ପର୍ଯ୍ୟନ୍ତ ଭାୟା ବଡବାହାଲ, ମାଲପଡା, କୁନ୍ଦେଇମାଲ, ବନ୍ଧପାଲି, ଥାଲବନ୍ଧ, ଭୀମଡୁଙ୍ଗୁରୀ, ମୁକୁନ୍ଦପୁର, ହିର୍ଲିମାଲ ଓ ପୁଇଁନ୍ତଲା ବ୍ଲକର ଫଲସାପଦର ପର୍ଯ୍ୟନ୍ତ ୨୫ କିଲୋମିଟର ରାସ୍ତାର ଉନ୍ନତୀକରଣ କରିବାକୁ ଚିଠିରେ ସେ ଉଲ୍ଲେଖ କରିଛନ୍ତି।

# ସଂକ୍ଷେପରେ

## ୩୩ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ଅଭିଯୋଗ

**ଲୋଇସିଂହା,୧୮।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ବିଶାଳପାଲି ଏବଂ କଠାରପାଲି ଗ୍ରାମର ୩୩ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ବିଶାଳପାଲି ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସେବା ଯୋଗାଣ ପାଇଁ ଗ୍ରାମର କେନାଲ ଖଣିରେ ୨୫ କେଭିର ଟ୍ରାନ୍ସଫର୍ମର ବସିଛି। ଏହି ଟ୍ରାନ୍ସଫର୍ମରୁ ଜଳ ଯୋଗାଣ ମଧ୍ୟ କରାଯାଉଛି। ଏହାବାଦ୍ ଗ୍ରାମରେ ବିଦ୍ୟୁତ ଉପଭୋକ୍ତା ସଂଖ୍ୟା ବଢି ଚାଲିଛି। ଫଳରେ ଉକ୍ତ ୨୫କେଭି ଟ୍ରାନ୍ସଫର୍ମର ଲୋଡ ନେଇ ନ ପାରି ଲୋଭୋଲଟେଜ ସମସ୍ୟା ଲାଗି ରହୁଛି। ଏହା ବ୍ୟତୀତ ଉଭୟ ଗ୍ରାମର ୩୩ ପରିବାର ଏବେ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଲେ ସେମାନେ ଉପକୃତ ହୋଇ ପାରନ୍ତେ ବୋଲି କହିଛନ୍ତି।

## ବରଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ

### ୨ ଘଣ୍ଟା ପରେ ଉଦ୍ଧାର ହେଲେ ଯୁବକ

**ବାଉଁଶୁଣୀ,୧୮।୭(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ଅନ୍ତର୍ଗତ ଝିଙ୍କରପାଲି ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ ବିବାଦରୁ ଜଣେ ଯୁବକ ଗାଆଁରେ ଥିବା ଏକ ବିଶାଳ ବର ଗଛରେ ଚଢି ଆତ୍ମହତ୍ୟା କରିବାକୁ ଧମକ ଦେବା ଓ କୌଶଳ କ୍ରମେ ତାଙ୍କୁ ଉଦ୍ଧାର କରାଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାମାଳ ବ୍ଲକ ଗୁଣ୍ଡିମହୁଲ ଗ୍ରାମର ଧୀରେନ ସାହୁ ଝିଙ୍କେରପାଲି ଗ୍ରାମର ରାଜୁ ଖଟୁଆଙ୍କ ଝିଅକୁ ବିବାହ କରିଛନ୍ତି। ଶନିବାର କୌଣସି କଥାକୁ ନେଇ ଧୀରେନ ନିଜ ସ୍ତ୍ରୀ ଓ ଶ୍ୱଶୁରଙ୍କ ସହ ପାଟିତୁଣ୍ଡ ଓ ମାରପିଟ କରି ଆତ୍ମହତ୍ୟାର ଧମକ ଦେଇ ବର ଗଛ ଉପରକୁ ଚଢି ଯାଇଥିଲେ। ତଳକୁ ଓହ୍ଲାଇବା ପାଇଁ ପରିବାର ଲୋକ ଓ ଗ୍ରାମବାସୀ କହିଥିଲେ ମଧ ସେ କାହାରି କଥା ଶୁଣି ନ ଥିଲେ। ଦୁଇ ଘଣ୍ଟା ଧରି ଗଛ ଉପରେ ରହି ଆତ୍ମହତ୍ୟାର ଧମକ ଦେଇ ଚାଲିଥିଲେ। ଶେଷରେ ଗ୍ରାମର କେତେଜଣ ଯୁବକ ଗଛ ଉପରକୁ ଚଢି ଧୀରେନଙ୍କୁ କୌଶଳ କ୍ରମେ କାବୁ କରି ତଳକୁ ଆଣିଥିଲେ। ତଳକୁ ଓହ୍ଲାଇବା ପରେ ବି ପୁନର୍ବାର ସେ ନିକଟରେ ଥିବା ଗୋଟିଏ କୂଅକୁ ଡେଇଁବା ପାଇଁ ଉଦ୍ୟମ କରିବାରୁ ତାଙ୍କୁ ଗ୍ରାମବାସୀ ଧରି ନେଇ ଗ୍ରାମର ପ୍ରହର ମଣ୍ଡପରେ ଅଟକ ରଖିଥିଲେ। ଯୁବକଙ୍କ ଏଭଳି ହରକତ ଯୋଗୁ ତାଙ୍କ ଶ୍ୱଶୁର ମନମୁଣ୍ଡା ଥାନାରେ ରବିବାର ଅଭିଯୋଗ କରିଥିବା ସୂଚନା ମିଳିଛି। ଯୁବକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଏପରି କାଣ୍ଡ ଭିଆଇଥିବା କୁହାଯାଉଛି।

## 'ତଥାପି ତୁଳସୀ', 'ନିଶାନ୍ତ ନିସନ୍ନ' ପୁସ୍ତକ ଉନ୍ମୋଚିତ

**ଭବାନୀପାଟଣା,୧୮।୭(ଡି.ଏନ.ଏ.):** କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିସରରେ କବୟିତ୍ରୀ ତଥା ଅଧାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ରଚିତ ଦୁଇଟି ପୁସ୍ତକ 'ତଥାପି ତୁଳସୀ' ଓ 'ନିସାନ୍ତ ନିସନ୍ନ' ଉନ୍ମୋଚିତ ହୋଇଛି। କୋଭିଡ୍ ଗାଇଡଲାଇନ୍ ମଧରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ ଶତପଥୀ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧରେ ରେଜିଷ୍ଟ୍ରାର ପୀତାମ୍ବର ଭୋଇ, ଆସୋସିଏଟ ପ୍ରଫେସର ପଦ୍ମଲୋଚନ ଭୋଇ, ଅଧାପକ ଅଖିଳ ନାୟକ, ଲେଖକ ସଜିତ ରଥେ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା,୧୮।୭(ଡି.ଏନ.ଏ.):** ୨୦୧୧୦ାରୁ ୨୦୨୦ ପର୍ଯ୍ୟନ୍ତ ଜଙ୍ଗଲ ଜମି ପଟ୍ଟାରେ କଳାହାଣ୍ଡି ଜିଲାର ଜନସାଧାରଣ ଧାନ ଚାଷକୁ ନେଇ ବୀମା କରାଇ ଫସଲ ବୀମା ଟଙ୍କା ପାଉଛନ୍ତି। ଏହି ଜଙ୍ଗଲ ଜମି ପଟ୍ଟାକୁ ଫସଲ ବୀମାରେ ସାମିଲ କରା ନ ଯାଏ ତାହା ହେଲେ ୮୦ ପ୍ରତିଶତ ଆଦିବାସୀ ଓ ହରିଜନ ଲୋକ ଏହି ଫସଲ ବୀମା କରିବାରୁ ବଞ୍ଚିତ ହେବେ। କଳାହାଣ୍ଡି ଯୁବ କଂଗ୍ରେସ ପକ୍ଷରୁ ଏ ନେଇ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ତ୍ରିଲୋଚନ ପାଣିଗ୍ରାହୀ, ସଦାନନ୍ଦ ମାଝି, ସୁରେଶ ରାଓ, ସାଗର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ସମସ୍ୟା ଅସମାହିତ, ଫଳକରେ ସ୍ୱାସ୍ଥ୍ୟସେବା

**ବରଗଡ଼ ଅଫିସ୍,୧୮।୭**

ବରଗଡ଼ ସହରରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଦେଢ଼ବର୍ଷ ହେଲା ତାର ମାନ୍ୟତା ହରାଇଛି। ସହରଠାରୁ ପ୍ରାୟ ୮ କି.ମି. ଦୂର ଖେଦାପାଲି(ଟୁକୁର୍ଲା)ରେ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇଛି। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ମାନ୍ୟତା ହରାଇଛି, ହେଲେ ମୁଖ୍ୟଦ୍ୱାରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଫଳକ ଏପର୍ଯ୍ୟନ୍ତ ହଟିନାହିଁ। ସହରବାସୀଙ୍କ ଦାବି, ଆନ୍ଦୋଳନ ପରେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ରାଜ୍ୟ ସରକାର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ଅର୍ବାନ୍ ସିଏଚ୍‌ସି) ଭାବେ ଘୋଷଣା କରିଛନ୍ତି। ହେଲେ ଅର୍ବାନ ସିଏଚ୍‌ସି ସ୍ୱାସ୍ଥ୍ୟସେବା, ଆନୁସଙ୍ଗିକ ବ୍ୟବସ୍ଥା, ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଆଦି ଉପଲବ୍ଧ ହୋଇପାରି ନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଏବେ ଅସନ୍ତୋଷ କୁହୁଳୁଛି।

ନିକଟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ୨୩ ପଦବୀ ମଞ୍ଜୁର ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦବୀ ପୂରଣ ହୋଇନାହିଁ। ଅନ୍ୟପଟେ ଡେପୁଟେଶନରେ ଏଠାରେ ୬ ଡାକ୍ତର ଅବସ୍ଥାପିତ ହୋଇ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ସେହିପରି କାଁଭାଁ କେତୋଟି ସାଧାରଣ ରକ୍ତ, ପରିସ୍ରା ପରୀକ୍ଷାକୁ ଛାଡ଼ିଦେଲେ ଅନ୍ୟ ସବୁ ଜରୁରୀ ପରୀକ୍ଷା ଏଠାରେ ଉପଲବ୍ଧ ହେଉନାହିଁ। କୁକୁର କାମୁଡ଼ା ଇଞ୍ଜେକ୍ସନ ସମେତ ବିଭିନ୍ନ ଅତ୍ୟାବଶ୍ୟକ ଔଷଧ ମଧ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଏଥିପାଇଁ ରୋଗୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସବୁଠି ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଠାରେ ପ୍ରସବ ଅସ୍ତ୍ରୋପଚାର କରାଯାଉ ନାହିଁ। ଏଠାକୁ ଆସୁଥିବା ଗର୍ଭବତୀଙ୍କୁ ସେଥିପାଇଁ ୮ କି.ମି. ଦୂର ନୂତନ ଜିଲା ମୁଖ୍ୟ ଡାକ୍ତରଖାନା କିମ୍ବା ବୁର୍ଲାକୁ ଯିବା ପାଇଁ ପରାମର୍ଶ ଦିଆଯାଉଛି। ଏଭଳିସ୍ଥଳେ ପ୍ରସବ ପାଇଁ ଏଠାକୁ ଆସୁଥିବା ଗର୍ଭବତୀ ତଥା ନବଜାତ ଶିଶୁର ଜୀବନ ପ୍ରତି ବିପଦ ରହିଛି। ଗତ କିଛିଦିନ ତଳେ ଅନୁରୂପ ଭାବେ ଜଣେ ପ୍ରସୂତୀ, ନବଜାତ ଶିଶୁଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ନବଜାତକର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ଥାନାକୁ ମଧ୍ୟ ଯାଇଥିଲା। ଏହା ଏକ ଦୃଷ୍ଟାନ୍ତ ମାତ୍ର, ଏଭଳି ଅନେକ ଘଟଣା ଏଠାରେ ଘଟି ଚାଲିଥିବା ସାଧାରଣରେ ଆଲୋଚିତ ହେଉଛି। ଏହା ସହିତ ଏଠାରେ ବିଦ୍ୟୁତ୍ ଏକ ପ୍ରମୁଖ ସମସ୍ୟା ପାଲଟିଛି। ଜେନେରେଟର କାମ କରୁ ନ ଥିବା ଯୋଗୁ ବିଦ୍ୟୁତ୍ ଚାଲିଗଲେ ରୋଗୀଙ୍କୁ ଅନ୍ଧାରରେ ରହିବାକୁ ପଡୁଛି। ଏ ନେଇ ହସ୍ପିଟାଲ ବଞ୍ଚାଅ ଅଭିଯାନ ରମେଶ ମହାପାତ୍ର କହିଛନ୍ତି, ସିଏଚସି ଘୋଷଣା ପରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟସେବା, ଡାକ୍ତର, ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ନେଇ ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଆଜି ଯାଏ ପୂରଣ ହୋଇନାହିଁ। ଏହି ପ୍ରସଙ୍ଗ ନେଇ ହସ୍ପିଟାଲ ବଞ୍ଚାଅ ଅଭିଯାନ ପୁଣି ଲଢ଼େଇକୁ ଓହ୍ଲାଇବ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟ ସରକାର ସବୁବେଳେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଆସୁଛନ୍ତି, ଏହି ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଶନିବାର ସିଡିଏମଓ, ଏଡିଏମଓଙ୍କ ସହିତ ଆଲୋଚନା ହୋଇଛି। ଅତିଶୀଘ୍ର ପ୍ରସବ ଅସ୍ତ୍ରୋପଚାର ସମେତ ଅନ୍ୟ ସ୍ୱାସ୍ଥ୍ୟସେବାଗୁଡ଼ିକ ମଧ୍ୟ ଏଠାରେ ଉପଲବ୍ଧ ହେବ ବୋଲି ସେ କହିଥିଲେ।



ବରଗଡ଼ ସହରରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା।

### ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା

# ଅଘୋଷିତ ବିଦ୍ୟୁତ୍ କାଟ୍, ଶୁଳ୍କ ବୃଦ୍ଧିକୁ ବିରୋଧ


ଚେରୁପାଲି ବିଦ୍ୟୁତ୍ ସେକ୍ସନ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯାଉଛି।

**ସୋନପୁର,୧୮।୭(ନି.ପ୍ର.)**

ବିଦ୍ୟୁତ୍ ସମସ୍ୟାକୁ ନେଇ ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ରବିବାର ଆନ୍ଦୋଳନ କରାଯାଇଛି। ଜିଲାର ଖାରୀ, ଚେରୁପାଲି ଓ ତରଭା ବିଦ୍ୟୁତ୍ ସେକ୍ସନ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା, କରୋନା ମହାମାରୀ ସମୟରେ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ହ୍ରାସ କରିବା ଓ ଗ୍ରାମାଞ୍ଚଳରେ ସଠିକ୍ ଭୋଲ୍‌ଟେଜ୍ ଯୋଗାଇଦେବାକୁ ଭାଜପା ଦାବି କରିଛି। ଏ ସମ୍ପର୍କରେ ସମ୍ପୃକ୍ତ ସେକ୍ସନ ଅଫିସରଙ୍କ ଜରିଆରେ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଡୁଙ୍ଗୁରିପାଲି ବ୍ଲକ ଚେରୁପାଲିରେ ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ନିତେଇ ପାଲ, ସୁଦାମ ସାହୁ, ଡାକ୍ତର ସେଠ୍ ଓ ରଥ ସାହୁ ସାମିଲ ହୋଇଥିଲେ। ସୋନପୁର ବ୍ଲକ ଖାରୀରେ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଶ୍ୟାମ ଶତପଥୀ, ରାମେଶ୍ୱର ପଧାନ, ଦଶରଥ ମିଶ୍ର ଓ ପୁରୁଷୋତ୍ତମ ସାହୁ ଏଥିରେ ସାମିଲ ହୋଇଥିଲେ। ତରଭାରେ ରାମ ନାରାୟଣ ବେଜ୍‌ଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ପ୍ରାକ୍ତନ ଜିଲା ସଭାପତି ସୁରେଶ ଚନ୍ଦ୍ର ମହଲା, ରାଜ କିଶୋର ମେଣ୍ଡଲି, ଗୋବିନ୍ଦ ମେହେର ଓ ପୁରୁଷୋତ୍ତମ ମେହେର ଅଂଶଗ୍ରହଣ କରିଥିଲେ।

# ଅଣ୍ଡରରେଟରେ ଧାନ ବିକୁଛି ଚାଷୀ

**ଲୋଇସିଂହା,୧୮।୭(ଡି.ଏନ.ଏ)**

ଚଳିତ ବର୍ଷ ରବି ଧାନ କିଣାବିକାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଥିଲା। ଏବେ ପ୍ୟାକ୍ସରେ ଖରିଫ ଧାନ କିଣା ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଛି। ହେଲେ ବିଡମ୍ବନାର ବିଷୟ ଏହା ଯେ, ବଲାଙ୍ଗୀର ଜିଲାରେ ରବିଧାନ ଅମଳ କରିଥିବା ଚାଷୀ ଧାନ ବିକ୍ରି କରି ନପାରି ଏବେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ମଣ୍ଡି ବନ୍ଦ ପରେ ବେପାରୀମାନେ କୁଇଣ୍ଟାଲ ପ୍ରତି ୧ହଜାରରୁ ୧୧ଶହ ମଧ୍ୟରେ ଚାଷୀଙ୍କଠାରୁ ଧାନ କିଣୁଥିବା ପରିଲକ୍ଷିତ ହେଉଛି। ଚାଷୀ ଶୋଷଣର ଶିକାର ହେଉଥିଲେ ବି ଅନ୍ୟପନ୍ଥା ନାହିଁ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୧୦ଟି ପ୍ୟାକ୍ସ ମଧ୍ୟରୁ ଗଡଶଙ୍କର ଡୁଙ୍ଗରିପାଲି, ବାଦିମୁଣ୍ଡା, ସରଗାଡ, କୁଶମେଲ, କୁଶଙ୍ଗ, ରେଙ୍ଗାଲି, ଯୋଗୀସର୍ଡା, କନ୍ଦାଜୁରୀ ପ୍ୟାକ୍ସ ଅଧୀନ ଚାଷୀମାନେ ରବି ଋତୁରେ ଉଠା ଜଳସେଚନ ଜରିଆରେ ଧାନ ଚାଷ କରିଥାନ୍ତି। ଏହି ସ୍ଥାନମାନଙ୍କରେ ଖରିଫ ପରି ରବି ଧାନକୁ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ ମଣ୍ଡିର ବ୍ୟବସ୍ଥା କରାଯାଇଥାଏ। ହେଲେ ମଣ୍ଡି ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ଚାଷୀ ସରକାରୀ ସୁବିଧା ପାଇବା ପରିବର୍ତ୍ତେ ଶୋଷଣର ଶିକାର ହେଉଛନ୍ତି। ବ୍ଲକ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ କହନ୍ତି, ବ୍ଲକର ନଦୀତଟ ଗ୍ରାମର ପ୍ରାୟ ୫ଶହ ହେକ୍ଟର ଜମିରେ ରବିଧାନ ଚାଷ ହୋଇଥିଲା। ଯେଉଁ ଚାଷୀ ଧାନ ବିକ୍ରି ଲାଗି ପଞ୍ଜିକରଣ କରି ନ ଥିବେ ସେମାନେ ହୁଏତ ଅଭାବୀ ବିକ୍ରିର ଶିକାର ହୋଇ ଥାଇ ପାରନ୍ତି। ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦଙ୍କୁ ପଚାରିବାରୁ ଅଣ୍ଡରରେଟରେ ଚାଷୀ ଧାନ ବିକ୍ରି କରିଥିବା ନେଇ ଆମ ପାଖରେ ସୂଚନା ନାହିଁ ବୋଲି କହିଛନ୍ତି।


ଗ୍ରାମାଞ୍ଚଳରୁ ଅଣ୍ଡରରେଟରେ ଧାନ କିଣି ଟ୍ରାକ୍ଟରରେ ବେପାରୀ ନେଉଛନ୍ତି।

- କୁଇଣ୍ଟାଲ ପିଛା ୧ହଜାରରୁ ୧୧ ଶହ ଟଙ୍କାରେ ଧାନ ଉଠାଉଛନ୍ତି ବେପାରୀ
- ରବିମଣ୍ଡି ବନ୍ଦ ପରେ ଚାଷୀ ଭୋଗୁଛନ୍ତି ଦୁର୍ଦ୍ଦଶା

# ଶପଥ ନେଲେ ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା

**ଟିଟିଲାଗଡ଼, ୧୮।୭(ଡି.ଏନ.ଏ.)**

ଟିଟିଲାଗଡ଼ ଲାୟନ୍ସ କ୍ଲବର ୨୦୨୧-୨୨ ବର୍ଷ ପାଇଁ ମନୋନୀତ ହୋଇଥିବା ସଭାପତି ଏବଂ ତାଙ୍କର ଟିମ୍ ସଦସ୍ୟ ରବିବାର ଶପଥ ଗ୍ରହଣ କରିଛନ୍ତି। ଟିଟିଲାଗଡ଼ ଚାରଭଟା ଓମ୍‌ଭ୍ୟାଲି ସ୍କୁଲ ସମ୍ମିଳନୀ କକ୍ଷରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପିଏମସିସି ସଭ୍ୟ ସଞ୍ଜୟ ସାହୁ, ଭିଡିଜିଓାନ ଯମୁନା ପ୍ରସାଦ ଗୋୟଲ, ରିଜିଓନାଲ ଚେୟାରମ୍ୟାନ ବିନ୍ଦୁ ସାହୁ, ପୂର୍ବତନ ସଭାପତି ରତ୍ନାକର ସାହୁ, ଲିଓ କ୍ଲବର ପୂର୍ବତନ ସଭାପତି ଅମିତ ଅଗ୍ରୱାଲ ମଞ୍ଚାସୀନ ଥିଲେ। ସଭାପତିଭାବେ ଦୀପକ ପୃଷ୍ଟି, ସମ୍ପାଦକ ଆଶୀର୍ବାଦ ମହାପାତ୍ର, କୋଷାଧ୍ୟକ୍ଷ ସଜ୍ଜନ କମାନି ଶପଥ ନେଇଛନ୍ତି। ଡାଇରେକ୍ଟର ଭାବେ ପ୍ରଭାସ ସାହୁ, ସତ୍ୟନାରାୟଣ ଶର୍ମା, ମଦନ ମୋହନ ପୃଷ୍ଟି, ଘନଶ୍ୟାମ ଜୈନ, କେ.ତ୍ରିନାଥ ରାଓ, ଗୋପାଳ ଲାଠ, ସଦସ୍ୟତା ଚେୟାରପର୍ସନ ଭାବେ ଶମ୍ଭୁପ୍ରସାଦ ଗୋୟଲ, ସର୍ଭିସ ଚେୟାରପର୍ସନ ବିଜୟ ସାହୁ, ମାର୍କେଟିଂ ଚେୟାର ପର୍ସନ ସଞ୍ଜୟ କୁମାର ନାୟକ, ଲିଓ କ୍ଲବ ଉପଦେଷ୍ଟା ଦୀପକ ଗୋୟଲ, ଏଲସିଆଇ ଅଫ କୋଅର୍ଡିନେଟରଭାବେ ଦୀପକ ସାହୁ, ସଞ୍ଜୟ ସାହୁ ଶପଥ ଗ୍ରହଣ କରିଛନ୍ତି। ଏହି ଅବସରରେ ପୂର୍ବ ବର୍ଷମାନଙ୍କରେ ଭଲ କାମ କରି ସେବା ଯୋଗାଇଥିବା ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଦୁଇ ଜଣ ନୂତନ ସଦସ୍ୟ ବୀରବର ସାହୁ ଏବଂ ଆବାସ ଖାଁ ସଦସ୍ୟତା ଗ୍ରହଣ କରିଥିଲେ। ଓମ୍‌ଭେଲି ସ୍କୁଲ ଚେୟାରମ୍ୟାନ ଲାୟନ୍ସ ଦୀପକ ସାହୁଙ୍କୁ ବିଶିଷ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା।

# ଶିବିରରେ ୩୪ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୧୮।୭**

ବରଗଡ଼ ବ୍ଲକ ସରସରା ଗ୍ରାମରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ୩୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର, ବିଜୁ ଯୁବ ଜନତା ଦଳର ଜିଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜୀବନବିନ୍ଦୁର ଜିଲା ସହସଂଯୋଜକ ଅଶ୍ୱିନୀ ତ୍ରିପାଠୀ, ସରସରା ସରପଞ୍ଚ ମିଳନ ନାଗ, ପୂର୍ବତନ ସରପଞ୍ଚ ସମୀର ପଣ୍ଡା, ଶିକ୍ଷାବିତ ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ରାଜେଶ ପ୍ରଧାନ, ସୁବାଷ ନାୟକ, କ୍ଷୀରେଶ୍ୱର ଭୋଇ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଏନ୍‌ଟିଏସ୍‌ଇରେ ବିକାଶ ଛାତ୍ରଙ୍କ ସଫଳତା


ବିକାଶର କୃତୀ ଛାତ୍ର ସାତ୍ତ୍ୱିକ ସଂକଳ୍ପ ଖମାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଉଛି ।

**ବରଗଡ଼ ଅଫିସ୍,୧୮।୭**

ଜାତୀୟସ୍ତରୀୟ ଏନ୍‌ଟିଏସ୍‌ଇ ୨୦୨୦-୨୧ ଷ୍ଟେଜ-୨ରେ ବରଗଡ଼ ବିକାଶ ଆବାସିକ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ସାତ୍ତ୍ୱିକ ସଂକଳ୍ପ ଖମାରୀ ଏବଂ ଭୁବନେଶ୍ୱର ଶାଖାର ଅବକାଶ ମେହେର କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ଡାଇରେକ୍ଟର(ଏକାଡେମିକ୍ସ) ଜି. ରାମକ୍ରିଷ୍ଣା, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପ୍ରମୁଖ କୃତଜ୍ଞତା ଜ୍ଞାପନ ସହିତ କୃତୀ ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ବିକାଶ ଆବାସିକ ସ୍କୁଲ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ବିବେକ, ଡାଇରେକ୍ଟର ନରେନ୍ଦ୍ରନାଥ ପଣ୍ଡା ପ୍ରମୁଖ ଛାତ୍ରଙ୍କ କୃତିତ୍ୱକୁ ପ୍ରଶଂସା କରିଛନ୍ତି। ସାତ୍ତ୍ୱିକ ଆଇଆଇଟିରେ କମ୍ପ୍ୟୁଟର ସାଇନ୍ସ ପଢ଼ି ଇସ୍ରୋରେ ନିଜ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି।

# ନଳକୂପରୁ ବାହାରୁଛି ଦୂଷିତ ଜଳ

**ବିନିକା, ୧୮।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହର ଏବଂ ଗ୍ରାମାଞ୍ଚଳରେ ଥିବା ଏକାଧିକ ନଳକୂପରୁ ଏବେ ଦୂଷିତ ପାଣି ବାହାରୁଛି। ବ୍ୟବହାର ଉପଯୋଗୀ ହୋଇ ନ ଥିଲେ ହେଁ, ଅନ୍ୟନୋପାୟ ହୋଇ ଲୋକେ ଏହାକୁ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ସରକାରୀ ତଥ୍ୟନୁସାରେ ବିନିକାଞ୍ଚଳରେ ୧୪୩୨ଟି ନଳକୂପ ରହିଛି। ଉକ୍ତ ନଳକୂପରେ ବ୍ଲିଚିଂ ପକାଇ ଜଳ ବିଶୋଧନ ହୋଇନାହିଁ। ସ୍ୱାସ୍ୱ୍ୟ ବିଭାଗ ଗାଇଡ୍ ଲାଇନ୍ ଅନୁସାରେ ପ୍ରତି ୩ମାସରେ ଥରେ ନଳକୂପରେ ବ୍ଲିଚିଂ ସିଞ୍ଚନ ସହ ଜଳର ନମୂନା ପରୀକ୍ଷଣ କରିବା କଥା। ମାତ୍ର ଏଠାରେ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଏନେଇ ସ୍ୱାସ୍ଥ୍ୟ ବିଭାଗ ବିପିଓ ନାରାୟଣ ମେହେରଙ୍କୁ ପଚାରିବାରୁ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫାର୍ମାଶିଷ୍ଟମାନଙ୍କ ଜରିଆରେ ବ୍ଲିଚିଂ ଦିଆଯାଇଛି। ଯଦି ବ୍ଲିଚିଂ ସିଞ୍ଚନ ହୋଇ ନ ଥିବ ତେବେ ଖୁବ୍‌ଶୀଘ୍ର ଏହି କାମ କରାଯିବ। ଏ ନେଇ ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି ଓ ଆଶାକର୍ମୀଙ୍କୁ ସୂଚିତ କରାଯିବ ବୋଲି ସେ କହିଥିଲେ।

# ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ

**ଦେଓଗାଁ,୧୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଂଗ୍ରେସ ପକ୍ଷରୁ ରବିବାର ପର୍ଯ୍ୟଟନସ୍ଥଳ ଭୀମପାହାଡଠାରେ ଚାରାରୋପଣ ଓ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ପ୍ରବକ୍ତା ସମରେନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମକର୍ତ୍ତା ଯୋଗଦେଇ ଗଛ ଲଗାମା, ଜୀବନ ବଞ୍ଚାମା ନାରାଦେଇ ଭୀମପାହାଡ ପାଦଦେଶରେ ଚାରାରୋପଣ କରିଥିଲେ। ପରେ ଅନୁଷ୍ଠିତ ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ପାଇଁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ବିଶ୍ୱଜିତ ପାତ୍ର, କୁନା ସାହୁ, ସମୀର ସାହୁ, କୈଳାସ ତାଣ୍ଡି, ମନବୋଧ ହରପାଲ, ମୟ ପ୍ରଧାନୀ, ଅନ୍ତ ଚୌହାନ, ପ୍ରଫୁଲ୍ଲ ଦାଶ, ମାର୍କଣ୍ଡ ମେହେର, ଗଦନ ବେହେରା, ଭିକାରୀ ପଧାନ, ଅର୍ଜୁନ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଭୀମପାହାଡ଼ଠାରେ ବ୍ଲକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

# ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ କୋଶଳାଞ୍ଚଳକୁ ଉପେକ୍ଷା

**ବଲାଙ୍ଗୀର ଅଫିସ,୧୮।୭**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଶଳାଞ୍ଚଳ ପ୍ରତି ସରକାରଙ୍କ ଉପେକ୍ଷାକୁ ନେଇ କୋଶଳ ଯୁବ ସମନ୍ୱୟ ସମିତି ପକ୍ଷରୁ ଗୁରୁତର ଅଭିଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ଆଞ୍ଚଳିକ ବୈଷମ୍ୟ କରାଯାଇଥିବା ଅଭିଯୋଗ ନେଇ ସମିତି ପକ୍ଷରୁ ପଦଯାତ୍ରା କରାଯିବ ବୋଲି ସୂଚନା ଦିଆଯାଇଛି। ସ୍ଥାନୀୟ ଯାଦବ ଭବନଠାରେ ରବିବାର ସମିତି ପକ୍ଷରୁ ଏହି ପ୍ରସଙ୍ଗ ନେଇ ଖବରଦାତା ସମ୍ମିଳନୀ କରାଯାଇଥିଲା। ଯୁବ ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି ଯେ, ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ସମଗ୍ର ରାଜ୍ୟ ପାଇଁ ପ୍ରାୟ ୮ ଲକ୍ଷ ୧୭ ହଜାର ୪୪୪ଟି ପ୍ରଧାନମନ୍ତ୍ରୀ ଆବାସ ଘୋଷଣା କରାଯାଇଛି। ତେବେ ଏହି ଯୋଜନାରେ କୋଶଳାଞ୍ଚଳର ବରଗଡ, ବଲାଙ୍ଗୀର ବୌଦ୍ଧ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି। କୋଶଳାଞ୍ଚଳ ବାକି ଅଞ୍ଚଳରେ ଅଳ୍ପ କିଛି ଟାର୍ଗେଟ ସ୍ଥିର କରାଯାଇଛି। ସମଗ୍ର ଯୋଜନାର ୯୮ ପ୍ରତିଶତ ବାସଗୃହ କେବଳ ଉପକୂଳ ଓଡିଶା ପାଇଁ ଧାର୍ଯ୍ୟ କରାଯାଇଛି ବୋଲି ଯୁବ ସମନ୍ୱୟ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ସରକାରଙ୍କ ଆଞ୍ଚଳିକ ବୈଷମ୍ୟଜନିତ ନିଷ୍ପତ୍ତି ବିରୋଧରେ ଓ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବିରେ କୋଶଳ ଯୁବ ସମନ୍ୱୟ ସମିତି ତରଫରୁ ଏକ ୬ ଦିନିଆ ପଦଯାତ୍ରା କରାଯିବ ବୋଲି ସୂଚନା ଦିଆଯାଇଛି। ଆସନ୍ତା ଜୁଲାଇ ୨୩ ତାରିଖରେ କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ମନ୍ଦିରରୁ ଆରମ୍ଭ ହୋଇ ବରଗଡ ଯାଏଁ ପଦଯାତ୍ରା ଯିବ। ଏହି ସପ୍ତାହ ବ୍ୟାପୀ ପଦଯାତ୍ରା ପ୍ରଥମ ଦଫାରେ ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସମିତି କାର୍ଯ୍ୟକାରୀ ସଭାପତି ରିଲୁ ରଥ, ଉପସଭାପତି ବିନୋଦ କାଲସାଏ, ସମ୍ପାଦକ ସିପୁନ ଖମାରୀ, ସମ୍ପାଦକ ଗିରିରାଜ ଭୋଇ, ଜିଲା କମିଟି ଆବାହକ ରଞ୍ଜନ ଖୁଆସ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କୋଶଳ ଯୁବ ସମନ୍ୱୟ ସମିତି ସଦସ୍ୟମାନେ ସୂଚନା ଦେଉଛନ୍ତି।

- ପ୍ରତିବାଦରେ ୨୩ରୁ କଳାହାଣ୍ଡି-ବରଗଡ଼ ପଦଯାତ୍ରା
- ସାମିଲ ହେବେ ଶତାଧିକ ଯୁବତୀ, ଯୁବକ

## ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୂଆପଡ଼ା ଅଫିସ: ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ନୂଆମାଳପଡା ନୂତନ ପଞ୍ଚାୟତ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିନାଇପାଲି ବିଡିଓ ସଦାଶିବ ନାଏକ, ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନି ମାଝି, ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ, ଜିଲା ପରିଷଦ ସଦସ୍ୟ ଗିରିଜା ମାଝି, ପ୍ରିୟ ରଞ୍ଜନ ମେହେର, ପ୍ରଧାନ ମୁଣ୍ଡ, ଉଜ୍ଜ୍ୱଳ ସିଂ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆମାଳପଡା ପଞ୍ଚାୟତ ସରପଞ୍ଚ ବନିତା ପୋଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ତରୁଣ କୁମାର ମେହେର ପରିଚାଳନା କରିଥିଲେ। ଗଣେଷ ପୋଡ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ଗଞ୍ଜେଇ ଚୋରାଚାଲାଣ: ୩ କୋର୍ଟ ଚାଲାଣ

**କେସିଙ୍ଗା,୧୮।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ସହର ଦେଇ ବିହାର ଛପ୍ରା ଜିଲା ଅଭିମୁଖେ ବୋଲେରୋରେ ଚାଲାଣ ହେଉଥିବା ଗଞ୍ଜେଇକୁ ଶନିବାର ରାତିରେ କେସିଙ୍ଗା ପୋଲିସ ଜବତ କରିଛି। ଘଟଣାରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିହାର ଛୋପ୍ରା ଜିଲା ଭେଲଦୀ ଥାନା ପତ୍ରାହିକାଲାର ଏମଡି ଟିପୁ ସୁଲତାନ (୨୨), ଆମରନାଉ ଥାନା ଧରହଖୁର୍ଦ୍ଦ ଗ୍ରାମର ମନ୍‌ଶୁର ଆଲାମ (୨୦), ଉତ୍ତରପ୍ରଦେଶର ବଳିଆ ଜିଲା ମହୁଆ ଗ୍ରାମର ଆଞ୍ଜୁ ସୋନି (୨୯)। ଏହି ୩ଜଣ ବୋଲେରୋ (ନଂ.ଜେଏଚ୦୫-୬୨୬୩) ଯୋଗେ ନବରଙ୍ଗପୁରଠାରୁ କେସିଙ୍ଗା ଦେଇ ବିହାର ଅଭିମୁଖେ ଯାଉଥିଲେ। କେସିଙ୍ଗା ଥାନା ନିକଟରେ ପୋଲିସ ଗାଡ଼ି ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବାହାରି ଥିଲା। ପୋଲିସ ସେମାନଙ୍କଠାରୁ ୧୬୬.୩୧୪ କେଜି ଗଞ୍ଜେଇ, ଏକ ପାନକାର୍ଡ, ଗୋଟିଏ ଏଟିଏମ, ଆଧାର କାର୍ଡ, ୩ ମୋବାଇଲ, ନଗଦ ୧୫୭୦ ଟଙ୍କା ଜବତ କରିଛି।

## ଲେଭଲ-ବି ଏକ୍ସ କ୍ୟାଡର ସଂଘ ବୌଦ୍ଧ ବ୍ଲକର ବୈଠକ

**ବାଉଁଶୁଣୀ,୧୮।୭(ଡି.ଏନ.ଏ.):** ବୌଦ୍ଧ ଜିଲା ସଦର ବ୍ଲକର ଲେଭଲ-ବି ଏକ୍ସକ୍ୟାଡ଼ର ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ରବିବାର ମୁଣ୍ଡିପଦର ହାଇସ୍କୁଲ ଠାରେ ବ୍ଲକ ସଭାପତି ସରୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବୀରବିକ୍ରମ ପ୍ରଧାନ ସଭା ପରିଚାଳନା କରିଥିଲେ । ଜିଲା ସଭାପତି ରଞ୍ଜୁ ଅମାତ ଯୋଗଦେଇ ହାଇକୋର୍ଟ କେସ,ଏନପିଏସ, ୬ ମାସର ବକେୟା ଦରମା ସମ୍ପର୍କରେ ଆଲୋଚନା କରିଥିଲେ। କିପରି ଖୁବଶୀଘ୍ର ଏସବୁର ସମାଧାନ ହୋଇପାରିବ ସେ ନେଇ ଉପସ୍ଥିତ କାର୍ଯ୍ୟକର୍ତ୍ତା ମତବ୍ୟକ୍ତ କରିଥଲେ । ଅନ୍ୟମାନଙ୍କ ମଧରେ ଜିଲା ଉପସଭାପତି ପ୍ରକାଶ ଡାଙ୍ଗ, କୋଷାଧକ୍ଷ କେଶବ ବେହେରା, ବ୍ଲକ ସମ୍ପାଦକ କେଶବ ପ୍ରଧାନ, ନରେଶ ଚନ୍ଦ୍ର କର୍ମୀ,ସୁମନ୍ତ ନାଏକ, ପଙ୍କଜ କର୍ଣ୍ଣ,ରମାକାନ୍ତ ମେହେର, ମଧୁସୂଦନ ନାଏକ,ତରାଣୀ ସେନ ହାତୀ ,ପ୍ରଦୀପ ଗାଇଗୈରିଆ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

## ଏସ୍‌ପିଙ୍କୁ ଭେଟିଲେ ଓ୍ୟୁଡବ୍ଲ୍ୟୁଜେ ପ୍ରତିନିଧି

**ବରଗଡ଼ ଅଫିସ୍,୧୮।୭:** ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓ୍ୟୁଡବ୍ଲ୍ୟୁଜେ) ବରଗଡ଼ ଜିଲା ଶାଖାର ଏକ ପ୍ରତିନିଧି ଦଳ ରବିବାର ଏସ୍‌ପି ରାହୁଲ ଜୈନଙ୍କୁ ଭେଟିଥିଲେ। ଜିଲାର ଆଇନଶୃଙ୍ଖଳାସ୍ଥିତି ଏବଂ ଅପରାଧ ନିୟନ୍ତ୍ରଣ ଉପରେ ଏହି ପ୍ରତିନିଧି ଦଳ ଏସ୍‌ପିଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ପ୍ରତିନିଧି ଦଳରେ ଓ୍ୟୁଡବ୍ଲୁଜେ ଜିଲା ସଭାପତି ତ୍ରିବିକ୍ରମ ତ୍ରିପାଠୀ, ରାଜ୍ୟ ଉପସଭାପତି ଆଶୁତୋଷ ରଥ, ସମ୍ପାଦକ ପରମାନନ୍ଦ ମିଶ୍ର, ଆକାଶ ମିଶ୍ର, ଜନକରାମ ଦାଶ, କିଶନଲାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ କାଉନସିଲରଙ୍କ ବିୟୋଗରେ ନାଗରିକ ମଞ୍ଚର ଶୋକ

**ଟିଟିଲାଗଡ଼,୧୮।୭(ଡି.ଏନ.ଏ.):** ଟିଟିଲାଗଡ ପୌର ପରିଷଦର ପୂର୍ବତନ କାଉନସିଲର ଅମରସିଂ ଜୈନ(୬୩)ଙ୍କ ପରଲୋକରେ ନାଗରିକ ମଞ୍ଚ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ରବିବାର ମଞ୍ଚ ସଭାପତି ରାଧାକାନ୍ତ ପାଢୀଙ୍କ ଅଧକ୍ଷତାରେ ମହାବୀର ପଞ୍ଚାୟତ ଧର୍ମଶାଳାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ନାଗରିକ ଯୋଗଦେଇ ଜୈନଙ୍କ ସ୍ମୃତିଚାରଣ କରିଥିଲେ। ସେ ଟିଟିଲାଗଡ ନାଗରିକ ମଞ୍ଚ ପ୍ରତିଷ୍ଠାତା ସଦସ୍ୟ, ମାଉସୀ ମା ଦୁର୍ଗାପୂଜା କମିଟି ସଦସ୍ୟ, ଜୈନ, ମାରୱାଡି ସମାଜ ସକ୍ରିୟ ସଦସ୍ୟ, ବହୁ ବର୍ଷ ଧରି ଟିଟିଲାଗଡ ବ୍ୟବସାୟୀ ସଂଘ ସଭାପତି ତଥା ମହାବୀର ଧର୍ମଶାଳା କମିଟି ସମ୍ପାଦକ ଦାୟିତ୍ୱ ନିର୍ବାହ କରିଆସୁଥିଲେ। ଜୈନଙ୍କ ପରଲୋକ ଯୋଗୁ ଏକ ରିକ୍ତ ସ୍ଥାନ ସୃଷ୍ଟି ହେଲା ବୋଲି ସଭାପତି ପାଢୀ, ସାଧାରଣ ସମ୍ପାଦକ ମୋହନଲାଲ ଜୈନ, ସଦସ୍ୟ ଜଗନ୍ନାଥ ପଣ୍ଡାପ୍ରମୁଖ ମତବ୍ୟକ୍ତ କରିଥିଲେ। ମଞ୍ଚ ସଂଗଠନ ସମ୍ପାଦକ ମନୋଜ ହାତୀ, ସମ୍ପାଦକ ତଥା ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋୟଲ, ସତ୍ୟନାରାୟଣ ଗୁପ୍ତା, ରମାନାଥ ଖମାରୀ, ପଙ୍କଜ ପାଢୀ, ହରିନାରାୟଣ ମିଶ୍ର ଉପସ୍ଥିତ ଥିଲେ। ଗତ ୧୪ତାରିଖରେ ଜୈନଙ୍କ ହୃଦ୍‌ଘାତରେ ପରଲୋକ ଘଟିଥିଲା।

# କାଗଜପତ୍ରରେ ବାହ୍ୟ ଶୌଚମୁକ୍ତ

**ସୁବର୍ଣ୍ଣପୁର ଜିଲା**

- ନଦୀକୂଳ, କେନାଲ, ରାସ୍ତା ପାର୍ଶ୍ୱ ପାଲଟିଛି ମୁକ୍ତ ଶୌଚାଳୟ
- ପାଇଖାନା ଥାଇ ବି ଖୋଲାରେ ଶୌଚ ଯାଉଛନ୍ତି

**ସୋନପୁର,୧୮।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାକୁ ୨୦୧୯ ଅକ୍ଟୋବର ୨ତାରିଖରେ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ(ଓଡିଏଫ) ଘୋଷଣା କରାଯାଇଛି। ଜିଲା ଓଡିଏଫ୍ ଘୋଷଣା ହେବାର ଠିକ୍ ୧ବର୍ଷ ପୂର୍ବରୁ ତରଭା, ବିନିକା ଓ ସୁବର୍ଣ୍ଣପୁର ସହରକୁ ବାହ୍ୟ ଶୌଚମୁକ୍ତ ଘୋଷଣା କରାଯାଇଥିଲା। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶତ ପ୍ରତିଶତ ପାଇଖାନା ନିର୍ମାଣ ଲକ୍ଷ୍ୟ ପୂରଣ ହୋଇଥିବା ଘୋଷଣା ହେଲା। ପ୍ରତି ଗ୍ରାମ ପ୍ରବେଶ ପଥରେ ଶୌଚମୁକ୍ତ ଗାଁ ବୋଲି ସୂଚନା ଫଳକ ଲାଗିଲା। ତେବେ ବାସ୍ତବତାକୁ ଦେଖିଲେ ସ୍ୱଚ୍ଛ ଭାରତ ମିଶନ ଅଭିଯାନ ଜିଲାରେ ବାଟବଣା ହୋଇଛି। କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ଲୋକଙ୍କୁ ସ୍ୱଚ୍ଛତା ଓ ପାଇଖାନା ବ୍ୟବହାର ସମ୍ପର୍କରେ ସଚେତନ କରାଯାଇ ପାରିନି। ବହୁ ଲୋକ ପାଇଖାନା ବ୍ୟବହାର କରୁନାହାନ୍ତି। ନଦୀକୂଳ, କେନାଲ ପାର୍ଶ୍ୱ, ବନ୍ଧ, ପୋଖରୀ ଆଡି ଓ ରାସ୍ତାପାର୍ଶ୍ୱରେ ଲୋକେ ଖୋଲାରେ ଶୌଚ ଯାଉଛନ୍ତି। ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇଥିବା ବିଭାଗୀୟ ଅଧିକାରୀମାନେ କାଗଜପତ୍ରରେ ଦର୍ଶାଇଥିବା ସାଧାରଣରେ ଆଲୋଚନା ହେଉଛି।

୨୦୧୧ ମସିହା ଜନଗଣନା ରିପୋର୍ଟ ଅନୁଯାୟୀ ଜିଲାର ଗ୍ରାମାଞ୍ଚଳରେ ୧ଲକ୍ଷ ୩୫ହଜାର ୬୨୦ ପରିବାର ଥିଲେ। ୨୦୧୪ରେ ଏହି ଜିଲାରେ ମାତ୍ର ୩% ପରିବାରରେ ପାଇଖାନା ଥିଲା। ଗ୍ରାମୀଣ ସ୍ୱଚ୍ଛ ଭାରତ ଯୋଜନା ପ୍ରଣୟନ ପରେ ଏ କ୍ଷେତ୍ରରେ ସଫଳତା ମିଳିଥିଲା। ସ୍ୱଚ୍ଛଭାରତ ଯୋଜନାରେ ହିତାଧିକାରୀଙ୍କ ଆକାଉଣ୍ଟକୁ ପାଇଖାନା ନିର୍ମାଣ ପାଇଁ ୧୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଜିଲା ଜଳ ଓ ପରିମଳ ମିଶନର ଅଧିକାରୀ, ତଳିଆ କର୍ମଚାରୀ ଓ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳ ଓ ସହରରେ ପୁରୁଣା ପାଇଖାନା ଘରକୁ ଚୂନ ରଙ୍ଗ ମାରି ସ୍ୱଚ୍ଛ ଭାରତ ଯୋଜନାରେ ମିଥ୍ୟା ବିଲ୍ ହେଲା। ନୂତନ ଭାବେ ଯେଉଁ ପାଇଖାନା ନିର୍ମାଣ ହେଲା ତାହା ମଧ ଖୁବ୍ ନିମ୍ନମାନର। ଡୁଙ୍ଗୁରିପାଲି, ବିନିକା, ତରଭା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ଅଧିକାଂଶ ପାଇଖାନା ଘର ଏବେ ଭାଙ୍ଗି ରୁଜି ଗଲାଣି। ପାଇଖାନା ଘରେ ପାଣିର ବ୍ୟବସ୍ଥା ନାହିଁ। ଲୋକ ବାଧ୍ୟ ହୋଇ ବାହରେ ଶୌଚ କରୁଛନ୍ତି।

ତରଭା ସହରକୁ ୨୦୧୮ ମସିହା ସେପ୍ଟେମ୍ବର ୨୮ରେ, ବିନିକା ସହରକୁ ୨୯ରେ ଓ ସୁବର୍ଣ୍ଣପୁର ସହରକୁ ୩୦ ତାରିଖରେ ଓଡିଏଫ୍ ଘୋଷଣା କରାଯାଇଥିଲା। ଲୋକପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଘୋଷଣା ହୋଇଥିଲା। ସୁବର୍ଣ୍ଣପୁର ସହର ୧୫ଟି ୱାର୍ଡର ସମସ୍ତ ୪୮୬୧ଟି ପରିବାର, ତରଭା ୧୨ଟି ୱାର୍ଡର ୧୯୫୩ ପରିବାର ଓ ବିନିକା ସହର ୧୨ଟି ୱାର୍ଡର ୩୮୮୫ଟି ପରିବାରରେ ପାଇଖାନା ଅଛି ଓ ସମସ୍ତେ ବ୍ୟବହାର କରୁଥିବା କୁହଗଲା। ସେହିପରି ବସ୍ତିବାସିନ୍ଦାଙ୍କ ପାଇଁ ସହରରେ ସର୍ବସାଧାରଣ ଶୌଚାଳୟ ଓ ଗୋଷ୍ଠି ଶୌଚାଳୟ ନିର୍ମାଣ ହୋଇଥିଲା। କିନ୍ତୁ ଖୋଦ୍ ଜିଲା ସଦର ମୁହକୁମାରେ ଅଧିକାଂଶ ଲୋକେ ଖୋଲାରେ ଶୌଚ ଯାଉଛନ୍ତି। ପୌର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏ ସମ୍ପର୍କରେ ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍ କୁହନ୍ତି, ଲୋକେ ସଚେତନ ହେଉନାହାନ୍ତି। ପାଇଖାନା ଥାଇ କରୋନା ମହାମାରୀ ସମୟରେ ଖୋଲାରେ ଶୌଚ ଯାଉଛନ୍ତି। ପ୍ରଥମେ ସେମାନଙ୍କୁ ସଚେତନ କରାଯିବ। ଆବଶ୍ୟକ ପଡିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରୁଟ୍ କହିଛନ୍ତି।

**ଫଟୋରେ ଖବର**



ସୋନପୁର-ବିନିକାକୁ ସଂଯୋଗ କରୁଥିବା ସଂସାମୁରା ନିକଟବର୍ତ୍ତୀ ଅଙ୍ଗନଦୀ ସେତୁ ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ସେତୁ ସଂଯୋଗସ୍ଥଳରେ ଫାଟ ସୃଷ୍ଟି ହୋଇଛି। ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଅଟାରେ ବିଭିନ୍ନ ଜୀବଜନ୍ତୁ ତିଆରି କରି ଚର୍ଚ୍ଚାରେ ରିଷାନ୍ତ

**କୁନାଗଡ଼, ୧୮।୭ (ଡି.ଏନ.ଏ.)**

ନାମ ତାଙ୍କର ରିଷାନ୍ତ ଦୀପ। ବୟସ ମାତ୍ର ୫ ବର୍ଷ। ପାଠ ପଢୁଛନ୍ତି ଦ୍ୱିତୀୟ ଶ୍ରେଣୀରେ। ହେଲେ ବୁଦ୍ଧିରେ ବଡ଼ ଲୋକଙ୍କୁଠୁ ବି କମ ନୁହେଁ। ମା' ରୁଟି ତିଆରି କରିବା ପାଇଁ ଅଟା ଚକଟୁଥିବା ବେଳେ ସେହି ଚକଟିଥିବା ଅଟାକୁ ଆଣି ବିଭିନ୍ନ ଜୀବଜନ୍ତୁ ତିଆରି କରି ଏବେ ଚର୍ଚ୍ଚାରେ ରିଶାନ୍ତ। କଳାହାଣ୍ଡି ଜିଲା କୁନାଗଡ଼ ବ୍ଲକ ଅନ୍ତର୍ଗତ କୁପାଗାଁର ମନୋରଞ୍ଜନ ଓ ଚନ୍ଦ୍ରକାନ୍ତିଙ୍କ ପୁଅ ରିଷାନ୍ତ। ବର୍ତ୍ତମାନ ତାଙ୍କୁ ୫ ବର୍ଷ ହୋଇଥିବା ବେଳେ ସେ ଦ୍ୱିତୀୟ ଶ୍ରେଣୀର ଛାତ୍ର ଅଟନ୍ତି। କରୋନା ଯୋଗୁ ସ୍କୁଲ ବନ୍ଦ ଥିବା ବେଳେ ଅନଲାଇନରେ ପାଠ ପଢୁଥିଲେ। ମା' ଚନ୍ଦ୍ରକାନ୍ତି ଯେତେବେଳେ ବି ରୁଟି ବନାଇବା ପାଇଁ ଅଟା ଚକଟିଥାଆନ୍ତି। ସେହି ସମୟରେ ରିଷାନ୍ତ ଚକଟି ଥିବା ଅଟାରୁ କିଛି ନେଇଥାନ୍ତି। ଘର ପଛ ଯାଇ ସେହି ଅଟାରୁ ବିଭିନ୍ନ ଜୀବଜନ୍ତୁ ତିଆରି କରିଥାନ୍ତି। କଅଁଳ ବୟସରେ ଠିକ ସେ କଥାବାର୍ତ୍ତା କହିପାରୁ ନ ଥିବା ବେଳେ ଖାଇବା ଅଟାରୁ ଅନେକ ଜୀବଜନ୍ତୁ ତିଆରି କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।



ଅଟାରେ ବିଭନ୍ନ ଜୀବଜନ୍ତୁ ତିଆରି କରିଛନ୍ତି।

## ରିଜର୍ଭ ପୋଲିସ କ୍ୟାମ୍ପସରେ ଦୁର୍ଗାମଣ୍ଡପ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୧୮।୭**

ବଲାଙ୍ଗୀର ମନହୋରପୁର ରିଜର୍ଭ ପୋଲିସ କ୍ୟାମ୍ପସ୍ ପରିସରରେ ନବନିର୍ମିତ ଦୁର୍ଗା ମଣ୍ଡପକୁ ରବିବାର ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରଣା, ଏସ୍‌ପି ନୀତିନ କୁଶଲକର ଉପସ୍ଥିତ ଥିଲେ। ଏହି ଦୁର୍ଗାମଣ୍ଡପ ନିର୍ମାଣରେ ବିଧାୟକ ମିଶ୍ର ନିଜସ୍ୱ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଥିଲେ। ଏହି ଅବସରରେ ପୋଲିସ କର୍ମଚାରୀମାନେ ରିଜର୍ଭ ପଡିଆ ପରିସରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଧାୟକଙ୍କୁ ଜଣାଇଥିଲେ । ସେଠାରେ ଥିବା ଇନ୍‌ଡୋର ବ୍ୟାଡମିଣ୍ଟନ ହଲ୍‌ର କାଠ ନିର୍ମିତ ଚଟାଣ ଉପରେ ଏକ ସିନ୍ଥେଟିକ ମେଟ୍‌ର ଆବଶ୍ୟକତାକୁ ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ପାଣ୍ଠିରୁ ଏଥିପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ଦିଆଯିବ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋରଞ୍ଜନ ପ୍ରଧାନ, ସହକାରୀ କମାଣ୍ଡାଣ୍ଟ କୁମୁଦ ସେଠ, ସଦର ଏସ୍‌ଡିପିଓ ତୋଫାନ ବାଗ, ସଦର ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ, ରିଜର୍ଭ ସରଜେଣ୍ଟ ଅମିତ କିର୍ତ୍ତନିଆଙ୍କ ସମେତ ପୁଲିସ୍ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ବିଧାୟକ ନରସିଂହ ମିଶ୍ର ରିଜର୍ଭ ପୋଲିସ ପରିସରସ୍ଥ ଦୁର୍ଗାମଣ୍ଡପ ଉଦ୍‌ଘାଟନ କରୁଛନ୍ତି।

## ଡାକ୍ତର ଦେଖାଇଲେ ମହାନତା

**ଅସ୍ତ୍ରୋପଚାର କରି ବଞ୍ଚାଇଲେ ପ୍ରସୂତି ଓ ନବଜାତକଙ୍କ ଜୀବନ**

**ବାଉଁଶୁଣୀ,୧୮।୭(ଡି.ଏନ.ଏ.)**

ଡାକ୍ତରଙ୍କ ମହାନତା ଯୋଗୁ ଜଣେ ଆସନ୍ନ ପ୍ରସବା ମହିଳା ଓ ନବଜାତକଙ୍କ ଜୀବନ ରକ୍ଷା ପାଇଯାଇଛି। ସମ୍ପୃକ୍ତ ମହିଳା ହେଲେ ଭାନୁମତି ଭୋଇନା(୨୮)। ଘର ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ପଞ୍ଚାୟତ କହଁରପଡା ଗ୍ରାମରେ। ଗର୍ଭ ଯନ୍ତ୍ରଣା ହେବାରୁ ସ୍ୱାମୀ ଜ୍ୟୋତିଷ ଭୋଇନା ଉତ୍ତମ ଚିକିତ୍ସା ପାଇବା ଆଶା ନେଇ ଭାନୁମତିଙ୍କୁ ମନମୁଣ୍ଡା ସିଏଚସିକୁ ନେଇଥିଲେ। ମାତ୍ର ପ୍ରସବ ପାଇଁ ଅସ୍ତ୍ରୋପଚାର କରିବା ଆବଶ୍ୟକ ପଡିଥିଲା। ମନମୁଣ୍ଡା ଡାକ୍ତରଖାନାରେ ଏହି ସୁବିଧା ନ ଥିବା ହେତୁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ମନୋଜ କୁମାର ନାୟକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପାଇଁ କହିଥିଲେ। ଆସନ୍ନ ପ୍ରସବାଙ୍କ ସ୍ୱାମୀ ଜଣେ ଦଳିତ ଦିବ୍ୟାଙ୍ଗ ଓ ଗରିବ ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥ ସାଜିଥିଲା ବାଧକ। ତେବେ ସ୍ତ୍ରୀଙ୍କ ଗର୍ଭ ଯନ୍ତ୍ରଣା ବଢିଯିବା ଓ ଶିଶୁର କେବଳ ହାତ ବାହାରକୁ ବାହାରି ଆସିବା ଦେଖି ଜ୍ୟୋତିଷ ହତାଶ ହୋଇ ଡାକ୍ତର ନାୟକଙ୍କୁ ସବୁ କଥା ଜଣାଇଥିଲେ। ବିଳମ୍ବ କଲେ ଉଭୟ ମା' ଓ ଶିଶୁର ଜୀବନ ହାନି ଘଟିବା ଆଶଙ୍କା ଥିବା ଦେଖି ଡା.ନାୟକ ତୁରନ୍ତ ସୋନପୁରର ଏକ ଘରୋଇ ନର୍ସିଂ ହୋମକୁ ନେଇ ନିଜ ରିସ୍କରେ ଅସ୍ତ୍ରୋପଚାର କରିଥିଲେ। ନିକଟରେ ମହିଳା ଜଣକ ଏକ କନ୍ୟା ସନ୍ତାନ ଜନ୍ମ କରିଥିବା ବେଳେ ରକ୍ତର ଆବଶ୍ୟକ ପଡିବାରୁ ଡାକ୍ତରଙ୍କ ଅନୁରୋଧ କ୍ରମେ ସ୍ଥାନୀୟ ଅଞ୍ଚଳର ଆଲୋକ ମହାକୁଡ଼ ରକ୍ତଦାନ କରିଥିଲେ। ଡାକ୍ତର ମାଗଣାରେ ଅସ୍ତ୍ରୋପଚାର କରିବା ସହ ପ୍ରସୂତି ଓ ନବଜାତକଙ୍କ ଇଞ୍ଜେକସନ ଓ ଔଷଧ ବାବଦ ଖର୍ଚ୍ଚ ତୁଲାଇଥିବା ଜଣାଯାଇଛି। ବର୍ତ୍ତମାନ ଉଭୟ ପ୍ରସୂତି ଓ ଶିଶୁ ସୁରକ୍ଷିତ ଅଛନ୍ତି।

## ମାହେଶ୍ୱରୀ କଲ୍ୟାଣ ମଣ୍ଡପ ଲୋକାର୍ପିତ



ମାହେଶ୍ୱରୀ କଲ୍ୟାଣ ମଣ୍ଡପକୁ ଅତିଥିବୃନ୍ଦ ଲୋକାର୍ପିତ କରୁଛନ୍ତି।

**ବରଗଡ଼ ଅଫିସ୍,୧୮।୭**

ବରଗଡ଼ ବ୍ଲକ କୁରୁଆଁସ୍ଥିତ ମାହେଶ୍ୱରୀ କଲ୍ୟାଣ ମଣ୍ଡପ ରବିବାର ଲୋକାର୍ପିତ ହୋଇଛି । ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହା ସହିତ ହରିଜନପଡ଼ା ଗୋଷ୍ଠି ସାଧନକେନ୍ଦ୍ର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ମିଶନଶକ୍ତି ଗୃହ, ବାଉଁଶେନପାଲି ଗୋଷ୍ଠି ସାଧନକେନ୍ଦ୍ର ମଧ୍ୟ ସେ ଲୋକାର୍ପଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ପୂର୍ବତନ ସରପଞ୍ଚ ସମୀର ସିଂ, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ବରଗଡ଼ ନଗର ବିଜେଡି ସଭାପତି କିଶୋର ମିଶ୍ର, ସମାଜସେବୀ ଇଂ ଦେବବ୍ରତ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ରେଲୱେ ଶ୍ରମିକ ସଂଘ ରାଜ୍ୟ ସମ୍ପାଦକ ରମେଶ ରାଓ, ଯୁବନେତା ଉମେଶ ପଣ୍ଡା, କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ଯୁବନେତା କରନ ସିକନ୍ଦର, ସରପଞ୍ଚ ପୁଷ୍ପାଞ୍ଜଳି କଲତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଦାବିପତ୍ର

**ଭବାନୀପାଟଣା, ୧୮।୭ (ଡି.ଏନ.ଏ.)**

କଳାହାଣ୍ଡି ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ୨୪ ଦଫା ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଶନିବାର ପ୍ରଦାନ କରାଯାଇଛି। ଦୀର୍ଘ ବର୍ଷ ପରେ ମଧ ଆଦିବାସୀ ଅଞ୍ଚଳରେ ବିଦ୍ୟୁତ୍, ଜଳ, ସଡକ, ପରିବହନ, ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। ବିକାଶ ନାମରେ ଆଦିବାସୀଙ୍କୁ ଜଳ, ଜଙ୍ଗଲ ଓ ଜମିରୁ ବିତାଡିତ କରିବା ନେଇ ଉଦବେଗ ପ୍ରକାଶ ପାଇଛି। କଳାହାଣ୍ଡି ଜିଲାରେ ୩୨ଟି ଆଦିବାସୀ ପରିବାରଙ୍କୁ ଘରୁ ତଡି ଦେବା ନେଇ ପ୍ରତିବାଦ କରାଯାଇଛି। ବିଭିନ୍ନ ଦାବିପତ୍ର ନେଇ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ କଳାହାଣ୍ଡି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜକିଶୋର ଦଳପତି ଓ ରୁକଧର ମାଝିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ସମର୍ଥନ କରି ବହୁଜନ କ୍ରାନ୍ତି ମୋର୍ଚ୍ଚାର ଜିଲା ସଂଯୋଜକ ରିଷିସୂଦନ ଛତ୍ରପାଳ, ଯୁବରାଜ ଛତ୍ରିୟା, କମଳାକାନ୍ତ ଖରସେଲ, ଅହିଧ୍ୱଜ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ମହାଦେବ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ



ମହାଦେବ ମନ୍ଦିର ପାଇଁ ଶିଳାନ୍ୟାସ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

**ଲାଠୋର, ୧୮।୭(ଡି. ଏନ. ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅନ୍ତର୍ଗତ ପିପଲବାହାଲ ଗ୍ରାମରେ ଏକ ମହାଦେବ ମନ୍ଦିର ନିର୍ମାଣ ପାଇଁ ରବିବାର ଶିଳାନ୍ୟାସ କରିଛନ୍ତି ପାଟଣାଗଡ ବିଧାୟକ ସରୋଜ ମେହେର। ପରେ ଗ୍ରାମରେ ଏକ ବୈଠକର ଆୟୋଜନ କରାଯାଇଥିଲା। ବୈଠକରେ ଉପସ୍ଥିତ ଲୋକେ ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଅନେକେ ଅନୁରୋଧ କରିଥିଲେ। ପିପଲବାହାଲରେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିବା ବିଧାୟକ ପ୍ରକାଶ କରିଥିଲେ। ପରେ ଆୟୋଜିତ ମିଶ୍ରଣ ପର୍ବରେ କିଶୋର ସେଠଙ୍କ ନେତୃତ୍ୱରେ ଘୁନସର,ମାଲପଡା ଏବଂ ଲାଠୋର ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଯୁବକ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକଙ୍କ ବ୍ଲକ ପ୍ରତିନିଧି ପଞ୍ଚୁଦେବ ସାହୁ, ଗୋବିନ୍ଦ ବାରିକ, ଶେଷଦେବ ଭଇଁଷାଲ, ମୋହନ ସୁନା,ଆନନ୍ଦ ଅଗ୍ରୱାଲ, ପଦ୍ମନାଭ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ନାହିଁ, ଚାଷ ଜମି ଫାଟି ଆଁ

**ବୌଦ୍ଧ,୧୮।୭(ସ୍ୱ.ପ୍ର.)**

ବୌଦ୍ଧ ଏକ କୃଷି ପ୍ରଧାନ ଜିଲା । ଜିଲାର ୮୦ ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି । ବର୍ତ୍ତମାନ ଜିଲାରେ ଚାଷପୋଯୋଗୀ ବର୍ଷା ନ ହେବାରୁ ଚାଷ ଜମିଗୁଡିକ ଫାଟି ଆଁ କରିବାରେ ଲାଗିଛି । ଏବର୍ଷ ମୌସୁମୀ ଠିକ ସମୟରେ ଆସିବା ନେଇ ପାଣିପାଗ ବିଭାଗ ଆକଳନ କରିଥିବା ବେଳେ ବର୍ଷାର ଦେଖା ନାହିଁ। ଏପେଟ ଆଷାଢ ମାସ ସରିବାକୁ ବସିଥିଲେ ହେଁ ଚାଷ ଜମି ଶୁଖିଲା ପଡିଛି। ଏପରି କି ଆଷାଢ ମାସରେ ଟାଣ ଖରା ଲୋକଙ୍କୁ କଲବଲ କରି ପକାଉଛି। ସ୍ୱଳ୍ପ ବର୍ଷାରେ କିଛି ଚାଷୀ କାଁ ଭାଁ ତଳି ପକାଇଥିଲେ । ସେଗୁଡିକ ଟାଣ ଖରା ଯୋଗୁ ପୋଡି ମରିବାକୁ ବସିଲାଣି। ଫଳରେ ଚାଷୀ ମହଲରେ ଭାଳେଣି ପଡିଯାଇଛି।

ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ୫୯୪୩୯ ହେକ୍ଟର ଜମିରେ ଧାନ ଚାଷ କରାଯାଉଛି। କିନ୍ତୁ ଜିଲାରେ ଜଳସେଚନର ସୁବିଧା ନ ଥିବାରୁ ବର୍ଷା ନ ହେଲେ ଫସଲ ମରୁଡିର ଶିକାର ହୋଇଥାଏ । ଜିଲାରେ ଚିରସ୍ରୋତା ମହାନଦୀ, ତେଲନଦୀ, ବାଘ ନଦୀ ଓ ସାଲୁଙ୍କୀ ନଦୀ ପ୍ରବାହିତ ହେଉଥିଲେ ସୁଦ୍ଧା ଜମିକୁ ଜଳସେଚନର ସୁବିଧା ନାହିଁ। ସରକାରୀ ସୁଚନା ମୁତାବକ ଜିଲାରେ ୭୨୪୬୭ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ଥିବା କୁହାଯାଉଥିବା ବେଳେ ଅଧିକାଂଶ ଚାଷ ଜମିକୁ ପାଣି ମାଡୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଜିଲାରେ ୪ ଗୋଟି ନଦୀ ପ୍ରବାହିତ ହେବା ସହ ପର୍ଯ୍ୟାପ୍ତ ପରିମାଣର ଜଳ ରହିଥିଲେ ହେଁ ଚାଷ ପାଇଁ ଜଳର ଅଭାବ ରହିଛି। ଚାଷ ପାଇଁ ବର୍ଷା ଜଳ ଉପରେ ନିର୍ଭର କରିବାକୁ ପଡୁଛି। ଜୁନ ମାସରେ ଚାଷପୋଯୋଗୀ ବର୍ଷା ହୋଇ ନ ଥିବା ଯୋଗୁ ଚାଷ କାମ ବିଳମ୍ବିତ ହୋଇଛି। ଚଳିତବର୍ଷ ଜୁନ ମାସରେ ମାତ୍ର ୧୨୪.୭୦ ମିମି ବର୍ଷା ହୋଇଛି। ଜୁଲାଇ ମାସରେ ଜିଲାରେ ୧୦୭.୬୦ ମିମି ବର୍ଷା ହୋଇଅଛି। ଫଳରେ ପଡିଥିବା ତଳିଗୁଡିକ ମରିବାକୁ ବସିଲାଣି। ଏପଟେ ଚାଷୀ ବର୍ଷାକୁ ଚାତକ ପରି ଚାହିଁ ରହିଛି। ଆସନ୍ତା ୪-୫ ଦିନ ମଧରେ ବର୍ଷା ନ ହେଲେ ଜମି ପଡିଆ ପଡିବା ଆଶଙ୍କା ରହିଛି। ପ୍ରଶାସନ ଚାଷ ପାଇଁ ଜଳସେଚନର ପର୍ଯ୍ୟାପ୍ତ ସୁବିଧା କରିବାକୁ ଦାବି ହେଉଛି।



ବର୍ଷାଭାବରୁ ଚାଷ ଜମି ଫାଟି ଯାଇଛି।